# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର, ଜାନୁୟାରୀ ୧୩/୨୦୧୯ (୨୦ ପୃଷ୍ଠା) | Balasore, Sunday, January 13/ 2019 | (ଛୁଟିଦିନ ସହ) | ★★★★

୪୫ଶ ଭାଗ ୫୧ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**୪.୫ କୋଟି ଆୟ୍ କଲା 'ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'** ୦୨

ବିରୋଧ ସତ୍ତ୍ୱେ ରିଲିଜ୍ର ପ୍ରଥମ ଦିନରେ 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ୪.୫ କୋଟି ଟଙ୍କା ଆୟ କରିପାରିଛି।

୧୯ **ଧୋନୀଙ୍କ ସଫଳତା**

ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ୫ମ ଭାରତୀୟ କ୍ରିକେଟର ଭାବେ ଅନ୍ତର୍ଜାତୀୟ ଦିନିକିଆରେ ୧୦,୦୦୦ ରନ ପୂରଣ କରିଛନ୍ତି।








# ବଢ଼ିଲା ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ପାରିଶ୍ରମିକ

**ଭୁବନେଶ୍ୱର,୧୨ା୧(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**



- ଅବସର ବୟସ ୬୨
- ସମସ୍ତଙ୍କୁ ଅବସରକାଳୀନ ଆର୍ଥିକ ସହାୟତା
- ୧୫ ଦିନିଆ ଗ୍ରୀଷ୍ମ ଅବକାଶ ଛୁଟି

ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକାଧିକ ନୂଆ ଘୋଷଣା କରିଛନ୍ତି। ଏଣିକି ଅଙ୍ଗନୱାଡି କର୍ମୀ ମାସିକ ୬୦୦୦ ବଦଳରେ ୭୫୦୦ ଟଙ୍କା ପାରିଶ୍ରମିକ ପାଇବେ। ମିନି ଅଙ୍ଗନୱାଡି କର୍ମୀମାନେ ମାସିକ ୪୧୨୫ ଟଙ୍କା ବଦଳରେ ୫୩୭୫ ଟଙ୍କା ପାଇବେ। ସହାୟିକାମାନେ ୩୦୦୦ ଟଙ୍କା ବଦଳରେ ମାସିକ ୩୭୫୦ ଟଙ୍କା ପାଇବେ। ସେହିପରି ଉପରୋକ୍ତ ସମସ୍ତଙ୍କ ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିଛନ୍ତି। ଅବସର ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଅଙ୍ଗନୱାଡି କର୍ମୀ ୨୦,୦୦୦, ମିନି ଅଙ୍ଗନୱାଡି କର୍ମୀ ୧୫,୦୦୦ ଏବଂ ସହାୟିକା ୧୦,୦୦୦ ଟଙ୍କା ସହାୟତା ରାଶି ପାଇବେ। ଗ୍ରୀଷ୍ମଦିନେ ଉପରୋକ୍ତ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାଙ୍କୁ ୧୫ ଦିନ ଛୁଟି ମଧ୍ୟ ପ୍ରଦାନ କରାଯିବ। ଅଙ୍ଗନୱାଡି ପାଇଁ ଉର୍ଦ୍ଦିଷ୍ଟ ଥିବା ସୁପରଭାଇଜର ପଦବୀର ୫୦ ପ୍ରତିଶତ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରୁ ପୂରଣ କରାଯିବ । ଏହି ଘୋଷଣା ଦ୍ୱାରା ପ୍ରାୟ ୧,୩୪,୭୫୮ କର୍ମୀ ଓ ସହାୟିକା ଉପକୃତ ହେବେ।

ଏହି ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ମେରୁଦଣ୍ଡ ସଦୃଶ। ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସବୁବେଳେ ସମ୍ବେଦନଶୀଳ। ଅଙ୍ଗନୱାଡି କର୍ମୀ ଏବଂ ସହାୟିକାଙ୍କ କଲ୍ୟାଣ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଘୋଷଣା କରାଯାଇଥିବା ସମସ୍ତ ଯୋଜନା ୨୦୧୮ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ☞ପୃଷ୍ଠା–୪

# ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଚଢ଼ାଉ ଜାରି

**ଆୟକର ଫାଙ୍କିବା ଅଭିଯୋଗ**

- ମା' କୁଆଁରି ଟ୍ରାନ୍ସପୋର୍ଟ ଅଫିସର କାଗଜପତ୍ର ଯାଞ୍ଚ
- ନିରଞ୍ଜନ, ସୌମ୍ୟରଞ୍ଜନ ଓ ସନାତନଙ୍କୁ ନେଇ ରାଜନୈତିକ ଚର୍ଚ୍ଚା

**ବଡ଼ବିଲ/ଯୋଡ଼ା, ୧୨ା୧(ସ୍ୱ.ପ୍ର./ଡି.ଏନ.ଏ.)**

ଟିକସ ଫାଙ୍କିବା ଅଭିଯୋଗରେ କେନ୍ଦୁଝର ଜିଲା ଯୋଡ଼ାର ଉଁଛବାଲି ମହାପର୍ବତସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶୁକ୍ରବାରଠାରୁ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ସ୍ଥାନୀୟ ଡି. ଆର୍. (ଦୀପ୍ତିରଞ୍ଜନ) ପଟ୍ଟନାୟକ ଖଣି କାର୍ଯ୍ୟାଳୟ ସମେତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିର ପରିବହନ କରୁଥିବା ମା' କୁଆଁରି ଟ୍ରାନ୍ସପୋର୍ଟ ଅଫିସରେ ଶନିବାର କାଗଜପତ୍ର ଯାଞ୍ଚ କରାଯାଇଛି। ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ବାସଭବନ ସହ ତାଙ୍କ ଖଣି ସମ୍ପର୍କିତ ବିଭିନ୍ନ ଟ୍ରେଡର୍ସଙ୍କ କାର୍ଯ୍ୟାଳୟରେ ଆୟକର ବିଭାଗ ଟିମ୍ ପହଞ୍ଚି ବିଭିନ୍ନ ନଥିପତ୍ର ଓ ଦସ୍ତାବିଜ୍ ଯାଞ୍ଚ କରିଛି। ବଡ଼ବିଲସ୍ଥିତ ମଙ୍ଗଲମ୍ ମେଟାଲ୍ସ ଆଣ୍ଡ ଓର୍ସ ଲିମିଟେଡ ଉପରେ ମଧ୍ୟ ଚଢ଼ାଉ ହୋଇଛି। ବଡ଼ବିଲ ପଞ୍ଚବଟୀ ରେସିଡେନ୍ସି ବ୍ଲକ-ବି ପ୍ରଥମ ମହଲାରେ ଥିବା ମଙ୍ଗଲମ୍ କମ୍ପାନୀ କାର୍ଯ୍ୟାଳୟରେ ପୋଲିସ ଉପସ୍ଥିତିରେ ଟିମର ଦୁଇଜଣ ଅଧିକାରୀ ବିଭିନ୍ନ ନଥିପତ୍ର ତନଖି କରିଥିଲେ। ☞ପୃଷ୍ଠା–୪

# '୧୨ ବର୍ଷର ହିସାବ ଦିଅ'

**ଯୋଡ଼ା, ୧୨ା୧(ଡି.ଏନ.ଏ.)**



ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି।

- ଜବାବ ମାଗିଲେ ଗ୍ରାମବାସୀ
- ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ତାଲା
- ଗ୍ରାମବାସୀଙ୍କୁ ଚମ୍ପୁଆ ବିଧାୟକଙ୍କ ବିରୋଧ ଅଭିଯୋଗ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଉଁଛବାଲିରେ ଥିବା ମା' କୁଆଁରି ଟ୍ରାନ୍ସପୋର୍ଟ କମ୍ପାନୀ କାର୍ଯ୍ୟାଳୟରେ ଶନିବାର ଶତାଧିକ ମହିଳାପୁରୁଷ ଏକାଠି ହୋଇ ତାଲା ପକାଇ ଦେଇଛନ୍ତି। ଗତ ଜାନୁୟାରୀ ୮ରେ ଉଁଛବାଲି ଗ୍ରାମବାସୀ ଲିଖିତ ଭାବେ ଉକ୍ତ ଟ୍ରାନ୍ସପୋର୍ଟ ଓ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟିକୁ ୧୨ ବର୍ଷର ପରିବହନ ହିସାବ ମାଗିଥିଲେ। ମା' କୁଆଁରି ଟ୍ରାନ୍ସପୋର୍ଟ ଓ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟିରେ ଉଁଛବାଲି ଗ୍ରାମବାସୀ ଅଂଶୀଦାର ଥିଲେ। ଚିଠି ଲେଖି ହିସାବ ମାଗିବା ସତ୍ତ୍ୱେ ମା' କୁଆଁରି ଟ୍ରାନ୍ସପୋର୍ଟ କର୍ତ୍ତୃପକ୍ଷ କର୍ଣ୍ଣପାତ କରି ନ ଥିଲେ। ଓଲଟା ଧମକ ଦେଇଥିବା ଉଁଛବାଲି ଗ୍ରାମର ଯୁବ ସଙ୍ଗଠକ ସଞ୍ଜୟ ବାରିକ ଅଭିଯୋଗ କରିଛନ୍ତି।

୮ ବର୍ଷ ତଳେ ସୁନା ଗହଣା ଓ ଜମି ବନ୍ଧକ ରଖି ଗ୍ରାମର ଆଦିବାସୀ ଉକ୍ତ ଡେଭେଲପମେଣ୍ଟ କମିଟିକୁ ଟଙ୍କା ଦେଇଥିଲେ। ଉଁଛବାଲି ଗ୍ରାମ ନିକଟରେ ଥିବା ଏକ ଖଣିରୁ ପରିବହନରେ ଅଂଶୀଦାର ରଖିବା ପାଇଁ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟି ପକ୍ଷରୁ କୁହାଯାଇଥିଲା। ଦୁଇ ପଇସା ପାଇବା ଆଶାରେ ଆଦିବାସୀ ଟଙ୍କା ଦେଇଥିଲେ। ଅଦ୍ୟାବଧି ସେହି କମିଟି ନା ହିସାବର ଲେଖା ଦେଉଛି ନା ଦେଖା ଦେଉଛି। ଟ୍ରାନ୍ସପୋର୍ଟ କର୍ତ୍ତୃପକ୍ଷ ଏକଚାଟିଆ ଭାବେ ସମସ୍ତ ପରିବହନ କାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀଙ୍କୁ ଲାଭାଂଶରୁ କିଛି ମିଳୁନାହିଁ। ନିଯୁକ୍ତି ପାଇଁ ଦାବି ଓ ପରିବହନରେ ଅଂଶୀଦାରଙ୍କର ହିସାବ ମାଗି ଆସୁଥିଲେ ହେଁ ସ୍ଥାନୀୟ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଦ୍ୱାରା ବିରୋଧ କରାଯାଉଛି ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ପୂର୍ବରୁ ମା' କୁଆଁରି ଟ୍ରାନ୍ସପୋର୍ଟ ଚମ୍ପୁଆ ବିଧାୟକ ☞ପୃଷ୍ଠା–୪

## ୧୦% ସଂରକ୍ଷଣକୁ ରାଷ୍ଟ୍ରପତିଙ୍କ ମୋହର



ରାମନାଥ କୋବିନ୍ଦ

**ନୂଆଦିଲ୍ଲୀ,୧୨ା୧**

ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅନୁମୋଦନ କରିଛନ୍ତି। ଫଳରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଆଇନରେ ପରିଣତ ହୋଇଛି। ସରକାର ଆଣିଥିବା ବିଲ୍ର ସମୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ଏହା ସରକାରଙ୍କ ପ୍ରାକ୍ ନିର୍ବାଚନୀ ଚାଲ୍ ବୋଲି କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ବଡ଼ ଦଳ ଉକ୍ତ ବିଲ୍କୁ ସିଧାସଳଖ ବିରୋଧ କରିପାରି ନ ଥିଲେ। ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ସାଧାରଣ ବର୍ଗରେ ଯାଉଥିବା ଉଚ୍ଚଜାତିର ଗରିବ ଏବଂ ଅନ୍ୟାନ୍ୟ ଧର୍ମର ଆର୍ଥିକ ଦୁର୍ବଳ ଶ୍ରେଣୀ ଉପକୃତ ହୋଇପାରିବେ। ଯେଉଁମାନଙ୍କର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ଏବଂ ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି କୋଟା ସୁବିଧା ପାଇପାରିବେ। ଗତ ମଙ୍ଗଳବାର ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଥିଲା।

# ୨୬ରୁ ଟଙ୍କା ପାଇବେ 'କାଳିଆ' ହିତାଧିକାରୀ

**ଭୁବନେଶ୍ୱର,୧୨ା୧(ବ୍ୟୁରୋ)**

- କଲ୍ ସେଣ୍ଟର ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ
- ଚାଷୀଙ୍କ ସହ କଥାହେଲେ
- ଦିନରାତି ଖୋଲାରହିବ କାଳିଆ କଲ୍ ସେଣ୍ଟର

କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍କମ ଅଗମେଣ୍ଟେଶନ) ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ଚଳିତ ମାସ ୨୬ ତାରିଖରୁ ଟଙ୍କା ପ୍ରଦାନ କରାଯିବ। ଶନିବାର ଏ ନେଇ ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର । ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଚାଷୀ ଯେଉଁମାନେ ସମବାୟ ବିଭାଗ ସହ ନିୟମିତ ଜଡିତ ଅଛନ୍ତି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସହାୟତା ☞ପୃଷ୍ଠା–୪

## ୧୬ରୁ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୧୨ା୧(ବ୍ୟୁରୋ)**

ରାଜ୍ୟରେ ହାଲୁକା ଶୀତ ଲାଗିରହିଛି। ଉପକୂଳରେ ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡିଶାରେ ୯ରୁ ୧୨ ଡିଗ୍ରୀ ମଧ୍ୟରେ ରହିଛି। ଆସନ୍ତା ୧୬ ତାରିଖରୁ ପାରଦ ପୁଣି ଉପରମୁହାଁ ହେବ। ରାତିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରକୁ ଉଠିଯିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ରାଜ୍ୟରେ ହାଲୁକା ଶୀତ ଲାଗି ରହିବ।

# ଏସ୍ପି–ବିଏସ୍ପି ଚୁକ୍ତି ଚୂଡ଼ାନ୍ତ

**ଲକ୍ଷ୍ନୌ,୧୨ା୧(ପି.ଟି.)**

କୁହାଯାଏ ରାଜନୀତିରେ କେହି କାହାର ଚିରଶତ୍ରୁ କି ସବୁଦିନର ମିତ୍ର ନୁହନ୍ତି। ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ଦଳ ସମାଜବାଦୀ ପାର୍ଟି (ଏସ୍ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍ପି) ଦୀର୍ଘ ୨୫ ବର୍ଷ ପରେ ପୁଣି ଏକାଠି ହେବା ଏହାର ପ୍ରମାଣ ଦିଏ। କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ହେଲେ ତାକୁ ୟୁପିରେ ହିଁ ରୋକିବାକୁ ପଡିବ। ☞ପୃଷ୍ଠା–୪

**ୟୁପିରେ ଆସନ ବୁଝାମଣା**

- ୮୦ ଆସନରୁ ୩୮ଟି ଲେଖାଏରେ ଲଢ଼ିବେ ଦୁଇ ଦଳ
- କଂଗ୍ରେସକୁ ରଖିଲେନି ମେଣ୍ଟରେ
- ଗାନ୍ଧୀ ପରିବାରକୁ ଛାଡ଼ିଦେଲେ ଅମେଠି ଓ ରାଏବରେଲି ଆସନ
- ୨ ଆସନରେ ଲଢ଼ିପାରନ୍ତି ଆରଏଲ୍ଡି ପ୍ରାର୍ଥୀ
- ଖବରଦାତା ସମ୍ମିଳନୀରେ ଘୋଷଣା କଲେ ଅଖିଳେଶ, ମାୟାବତୀ

# ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳଭଣ୍ଡାର

**ଭୁବନେଶ୍ୱର,୧୨ା୧(ବ୍ୟୁରୋ)**

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ(ବିଜେଡି) ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ରାଜ୍ୟରେ ଲଗାତର ୪ ଥର କ୍ଷମତାରେ ରହିବା ପରେ ମଧ୍ୟ ଶୀତଳ ଭଣ୍ଡାର ପରି ଏକ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିପାରିନାହିଁ। ଏହି ଅଭିଯୋଗ କୌଣସି ବିରୋଧୀ ଦଳ ପକ୍ଷରୁ କରାଯାଇନାହିଁ। ବିଜେଡିର ଗତ ସାଧାରଣ ନିର୍ବାଚନର ଇସ୍ତାହାର ଏବଂ ରାଜ୍ୟ ସରକାରଙ୍କ ତଥ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ପ୍ରତି ବ୍ଲକରେ ସରକାରୀ–ଘରୋଇ ସହଭାଗିତା(ପିପିପି) ଦ୍ୱାରା ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ରାଜ୍ୟରେ ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ଜଣାପଡିଛି। ବିଜେଡି ନିଜ ଇସ୍ତାହାରର ପ୍ରଥମ ପୃଷ୍ଠାରେ ଏହି ପ୍ରତିଶ୍ରୁତି ପାଳନ କରିବା ନେଇ ଉଲ୍ଲେଖ କରିଛି। ସେହିପରି କୋରାପୁଟ, ବଲାଙ୍ଗୀର ଏବଂ କଳାହାଣ୍ଡି(କେବିକେ) ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଇସ୍ତାହାରରେ ଉଲ୍ଲେଖ



୨୦୧୪ ଇସ୍ତାହାରର ନକଲ ।



ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର ।

କରାଯାଇଥିଲା। ହେଲେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଭଳି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଛି। ଏହି ଦୁଇଟି ମୁଖ୍ୟ ପ୍ରତିଶ୍ରୁତିକୁ ବାଦ୍ ଦେଇ ପ୍ରତି ପଞ୍ଚାୟତରେ ଗୋଦାମ ଘର କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା, ହେଲେ ତାହା ମଧ୍ୟ ସବୁ ସ୍ଥାନରେ ସମ୍ଭବ ହୋଇ ନ ଥିବା ଜଣାପଡିଛି।

ରାଜ୍ୟରେ ମୋଟ ୩୧୪ଟି ବ୍ଲକ ରହିଛି। ସମସ୍ତ ବ୍ଲକରେ ମୋଟ ୧୨୬ଟି ଶୀତଳ ଭଣ୍ଡାର ରହିଛି, ତନ୍ମଧ୍ୟରୁ ୮୦ଟି ଅଚଳ । ଏହି ଉତ୍ତର ଗତ ସେପ୍ଟେମ୍ବର ୧୧, ୨୦୧୮ରେ ତତ୍କାଳୀନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ସ୍ପଷ୍ଟ ହୋଇଯାଇଛି।

- ନିର୍ବାଚନ ପ୍ରତିଶ୍ରୁତି ପାଳନ କରିନି ବିଜେଡି
- ୧୪ ଜିଲାରେ କାର୍ଯ୍ୟକ୍ଷମ ହେଉନି ଶୀତଳଭଣ୍ଡାର
- କେବିକେରେ କୃଷି ବିଶ୍ୱବିଦ୍ୟାଳୟ ନୋହିଲା
- ଆଳୁ ମିଶନ୍ ଫେଲ୍
- ୮ ଜିଲାରେ ମୋଟେ ନାହିଁ

ହେଲେ ନିକଟରେ କୃଷି ଭବନରେ ଜନୈକ ବୈଷୟିକ ଅଧିକାରୀ ଏହି ସଂଖ୍ୟାକୁ ୪୭ ବୋଲି ଦର୍ଶାଇଛନ୍ତି। କୃଷିମନ୍ତ୍ରୀ ଏବଂ ଅଧିକାରୀଙ୍କ ମଧ୍ୟରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ତଫାତ୍ ରହୁଛି। ରାଜ୍ୟର ୧୪ଟି ଜିଲାରେ ଆଦୌ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। ଏହି ଜିଲାଗୁଡିକ ହେଉଛି–ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ନୂଆପଡା,ସୋନପୁର, ଢେଙ୍କାନାଳ, ନୟାଗଡ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡା, ବରଗଡ, ଦେବଗଡ, ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

"ଆଗାମୀ ସାଧାରଣ ନିର୍ବାଚନରେ ଏକଚ୍ଛତ୍ରବାଦ ଓ ଗଣତନ୍ତ୍ର ମଧ୍ୟରେ ଲଢ଼େଇ ହେବା।

– ମନୀଷ ତିୱାରୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଜାନୁୟାରୀ ୪ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୨.୬୮ ବିଲିୟନ ବୃଦ୍ଧି ଘଟି ୩୯୬.୦୮୪ ବିଲିୟନ ଡଲାର ଛୁଇଁଛି।

– ଆର୍ବିଆଇ


NECC NATIONAL EGG CO-ORDINATION COMMITTEE | 12.01.2019 | Venc๐bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 69 | 118 | 128 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

**ବିରୋଧୀ ମେଣ୍ଟର ପ୍ରଭାବ**



“ ଆଗାମୀ ଲୋକ ସଭା ନିର୍ବାଚନରେ ଏକଚ୍ଛତ୍ରବାଦ ଏବଂ ଗଣତନ୍ତ୍ର ମଧ୍ୟରେ ଲଢ଼େଇ ହେବ।

-ମନୀଷ୍ ତିୱାରୀ, କଂଗ୍ରେସ ନେତା



## ସଂକ୍ଷେପରେ

### ଆମେରିକା ରାଷ୍ଟ୍ରପତି ଦୌଡ଼ରେ ତୁଳସୀ ଗାବାର୍ଡ



**ୱାଶିଂଟନ,୧୨।୧(ପି.ଟି.):** ଆମେରିକା ଇତିହାସରେ ପ୍ରଥମଥର ଜଣେ ହିନ୍ଦୁ ଭାବେ ରାଷ୍ଟ୍ରପତି ଦାବିଦାର ତାଲିକାରେ ସାମିଲ୍ ହୋଇଛନ୍ତି ତୁଳସୀ ଗାବାର୍ଡ (୩୭)। ହାୱାଇରୁ ଡେମୋକ୍ରାଟିକ୍ ଦଳରୁ ଆମେରିକା କଂଗ୍ରେସକୁ ୪ ଥର ନିର୍ବାଚିତ ହୋଇଥିବା ଗାବାର୍ଡ ସିନେଟର ଏଲିଜାବେଥ୍ ୱାରେନ୍ଙ୍କ ପରେ ଦ୍ୱିତୀୟ ମହିଳା ଭାବେ ୨୦୨୦ରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ଙ୍କୁ ଚ୍ୟାଲେଞ୍ଜ୍ ଦେବେ। ଏହା ସେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଗାବାର୍ଡଙ୍କ ସମେତ ୧୨ରୁ ଅଧିକ ଡେମୋକ୍ରାଟିକ୍ ନେତା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ବେଳେ ଡେମୋକ୍ରାଟିକ୍ ଭାରତୀୟ ବଂଶୋଦ୍ଭବ ସିନେଟର (କାଲିଫର୍ନିଆ) କମଳା ହ୍ୟାରିସ୍ ଖୁବ୍ଶୀଘ୍ର ନିଜର ପ୍ରାର୍ଥିତ୍ୱ ଘୋଷଣା କରିବେ ବୋଲି ସୂଚନା ମିଳିଛି। ହିନ୍ଦୁଧର୍ମ ଗ୍ରହଣ କରିଥିବା ଆମେରିକାର ସାମୋଆଠାରେ ଜନ୍ମିତ ଗାବାର୍ଡ ଭାରତୀୟ-ଆମେରିକୀୟଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଅଟନ୍ତି। ସେ ଯଦି ନିର୍ବାଚିତ ହୁଅନ୍ତି, ତାଙ୍କୁ ଆମେରିକାର ସବୁଠାରୁ ଯୁବ ଓ ପ୍ରଥମ ଅଣ-ଖ୍ରୀଷ୍ଟିଆନ ମହିଳା ରାଷ୍ଟ୍ରପତି କୁହାଯିବ।

### ଅବଦୁଲ୍ଲା ମାଲେସିଆର ନୂଆ ସୁଲତାନ



**କୁଆଲାଲମ୍ପୁର,୧୨।୧(ପି.ଟି.):** ମାଲେସିଆର ନୂଆ ସୁଲତାନ ଭାବେ ତେଙ୍ଗ୍କୁ ଅବଦୁଲ୍ଲା ସାହଙ୍କ ନାମ ଶନିବାର ସରକାରୀ ଭାବେ ଘୋଷଣା କରାଯାଇଛି। ରୁଷିଆର ପୂର୍ବତନ ବିୟୁଟି କୁଇନ୍ଙ୍କୁ ବିବାହ କରି ସୁଲତାନ ଅହମ୍ମଦ ସାହ ସମ୍ରାଟ ପଦବୀ ହରାଇବା ପରେ ତାଙ୍କ ପୁଅ ଅବ୍ଦୁଲ୍ଲା ସାହଙ୍କୁ ତାଙ୍କର ଉତ୍ତରାଧିକାରୀ କରାଯାଇଛି। ଏପରି ସ୍ଥଳେ ଜାନୁୟାରୀ ୨୪ରେ ଶାସକ ପରିଷଦଙ୍କ ଦ୍ୱାରା ସମ୍ରାଟ୍ ମନୋନୀତ ହେବାକୁ ଥିବାବେଳେ ଅବଦୁଲ୍ଲା ସାହ ଯେ ଏହି ପଦବୀରେ ଆସୀନ ହେବେ କୁହାଯାଉଛି।

ଗତ ନଭେମ୍ବରରେ ସୁଲତାନ ଅହମ୍ମଦ ରୁଷିଆର ପୂର୍ବତନ ବିୟୁଟି କୁଇନଙ୍କୁ ବିବାହ କରିଥିବା ରିପୋର୍ଟ ସାର୍ବଜନୀନ ହେବାପରେ ଚହଳ ସୃଷ୍ଟି ହୋଇଥିଲା। ରୟାଲ ପରିବାରର ପରମ୍ପରାକୁ ଭଙ୍ଗ କରିଥିବା ନେଇ ତାଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ପରିସ୍ଥିତି ଜଟିଳ ରୂପ ଧାରଣ କରିବା ପରେ ତାଙ୍କୁ ସମ୍ରାଟ ପଦବୀ ତ୍ୟାଗକରିବାକୁ ପଡ଼ିଥିଲା। ୧୯୫୭ ସ୍ୱାଧୀନତା ପରଠାରୁ ପ୍ରଥମଥର ଜଣେ ସମ୍ରାଟ ଭାବେ ସୁଲତାନ ଅହମ୍ମଦ ମାତ୍ର ୨ ବର୍ଷର କାର୍ଯ୍ୟକାଳ ପରେ ପଦବୀ ତ୍ୟାଗ କରିବାକୁ ବାଧ ହୋଇଥିଲେ।

## ■ ୨୫ ବର୍ଷ ପରେ ପରସ୍ପର ହାତ ଧରିଲେ ଏସ୍‌ପି-ବିଏସ୍‌ପି

# ବଢ଼ିଲା ଭାଜପା ଚିନ୍ତା

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ଦଳ ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ ଘୋଷଣା କରିଥିବାରୁ ଏହା ଏବେ ଭାଜପା ପାଇଁ ଚିନ୍ତାର କାରଣ ହୋଇଛି। ୨୦୧୪ ନିର୍ବାଚନରେ ଭାଜପାକୁ ୭୧ ଆସନ ମିଳିଥିଲା। ସେତେବେଳେ ଏସ୍‌ପି ଏବଂ ବିଏସ୍‌ପି ଅଲଗା ଅଲଗା ଲଢ଼ିଥିଲେ। ଏବେ ଏହି ଦୁଇ ଦଳ ସହ ଆର୍‌ଏଲ୍‌ଡି ଏକାଠି ଲଢ଼ିଲେ ସେମାନେ ଭାଜପା ହାତରୁ ପାଖାପାଖି ୪୦ ଆସନ ଛଡାଇନେବା ଭଳି କ୍ଷମତା ରହିଛି। କାରଣ ଗତ ନିର୍ବାଚନରେ ଭାଜପାର ଭୋଟ ହାର ୪୨.୩ ପ୍ରତିଶତ ଥିଲାବେଳେ ଏସ୍‌ପି, ବିଏସ୍‌ପି ଏବଂ ଆର୍‌ଏଲ୍‌ଡିର ଭୋଟ ହାର ମିଶିଲେ ୪୧.୯୭ ପ୍ରତିଶତ ହେଉଛି। ଏହା ବ୍ୟତୀତ କଂଗ୍ରେସକୁ ଗତ ନିର୍ବାଚନରେ ୭.୫୩ ପ୍ରତିଶତ ଭୋଟ ମିଳିଥିଲା। ଉତ୍ତରପ୍ରଦେଶର ଦଳିତ ଏବଂ ସଂଖ୍ୟାଲଘୁ ଭୋଟରଙ୍କ ଉପରେ ମାୟାବତୀଙ୍କ ଦଳର ପ୍ରଭାବ ରହିଛି। ସେହିପରି ସମାଜବାଦୀ ପାର୍ଟି ହାତରେ ଯାଦବ ଭୋଟ ରହିଥିବାବେଳେ ପଶ୍ଚିମ ୟୁପିରେ ଅଜିତ ସିଂଙ୍କ ଦଳ ଆର୍‌ଏଲଡିର ଭଲ ପ୍ରଭାବ ରହିଛି। ତେଣୁ ଏହି ତିନି ଦଳ ଏକାଠି ଲଢ଼ିଲେ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ଦିଲ୍ଲୀରେ କ୍ଷମତା ଦଖଲକୁ ରୋକିବା ସମ୍ଭାବନା ଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

କେନ୍ଦ୍ରରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ଉତ୍ତରପ୍ରଦେଶରେ ଏସ୍‌ପି ଏବଂ ବିଏସ୍‌ପି ଅତୀତର ତିକ୍ତ ଅନୁଭୂତିକୁ ଭୁଲି ୨୫ ବର୍ଷ ପରେ ଏକାଠି ହୋଇଛନ୍ତି। ସେମାନଙ୍କର ଏହି ମେଣ୍ଟକୁ ବିଭିନ୍ନ ଦଳ ସ୍ୱାଗତ କରିଥିବାବେଳେ ଭାଜପା ଏହାକୁ ସମାଲୋଚନା କରିଛି। ଏସ୍‌ପି ଏବଂ ବିଏସ୍‌ପି ଦେଶ କିମ୍ବା ରାଜ୍ୟର ବିକାଶ ପାଇଁ ଏକାଠି ହୋଇ ନାହାନ୍ତି ସେମାନେ ଆତ୍ମରକ୍ଷା ପାଇଁ ମେଣ୍ଟ କରିଛନ୍ତି ବୋଲି ଭାଜପା କହିଛି। ଏକାକୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲଢ଼ିପାରିବେ ନାହିଁ ଏହା ସେମାନେ ଭଲ ଭାବେ ଜାଣନ୍ତି। ଏହା ସେମାନଙ୍କୁ ମେଣ୍ଟ କରିବା ଲାଗି ବାଧ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଭାଜପା ଜାତୀୟ ପରିଷଦ ବୈଠକ ଅବସରରେ କହିଛନ୍ତି। ଆଗାମୀ ନିର୍ବାଚନରେ ଏହି ମେଣ୍ଟ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ ବୋଲି ସେ କହିଛନ୍ତି। ଏସ୍‌ପି-ବିଏସ୍‌ପି ମେଣ୍ଟକୁ ଭାଜପା ନେତା ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୁର୍ନୀତି ଏବଂ ଗୁଣ୍ଡାବାଦର ମେଣ୍ଟ ବୋଲି କହିଛନ୍ତି। ଲୋକେ ମୋଦିଙ୍କ ପଛରେ ଅଛନ୍ତି ଏବଂ ଆଗାମୀ ନିର୍ବାଚନରେ ୨୦୧୪ ଅପେକ୍ଷା ଭଲ ଫଳାଫଳ ହେବ ବୋଲି ସେ ମତ ଦେଇଛନ୍ତି।



“ ଏସ୍‌ପି ଏବଂ ବିଏସ୍‌ପି ଦେଶ କିମ୍ବା ରାଜ୍ୟର ବିକାଶ ପାଇଁ ଏକାଠି ହୋଇ ନାହାନ୍ତି।

–ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ



“ ଭାଜପା ବିରୋଧୀ ମେଣ୍ଟ ଦୁର୍ନୀତି, ଅରାଜକତା ଏବଂ ରାଜନୈତିକ ଅସ୍ଥିରତା ଆଣିବ।

–ଯୋଗୀ ଆଦିତ୍ୟନାଥ, ୟୁପି ମୁଖ୍ୟମନ୍ତ୍ରୀ



“ ଏହି ମେଣ୍ଟ ଉତ୍ତର ଭାରତୀୟ ରାଜ୍ୟରୁ ଭାଜପାକୁ ମୂଳପୋଛ କରିବ ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**ଆତ୍ମରକ୍ଷା ପାଇଁ ଏକାଠି**

ଅନ୍ୟପକ୍ଷରେ ମେଣ୍ଟକୁ ନେଇ କଂଗ୍ରେସ ନୀରବ ରହିଛି। ମେଣ୍ଟରୁ ବାଦ ପଡିବା ନେଇ କଂଗ୍ରେସ ନେତୃତ୍ୱ କିଛି କହିବାକୁ ମନା କରିଦେଇଛି। ତେବେ ଉତ୍ତରପ୍ରଦେଶରେ କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏ ସ୍ ପି – ବି ଏ ସ୍ ପି ମେଣ୍ଟ ସମ୍ପର୍କରେ ତରବରିଆ ଭାବେ କୌଣସି ପ୍ରତିକ୍ରିୟା ଦେବାକୁ ଏଆଇସିସି ସାଧାରଣ ସମ୍ପାଦକ ଗୁଲାମ ନବୀ ଆଜାଦ ମନାକରିଦେଇଛନ୍ତି। ଭାଜପା ଅର୍ଥରେ ଶିବପାଲ ଯାଦବ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଢ଼ାଯାଇଥିବା ଅଭିଯୋଗକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ମାୟାବତୀଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଦଳ ମୁଖପାତ୍ର ସି.ପି. ରାୟ କହିଛନ୍ତି। ପୂର୍ବରୁ ବିଏସ୍‌ପି ଦଳିତ, ପଛୁଆବର୍ଗ ଓ ମୁସଲମାନ ଭୋଟ ନେଇ ଭାଜପା ସହ ସରକାର ଗଢ଼ିଥିଲା। ଏହା ଅଖିଳେଶ ଜାଣିରଖିବା ଉଚିତ ବୋଲି ରାୟ କହିଛନ୍ତି। ଏହା ସୁବିଧାବାଦର ମେଣ୍ଟ ବୋଲି ଶିବପାଲଙ୍କ ଦଳ ପକ୍ଷରୁ କୁହାଯାଇଛି।

୧୯୯୩ରେ ଭାଜପାର ବିଜୟ ରୋକିବାକୁ ଏସ୍‌ପି-ବିଏସ୍‌ପି ମେଣ୍ଟ କରିଥିଲେ। ବିଧାନସଭା ନିର୍ବାଚନ ଜିତିବାରେ ଉକ୍ତ ମେଣ୍ଟ ସଫଳ ହୋଇଥିଲା। ୧୯୯୫ ମୀରାବାଈ ମାର୍ଗ ଗେଷ୍ଟହାଉସରେ ମାୟାବତୀଙ୍କୁ କେତେଜଣ ଏସ୍‌ପି କର୍ମୀ ଅସଦ୍ ବ୍ୟବହାର କରିବାରୁ ମେଣ୍ଟ ଭାଙ୍ଗିଯାଇଥିଲା। ଏହା ପରେ ବିଏସ୍‌ପି ଭାଜପା ସହ ମିଶି ସରକାର ଗଢ଼ିଥିଲା। ଭାଜପା ବିରୋଧରେ ବିରୋଧୀ ଦଳଗୁଡିକର ଯେକୌଣସି ମେଣ୍ଟ ଦୁର୍ନୀତି, ଅରାଜକତା ଏବଂ ରାଜନୈତିକ ଅସ୍ଥିରତା ଆଣିବ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି ମେଣ୍ଟକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରିଛନ୍ତି। ଏହି ମେଣ୍ଟ ଉତ୍ତର ଭାରତୀୟ ରାଜ୍ୟରୁ ଭାଜପାକୁ ମୂଳପୋଛ କରିବ ବୋଲି ପୂର୍ବରୁ ମମତା କହିଥିଲେ।

## ■ ସାଧାରଣ ବର୍ଗ ଗରିବଙ୍କ ଲାଗି ସଂରକ୍ଷଣ

# ‘ନୂଆ ଭାରତର ଆତ୍ମବଳ ବଢ଼ାଇବ’

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ସରକାର ଆଣିଥିବା ବିଲ୍ ନୂଆ ଭାରତର ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ତେବେ ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମିଳୁଥିବା ସଂରକ୍ଷଣ ପ୍ରଭାବିତ ହେବ ନାହିଁ। ଭାଜପା ଜାତୀୟ ସମ୍ମିଳନୀରେ ମୋଦି କହିଥିଲେ, କେତେକ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି। ସେମାନଙ୍କର ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିବା ଲାଗି ସେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରୁ ଆଗାମୀ ଲୋକ ସଭା ନିର୍ବାଚନ ଲାଗି ପ୍ରଚାର ଆରମ୍ଭ କରି ପ୍ରଧାନମନ୍ତ୍ରୀ ବିରୋଧୀ ଦଳ ଉପରେ ବର୍ଷିଥିଲେ। ବିରୋଧୀ ଦଳଗୁଡିକ ଦେଶରେ ଏକ ମଜବୁର (ଅସହାୟ) ସରକାର ଗଢ଼ିବାକୁ ଚାହୁଁଥିବାବେଳେ ଭାଜପା ମଜଭୁତ ସରକାର ଦେବ ବୋଲି ସେ କହିଥିଲେ। ପୂର୍ବ ସରକାର କୃଷକମାନଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରି ଆସୁଥିଲା। ଏନ୍‌ଡିଏ ସରକାର କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ■ ନାଇଜେରିଆରେ ପେଟ୍ରୋଲ ଟ୍ୟାଙ୍କର ବିସ୍ଫୋରଣ

# ୨୦ ମୃତଦେହ ଉଦ୍ଧାର



**ୱାରି(ନାଇଜେରିଆ),୧୨।୧(ପି.ଟି.)**

ଏକ ପେଟ୍ରୋଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳିଯାଇଛି। ନାଇଜେରିଆର ଦକ୍ଷିଣପୂର୍ବ ରାଜ୍ୟ ଓଦୁକପାନି ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ମହିଳା, ଶିଶୁଙ୍କ ସମେତ ଏକାଧିକ ପୋଡ଼ି ହୋଇଯାଇଥିବା ଜଣାଯାଇଛି। ଜୀବନ୍ତ ଦଗ୍ଧ ହୋଇଥିବା ୨୦ଜଣଙ୍କୁ ଉଦ୍ଧାର କରାଯାଇଛି। କାଲାବାର ସହର କ୍ରସ୍ ରିଭରଠାରେ ଟ୍ୟାଙ୍କରଟି ପଥଚ୍ୟୁତ ହେବା ପରେ ସ୍ଥାନୀୟ ମହିଳା, ପୁରୁଷ ଓ ଛୋଟ ପିଲାମାନେ ଘଟଣାସ୍ଥଳକୁ ଛୁଟିଥିଲେ। ସେଠାରୁ ସେମାନେ ଉକ୍ତ ଟ୍ୟାଙ୍କରରୁ ତେଲ ସଂଗ୍ରହ କରିବା ସମୟରେ ଏହା ବିସ୍ଫୋରଣ ଘଟିଥିଲା ବୋଲି କ୍ରସ ରିଭର୍ ପୋଲିସ ପକ୍ଷରୁ କୁହାଯାଇଛି। ଗୁରୁତର ଆହତମାନଙ୍କୁ କାଲାବାର ହସ୍ପିଟାଲର ବର୍ନ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟାରେ ବୃଦ୍ଧିଘଟିବା ଆଶଙ୍କା ଦେଖାଦେଇଛି।

## ଫୁର୍‌ସତ

### ପ୍ରଥମ ବିଶ୍ୱଯୁଦ୍ଧ କାଳର ଜାହାଜ



**ପ୍ୟାରିସ:** ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଜର୍ମାନୀର ଏକ ବୁଡାଜାହାଜ ଦୀର୍ଘ ଦଶନ୍ଧି ଧରି ସମୁଦ୍ରବାଲିରେ ପୋତିହୋଇପଡିବା ପରେ ବର୍ତ୍ତମାନ ତାହାର ଭଗ୍ନାବଶେଷ ଦୃଶ୍ୟମାନ ହେଉଛି। ଏହା ଫ୍ରାନ୍ସର ଉତ୍ତରଭାଗ ସମୁଦ୍ରକୂଳରେ ପୋତିହୋଇ ପଡିଥିଲା। କାଲାଇସ୍ ନିକଟବର୍ତ୍ତୀ ୱିସାଣ୍ଟ ଉପକୂଳରୁ ବାଲି କଢ଼ାଯିବା ପରେ ଜାହାଜର ଭଗ୍ନାବଶେଷ ଧୀରେ ଧୀରେ ଦୃଶ୍ୟମାନ ହେଉଛି। ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ରୁ ଆରମ୍ଭ ହୋଇ ୧୯୧୯ରେ ଶେଷ ହୋଇଥିବା ବେଳେ ୟୁସି-୬୧ ନାମକ ଏହି ଯୁଦ୍ଧଜାହାଜ ୧୯୧୭ ଜୁଲାଇରେ ଏଠାରେ ଅଚଳ ହୋଇପଡିଥିଲା ବୋଲି ବିବିସି ରିପୋର୍ଟରେ ଶନିବାର ପ୍ରକାଶ ପାଇଛି। ଏଥିରେ ଥିବା ଚାଳକ ଓ ଯାତ୍ରୀମାନେ ଏହାକୁ ଛାଡି ପଳାଇ ଆସିଥିଲେ। ୧୯୩୦ ବେଳକୁ ବୁଡାଜାହାଜଟି ସମ୍ପୂର୍ଣ୍ଣ ପୋତିହୋଇଯାଇଥିଲା। ଧ୍ୱଂସପ୍ରାପ୍ତ ଏହି ଯୁଦ୍ଧଜାହାଜ ବର୍ତ୍ତମାନ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି।

### ନ୍ୟାଶନାଲ ୟୁଥ ପାର୍ଲାମେଣ୍ଟ ଉତ୍ସବ




**ନୂଆଦିଲ୍ଲୀ:** ନ୍ୟାଶନାଲ ୟୁଥ ପାର୍ଲାମେଣ୍ଟ ଉତ୍ସବ ଶନିବାର ଆରମ୍ଭ ହୋଇଛି। ଦେଶର ବିଭିନ୍ନ ଭାଗରୁ ଯୁବକମାନେ ଏଠାରେ ମିଳିତ ହୋଇ ଭାରତକୁ ଉନ୍ନତ ରାଷ୍ଟ୍ରରେ ଗଢ଼ିତୋଳିବା ନିମନ୍ତେ ପ୍ରସ୍ତାବମାନ ଦେଇପାରିବେ। ପ୍ରତିବର୍ଷ ଜାନୁୟାରୀ ମାସରେ ଏହି ଉତ୍ସବ ପାଳନ କରାଯାଏ। ଚଳିତ ବର୍ଷ ୧୮ରୁ ୨୫ବର୍ଷ ବୟସ ମଧ୍ୟରେ ଯୁବତୀଯୁବକଙ୍କୁ ଏଥିରେ ସାମିଲ କରାଯାଇଛି। କାରଣ ଏହି ବୟସର ବ୍ୟକ୍ତିମାନେ ଭୋଟ ଦେଇ ସଂସଦୀୟ ପ୍ରତିନିଧି ବାଛୁଥିବା ବେଳେ ସେମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ନାହିଁ। ତେଣୁ ନିଜ କଥା ଶୁଣାଇବା ପାଇଁ ଏହି ଉତ୍ସବ ଏକ ମଞ୍ଚଭଳି କାର୍ଯ୍ୟକରିବ ବୋଲି ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ଉତ୍ସବ ଫେବୃୟାରୀ ୨୪ ପର୍ଯ୍ୟନ୍ତ ଜାରି ରହିବ। ଏହା ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ପରିଚାଳିତ ହେବ। ୧୮ରୁ ୨୫ବର୍ଷ ବୟସ ମଧ୍ୟରେ ତରୁଣୀ ତରୁଣ ଏଥିରେ ସାମିଲ ହୋଇପାରିବେ। ପ୍ରତ୍ୟେକ ଭିଡିଓ ମାଧ୍ୟମରେ ନିଜର ପ୍ରସ୍ତାବ ପଠାଇପାରିବେ। ସେମାନଙ୍କୁ ପ୍ରଥମେ ଜିଲାସ୍ତରରେ ଚୟନ କରାଯିବ। ଏଥିରେ ସଫଳ ହେଲେ ସେମାନେ ଜାତୀୟସ୍ତରରେ ପ୍ରତିଯୋଗିତା ପାଇଁ ଯାଇପାରିବେ। ଅଂଶଗ୍ରହଣକାରୀମାନେ ଡିଜିଟାଲ ପିଚ୍ ଜାନୁୟାରୀ ୧୮ ସୁଦ୍ଧା ‘ମାଇଁଗଭ୍.ଇନ୍’କୁ ପଠାଇ ପାରିବେ।

### ଇତିହାସର ଆଇନାରେ

**ଜାନୁୟାରୀ ୧୩ର ପ୍ରମୁଖ ଘଟଣା**

୨୦୦୧ ଜାନୁୟାରୀ ୧୩ରେ ଏଲ୍ ସାଲ୍‌ଭାଡରରେ ଭୂମିକମ୍ପ ଯୋଗୁ ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏଲ୍ ସାଲ୍‌ଭାଡର ହେଉଛି କେନ୍ଦ୍ରୀୟ ଆମେରିକାର ଏକ ଛୋଟ ତଥା ଜନବହୁଳ ଦେଶ। ଏହାର ଉତ୍ତରରେ ହୋଣ୍ଡୁରାସ୍, ଉତ୍ତର-ପଶ୍ଚିମରେ ଗୁଏଟମାଲା ଏବଂ ଦକ୍ଷିଣରେ ପ୍ରଶାନ୍ତ ମହାସାଗର ରହିଛି। ସାନ୍ ସାଲ୍‌ଭାଡର ହେଉଛି ଏଲ୍ ସାଲ୍‌ଭାଡର୍‌ର ରାଜଧାନୀ ତଥା ବୃହତ୍ ନଗରୀ।

୨୦୧୨ ଜାନୁୟାରୀ ୧୩ରେ ଏକ ଯାତ୍ରିବାହୀ ଜାହାଜ କୋଷ୍ଟା କନ୍‌କୋର୍ଡିଆ ଇଟାଲି ଉପକୂଳରେ ବୁଡିଯିବା ଫଳରେ ୩୨ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। କ୍ୟାପଟେନ୍ ଫ୍ରାନ୍‌ସିସ୍କୋ ସ୍କେଟିନୋଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏପରି ଘଟିଲା ବୋଲି ତଦନ୍ତରୁ ଜଣାପଡିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୧୧.୪ |
| ଚାନ୍ଦବାଲି | ୨୬.୨ | ୧୩.୨ |
| କଟକ | ୨୬.୪ | ୧୨.୫ |
| ପାରାଦ୍ୱୀପ | ୨୬.୭ | ୧୪.୮ |
| ଭୁବନେଶ୍ୱର | ୨୮.୩ | ୧୩.୫ |
| ଗୋପାଳପୁର | ୨୬.୮ | ୧୫.୦ |
| ପୁରୀ | ୨୬.୦ | ୧୫.୬ |
| ଅନୁଗୋଳ | ୨୭.୧ | ୦୮.୬ |
| ବାରିପଦା | ୨୪.୬ | ୧୧.୫ |
| ଝାରସୁଗୁଡ଼ା | ୨୭.୬ | ୧୦.୬ |
| କେନ୍ଦୁଝର | ୨୪.୮ | ୦୮.୨ |
| ସମ୍ବଲପୁର | ୨୮.୫ | ୧୦.୫ |
| ସୁନ୍ଦରଗଡ଼ | ୨୫.୦ | ୯.୦ |
| ହୀରାକୁଦ | ୨୭.୩ | ୧୧.୪ |
| ତାଳଚେର | --- | ୧୨.୦ |
| ଭବାନୀପାଟଣା | ୨୮.୦ | ୧୦.୫ |
| ବଲାଙ୍ଗୀର | ୨୮.୫ | ୧୦.୬ |
| କୋରାପୁଟ | ୨୭.୦ | ୧୧.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୦.୬ | ୧୫.୦ |
| ସୋନପୁର | ୨୭.୮ | ୧୦.୨ |
| ଦାରିଙ୍ଗିବାଡ଼ି | --- | ୦୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ୪.୫କୋଟି ଆୟ କଲା ‘ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’




**ମୁମ୍ବାଇ:** ବିରୋଧ ସତ୍ତ୍ୱେ ରିଲିଜ୍‌ର ପ୍ରଥମ ଦିନରେ ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ୪.୫ କୋଟି ଟଙ୍କା ଆୟ କରିପାରିଛି। ଉକ୍ତ ସିନେମାରେ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ସମୟରେ ତାଙ୍କ ବ୍ୟକ୍ତିତ୍ୱ ବିଷୟ ଉପସ୍ଥାପନ କରାଯାଇଛି। ଉକ୍ତ ଫିଲ୍ମ ଦେଶବ୍ୟାପୀ ରିଲିଜ ହୋଇଥିବା ବେଳେ କେତେକ ଭାଗରେ କଂଗ୍ରେସ କର୍ମକର୍ତ୍ତାମାନେ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫିଲ୍ମ ପ୍ରଦର୍ଶନର ପ୍ରଥମ ଦିନରେ ୪.୫ କୋଟି ଟଙ୍କା ଆୟ ହୋଇପାରିଛି। ଭାରତର ପୂର୍ବ ପ୍ରାନ୍ତରେ ଏହାର ରିଲିଜ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଫିଲ୍ମ ପ୍ରେଜେଣ୍ଟର ପେନ୍ ଷ୍ଟୁଡିଓ ପକ୍ଷରୁ କୁହାଯାଇଛି। ମନମୋହନ ସିଂଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ଅନୁପମ ଖେର ଶନିବାର ଟୁଇଟର ଜରିଆରେ ହିଂସାକାଣ୍ଡରେ ସମ୍ପୃକ୍ତ ଲୋକଙ୍କୁ ନିବୃତ୍ତ କରିବା ପାଇଁ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଏଥିସହ ବାକ୍ ସ୍ୱାଧୀନତାରେ ବିଶ୍ୱାସ କରୁଥିବା ଲୋକଙ୍କୁ ସେ ପ୍ରଶଂସା କରିଛନ୍ତି। କେତେକ ଅଞ୍ଚଳରେ କଂଗ୍ରେସ କର୍ମକର୍ତ୍ତାମାନେ ବିରୋଧ ପ୍ରଦର୍ଶନ କରିଥିବା ବେଳେ କଡା ନିରାପତ୍ତା ମଧ୍ୟରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଛି। ଶିରୋମଣି ଅକାଳୀ ଦଳର ଦିଲ୍ଲୀ ଯୁବ ଶାଖା ଏହା ପ୍ରଦର୍ଶନ ନ କରିବାକୁ ସିନେମା ହଲ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛି। କାରଣ ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର ଭଳି ଏକ ଫିଲ୍ମ ଉଭୟ ମନମୋହନ ସିଂ ଏବଂ ଦେଶର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଥିବା ଦଳ ପକ୍ଷରୁ କୁହାଯାଇଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ସ୍କୁଟି ଦୁର୍ଘଟଣାଗ୍ରସ୍ତ: ଛାତ୍ରୀ, ଯୁବକ ମୃତ

**ଝାରସୁଗୁଡ଼ା ଅଫିସ,୧୨।୧:** ଝାରସୁଗୁଡ଼ା ବାଲିଯୋରୀ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ସ୍କୁଟି ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ସମେତ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ବିଟିଏମ୍ କଲୋନୀର ସୁନ୍ଦରମ୍ ଝା (୧୭) ଏବଂ ମୃତ ଯୁବକ ହେଲେ ବଡ଼େଇମୁଣ୍ଡାର ରୀତିକ୍ କେଶରୀ (୨୦)। ଦୁର୍ଘଟଣାସ୍ଥଳରେ ସୁନ୍ଦରମ୍‌ଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ରୀତିକ୍‌ଙ୍କୁ ବୁର୍ଲା ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଛି। ତାଳପଟିଆ ଫାଣ୍ଡି ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ମୁତାବକ, ସୁନ୍ଦରମ୍ ଝାରସୁଗୁଡ଼ା ମହିଳା କଲେଜରେ ପାଠ ପଢୁଥିଲେ। ଶନିବାର ସକାଳେ କଲେଜ ଯାଇଥିଲେ। ସେଠାରୁ ସୁନ୍ଦରମ୍ ଓ ତାଙ୍କ ପୁରୁଷ ବନ୍ଧୁ ରୀତିକ୍ ଓଡି୧୫-ଜେ୧୬୦୧ନଂ ସ୍କୁଟିରେ ବାଲିଯୋରୀ ନିକଟରେ ଥିବା ଇକୋପାର୍କ ଯାଉଥିଲେ। ପାର୍କ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଟ୍ରାକ୍ଟର ପଛରେ ସ୍କୁଟି ଧକ୍କା ହୋଇଥିଲା। ଉଭୟ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଥିବା ଦେଖି ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସୁନ୍ଦରମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ରୀତିକ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁନ୍ଦରମ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଉତ୍ତରପ୍ରଦେଶରେ ଏସ୍‌ପି ବିଏସ୍‌ପି ଆସନ ବୁଝାମଣା




# କେନ୍ଦ୍ରାପଡ଼ାରେ ପ୍ରଥମ ସମଲିଙ୍ଗୀ ବିବାହ

କେନ୍ଦ୍ରାପଡା ଅଫିସ, ୧୨।୧

ଭାରତୀୟ ପିଙ୍ଗଳ କୋର୍ଡ଼(ଆଇପିସି) ଦଫା ୩୭୭ ଅନୁଯାୟୀ, 'ସମଲିଙ୍ଗୀ ସମ୍ପର୍କ' ଅପରାଧ ମୁକ୍ତ ବୋଲି ଗତ କିଛି ମାସତଳେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିଥିଲେ। ଏହି ରାୟକୁ ଆଧାର କରି କେନ୍ଦ୍ରାପଡ଼ା ଜିଲାର ୨ ଯୁବତୀ ଶନିବାର ପ୍ରଥମ ସମଲିଙ୍ଗୀ ବିବାହ କରିଛନ୍ତି। ପରସ୍ପରକୁ ଭଲ ପାଉଥିବା ଏହି ୨ ଯୁବତୀ ନୋଟାରୀ ଆଶୁତୋଷ ମହାନ୍ତିଙ୍କ ଇଜଲାସରେ ସତ୍ୟପାଠ କରି ବିବାହ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହାକାଳପଡା ବ୍ଲକର ହୋଇଥିବା ବେଳେ ଅନ୍ୟ ଜଣେ ପଟ୍ଟାମୁଣ୍ଡାଇ ବ୍ଲକର । ଉଭୟ ଯୁବତୀ କଟକରେ ଏକାଠି ରହି ପାଠ ପଢୁଥିଲେ। ଏବେ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଗୋଟିଏ ବସାରେ ରହୁଥିବା ବେଳେ ସେମାନେ ପରସ୍ପରକୁ ଭଲପାଇ ବସିଥିଲେ । ବିବାହ ବୟସ ହୋଇଯାଇଥିବାରୁ ପରିବାର ସଦସ୍ୟ ଉଭୟଙ୍କୁ ଅନ୍ୟତ୍ର ବିବାହ କରିଦେବାକୁ ଚାପ ପ୍ରୟୋଗ କରିଥିଲେ। ମାତ୍ର ସୁପ୍ରିମକୋର୍ଟଙ୍କ ରାୟ ପରେ ସେମାନେ ସାରାଜୀବନ ଏକାଠି ରହିବା ପାଇଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଉଭୟଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ହୋଇଥିବାରୁ ଶନିବାର ପୂର୍ବାହ୍ନରେ ଆସି ନୋଟାରୀରେ ସତ୍ୟପାଠ କରି ବିବାହ କରିଥିଲେ। ଆଇନଜୀବୀ ଅରୁଣ ପ୍ରସାଦ ଦାସ ସତ୍ୟପାଠରେ ସହାୟତା କରିଥିଲେ। ଏ ସମ୍ପର୍କରେ ଆଇନଜୀବୀ ମହାନ୍ତି କୁହନ୍ତି, ଉଭୟ ଯୁବତୀ ସାବାଳିକା ହୋଇଥିବାରୁ ନିଜର ଭବିଷ୍ୟତ ପାଇଁ ନିଷ୍ପତ୍ତି ନେବାର ଅଧିକାର ସେମାନଙ୍କ ରହିଛି। ତେଣୁ ଉଭୟ ବିବାହ କରିଛନ୍ତି।

# ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତିରେ ମନ୍ଥରତା

ଭୁବନେଶ୍ବର,୧୨।୧(ବ୍ୟୁରୋ)

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ପଦୋନ୍ନତିରେ ମନ୍ଥରତା ଲକ୍ଷ୍ୟ କରାଯାଇଛି। ଦେଶର ଅନ୍ୟ କେତେକ ରାଜ୍ୟରେ ୧୯୮୯ ବ୍ୟାଚ୍ ଅଧିକାରୀ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇସାରିଲେଣି। ହେଲେ ଓଡ଼ିଶାର ୧୯୮୮ ବ୍ୟାଚ୍‌ର ଅଧିକାରୀମାନେ ଏହି ପଦୋନ୍ନତି ପାଇ ନାହାନ୍ତି। ପଦୋନ୍ନତି ଅପେକ୍ଷାରେ ଥିବା ଅଧିକାରୀମାନେ ହେଉଛନ୍ତି-ସି.ଜେ. ଭେନୁଗୋପାଳ, ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ପରାଗ ଗୁପ୍ତା। ଭାରତୀୟ ପ୍ରଶାସନିକ ସେବା ବ୍ୟବସ୍ଥାର ନିୟମ ଅନୁଯାୟୀ ଜଣେ ଅଧିକାରୀ ୩୦ ବର୍ଷ ଚାକିରି କରିବା ପରେ ଶୀର୍ଷ ପଦକୁ ଉନ୍ନୀତ ହେବେ। ଓଡ଼ିଶାରେ କାର୍ଯ୍ୟରତ ଉକ୍ତ ଅଧିକାରୀମାନେ ୨୦୧୮ ଜାନୁୟାରୀରୁ ପଦୋନ୍ନତି ପାଇଁ ଉପଯୁକ୍ତ ହୋଇଛନ୍ତି, ମାତ୍ର ସେମାନଙ୍କ ପଦୋନ୍ନତି ଏଯାବତ୍ ହୋଇନାହିଁ।

୧୯୮୮ ବ୍ୟାଚ୍ ଅଧିକାରୀଙ୍କ ପଦୋନ୍ନତିରେ ଶିଥିଳତା ପ୍ରକାଶ ପାଇଛି। ୧୯୮୯ ବ୍ୟାଚ୍‌ର ଅଧିକାରୀମାନେ ମଧ୍ୟ ଚଳିତ ଥର ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେମାନେ ହେଉଛନ୍ତି- ପ୍ରଦୀପ କୁମାର ଜେନା ଏବଂ ଡକ୍ଟର ମୋନା ଶର୍ମା । ଏହି ବ୍ୟାଚର ଅଧିକାରୀ ବିନୋଦ କୁମାରଙ୍କ ନାଁରେ ସଂଖ୍ୟାଧିକ ଭିଜିଲାନ୍ସ ମାମଲା ଥିବାରୁ ସେ ନିଲମ୍ବିତ ହୋଇସାରିଛନ୍ତି। ସେହିପରି ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତି ମଧ୍ୟ ଠିକ୍ ସମୟରେ ହୋଇ ନ ଥିବା ସୂତ୍ରରୁ ପ୍ରକାଶ। ଯେଉଁ ସମୟରେ ଏହି ଅଧିକାରୀମାନେ ଶୀର୍ଷ ପଦକୁ ପଦୋନ୍ନତି ପାଇବା କଥା, ତାହାର ପ୍ରାୟ ଦେଢ ବର୍ଷ ପରେ ସେମାନେ ପଦୋନ୍ନତି ପାଇଲେ। ଏହି ଅଧିକାରୀମାନେ ହେଉଛନ୍ତି- ଅସିତ୍ କୁମାର ତ୍ରିପାଠୀ, ଏଲ୍.ଏନ୍. ଗୁପ୍ତା, ସୁରେଶ ମହାପାତ୍ର, ସୁଦର୍ଶନ ପାଲ ଠାକୁର, ଜି.ଭି.ଭି. ଶର୍ମା, ଟି.କେ. ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜ କୁମାର ଶର୍ମା।

ଜନୈକ ଅବସରପ୍ରାପ୍ତ ଅଧିକାରୀଙ୍କ କହିବାନୁଯାୟୀ, ଓଡ଼ିଶା କ୍ୟାଡରର ଖୁବ୍ କମ୍ ସଂଖ୍ୟକ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି, ଯାହା କାର୍ଯ୍ୟରତ ଅଧିକାରୀଙ୍କ ପଦୋନ୍ନତିକୁ ପ୍ରଭାବିତ କରୁଛି। ବରିଷ୍ଠ ଅଧିକାରୀମାନଙ୍କୁ କେନ୍ଦ୍ରକୁ ନ ପଠାଇଲେ ଏପରି ଅବସ୍ଥା ଜାରି ରହିବ। ତେବେ ଏହା ପରବର୍ତ୍ତୀ ବ୍ୟାଚ୍ ଅଧିକାରୀଙ୍କ ପଦୋନ୍ନତିକୁ ପ୍ରଭାବିତ କରିବ। ବର୍ତ୍ତମାନ ମାତ୍ର ୨୨ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ରାଜ୍ୟର ୫୧ ଜଣ ଅଧିକାରୀ ଡେପୁଟେଶନରେ ଯିବାର ନିୟମ ରହିଛି। ତେଣୁ ୧୯୮୪ରୁ ୧୯୮୭ ବ୍ୟାଚ୍‌ର ଅଧିକାରୀମାନଙ୍କୁ ଡେପୁଟେଶନରେ ନ ପଠାଇଲେ, ଏପରି ମନ୍ଥରତା ଲାଗି ରହିବ। ଅପରପକ୍ଷେ ଉନ୍ନୟନ କମିଶନର ଭାବେ କାର୍ଯ୍ୟରତ ଅସିତ କୁମାର ତ୍ରିପାଠୀଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ରହିଛି। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ତେଣୁ ଗୃହ ବିଭାଗ ଦାୟିତ୍ୱ ଜଣେ ଅଧିକାରୀଙ୍କୁ ପୂର୍ଣ୍ଣକାଳୀନ ଭାବେ ମିଳିବା କଥା ବୋଲି ପ୍ରଶାସନିକ ସମୀକ୍ଷକମାନେ ମତ ରଖିଛନ୍ତି।




# ସୁପ୍ରିମକୋର୍ଟ ରାୟ ପରେ ବ୍ୟାଙ୍କରେ ବଢ଼ିଛି ଆଧାର ବ୍ୟବହାର

ନୂଆଦିଲ୍ଲୀ,୧୨।୧

ସୁପ୍ରିମକୋର୍ଟ ଗତ ବର୍ଷ ସେପ୍ଟେମ୍ବରରେ ଆଧାର ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତେବେ ଏହା ପରଠାରୁ ବ୍ୟାଙ୍କ ଏବଂ ଏହାର ଗ୍ରାହକଙ୍କ ଦ୍ୱାରା ଆଧାର ବ୍ୟବହାର ବୃଦ୍ଧି ପାଇଛି। ବିଶେଷକରି ମାଇକ୍ରୋ ଏଟିଏମ୍ ଲାଗି ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା(ଏଇପିଏସ୍)ରେ ଏହାର ବ୍ୟବହାର ଯଥେଷ୍ଟ ବଢ଼ିଥିବା ଦେଖାଯାଇଛି। ଗ୍ରାମାଞ୍ଚଳରେ ଏଇପିଏସ୍‌ର ଅଧିକ ବ୍ୟବହାର ଦେଖିବାକୁ ମିଳୁଛି। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ ମାଇକ୍ରୋ ଏଟିଏମ୍‌ରେ ଏଇପିଏସ୍ ମାଧ୍ୟମରେ ନେଣଦେଣ ୧୮% ବୃଦ୍ଧି ପାଇ ୨୦୧୮ ନଭେମ୍ବର ସୁଦ୍ଧା ୬ ହଜାର କୋଟି ଟଙ୍କାରେ ପହଞ୍ଚିଗଲାଣି, ଯାହାକି ସେହି ବର୍ଷ ସେପ୍ଟେମ୍ବରରେ ୫୧୩୩ କୋଟି ଟଙ୍କା ଥିଲା। ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା ସ୍ଥାନରେ ଲୋକେ ଡେବିଟ କାର୍ଡକୁ ବ୍ୟବହାର କରିପାରିବେ। ଅଥଚ ଦେଖାଯାଇଛି ଯେ, ସେମାନେ କାର୍ଡ ପ୍ରତି ସେଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକାଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କହିଛି ଯେ, ସେମାନେ ଇ-କେୱାଇସି ଏବଂ ପେମେଣ୍ଟ ପ୍ରଦାନ ଲାଗି ଏବେ ମଧ୍ୟ ଆଧାର ବ୍ୟବହାର କରୁଛନ୍ତି। ତେବେ ଏଥିଲାଗି ଗ୍ରାହକଙ୍କ ଅନୁମତି ନିଆଯାଉଛି। ତେବେ ଆଇସିଆଇସିଆଇ ବ୍ୟାଙ୍କ ଭଳି କେତେକ ଘରୋଇ ବ୍ୟାଙ୍କ ଆଧାର ବ୍ୟବହାରକୁ କେବଳ ଡିବିଟି( ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ପର୍ଯ୍ୟନ୍ତ ସୀମିତ ରଖିଛନ୍ତି। ଆଧାରକୁ ନେଇ ବ୍ୟାଙ୍କଗୁଡିକ ପକ୍ଷରୁ ଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ଇଣ୍ଡିଆନ ବ୍ୟାଙ୍କର୍ସ ଆସୋସିଏଶନ(ଆଇବିଏ) ଏ କ୍ଷେତ୍ରରେ ସମାନ ମନୋଭାବ ପୋଷଣ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛି। ବ୍ୟାଙ୍କ ଜମା, ମୋବାଇଲ ପଞ୍ଜୀକରଣ, କ୍ଷୁଦ୍ର ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ ୟୁଆଇଡିଏଆଇ ପ୍ରମାଣ ପାଇଁ ଗ୍ରାହକମାନେ ଏବେ ମଧ୍ୟ ଆଧାର ବ୍ୟବହାର କରୁଛନ୍ତି।







## ■ ନିଦ ହଜାଇଛି ଆନ୍ଧ୍ର ହାତୀ

# ଜଣେ ମୃତ, ଭୟରେ ଗ୍ରାମବାସୀ ପାହାଡ଼ ଉପରେ



ଏମ୍ବଲୱାଲସା ଗ୍ରାମ ନିକଟ ଜଙ୍ଗଲରେ ରହିଥିବା ହାତୀ।

ରାୟଗଡା ଅଫିସ୍, ୧୨।୧

ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ଭିତରକୁ ଚାଲି ଆସିଥିବା ହାତୀପଲ ଗ୍ରାମବାସୀଙ୍କ ନିଦ ହଜାଇ ଦେଲେଣି । ୭ ଦିନ ଧରି ହାତୀପଲ ଗାଁଗୁଡ଼ିକରେ ଆତଙ୍କ ମଚାଇଛନ୍ତି। ଶନିବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆନ୍ଧ୍ରପ୍ରଦେଶର ନାଇଡୁୱାଲସା ଗ୍ରାମର ନିର୍ମଳ ଫକୀର(୬୧)। ଫକୀରଙ୍କ ମୃତ୍ୟୁ ପରେ ୨ଟି ରାଜ୍ୟର ସୀମାନ୍ତ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀପଲ ବର୍ତ୍ତମାନ ରାୟଗଡା ବ୍ଲକ୍ କେରେଡା ପଞ୍ଚାୟତ ଅନ୍ତର୍ଗତ ଏମ୍ବଲୱାଲସା ଗ୍ରାମ ନିକଟରେ ରହିଛନ୍ତି । ତେଣୁ ଲୋକେ ଭୟରେ ପାହାଡ ଉପରେ ଦଳ ବାନ୍ଧି ରହୁଛନ୍ତି । ତେବେ ଉଭୟ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ବନ ବିଭାଗ କର୍ମଚାରୀମାନେ କେବଳ ଦୂରରେ ଥାଇ ହାତୀପଲର ଫଟୋ ଉଠାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି । ଏଣେ ଡିଏଫ୍‌ଓ ଘଟଣାସ୍ଥଳକୁ ଥରେ ମଧ୍ୟ ପରିଦର୍ଶନରେ ଯାଇନାହାନ୍ତି ଓ ପଦକ୍ଷେପ ସମ୍ପର୍କରେ କୌଣସି ସୂଚନା ଦେଉନାହାନ୍ତି । ରାୟଗଡା ରେଞ୍ଜର ପ୍ରଭାକର ସେନାପତିଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାରୁତି
ପରିବାରବର୍ଗ


ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଇନ୍ଦ୍ରାଣୀ...



ବଡବିଲ ପଞ୍ଚବଟି ରେସିଡେନ୍ସି ବ୍ଲକ ବି ପ୍ରଥମ ମହଲା।

ଦୀପ୍ତିରଞ୍ଜନ ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କୁ ନେଇ ଏବେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ଦୀପ୍ତିରଞ୍ଜନଙ୍କ ବଡ଼ଭାଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ହୋଇଥିବା ବେଳେ ସାନଭାଇ ହେଉଛନ୍ତି ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ। ଏହା ମଧ୍ୟ ଆଲୋଚନା ହେଉଛି ଯେ, ଚମ୍ପୁଆ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ଙ୍କର ପରିବହନଜନିତ ବ୍ୟବସାୟିକ ସମ୍ପର୍କ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି ସହିତ ରହିଛି।

ଅତ୍ୟନ୍ତ ଗୋପନୀୟ ଭାବେ ଏହି ଯାଞ୍ଚ ଚାଲିଛି। ଯାଞ୍ଚ ବିଷୟରେ କାହାରି କି କୌଣସି ତଥ୍ୟ ଦିଆଯାଉ ନ ଥିଲା। ଇନ୍ଦ୍ରାଣୀ ପଟ୍ଟନାୟକ ଖଣିର ଜଣେ ଅଧିକାରୀଙ୍କ ଘରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କାଗଜପତ୍ର ତନଖି କରାଯାଇଥିବା ଜଣାପଡ଼ିଛି। ସେହିପରି ଯୋଡ଼ା ଅଞ୍ଚଳରେ ଥିବା ଇନ୍ଦ୍ରାଣୀ ପଟ୍ଟନାୟକ ଓ ଡି. ଆର୍. ପଟ୍ଟନାୟକଙ୍କ ସମ୍ପତ୍ତି ସମ୍ପର୍କରେ ଆୟକର ବିଭାଗ ଖୋଳତାଡ କରିଛି। ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କମ୍ପାନୀ ସହ ବିଧାୟକ ସନାତନଙ୍କ ପରିବହନ ନେଇ ବ୍ୟବସାୟ ରହିଛି। କେତେବର୍ଷ ତଳେ ସମ୍ପୃକ୍ତ ବିଧାୟକଙ୍କର ବିଭିନ୍ନ କାରବାର ଉପରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଯାଞ୍ଚ କରିଥିଲା। ଏବେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଆୟକର ବିଭାଗର ଚଢାଉ ଯୋଡ଼ା ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

## ୧୨ ବର୍ଷର...

ସନାତନ ମହାକୁଡଙ୍କ ଦ୍ୱାରା ପରିଚାଳିତ ହେଉଥିଲା। କିଛି ମାସ ତଳେ ସେ ଉକ୍ତ ଟ୍ରାନ୍ସପୋର୍ଟର ପରିଚାଳନା ଦାୟିତ୍ୱରୁ ହଟିଥିଲେ ମଧ୍ୟ ତାଙ୍କ ଦ୍ୱାରା ପରୋକ୍ଷରେ ପରିଚାଳିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଗ୍ରାମବାସୀଙ୍କ ପ୍ରାପ୍ୟ ପ୍ରଦାନରେ ବିଧାୟକ ବାଧକ ସାଜିଥିବା ଅଭିଯୋଗ କରି ସତ୍ୟବ୍ରତ ପ୍ରଧାନ, ଶାନ୍ତିଲତା ରାଉତ, ଅପର୍ଣ୍ଣା ନାଏକ, କମଳା ମହାକୁଡ, ପାର୍ବତୀ ନାଏକ, ବିରଞ୍ଚି ନାଏକ, ମହେନ୍ଦ୍ର ନାଏକ, ଭୀମସେନ୍ ବାରିକ, ମହେନ୍ଦ୍ର ମାଝି, ଅମୀନ ନାଏକ ପ୍ରମୁଖ ଗ୍ରାମବାସୀ ବିଧାୟକଙ୍କ ବିରୋଧରେ ସ୍ଲୋଗାନ୍ ଦେଇ ଉକ୍ତ ଟ୍ରାନ୍ସପୋର୍ଟର କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ନେଇ ଏକ ଲିଖିତ ଅଭିଯୋଗ ରାଜ୍ୟ ମୁଖ୍ୟମନ୍ତ୍ରୀ, ମାନବାଧିକାର କମିଶନ, କେନ୍ଦୁଝର ଜିଲାପାଳ, ଏସପି ଓ ବାମେବାରୀ ଥାନା ଅଧିକାରୀଙ୍କୁ ଦେବେ ବୋଲି ଗ୍ରାମବାସୀ

## ପ୍ରଥମ ପୃଷ୍ଠାରୁ...

କହିଛନ୍ତି। ଉକ୍ତ ଟ୍ରାନ୍ସପୋର୍ଟ କମ୍ପାନୀର ଅଂଶୀଦାର ଅଶୋକ ମହାନ୍ତ, ଭକ୍ତବନ୍ଧୁ ମହାନ୍ତ ବିଭିନ୍ନ ମାମଲାରେ ଗିରଫ ହୋଇଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। କମ୍ପାନୀର ଆଉ ଜଣେ ଅଂଶୀଦାର ଜେଠୁ ମହାନ୍ତ ଫେରାର ଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ। ଏ ନେଇ ବିଧାୟକ ସନାତନଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ।

## ବଢ଼ିଲା ଅଙ୍ଗନୱାଡି...

ପ୍ରାୟ ୭୨,୦୦୦ରୁ ଅଧିକ ଅଙ୍ଗନୱାଡି କର୍ମୀ ଏବଂ ସମାନସଂଖ୍ୟକ ସହାୟିକା ସିଧାସଳଖ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଘୋଷଣା ସମୟରେ ଉପସ୍ଥିତ ଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ନୂଆ ପାରିଶ୍ରମିକ ଲାଗୁ ହେଲେ ପାଇଁ ରାଜ୍ୟକୁ ଅତିରିକ୍ତ ୭୩.୩୯ କୋଟି ଟଙ୍କାର ବ୍ୟୟ କରିବାକୁ ପଡିବ। ଘୋଷଣା କରାଯାଇଥିବା ପ୍ରୋତ୍ସାହନ ରାଶି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବ୍ୟୟ କରିବେ।

ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ, ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦାନ କରାଯାଉଥିବା ମାସିକ ୭୫୦୦ରୁ ରାଜ୍ୟ ୪୮୦୦ ଟଙ୍କା ଏବଂ କେନ୍ଦ୍ର ୨୭୦୦ ଟଙ୍କା ପ୍ରଦାନ କରିବ। ମିନି ଅଙ୍ଗନୱାଡିକର୍ମୀଙ୍କୁ ଦିଆଯିବାକୁ ଥିବା ମାସିକ ୫୩୭୫ ଟଙ୍କାରୁ କେନ୍ଦ୍ର ୨୧୦୦ ଏବଂ ରାଜ୍ୟ ୩୨୭୫ ଟଙ୍କା ଦେବ। ସେହିପରି ସହାୟିକାମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ବାବଦରେ ୩୭୫୦ ଟଙ୍କା ମଧ୍ୟରୁ ରାଜ୍ୟ ୨୪୦୦ ଏବଂ କେନ୍ଦ୍ର ୧୩୫୦ ଟଙ୍କା ପ୍ରଦାନ କରିବ। ଏହି ରାଶି ମଧ୍ୟରେ ସହାୟିକାମାନଙ୍କ ପାଇଁ ୨୫୦ ଟଙ୍କାର ପ୍ରଦର୍ଶନଗତ ପ୍ରୋତ୍ସାହନ ରାଶି ରହିଥିବା ପ୍ରଫୁଲ୍ଲ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ଘୋଷଣା ଦ୍ୱାରା ଓଡ଼ିଶାର ପ୍ରାୟ ୬୨,୧୭୧ ଅଙ୍ଗନୱାଡି କର୍ମୀ, ୧୦,୪୧୬ ମିନି ଅଙ୍ଗନୱାଡି କର୍ମୀ ଏବଂ ୬୨,୧୭୧ ସହାୟିକା ଉପକୃତ ହେବେ।

## ପ୍ରତି ବ୍ଲକରେ...

ବୌଦ୍ଧ ଓ ଫୁଲବାଣୀ। ଏହି ତାଲିକାରେ ୮ଟି ଜିଲା ଏପରି ରହିଛି, ଯେଉଁ ଜିଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରଗୁଡିକ ମଧ୍ୟରୁ ମାତ୍ର ୫ଟି ସରକାରଙ୍କ ନିଜସ୍ୱ। ଓଡ଼ିଶାର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ଜିଲା ବରଗଡରେ ସମସ୍ତ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ କୃଷିଜାତ ସାମଗ୍ରୀ ସାଇତି ରଖିବା ପାଇଁ ୨,୧୭,୮୮୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ରହିଛି।

ରାଜ୍ୟରେ ପ୍ରାୟ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ଏହାର ଅଭାବରୁ ଆଳୁ ମିଶନ୍ ଫେଲ ମାରିଛି। ୨୦୧୪-୧୫ ଆର୍ଥିକ ବର୍ଷରୁ ଆଳୁମିଶନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକା ସାଙ୍ଗରେ ସମସ୍ତ ଜିଲାରେ ଏହି ମିଶନ୍ କାର୍ଯ୍ୟକ୍ଷମ କରାଯାଇଥିଲା। ମାତ୍ର ଶୀତଳଭଣ୍ଡାର ନ ଥିବାରୁ ତାହା ସଫଳ ହୋଇପାରି ନ ଥିଲା ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଇଛି।

–ରିପୋର୍ଟ : ଚିଦାନନ୍ଦ ଜେନା

## ଏସ୍‌ପି–ବିଏସ୍‌ପି...


ଖବରଦାତା ସମ୍ମିଳନୀରେ ମାୟାବତୀ ଓ ଅଖିଳେଶ ଯାଦବ।

କାରଣ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି ରାଜ୍ୟରୁ ୮୦ ଏମ୍‌ପି ନିର୍ବାଚିତ ହୋଇ ଲୋକ ସଭାକୁ ଯାଇଥାନ୍ତି। ଏଥିଲାଗି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ନିଜ ନିଜ ମଧ୍ୟରେ ୩୮ଟି ଲେଖାଏ ଆସନ ଭାଗବଣ୍ଟା କରିନେଇଛନ୍ତି। ସେମାନେ ମେଣ୍ଟରେ କଂଗ୍ରେସକୁ ସାମିଲ କରିନାହାନ୍ତି। ତେବେ ଗାନ୍ଧୀ ପରିବାରକୁ ଦୁଇ ପାରମ୍ପରିକ ଆସନ ଅମେଠି ଓ ରାଏବରେଲି ଛାଡିଦେଇଛନ୍ତି। ଅବଶିଷ୍ଟ ୨ ଆସନରେ ଅଜିତ ସିଂଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ପ୍ରାର୍ଥୀ ଲଢ଼ିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଅନ୍ୟପକ୍ଷରେ ସହଯୋଗୀ ନିଷାଦ ପାର୍ଟି ଏବଂ ପିସ୍ ପାର୍ଟିର ଦୁଇଜଣଙ୍କୁ ଅଖିଳେଶ ଏସ୍‌ପି ଟିକେଟ ଦେଇ ନିର୍ବାଚନ ଲଢ଼ାଇବାକୁ ଚିନ୍ତା କରୁଛନ୍ତି।

ରାଜଧାନୀ ଲକ୍ଷ୍ନୌସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଅଖିଳେଶ ଏବଂ ମାୟାବତୀ ମିଳିତ ଭାବେ ଆସନ ବୁଝାମଣା ସମ୍ପର୍କରେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ପରିହାସ କରି ଏହି ଖବରଦାତା ସମ୍ମିଳନୀ ଗୁରୁ-ଚେଲାଙ୍କ ନିଦ ଚୋରାଇ ନେବ ବୋଲି ମାୟାବତୀ କହିଛନ୍ତି। ଗତ ଲୋକ ସଭା ଉପନିର୍ବାଚନରେ ଆମେ ଯେପରି ଭାଜପାକୁ ହରାଇଥିଲୁ ଆଗାମୀ ସାଧାରଣ ନିର୍ବାଚନରେ ସେହିଭଳି ପରାଜିତ କରିବା ନିଶ୍ଚିତ ବୋଲି ବିଏସ୍‌ପି ନେତ୍ରୀ କହିଛନ୍ତି। ଉପନିର୍ବାଚନରେ ଭାଜପା ଫୁଲପୁର, ଗୋରଖପୁର ଏବଂ କୈରାନା ଆସନରେ ହାରିଥିଲା। ୨୦୧୪ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶରୁ ଭାଜପା ୭୧ ଆସନ ଜିତିଥିବାବେଳେ ଏହାର ସହଯୋଗୀ ଅପ୍‌ନା ଦଳକୁ ୨ଟି ଆସନ ମିଳିଥିଲା। ସମାଜବାଦୀ ପାର୍ଟି ୫ଟି ଏବଂ କଂଗ୍ରେସ ୨ଟି ଆସନରେ ଜିତିଥିଲେ। ବିଏସ୍‌ପି ଗୋଟିଏ ହେଲେ ଆସନ ହାସଲ କରିବାକୁ ସକ୍ଷମ ହୋଇ ନ ଥିଲା।

ମେଣ୍ଟରେ କଂଗ୍ରେସକୁ ନ ନେବା ସମ୍ପର୍କରେ ମାୟାବତୀ କହିଛନ୍ତି, ଏହି ଦଳର ଦୀର୍ଘଦିନର ଶାସନରେ ରାଜ୍ୟରେ ଦାରିଦ୍ର୍ୟ, ବେରୋଜଗାରୀ ଏବଂ ଦୁର୍ନୀତି ବୃଦ୍ଧି ପାଇଥିଲା। ଏଥିସହିତ ପ୍ରତିରକ୍ଷା କାରବାରରେ ଦୁର୍ନୀତି ହୋଇଥିଲା। ଅତୀତରେ କଂଗ୍ରେସ ସହ ମେଣ୍ଟରୁ ତାଙ୍କ ଦଳକୁ କୌଣସି ଫାଇଦା ମିଳି ନ ଥିଲା, ବରଂ ତାଙ୍କ ଦଳର ଭୋଟ କଂଗ୍ରେସକୁ ଯାଇଥିଲା। ତେଣୁ କଂଗ୍ରେସକୁ ସାଙ୍ଗରେ ନେଲେ ମେଣ୍ଟକୁ ଅଧିକ ଭୋଟ ମିଳିବା ସମ୍ଭାବନା ନାହିଁ ବୋଲି ମାୟାବତୀ କହିଛନ୍ତି। ବୋଫୋର୍ସ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲା। ସେହିପରି ରାଫାଲ ଦୁର୍ନୀତି ଭାଜପାକୁ କ୍ଷମତାରୁ ହଟାଇବ ବୋଲି ବିଏସ୍‌ପି ଅଧ୍ୟକ୍ଷା କହିଥିଲେ। ସେ ଉଭୟ କଂଗ୍ରେସ ଏବଂ ଭାଜପାକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲା, ଭାଜପା ଅଘୋଷିତ ଜରୁରୀ ପରିସ୍ଥିତି ପାଇଁ ଦାୟୀ ବୋଲି ମାୟାବତୀ କହିଛନ୍ତି। ଏହି ମେଣ୍ଟ ଲୋକ ସଭା ଏବଂ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପରେ ମଧ୍ୟ ଅତୁଟ ରହିବ ବୋଲି ସେ କହିଛନ୍ତି। ଶିବପାଲ ଯାଦବ ପ୍ରଗତିଶୀଳ ସମାଜବାଦୀ ପାର୍ଟି-ଲୋହିଆ ଗଠନ କରିଛନ୍ତି। ଏଥିପାଇଁ ଭାଜପା ଟଙ୍କା ଖର୍ଚ୍ଚ କରୁଛି। ଶିବପାଲଙ୍କ ଦଳ ଭାଜପା ଦ୍ୱାରା ପରିଚାଳିତ। ଅଣଭାଜପା ଭୋଟ ଭାଙ୍ଗିବା ପାଇଁ ଏହି ଦଳ ଗଢ଼ାଯାଇଥିବା ମାୟାବତୀ କହିଛନ୍ତି। ୧୯୯୫ରେ ମାୟାବତୀଙ୍କୁ ଗେଷ୍ଟ ହାଉସ୍‌ରେ ଏସ୍‌ପି କର୍ମୀମାନେ ଆକ୍ରମଣ କରିଥିଲେ। ଜାତୀୟ ସ୍ୱାର୍ଥ ପାଇଁ ସେ ଏହି ଘଟଣାକୁ ଭୁଲିଯାଇଥିବା ମାୟାବତୀ କହିଛନ୍ତି। ଅତୀତରେ ଏସ୍‌ପି-ବିଏସ୍‌ପି ମେଣ୍ଟ ସଫଳ ହୋଇଥିଲା। ଏଥର ଯଦି ଇଭିଏମ୍‌ର ଅପବ୍ୟବହାର ନ ହୁଏ ଏବଂ ରାମମନ୍ଦିର ପ୍ରସଙ୍ଗ ଯଦି ଜୋର ନ ଧରେ ତେବେ ଉତ୍ତରପ୍ରଦେଶରେ ଆମେ ଭାଜପାକୁ ଅଟକାଇବୁ ବୋଲି ବିଏସ୍‌ପି ସୁପ୍ରିମୋ କହିଥିଲେ। ପଶ୍ଚିମ ୟୁପିରେ ଆର୍‌ଏଲ୍‌ଡି ସହ ଆସନ ବୁଝାମଣା ସମ୍ପର୍କରେ ଅଖିଳେଶ କହିଥିଲେ, ଉପଯୁକ୍ତ ସମୟରେ ତାହା ଘୋଷଣା କରାଯିବ। ଯଦି ପରିସ୍ଥିତି ଉପୁଜେ ତେବେ ମାୟାବତୀଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ସମର୍ଥନ ଦେବେ କି ବୋଲି ଏକ ପ୍ରଶ୍ନର ସିଧାସଳଖ ଉତ୍ତର ନ ଦେଇ ଆପଣମାନେ ଜାଣନ୍ତି କାହାକୁ ମୁଁ ସମର୍ଥନ କରିବି ବୋଲି ଅଖିଳେଶ କହିଥିଲେ। ଅତୀତରେ ୟୁପି ଦେଶକୁ ସବୁବେଳେ ପ୍ରଧାନମନ୍ତ୍ରୀ ଦେଇ ଆସିଛି। ଯଦି ଏଥର ମଧ୍ୟ ଏଠାରୁ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ସେ ଖୁସି ହେବେ ବୋଲି କହିଥିଲେ। ତେବେ ନିର୍ବାଚନରେ ଅଖିଳେଶ ଓ ମାୟାବତୀ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ କରି ନ ଥିଲେ।

ଅନ୍ୟପକ୍ଷରେ ଭାଜପା କହିଛି, ଦୁଇ ଦଳ ଦେଶ କିମ୍ବା ଉତ୍ତରପ୍ରଦେଶର ବିକାଶ ପାଇଁ ଏକାଠି ହୋଇନାହାନ୍ତି, ସେମାନେ ନିଜକୁ ବଞ୍ଚାଇବା ଲାଗି ମେଣ୍ଟ କରିଛନ୍ତି। ସେମାନେ ଏକାକୀ ମୋଦିଙ୍କ ବିରୋଧରେ ଲଢ଼ିପାରିବେ ନାହିଁ ଜାଣିଛନ୍ତି। ଏହା ସେମାନଙ୍କୁ ମେଣ୍ଟ କରିବା ଲାଗି ବାଧ୍ୟ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

# ବିକ୍ରି ହେବ ଏଭରେଡି




**ନୂଆଦିଲ୍ଲୀ, ୧୨।୧:** ବି.ଏମ୍ ଖୈତାନଙ୍କ ନେତୃତ୍ୱାଧୀନ ୱିଲିୟାମଶନ ମେଗର ଗ୍ରୁପ୍ ନିଜର ଫ୍ଲାଗଶିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ ଇଣ୍ଡିଆ ଲିମିଟେଡକୁ ବିକ୍ରି କରିବାକୁ ଯାଉଛି। ଡ୍ରାଇ ସେଲ୍ ବ୍ୟାଟେରି ଏବଂ ଫ୍ଲାଶଲାଇଟ୍ସ ସେକ୍ଟରରେ ଭାରତର ସର୍ବବୃହତ କମ୍ପାନୀ ଏଭରେଡି ୧୦୦ ବର୍ଷରୁ ଅଧିକ ପୁରୁଣା। ଏହାକୁ ବିକ୍ରି ଲାଗି ଖୁବଶୀଘ୍ର ବିଡ୍ ଆହ୍ୱାନ କରାଯିବ। ପ୍ରମୋଟର ବି.ଏମ୍. ଖୈତାନ ପରିବାରଙ୍କ ନିକଟରେ ଏଭରେଡି କମ୍ପାନୀର ୪୫ ପ୍ରତିଶତ ଅଂଶଧନ ରହିଛି। ବିକ୍ରି ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦେବା ଲାଗି କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ନିଯୁକ୍ତ କରାଯାଇଛି। ବ୍ୟବସାୟ ଧିମା ପଡିବା ଓ ଅତିରିକ୍ତ ଋଣବୋଝ କାରଣରୁ ୧୫୦୦ କୋଟି ଟଙ୍କାର କାରବାର କରୁଥିବା ଏଭରେଡିକୁ ବିକ୍ରି କରାଯିବ। ତେବେ ୱିଲିୟମଶନ ମେଗର ଗ୍ରୁପ୍ ନିଜର ଅଂଶଧନ ବିକ୍ରି କରିବ କି ନା ଜଣାପଡି ନାହିଁ। ସୂଚନାଥାଉ କି, ଏଭରେଡି ଗ୍ରୁପ୍ କମ୍ପାନୀରେ ବଙ୍କ ଚା’ ଉତ୍ପାଦକ ମ୍ୟାକଲିୟଡ ରସେଲ, କିଲବର୍ନ ଇଞ୍ଜିନିୟରିଂ ଓ ମ୍ୟାକନେଲି ଭାରତ ଆଦି ବୃହତ କମ୍ପାନୀ ସାମିଲ ରହିଛି। ୧୯୦୫ରେ ଏଭରେଡିର ମାଲିକ ଥିଲା ଆମେରିକାର ଭାରତୀୟ କମ୍ପାନୀ ୟୁନିୟନ କାର୍ବାଇଡ ଇଣ୍ଡିଆ। ଖୈତାନ ପରିବାର ୧୯୯୩ରେ ୱିଲିୟାମଶନ ମେଗର ସହ ମିଶି ଏହାକୁ ନିଜ କବ୍ଜାକୁ ନେଇଥିଲେ। ସେତେବେଳେ ଏହାକୁ ନେଇ ବମ୍ବେ ଡାଇଂ ମାଲିକ ନୁସଲି ୱାଡିଆଙ୍କ ସହିତ ତୀବ୍ର ବିଡିଂ ଲଢ଼େଇ ହୋଇଥିଲା। ଶେଷରେ ୩୦୦ କୋଟି ଟଙ୍କାରେ ଏଭରେଡି କମ୍ପାନୀ ଖୈତାନ ପରିବାର ହାତକୁ ଯାଇଥିଲା। ବଜାର ମୂଲ୍ୟକୁ ହିସାବକୁ ନେଲେ ବର୍ତ୍ତମାନ ଏଭରେଡିର ମୂଲ୍ୟ ୧୩୫୦ କୋଟି ଟଙ୍କା ହେବ। ପରିବାର ସୂତ୍ରରୁ ଜଣାପଡିଛି ଯେ, ପ୍ରଥମ ବିକଳ୍ପ ସ୍ୱରୂପ କମ୍ପାନୀର ପ୍ରମୋଟରମାନେ ଏକ ଷ୍ଟ୍ରାଟେଜିକ ପାର୍ଟନର ଖୋଜିବା ଆରମ୍ଭ କରିଛନ୍ତି। ସେମାନେ ପ୍ରାୟ ୩୦ ପ୍ରତିଶତ ଶେୟାର ଏହି ପାର୍ଟନରଙ୍କୁ ବିକିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତି ବର୍ଷ ପ୍ରାୟ ୧୨୦ କୋଟିରୁ ଅଧିକ ବ୍ୟାଟେରି ଓ ୨.୫ କୋଟି ଫ୍ଲାଶ୍‌ଲାଇଟ ବିକ୍ରି କରୁଥିବା ଏଭରେଡି ଉପରେ ଏବେ ଭାରି ଋଣ ବୋଝ ରହିଛି।

# ଶାଶୁଶ୍ୱଶୁରଙ୍କୁ ନଜରବନ୍ଦୀ ରଖିଛନ୍ତି ବୋହୂ

- ଚିକିତ୍ସା ପାଇଁ ବି ଛାଡୁନାହାନ୍ତି
- ପୋଲିସର ଦ୍ୱାରସ୍ଥ ହେଲେ ଝିଅ
- ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଦ୍ଧାର କରି ନ ପାରି ଫେରିଲା ପୋଲିସ

**ରଣପୁର,୧୨।୧ (ସ୍ୱ.ପ୍ର.)**

ଶ୍ୱଶୁର ଘର ଲୋକେ ବୋହୂ ଉପରେ ନିର୍ଯାତନା ଦେବା ଭଳି ଘଟଣା ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ହେଲେ ରଣପୁର ଥାନା ଅଞ୍ଚଳରେ ଏହାର ବିପରୀତ ଏକ ଘଟଣା ନଜରକୁ ଆସିଛି। ଶାଶୁଶ୍ୱଶୁରଙ୍କୁ ବୋହୂ ନଜରବନ୍ଦୀ ରଖିଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ଏପରିକି ଚିକିତ୍ସା ପାଇଁ ଛାଡୁନାହାନ୍ତି। ଏପରି ଘଟଣା ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ଡିହଗାଁରେ ଦେଖିବାକୁ ମିଳିଛି।

ଗ୍ରାମର ରଘୁନାଥ ରାଉତରାୟଙ୍କ ଝିଅ ପ୍ରଭାସିନୀ ରାଉତରାୟ ସୁନାଖଳା ଫାଣ୍ଡିରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ରଞ୍ଜନ ରାଉତରାୟଙ୍କ ସ୍ତ୍ରୀ କୁନି ରାଉତରାୟ ୧ମାସରୁ ଊର୍ଦ୍ଧ୍ୱ ସମୟ ହେବ ବାପା ରଘୁନାଥ ଓ ମା’ ହେମଙ୍କୁ ଘରେ ତାଲା ପକାଇ ନଜରବନ୍ଦୀ କରି ରଖିଛନ୍ତି। ପରିବାର ଓ ବନ୍ଧୁ ବାନ୍ଧବଙ୍କୁ ତାଙ୍କ ସହ ଭେଟିବାକୁ ଦେଉନାହାନ୍ତି। ୧୫ଦିନ ହେବ ମା’ବାପା ଅସୁସ୍ଥ ଥିଲେ ମଧ୍ୟ ଭାଉଜ କୁନି ଚିକିତ୍ସା ପାଇଁ ସେମାନଙ୍କୁ ଘରୁ ଛାଡୁନାହାନ୍ତି। ଏହି ଅଭିଯୋଗ ପାଇ ଶନିବାର ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ସୁନାଖଳା ଫାଣ୍ଡି ଅଧିକାରୀ ସୁବାସ ଚମ୍ପତିରାୟ ଫୋର୍ସ ସହ ଗ୍ରାମକୁ ଯାଇଥିଲେ। ହେଲେ ଗ୍ରାମବାସୀ ଓ ବୋହୂଙ୍କ ବିରୋଧ ଯୋଗୁ ଶାଶୁଶ୍ୱଶୁରଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ରଘୁନାଥ ରାଉତରାୟଙ୍କ ପୁଅ ରଞ୍ଜନ ରାଉତରାୟ (୩୨) କଟକରେ ଏକ ସରକାରୀ ଡାକ୍ତରଖାନାରେ ହେଲ୍‌ଥ ୱାର୍କର ଭାବେ କାର୍ଯ୍ୟ କରନ୍ତି। ୨୦୧୫ରେ ନୟାଗଡ ଜିଲା ଚାନ୍ଦପୁର ଥାନା ଚମ୍ପାପେଡି ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ନୀଳମଣି ପ୍ରଧାନଙ୍କ ଏକମାତ୍ର ଝିଅ କୁନି ରାଉତରାୟଙ୍କ ସହ ତାଙ୍କର ବିବାହ ହୋଇଥିଲା। ସେ ସମୟରେ ଝିଅଘର ତରଫରୁ ସମସ୍ତ ଘରକରଣା ସାମଗ୍ରୀ ସହିତ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ଭଲରେ କଟିଥିବାବେଳେ ସେମାନଙ୍କର ଏକ କନ୍ୟାସନ୍ତାନ ରହିଛି। ଏପରିସ୍ଥଳେ ଚାକିରି ସ୍ଥାନ କଟକରେ ରଞ୍ଜନ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ଏପରି କି ଯୁବତୀଙ୍କୁ ବିବାହ କରିବା ପାଇଁ ମନସ୍ଥ କରିଥିବା କୁନି ଶୁଣିବା ପରେ ଏ ନେଇ ପଚାରିବାରୁ ରଞ୍ଜନ ତାଙ୍କୁ ମାଡ଼ ମାରିଥିଲେ। କୁନି ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇ ସୁନାଖଳା ଫାଣ୍ଡିରେ ସ୍ୱାମୀ ରଞ୍ଜନଙ୍କ ସହ ଶ୍ୱଶୁରଘର ପରିବାର ଲୋକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୨୨/୧୮ରେ ମାମଲା ରୁଜୁ କରିଥିଲେ ମଧ୍ୟ କାହାରିକୁ ଗିରଫ କରି ନ ଥିଲା। କୁନିଙ୍କୁ ଶାଶୁଘରେ ରହିବାକୁ ବାରଣ କରାଯିବା ପରେ ଘଟଣା ନୂଆମୋଡ ନେଇଥିଲା। ଶେଷରେ ୩୧।୧୦।୨୦୧୮ରେ କୁନିଙ୍କ ବାପଘର ଗ୍ରାମର ଲୋକେ ଡିହଗାଁ ଆସି ଶାଶୁଘର ଆଗରେ ଧାରଣା ଦେଇଥିଲେ। ଏ ନେଇ ୧।୧୧।୨୦୧୮ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରେ ପୋଲିସ ଓ ଗ୍ରାମବାସୀଙ୍କ ସହାୟତାରେ ବୋହୂ କୁନି ଶାଶୁଘରେ ରହିଥିଲା ବେଳେ ସ୍ୱାମୀ ରଞ୍ଜନ ସେହି ଦିନଠାରୁ ଘରକୁ ଆସୁନାହାନ୍ତି। ରଞ୍ଜନ ଘରକୁ ଆସିଲେ ସେ ତାଙ୍କ ମା’ବାପାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବେ ବୋଲି କୁନି ଜିଦ୍‌ରେ ଅଟଳ ଅଛନ୍ତି। ଏଣେ ମା’ବାପାଙ୍କ ଚିକିତ୍ସା ଆବଶ୍ୟକ ଥିଲେ ମଧ୍ୟ ସେମାନଙ୍କୁ କୁନି ଛାଡୁ ନ ଥିବାରୁ ଏହାକୁ ବିରୋଧ କରି ନଣନ୍ଦ ପ୍ରଭାସିନୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରଣପୁର ଥାନା ଅଧିକାରୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସୁନାଖଳା ଫାଣ୍ଡିରେ ତାଙ୍କ ମା’ବାପାଙ୍କୁ ନଜରବନ୍ଦୀ ରଖାଯାଇଥିବା ନେଇ ପ୍ରଭାସିନୀ ଅଭିଯୋଗ କରିଛନ୍ତି। ପରେ ଆମେ ଉକ୍ତ ଗାଁକୁ ଯାଇ ସେମାନଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରାମବାସୀ ଓ ବୋହୂ ବିରୋଧ କରିବାରୁ ଫେରିଆସିଛୁ। ଭଦ୍ରଲୋକଙ୍କ ସହାୟତାରେ ଘଟଣାର ସମାଧାନ ପାଇଁ ଉଦ୍ୟମ କରାଯିବ।

## ଓଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେକ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ସୁରଥ କୁମାର ମଲିକଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ବ୍ରଜଗୋପାଳ ଆଚାର୍ଯ୍ୟ କୃଷି ବିଭାଗର ଅତିରିକ୍ତ ଶାସନ ସଚିବ, ସ୍ୱୟଂପ୍ରଭା ମହାନ୍ତି ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ, ଅଞ୍ଜନା ପଣ୍ଡାଙ୍କୁ ହସ୍ତତନ୍ତ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଇନ୍ଦ୍ରମଣି ନାୟକ ଯାଜପୁର ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ବିକାଶ ବାଇଁ ସମ୍ବଲପୁର ଡିୟୁଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଅତିରିକ୍ତ ଦାୟିତ୍ୱ) ଏବଂ ମଞ୍ଜୁଲତା ମଲ୍ଲିକ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ୨୬ରୁ ଟଙ୍କା...


ଓକାକ୍‌ସ୍ଥିତ ‘କାଳିଆ’ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ସହ କଥା ହେଉଛନ୍ତି।

ଅର୍ଥ ପ୍ରଦାନ କରାଯିବ। ଯେଉଁମାନେ କାଳିଆ ଯୋଜନା ପାଇଁ ଆବେଦନ କରିଛନ୍ତି ସେମାନଙ୍କ ଆବେଦନପତ୍ର ଯାଞ୍ଚ କରାଯିବା ପରେ ସହାୟତା ଯୋଗାଇ ଦିଆଯିବ।

ଏଠାରେ ସୂଚନାଯୋଗ୍ୟ ଯେ ୨୦୧୮ ଡିସେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷ ଓ ଚାଷୀମାନଙ୍କର ବିକାଶ ପାଇଁ କାଳିଆ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ୩୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯିବ। ଏମାନଙ୍କୁ ଆର୍ଥିକ, ଜୀବିକାଧାରଣ, କୃଷି ସହାୟତା, ବୀମା ସହାୟତା ଦେବା ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି। ଏଥିପାଇଁ ଆସନ୍ତା ୩ ବର୍ଷରେ ୧୦ ହଜାର ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ପ୍ରତ୍ୟେକ ବର୍ଷ ଖରିଫ ଓ ରବି ଋତୁ ପାଇଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୨୦୧୮-୧୯ରୁ ୨୦୨୧-୨୨ ଯାଏ ୫ଟି ଫସଲ ଋତୁ ପାଇଁ ସହାୟତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ) ଠାରେ ଖୋଲାଯାଇଥିବା କାଳିଆ କଲ୍ ସେଣ୍ଟରକୁ ଶନିବାର ପରିଦର୍ଶନରେ ଯାଇଥିଲେ। କଲ୍ ସେଣ୍ଟର କିଭଳି କାର୍ଯ୍ୟ କରୁଛି ତାହା ତଦାରଖ କରିଥିଲେ। ସେଠାରେ ସେ କେତେକ ଚାଷୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କର କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଚାଷୀମାନଙ୍କ ସହ ଆଲୋଚନା କରି ସାରିବା ପରେ କଲ୍ ସେଣ୍ଟର ଦିନରାତି ୨୪ ଘଣ୍ଟା ଖୋଲା ରହିବ ବୋଲି ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଚାଷୀମାନଙ୍କୁ କାଳିଆ ଯୋଜନା ବିଷୟରେ ଅବଗତ କରାଇବା ପାଇଁ ରାଜ୍ୟ ସରକାର କଲ୍ ସେଣ୍ଟର ଆରମ୍ଭ କରିଛନ୍ତି। ଏହା ଜାନୁୟାରୀ ୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଯୋଜନା ସମ୍ପର୍କରେ କିମ୍ବା ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଏହି କଲ୍ ସେଣ୍ଟର ଜରିଆରେ ସମସ୍ତ ସୂଚନା ପାଇପାରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱନକ୍ଷତ୍ରସ୍ଥ ରବି ବୃଥା ବିବାଦ, ଟଣା ଓଟରା ମଧ୍ୟରେ ଆଗକୁ ଯାଇପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ଏବଂ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ପ୍ରଶାସନ, ଅଦାଲତ, ସଭା ସମିତି ଓ ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ।

**ବୃଷ** ଚନ୍ଦ୍ର ଉତ୍ତରଭାଦ୍ରପଦ୍ ନକ୍ଷତ୍ରସ୍ଥ ହୋଇ ଏକାଦଶସ୍ଥ ଯୋଗୁ ବାଣିଜ୍ୟ, ସନ୍ତାନଙ୍କ ସମସ୍ୟାକୁ ସମାଧାନ କରିବେ। ରାହୁ ଅଧିଷ୍ଠିତ ରାଶ୍ୟାଧିପ ଧନସ୍ଥାନକୁ ଦେଖୁଥିବାରୁ ବିବାଦ, ଚୋରି, ବୃଥାଟନଜନିତ ଅପବ୍ୟୟର ସୀମା ଟପିଯିବ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ଉତ୍ତେଜନା ଓ ଉଦ୍‌ବେଗ ବଢିପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ କର୍ମଭାବସ୍ଥ ଯୋଗୁ ଶତ୍ରୁତା, ରୋଗପୀଡା କିମ୍ବା ଋଣ ପରିଶୋଧଜନିତ ଅର୍ଥବ୍ୟୟ କରିବେ। ଆକସ୍ମିକ ଭାବରେ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବାର ଆଶା ରହିଛି।

**କର୍କଟ** ବୁଧଗ୍ରହ ଶତ୍ରୁଭାବରେ ଅବସ୍ଥାନ କରି ଆତ୍ମୀୟ ସ୍ୱଜନଙ୍କ ସହ କଳହର କାରଣ ହୋଇପାରନ୍ତି। ଦେବଗୁରୁଙ୍କ ସୁପ୍ରଭାବରୁ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ। କିନ୍ତୁ ଭାଗ୍ୟଭାବସ୍ଥ ମଙ୍ଗଳ ପ୍ରଭାବରେ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** ବୃହସ୍ପତି କେନ୍ଦ୍ରାଧିପତି ଦୋଷଯୁକ୍ତ କାରଣରୁ ପରିବାର, ଯାତ୍ରା, ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। କିନ୍ତୁ ଉପରିସ୍ଥ ଅଧିକାରୀଙ୍କ ଅନୁକମ୍ପାରୁ ଅଫିସରେ ସହାନୁଭୂତିର ସହ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାହିତ୍ୟ, ଗବେଷଣା, କଳା, କ୍ରୀଡା କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଶୁଭଗ୍ରହର ଦୃଷ୍ଟି ନୂତନ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଖୋରାକ ଯୋଗାଇବ। ଫଳରେ ଆପଣଙ୍କ ସହକର୍ମୀ ଅଯାଚିତ ଭାବରେ ସହଯୋଗର ହାତ ବଢାଇପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ତଥା ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତା କରିବେ। ଅର୍ଥସମ୍ପର୍କ, ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ ଦିଗରୁ ମନୋନୀତ ସୁଫଳ ପାଇବେ।

**ତୁଳା** ପ୍ରତ୍ୟେକ ଦିଗରୁ କିଛିନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରେ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇପାରେ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ନୂତନ ଚିନ୍ତା, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପାରୁ ମନରେ ପ୍ରଫୁଲ୍ଲତା ଭରି ରହିବ। ଅଫିସରେ ଦୃଢ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବା ସହ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାହିତ୍ୟ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ** ସତ୍ କାମରେ ବ୍ୟୟ କରିବା ସହ ବନ୍ଧୁମାନଙ୍କ ଶୁଭଚିନ୍ତକ ଭାବରେ କାମ କରିବାରେ ଆଗ୍ରହ ପ୍ରକାଶ କରିପାରନ୍ତି। କିନ୍ତୁ ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବ। ଆଜି ଦିନରେ ମନ ଭଲ ରହିବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** ବନ୍ଧୁଙ୍କ ଅନୁରାଗ ପ୍ରତି ମନରେ ଦୁର୍ବଳତା ଆସିପାରେ। ଫଳତଃ ନିଜକାମ ଛାଡି ଆଜ୍ଞାବହ ଭାବରେ ପରକାମରେ ମନଦେଇ ଘରକାମକୁ ଅଣଦେଖା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ସାମାନ୍ୟ ବଚସା ପରେ ଯାଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଦ୍ରୁତଗତିରେ ଗମନ କରୁଥିବା ଗ୍ରହ ଧନରାଶିରେ ଅବସ୍ଥାନ କରି ଆପଣଙ୍କୁ ଉତ୍ସାହିତ କରାଇ ଅର୍ଥଲାଭରେ ସାହାଯ୍ୟ କରିବେ। ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ପରିଲକ୍ଷିତ ହେବ। ସାମୟିକ ଭାବରେ କଚେରି ମାମଲା ବିଷୟ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢିଯିବ କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ ଓ ଯାତ୍ରା, ଆଲୋଚନା, ବନ୍ଧୁ ମିଳନରୁ ସୁଫଳ ପାଇବେ। କୌଣସି ସହକର୍ମୀଙ୍କୁ ପ୍ରତୀକ୍ଷା କରି ଆଖିରୁ ପାଣି ମରିଯିବ ସିନା, ଦେଖା ପାଇବେ ନାହିଁ। ପ୍ରକାଶନ, ଏଜେନ୍‌ସିପ୍ ତଥା ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ପ୍ରୀତିପ୍ରଦ ରହିବ।

ଆଜି ମାସାନ୍ତ, ପୌଷ ଶୁକ୍ଳ ସପ୍ତମୀ ରବିବାର, ଜାନୁୟାରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ଦଶମ ଶିଖ୍‌ଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ୍/ମୀନ, ଦିବା ଘ୧୧।୪୨ମି. ଗତେ, ରେବତୀ ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ସକାଳ ଘ୭।୫୨ମି. ଗତେ, ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୦୦ମି. ଗତେ ଘ୫।୨୩ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ବାଘ ଗୁଜବ: ଭାଇରାଲ ଭିଡିଓକୁ ନେଇ ଆତଙ୍କ

ଦାରିଙ୍ଗବାଡି,୧୨।୧(ଡି.ଏନ.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କେହି ଦୁର୍ବୃତ୍ତ ଦାରିଙ୍ଗବାଡ଼ି ଅଞ୍ଚଳରେ ପର୍ଯ୍ୟଟକଙ୍କୁ ବାଘ ଆକ୍ରମଣ କରିଥିବା ଭିଡିଓ ସହ ଫଟୋ ସୋସିଆଲ ମିଡିଆରେ ଛାଡି ଆତଙ୍କ ସୃଷ୍ଟି କରିଛନ୍ତି। ଏନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଶୁକ୍ରବାର ସନ୍ଧ୍ୟାଠାରୁ ଏଭଳି ଖବର ପ୍ରଚାରିତ ହେବାପରେ ପୋଲିସ ଓ ବନ ବିଭାଗ ତଦନ୍ତ ଆରମ୍ଭ କରିଛନ୍ତି। ମାତ୍ର କୌଣସି ମେଡିକାଲରେ କେହି ବାଘ ଆକ୍ରମଣରେ ଚିକିତ୍ସା ହେଉ ନ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସିମନବାଡ଼ି ବନାଞ୍ଚଳ ଅଧିକାରୀ ମାଧବଚନ୍ଦ୍ର ବେହେରା ଘଟଣାକୁ ଅସ୍ୱୀକାର କରିଛନ୍ତି। ଏନେଇ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଏହା ମିଥ୍ୟା ଖବର। ଗୁଜବ ଯୋଗୁ ଶନିବାର ଛୁଟି ସତ୍ତ୍ୱେ ଦାରିଙ୍ଗବାଡିକୁ ପର୍ଯ୍ୟଟକ କମିଥିବା ଜଣାପଡିଛି। ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ବେଳାଭୂମିରେ ଟର୍ଟଲ ଫେଷ୍ଟିଭାଲ

■ କଇଁଛଙ୍କ ସୁରକ୍ଷା ପାଇଁ ଆହ୍ୱାନ
■ ସଚେତନତା ଅଲିଭ ରିଡ୍‌ଲେଙ୍କୁ ସୁରକ୍ଷା ଦେଇପାରିବ

ପୁରୀ ଅଫିସ,୧୨।୧

ସମୁଦ୍ରରେ ରହୁଥିବା ବିରଳ କଇଁଛ ଅଲିଭ ରିଡ୍‌ଲେ ହଜାର ହଜାର କିମି ଦୁର୍ଗମ ପଥ ଅତିକ୍ରମ କରି ଓଡ଼ିଶା ଆସୁଛନ୍ତି। ଅଲିଭ ରିଡ୍‌ଲେ କଇଁଛ ବିଶ୍ୱର ଯେଉଁ ତିନୋଟି ସ୍ଥାନରେ ସମୂହ ଅଣ୍ଡାଦାନ କରିଥାନ୍ତି ସେଥିମଧ୍ୟରେ ଓଡ଼ିଶା ଉପକୂଳ ଅନ୍ୟତମ। ବିଶେଷକରି କେନ୍ଦ୍ରାପଡ଼ାର ଗହୀରମଥା ଏମାନଙ୍କ ମିଳନସ୍ଥଳ ଭାବେ ପ୍ରସିଦ୍ଧି ଲାଭ କରିଛି। ସେହିପରି ଋଷିକୁଲ୍ୟା ମୁହାଣ ଏବଂ ଦେବୀ ମୁହାଣକୁ ଏମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ହେଲେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବା ଏବେ ଉଦ୍‌ବେଗର ବିଷୟ। ପ୍ରତିବର୍ଷ ଅକ୍ଟୋବରରୁ ମେ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳକୁ ଅଣ୍ଡାଦାନ ପାଇଁ ଆସୁଥିବା ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ଜରୁରୀ ହୋଇପଡିଛି। ଏଥିପାଇଁ ଜନସାଧାରଣ ସଚେତନ ହେବା ଦରକାର। ସଚେତନ ହେଲେ ହିଁ ଅଲିଭ ରିଡ୍‌ଲେଙ୍କୁ ଆମେ ସୁରକ୍ଷା ଦେଇପାରିବା ବୋଲି ଟର୍ଟଲ ଫେଷ୍ଟିଭାଲରେ ମତପ୍ରକାଶ ପାଇଛି।

ଶନିବାର ପୁରୀ ବେଳାଭୂମିରେ ପ୍ରଥମ ଟର୍ଟଲ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଆକ୍ସନ ଫର ପ୍ରୋଟେକ୍ସନ ଅଫ୍ ୱାଇଲ୍ଡ ଆନିମଲ୍ସ (ଏପିଓଡବ୍ଲ୍ୟୁଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ, କକ୍ସ ଆଣ୍ଡ କିଙ୍ଗ୍‌ସ ଫାଉଣ୍ଡେଶନ, ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ ଏହି ଫେଷ୍ଟିଭାଲକୁ ମୁଖ୍ୟଅତିଥି ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। କଇଁଛଙ୍କ ସୁରକ୍ଷା ପାଇଁ ପୁରୀ ବନ ବିଭାଗ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଏଥିସହ କଇଁଛଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କ ସହଯୋଗ ଦରକାର ବୋଲି ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଭାରତ ବିକାଶ ପରିଷଦ ଅଧ୍ୟକ୍ଷ ପଦ୍ମନାଭ ପଣ୍ଡା, ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, କକ୍ସ ଆଣ୍ଡ କିଙ୍ଗ୍‌ସ ଫାଉଣ୍ଡେଶନର ନିଶାନ୍ତ ବାଙ୍ଗର, ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ସୁମନ୍ତ ବିନ୍ଦୁ ମାଧବ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଇଁଛଙ୍କ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଏପିଓଡବ୍ଲ୍ୟୁଏର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର କବି ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମନୋଜ କୁମାର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଟର୍ଟଲ ଫେଷ୍ଟିଭାଲରେ ଉପସ୍ଥିତ ଅତିଥିବୃନ୍ଦ ।

ଅପରାହ୍ନ ଅଧିବେଶନରେ ପୁରୀ ଡିଏଫ୍‌ଓ ଉଦ୍‌ଗାତା, ପ୍ରଦ୍ୟୁମ୍ନ କୁମାର ମିଶ୍ର, ମନୋଜ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରେ ବେଳାଭୂମି ସଫେଇ, ବାଲୁକା କଳା, ଚିତ୍ରକଳା ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଇଁଛଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାତପଡ଼ା ବାଘମୁଣ୍ଡା ନୂଆଗାଁର ବାସୁଦେବ ହାଇସ୍କୁଲର ଛାତ୍ରୀଛାତ୍ର ପାଲା ଏବଂ ନାଟକ ମାଧ୍ୟମରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ବାର୍ତ୍ତା ଦେଇଥିଲେ। ଏହାବ୍ୟତୀତ ଗୋଟିପୁଅ ନୃତ୍ୟ ଏବଂ ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଷ୍ଟଡିଜ୍‌ର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କଇଁଛଙ୍କ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମହୋତ୍ସବକୁ ଆସିଥିବା ଦର୍ଶକ ପୁରସ୍କାର ପାଇଥିଲେ।

### ଅଭିନେତ୍ରୀ ନିକିତା ହତ୍ୟା ମାମଲା
## ଶାଶୁ, ଶ୍ୱଶୁରଙ୍କ ବିରୋଧରେ ଲଟ୍‌କା ଜାରି କଲା ପୋଲିସ

କଟକ ଅଫିସ୍, ୧୨।୧

ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ହତ୍ୟା ଘଟଣାରେ ଚାଉଳିଆଗଞ୍ଜ ପୋଲିସ ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କ ବିରୋଧରେ ଶନିବାର ଲଟ୍‌କା (ନିୟମ ଉଲ୍ଲଂଘନ ନୋଟିସ) ଜାରି କରିଛି। ତଦନ୍ତ ପାଇଁ ନିକିତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କୁ ଥାନାରେ ହାଜର ହେବାକୁ ପୋଲିସ ବାରମ୍ବାର ନୋଟିସ୍ ପଠାଇଥିଲେ ମଧ୍ୟ ସେମାନେ କୌଣସି ଉତ୍ତର ଦେଇ ନ ଥିଲେ। ନିକିତାଙ୍କ ମୃତ୍ୟୁ ପରଠାରୁ ସେମାନେ ନିଜର ଗୋପାଳପୁରସ୍ଥିତ ଘରେ ରହୁନାହାନ୍ତି। ଦୁଇ ଥର ପୋଲିସ ସେଠାକୁ ଯାଇଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲା। ତେଣୁ ତାଙ୍କ ବିରୋଧରେ ପୋଲିସ ଲଟ୍‌କା ଜାରି କରିଛି ବୋଲି ଶନିବାର ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଗତ ୪ ତାରିଖ ରାତିରେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି ଦେଇଥିଲେ। ୫ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନିକିତାଙ୍କ ବାପା ଗତ ୬ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ଲିପନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଅବକାରୀ ଟିମ୍‌କୁ ବସ୍ତିବାସିନ୍ଦାଙ୍କ ଆକ୍ରମଣ
## ଜବତ ବ୍ରାଉନ୍ ସୁଗାର, ଅଭିଯୁକ୍ତଙ୍କୁ ଛଡ଼ାଇନେଲେ

■ ପ୍ରାଣ ବିକଳରେ ପଳାଇ ଆସିଲେ ଗୋଇନ୍ଦା ସ୍କ୍ୱାଡ୍
■ ପୋଲିସ ସାଜିଲା ନୀରବଦ୍ରଷ୍ଟା

ଜଳେଶ୍ୱର,୧୨।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ଝାଡ଼େଶ୍ୱରପୁର ବସ୍ତିରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । କଟକ ଅବକାରୀ ଗୋଇନ୍ଦା ସ୍କ୍ୱାଡ୍(୨) ଶନିବାର ସକାଳେ ସେହି ବସ୍ତିରେ ଅଚାନକ ଚଢ଼ାଉ କରି ପ୍ରାୟ ୪୫୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରିଥିଲା ଓ ଅଭିଯୁକ୍ତ ଚାଚି ଓରଫ ମନୁଆଙ୍କୁ ଗିରଫ କରିଥିଲା । ହେଲେ ବିଭାଗୀୟ ଅଧିକାରୀମାନେ ବ୍ରାଉନସୁଗାର ଓ ଗିରଫ ଅଭିଯୁକ୍ତଙ୍କୁ ଧରି ଗାଡ଼ିକୁ ଆଣୁଥିବା ବେଳେ ବସ୍ତି ବାସିନ୍ଦାମାନେ ଏହାକୁ ବିରୋଧ କରିଥିଲେ । ସେମାନେ ସ୍କ୍ୱାଡର ଅଧିକାରୀ ଓ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଆକ୍ରମଣ କରି ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ । ଶହ ଶହ ମହିଳାପୁରୁଷ ଏହି ଆକ୍ରମଣରେ ସାମିଲ ହୋଇଥିବାରୁ ସ୍କ୍ୱାଡର କର୍ମଚାରୀ ଓ ଅଧିକାରୀମାନେ ଜୀବନ ବିକଳରେ ସେଠାରୁ ଖାଲି ହାତରେ ଫେରି ଆସିଥିଲେ । ଏପରି କି ଏହି ଖବର ପାଇ ଜଳେଶ୍ୱର ଥାନା ପୋଲିସ ସେଠାରେ ପହଞ୍ଚି ଥିଲେ ମଧ୍ୟ ବସ୍ତିବାସିନ୍ଦାଙ୍କ ଉଗ୍ରରୂପ ଦେଖି ପଛଘୁଞ୍ଚା ଦେଇଥିଲା ।

ଅବକାରୀ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଏହି ଘଟଣାକୁ ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ଝାଡ଼େଶ୍ୱରପୁର ବସ୍ତିରେ ଦୀର୍ଘଦିନ ଧରି ମନୁଆ ବ୍ରାଉନ୍‌ସୁଗାର କାରବାର କରି ଆସୁଥିଲେ । ଗୋଇନ୍ଦା ସ୍କ୍ୱାଡ ଶନିବାର ସକାଳ ପ୍ରାୟ ୬ଟା ସମୟରେ ତାଙ୍କ ଘରେ ଚଢ଼ାଉ କରି ୪୫୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ତାଙ୍କୁ ଗିରଫ୍ କରିଥିଲା । ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା । ଜବତ ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଧରି ସ୍କ୍ୱାଡର ଅଧିକାରୀମାନେ ଗାଡ଼ିକୁ ନେବା ସମୟରେ ବସ୍ତିର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ସେମାନଙ୍କ ପରିବାରର ସଦସ୍ୟମାନେ ଉକ୍ତ ଟିମ୍‌କୁ ଠେଲାପେଲା କରିବା ସହିତ ଆକ୍ରମଣ କରିଥିଲେ। ଏହି ସୁଯୋଗରେ ସେମାନେ ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଛଡାଇ ନେଇଥିଲେ । ବସ୍ତିବାସିନ୍ଦାଙ୍କ ଏପରି ଆକ୍ରମଣକୁ ସାମ୍ନା କରି ନ ପାରି ଉକ୍ତ ଟିମ୍ ପ୍ରାଣ ବିକଳରେ ସେଠାରୁ ପଳାଇ ଆସିଥିଲେ । ଖବରପାଇ ଜଳେଶ୍ୱର ଥାନା ଏଏସଆଇ ରମାକାନ୍ତ ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ଦେଖି କୌଣସି ପଦକ୍ଷେପ ନେବା ପାଇଁ ସାହସ ଜୁଟାଇ ପାରି ନ ଥିଲେ। ଅପରପକ୍ଷେ, ଅବକାରୀ ଗୋଇନ୍ଦା ସ୍କ୍ୱାଡ ନିଜେ ବ୍ରାଉନ୍‌ସୁଗାର ଆଣି ନିରୀହ ଲୋକଙ୍କ ଘରେ ପଶି ସେମାନଙ୍କୁ ବ୍ରାଉନ୍‌ସୁଗାର ବେପାରୀ ଭାବେ ଦର୍ଶାଇ ବାଃ ବାଃ ନେଉଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିଯୋଗୁ ପ୍ରକୃତ ବ୍ରାଉନ୍‌ସୁଗାର ବେପାରୀ ଆଇନ ଆଖିରୁ ଖସିଯାଉଥିବା ସେମାନେ କହିଛନ୍ତି। ଉକ୍ତ ଘଟଣାକୁ ନେଇ ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ର କହିଛନ୍ତି ଚଢ଼ାଉ ଟିମ୍ ଉପରେ ହୋଇଥିବା ଆକ୍ରମଣ ଅତି ନିନ୍ଦନୀୟ। ଆଇନ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଜବତ ବ୍ରାଉନସୁଗାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀମାନେ କହିଛନ୍ତି । ଏହି ଚଢ଼ାଉରେ ଇନ୍ସପେକ୍ଟର ସାମଲଙ୍କ ସହିତ ଇନ୍ସପେକ୍ଟର ବୈଜୟନ୍ତୀ ପଣ୍ଡା, ଗାଲୁରାମ ସୋରେନ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

### ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ
## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କଲା କ୍ରିୟାନୁଷ୍ଠାନ କମିଟି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ଯଶୋୱନ୍ତ ସିଂ କମିଶନ ପ୍ରଦତ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି। ତେଣୁ ଏଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଅବିଭକ୍ତ କୋରାପୁଟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅନୁରୋଧ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷ ତଥା ଆଇନଜୀବୀ ବୀରେଶ କୁମାର ପଟ୍ଟନାୟକ ଓ ଆବାହକ ଆଇନଜୀବୀ ରବୀନ୍ଦ୍ର କୁମାର ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମାନ ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ଶୁଣିବା ପରେ ଏନେଇ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ନିକଟକୁ ଚିଠି ଲେଖିଥିବା କହିଛନ୍ତି। ହାଇକୋର୍ଟ ମୂଳ ବେଞ୍ଚଠାରୁ ଦୂରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଜଷ୍ଟିସ୍ ଯଶୋୱନ୍ତ ସିଂ କମିଶନଙ୍କ ସୁପାରିସ ସହିତ ସୁପ୍ରିମକୋର୍ଟଙ୍କ ବିଭିନ୍ନ ସମୟର ନିଷ୍ପତ୍ତି ବିଷୟରେ ରାଜ୍ୟ ସରକାର ଅବଗତ ଅଛନ୍ତି। ହେଲେ ସ୍ଥାୟୀ ବେଞ୍ଚ ସୃଷ୍ଟି କରିବା ନିଷ୍ପତ୍ତି ଭାରତ ସରକାରଙ୍କର ରହିଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସବୁପ୍ରକାର ଭିତ୍ତିଭୂମି ଯୋଗାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଆଲୋଚନା ସମୟରେ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଈଶ୍ୱର ପାଣିଗ୍ରାହୀ, ଓକିଲ ସଂଘ ମନୋନୀତ ୨ଜଣିଆ କମିଟି ଆଇନଜୀବୀ ଶିଶିର କୁମାର ମିଶ୍ର ଓ ଅନୁପ କୁମାର ପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାକ୍ଷାତ ସମୟରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଚନ୍ଦ୍ରଶେଖର ମାଝି ଏବଂ ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।



# ବିରୋଧୀ ମେଣ୍ଟର ପ୍ରଭାବ



ଆକାର ପଟେଲ

ସାରା ଦେଶରେ ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧରେ ଯେଉଁସବୁ ମେଣ୍ଟ ଗଠନ କରାଯାଉଛି, ତା'ର ଫଳାଫଳ କ'ଣ ହେବ ? ଏହାର ଏକ ସ୍ପଷ୍ଟ ଉତ୍ତର ହେଉଛି ଯେ ୨୦୧୯ରେ ଭାଜପା ପୂର୍ବାପେକ୍ଷା କମ୍ ଆସନ ପାଇବ। ଭାରତରେ ନିର୍ବାଚନୀ ମେଣ୍ଟର ଇତିହାସରୁ ଜଣାଯାଏ, ଯେତେବେଳେ ଏକ ପ୍ରଭାବଶାଳୀ ଦଳ ମିଳିତ ବିରୋଧର ସମ୍ମୁଖୀନ ହୁଏ, ତା'ର ଆସନ ସଂଖ୍ୟା ହ୍ରାସ ପାଏ। ଏହା କଂଗ୍ରେସ କ୍ଷେତ୍ରରେ ଘଟିଥିଲା, ଯେତେବେଳେ ସ୍ୱାଧୀନତା ପରେ ପାଞ୍ଚ ଦଶନ୍ଧି ଧରି ଏହା ସବୁଠାରୁ ପ୍ରଭାବଶାଳୀ ଦଳ ଥିଲା। ଯେତେବେଳେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହୁଅନ୍ତି, ୧୯୭୭ ଓ ୧୯୮୯ ପରି ସେମାନେ ବୃହତ୍ତମ ଦଳକୁ ମଧ୍ୟ କ୍ଷମତାଚ୍ୟୁତ କରିପାରନ୍ତି। ଆମ ଦେଶରେ ନିର୍ବାଚନୀ ତତ୍ତ୍ୱ ହେଉଛି ସେଇଆ କାରଣ ଅଧିକାଂଶ ଦଳ ଜାତିଭିତ୍ତିକ ହୋଇଥିବାରୁ ଏଠାରେ ମେଣ୍ଟ କାମ କରିଥାଏ ଏବଂ ମେଣ୍ଟଦଳକୁ ଅଧିକ ଭୋଟ ମିଳିଥାଏ। ଯେତେବେଳେ ଶାସକ ଦଳ ବିରୋଧରେ ମହାମେଣ୍ଟ ଗଠିତ ହୁଏ, ତାହା ଶାସକ ଦଳକୁ ବହୁ ଅସୁବିଧାରେ ପକାଏ। କିନ୍ତୁ ଏଥର ମେ ମାସରେ ସେପରି ହେବ ବୋଲି ମନେହେଉ ନାହିଁ ଏବଂ ବିରୋଧୀଙ୍କ ମେଣ୍ଟ ଗଠନ ସତ୍ତ୍ୱେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୁନଃ କ୍ଷମତାକୁ ଆସିବାର ସମ୍ଭାବନା ରହିଛି। ତେବେ ଏହା ସତ ଯେ, ୨୦୧୪ ତୁଳନାରେ ଏଥର ନିର୍ବାଚନରେ ଭାଜପାକୁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରୁ ଭାଜପା ମୋଟ ପ୍ରାୟ ୧୦୦ ଆସନ ହରାଇବା ଆଶା କରାଯାଉଛି। ତେବେ ଏସବୁ ରାଜ୍ୟରେ ଭାଜପା ଯେତିକି ଆସନ ହରାଇବ, ସେତିକି ଆସନ ଅନ୍ୟ ରାଜ୍ୟ ଯଥା କେରଳ ଓ ପଶ୍ଚିମବଙ୍ଗ ପ୍ରଭୃତିରୁ ଭରଣା ହୋଇପାରିବ ନାହିଁ, ଯେଉଁଠୁ ଏହା ପୂର୍ବାପେକ୍ଷା ଅଧିକ ଆସନ ପାଇବାର ଆଶା ଅଛି। ଆସନ୍ତାମାସରୁ ଜନମତ ସର୍ଭେ ଆରମ୍ଭ ହୋଇଯିବା ପରେ କେଉଁଠି କ'ଣ ଘଟିବାକୁ ଯାଉଛି ଆମେ ଜାଣିପାରିବା।

ଭାଜପା ଉପରେ ବିରୋଧୀଙ୍କ ମେଣ୍ଟ ତଥା ଅପେକ୍ଷାକୃତ ଦୁର୍ବଳ ହୋଇପଡ଼ିଥିବା ମୋଦି–ଶାହ ଯୋଡ଼ିଙ୍କ ପ୍ରଭାବ କିପରି ପଡ଼ିବ, ସେ ବିଷୟରେ ଟିକେ ଆଲୋଚନା କରିବା ଦରକାର। ଦଳ ଭିତରେ କ'ଣ ଘଟିବ ମୁଁ ସେଇ କଥା ହିଁ କହିବାକୁ ଯାଉଛି। ଅନେକ ଦୃଷ୍ଟିରୁ ଭାଜପା ହେଉଛି ସ୍ୱତନ୍ତ୍ର, କାରଣ ଏହା ଏକ ଆଦର୍ଶବାଦୀ ଦଳରୂପେ ନିଜକୁ ଦେଖେ। ସେହି ତୁଳନାରେ କଂଗ୍ରେସର ବାସ୍ତବରେ କିଛି ଆଦର୍ଶ ନାହିଁ କହିଲେ ଚଳେ। ଏହା କହିପାରେ ଯେ ଏହାର କିଛି ମୂଲ୍ୟବୋଧ ଓ ନୀତି ଅଛି, ଯଥା ଧର୍ମନିରପେକ୍ଷତା ଓ ଉଦାରବାଦ। କିନ୍ତୁ ଏହାର କୌଣସି ସ୍ଥାୟୀ ବା ନିର୍ଦ୍ଦିଷ୍ଟ ବିଶ୍ୱାସ ନାହିଁ, ଯାହାକୁ ପ୍ରକୃତ ଆଦର୍ଶ କୁହାଯାଏ। ସେହିପରି ବିଏସ୍‌ପି, ଏସ୍‌ପି, ତୃଣମୂଳ କଂଗ୍ରେସ ଓ ବିଜେଡି ପରି ଦଳଗୁଡ଼ିକର ମଧ୍ୟ ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ। ସମାଜବାଦୀ ପାର୍ଟି ନିଜକୁ ଲୋହିଆପନ୍ଥୀ ବୋଲି କୁହେ, କିନ୍ତୁ ଦଳର ଅନେକ କର୍ମୀ ଏପରି କି ଦଳର ନେତାମାନେ ମଧ୍ୟ ଲୋହିଆଙ୍କ ନୀତି–ଆଦର୍ଶ କ'ଣ ଥିଲା ଏବଂ ଲୋହିଆବାଦ କହିଲେ ବାସ୍ତବରେ କ'ଣ ବୁଝାଯାଏ ତାହା କହିପାରିବେ ନାହିଁ। କମ୍ୟୁନିଷ୍ଟମାନେ କହନ୍ତି, ସେମାନେ ମାର୍କ୍ସ ବା ଲେନିନ୍‌ଙ୍କ ଆଦର୍ଶ ଅନୁସରଣ କରନ୍ତି। କିନ୍ତୁ ସେମାନେ କୌଣସି ରାଜ୍ୟରେ କ୍ଷମତାରେ ଥିବାବେଳେ ଏହି ଆଦର୍ଶ କଥା ବାସ୍ତବରେ ପ୍ରକାଶ କରିପାରିବେ ନାହିଁ। କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ମାର୍କ୍ସବାଦୀଙ୍କ ନେତୃତ୍ୱରେ ଏଲ୍‌ଡିଏଫ୍ ଶାସନ କରିଛି। କିନ୍ତୁ କେରଳବାସୀ ଏହି ଦୁଇ ଶାସନ ଭିତରେ କୌଣସି ପ୍ରଭେଦ ଦେଖିପାରି ନାହାନ୍ତି। ଭାଜପା ଦାବି କରୁଛି ଯେ ଏହାର ଉପଯୁକ୍ତ ଆଦର୍ଶ ଅଛି ଏବଂ ଏହି ଆଦର୍ଶର ନାମ ହିନ୍ଦୁତ୍ୱ। ଦଳ ଯଦି ଦୁର୍ବଳ ହୋଇପଡ଼େ, ଯାହା ଗତ କିଛିମାସ ଭିତରେ ଦେଖିବାକୁ ମିଳିଛି, ତେବେ କ'ଣ ହେବ ?

ଆମେ ନିମ୍ନଲେଖ୍ୟ ସମ୍ଭାବନା ଆଶା କରିପାରିବା। ପ୍ରଥମତଃ ଅନିଶ୍ଚିତତା ଦେଖାଯିବା ସମୟରେ ଆଦର୍ଶବାଦୀ ଦଳଗୁଡ଼ିକ ସେମାନଙ୍କ ମୂଳନୀତିରୁ ଓହରିଯିବାର ସମ୍ଭାବନା ଥାଏ। ଭାଜପା ଭାବୁଛି ଯେ ଏହାର ମୂଳ ସମର୍ଥକମାନେ ମନ୍ଦିର, ପ୍ରତିମୂର୍ତ୍ତି, ମୁସଲମାନ ଓ ଗୋମାତା ପ୍ରସଙ୍ଗକୁ ବୁଝନ୍ତି। ଏହି ପ୍ରସଙ୍ଗଗୁଡ଼ିକୁ ନେଇ ଦଳର ଆଭିମୁଖ୍ୟ ଦୃଷ୍ଟିରୁ ଏହା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକଠାରୁ ଅଲଗା। ଏହି ଆଭିମୁଖ୍ୟ ହିଁ ଦଳର ନେତୃତ୍ୱକୁ ଚରମ ଆଡ଼କୁ ନେଇଯାଏ। ଦଳ ଭିତରେ ଦ୍ୱିତୀୟ ପାହାଚରେ ଥିବା ନେତାଏ ଏହି ଅନିଶ୍ଚିତତା ପରେ ସେମାନଙ୍କ ପାଇଁ ସୁଯୋଗ ଆଣିପାରେ ବୋଲି ଆଶା କରି ନିଜକୁ ସେହି ସ୍ଥିତିରେ ରଖିବାକୁ ଚେଷ୍ଟା କରିବେ। ଏ ପରିସ୍ଥିତିରେ ମୋଦି ଓ ଶାହ ଅଧିକ ସମାଲୋଚନାର ଶରବ୍ୟ ହେବେ। ଆଉ ବିକାଶ ବା ସମସ୍ତଙ୍କୁ ନେଇ ଚାଲିବାର କଥା କହିବାର ଅବକାଶ ସେମାନଙ୍କ ପାଖରେ କମ୍ ରହିବ ଏବଂ ସେମାନଙ୍କୁ ଦକ୍ଷିଣମାର୍ଗ ଆଡ଼କୁ ଢଳିବାକୁ ପଡ଼ିବ। ସେଥିପାଇଁ ୨୦୧୪ ତୁଳନାରେ ଉକ୍ତ ପ୍ରସଙ୍ଗ ଉପରେ ସେମାନେ ବେଶି ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁନାହିଁ।

ସେମାନଙ୍କ ଉପରେ ଏବେ ପ୍ରବଳ ଚାପ ରହିଛି ଏବଂ ପରବର୍ତ୍ତୀ କିଛିମାସ ଭିତରେ ବି ତାହା ବଳବତ୍ତର ରହିବ। ମୋଦି ଓ ଶାହ ଦକ୍ଷିଣମାର୍ଗ ଆଡ଼କୁ ଢଳିବା ପରିପ୍ରେକ୍ଷୀରେ ଗଡ଼କରୀଙ୍କ ପରି ମଧ୍ୟମମାର୍ଗୀ ଭାଜପା ନେତାଙ୍କ ପାଇଁ ସେମାନଙ୍କ ଅଣହିନ୍ଦୁତ୍ୱ ଆବେଦନକୁ ବିସ୍ତାରିତ କରିବାର ଅଧିକ ସୁଯୋଗ ମିଳିବ। ତେଣୁ ଉଭୟ ଆଡୁ ଦୁର୍ବଳତା ରହିବ। ଏହା ଦଳ ପାଇଁ ଭଲ ହେବ ବୋଲି କୁହାଯାଇପାରେ କାରଣ ଦଳ ଏବେ ଜାତୀୟସ୍ତରରେ ଏକପ୍ରକାର ଅଗଣତାନ୍ତ୍ରିକ ହୋଇପଡ଼ିଛି। ସମସ୍ତଙ୍କୁ ନେଇ ବିକାଶ ପଥରେ ଚାଲିବା ଭାଜପାର ମୂଳ ଆବେଦନ ନୁହେଁ। ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଏହି ସମୟ ଯେଉଁ ପରିବର୍ତ୍ତନ ଆଣିବ, ତାହା ଦୈନନ୍ଦିନ ଓ ବସ୍ତୁବାଦୀ ପ୍ରସଙ୍ଗ ଅପେକ୍ଷା ଧାର୍ମିକ ଓ ଜାତୀୟତାବାଦୀ ପ୍ରସଙ୍ଗରେ ଅଧିକ ଦେଖିବାକୁ ମିଳିବ। ଏବେ ମେଣ୍ଟ ଗଠନ ହୋଇସାରିଥିବାରୁ ଓ ଘୋଷଣା ହୋଇସାରିଥିବାରୁ ଆଗକୁ ଜନମତ ସର୍ଭେରୁ ଯାହା ଜଣାପଡ଼ିବ, ତାହା ଏ ଢାଞ୍ଚାକୁ ବଳବତ୍ତର କରିରଖିବ। ମୋଦିଙ୍କ ପ୍ରଭାବ ସଂକୁଚିତ ହୋଇଚାଲିବ ଏବଂ ଦକ୍ଷିଣ ଓ ଚରମ ଆଡ଼କୁ ଗତି ତ୍ୱରାନ୍ୱିତ ହେବ।

Email: aakar.patel@gmail.com

# ନିଃସଙ୍ଗ ବରିଷ୍ଠ



ପ୍ରକାଶ ତ୍ରିପାଠୀ

ନୂଆବର୍ଷ ଆରମ୍ଭରୁ ଭଲ ଖବରଟିଏ ଶୁଣିବାକୁ ମିଳିଲା। ଭୁବନେଶ୍ୱରର ଏକ ପ୍ରମୁଖ ସାମାଜିକ ସଂଗଠନ 'ବୋଉ ଫାଉଣ୍ଡେଶନ' ପକ୍ଷରୁ ଆରମ୍ଭ କରାଯାଇଛି ଏକ ଅଭିନବ ପ୍ରକଳ୍ପ ପାପା (ପ୍ୟାରେଣ୍ଟ୍‌ସ ଆସିଷ୍ଟାନ୍ସ, ପ୍ୟାରେଣ୍ଟ୍‌ସ ଆଡପ୍‌ଶନ)। ବିଭିନ୍ନ କାରଣରୁ ନିଃସଙ୍ଗ ତଥା ଏକା ଏକା ଜୀବନ ବିତାଉଥିବା ଅସହାୟ ବୟସ୍କମାନଙ୍କୁ ୨୪ ଘଣ୍ଟିଆ ସେବା ଓ ସହାୟତା ଯୋଗାଇଦେବାକୁ ସମର୍ପିତ ହେବ ଏହି ପାପା ପ୍ରକଳ୍ପ। ସାମ୍ପ୍ରତିକ ସମୟରେ ବରିଷ୍ଠମାନେ ପରିବାରରେ କ୍ରମଶଃ ଅଲୋଡ଼ା ହୋଇପଡୁଥିବାରୁ ସେମାନଙ୍କ ପାଇଁ ଏହିଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମ ଅପରିହାର୍ଯ୍ୟ ହୋଇପଡିଛି। ବୟସର ସାୟାହ୍ନରେ ପହଞ୍ଚି ସାରିଥିବା ପ୍ରତ୍ୟେକ ବରିଷ୍ଠ ସ୍ୱାସ୍ଥ୍ୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ତଥା ସୁଖମୟ ଭାବେ ଅବଶିଷ୍ଟ ଜୀବନ ଜିଇବାର ଅଧିକାର ରହିଛି ଓ ଏହାକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ନିଃସଙ୍ଗ ବରିଷ୍ଠମାନଙ୍କ ସମ୍ପର୍କରେ ଏହି ଆଲେଖ୍ୟଟିକୁ ପ୍ରସ୍ତୁତ କଲାବେଳେ ସମାନ ସାମାଜିକ ବ୍ୟବସ୍ଥା ଥିବା ଆମ ପଡୋଶୀ ରାଷ୍ଟ୍ର ଚାଇନାର ଦୁଇଟି ଚର୍ଚ୍ଚିତ ଘଟଣା ମନକୁ ଆସୁଛି। ନିଃସଙ୍ଗପଣ ତଥା ଅସହାୟତାର ଦୁଇଟି ମର୍ମସ୍ପର୍ଶୀ ଘଟଣା, ଯାହାକି ଆଧୁନିକ ବିଶ୍ୱର ପ୍ରତ୍ୟେକ ଦରଦୀ ମଣିଷକୁ କିଛି ସମୟ ଭାବିବାକୁ ବାଧ୍ୟ କରିବ।

ପ୍ରଥମ ଘଟଣା– ଚାଇନାରୁ ପ୍ରକାଶିତ ଦୈନିକ ଖବରକାଗଜ 'ଗାଙ୍ଗ୍ ଝୁ'ର ସାନ୍ଧ୍ୟ ସଂସ୍କରଣରେ ଏକ ମର୍ମସ୍ପର୍ଶୀ ବିଜ୍ଞାପନ ଦେଖିବାକୁ ମିଳିଲା, ଯାହାର ଶୀର୍ଷକ ଥିଲା 'ପୋଷ୍ୟ ପିତା ହେବାକୁ ଇଚ୍ଛୁକ।' ଏହି ଅଭିନବ ତଥା ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନଟିକୁ ପ୍ରକାଶ କରିଥିଲେ ୭୫ ବର୍ଷ ବୟସ୍କ ହୁଆନ କି। ହୁଆନ କି ଜଣେ ଅବସରପ୍ରାପ୍ତ କର୍ମଚାରୀ ଓ ପେନ୍‌ସନ ବାବଦରେ ସରକାରଙ୍କଠାରୁ ୬୦୦୦ ୟୁଆନ୍ ପାଇଥାନ୍ତି। ଦୁଇ ଶୟନ କକ୍ଷବିଶିଷ୍ଟ ଏକ କୋଠାଘରେ ରହୁଥିବା ହୁଆନ ବିଜ୍ଞାପନରେ ଯେ କୌଣସି ସହୃଦୟ ବ୍ୟକ୍ତି ବା ଆଦର୍ଶ ପରିବାର ତାଙ୍କୁ ପୋଷ୍ୟ ପିତା ଭାବେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ନିଃସଙ୍ଗ ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇବା ତଥା ଅବଶିଷ୍ଟ ଜୀବନ ଶାନ୍ତିରେ କାଟିବା ତାଙ୍କର ଲକ୍ଷ୍ୟ ଥିଲା। ପତ୍ନୀଙ୍କ ଦେହାନ୍ତ ପରେ ଏକମାତ୍ର ପୁତ୍ର ତଥା ସମ୍ପର୍କୀୟମାନେ ହୁଆନଙ୍କର ଭଲମନ୍ଦ ବୁଝିବା ତ ଦୂରର କଥା, ନିୟମିତ ସାକ୍ଷାତ ବି କରୁ ନ ଥିଲେ। ନିଜ ଘରେ କେବଳ ନିଜ ସହିତ ସମୟ ବିତାଉଥିବା ହୁଆନ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଦିନକୁ ଦିନ ତାଙ୍କର ଶାରୀରିକ ସାମର୍ଥ୍ୟ ହ୍ରାସ ପାଉଥିବାରୁ ନିଜକୁ ପୋଷ୍ୟ ଭାବେ ସମର୍ପିତ ହେବାକୁ ସେ ଆଶା କରିଛନ୍ତି। ମୃତ୍ୟୁ ପରେ ତାଙ୍କ ପତ୍ନୀଙ୍କ ସମାଧି ପାର୍ଶ୍ୱରେ ତାଙ୍କର ସମାଧି କରାଯିବାକୁ ସେ ନିବେଦନ କରିଥିଲେ।

ଦ୍ୱିତୀୟ ଘଟଣା– ଆଉ ଏକ ବିଜ୍ଞାପନ (ପୋଷ୍ଟର) କିଛି ସ୍ଥାନୀୟ ବସ୍ ଓ ଦୋକାନ ଆଗରେ ଲଗାଯାଇଥିଲା, ଯେଉଁଥିରେ କି ୮୫ ବର୍ଷର ଜଣେ ବ୍ୟକ୍ତି ହାନ୍ ଜିଚେଙ୍ଗ କେହି ଜଣେ ତାଙ୍କୁ ପୋଷ୍ୟପିତା ଭାବେ ଗ୍ରହଣ କରିବାକୁ ଆକୁଳ ନିବେଦନ କରିଥିଲେ। 'ମୋତେ ପୋଷ୍ୟ ଭାବେ ଗ୍ରହଣ କରନ୍ତୁ' ଶୀର୍ଷକ ଏହି ପୋଷ୍ଟରରେ ଉଲ୍ଲେଖ ଥିଲା ଯେ, ଏବେ ବି ସେ ସୁସ୍ଥ ଅଛନ୍ତି, ବଜାର ହାଟ କରିପାରୁଛନ୍ତି। ରୋଷେଇ କରିପାରୁଛନ୍ତି ଓ ନିଜ କାମ ନିଜେ କରି ପାରୁଛନ୍ତି। ତାଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନାହିଁ ଅବା ସେ ରୋଗାକ୍ରାନ୍ତ ବି ନୁହନ୍ତି। ଏକ ବିଜ୍ଞାନ ଗବେଷଣାଗାରରୁ ଅବସର ନେଇଥିବା ତଥା ମାସିକ ୯୫୦ ଡଲାର ପେନ୍‌ସନ ପାଉଥିବା ହାନ୍ ଜିଚେଙ୍ଗ କେବଳ ନିଃସଙ୍ଗତାରୁ ରକ୍ଷା ପାଇବା ତଥା ଭବିଷ୍ୟତର ବାର୍ଦ୍ଧକ୍ୟଜନିତ ଶାରୀରିକ–ମାନସିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋଷ୍ୟପିତା ହେବାକୁ ଇଚ୍ଛା କରିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ହାନ୍‌ଙ୍କୁ ପୋଷ୍ୟପିତା ଭାବେ ଗ୍ରହଣ କରିବେ, ତେବେ ହାନ୍‌ଙ୍କ ପେନ୍‌ସନ ସହ ସମସ୍ତ ସଞ୍ଚିତ ଧନ ଉପଭୋଗ କରିବେ ବୋଲି ସେ ତାଙ୍କ ପୋଷ୍ଟରରେ ଉଲ୍ଲେଖ କରିଥିଲେ।

ଉପରୋକ୍ତ ଦୁଇଟି ଘଟଣାରେ କୌଣସି ବରିଷ୍ଠ ମଣିଷକୁ ପୋଷ୍ୟ ଭାବେ ଗ୍ରହଣ କରିବାର ପରିକଳ୍ପନା ଆମକୁ ନୂଆ ଲାଗୁଥିଲେ ବି ସାମ୍ପ୍ରତିକ ସମୟର ଏହା ଏକ ଆହ୍ୱାନ। ନିଜକୁ ଚରମ ଅସହାୟ ଓ ଅଲୋଡ଼ା ନ ଭାବିଲେ କୌଣସି ବରିଷ୍ଠ ମଣିଷ ନିଜକୁ ପୋଷ୍ୟ ଭାବେ ସମର୍ପିତ କରିବାକୁ ପ୍ରସ୍ତୁତ ହେବେ ନାହିଁ। ଉଚ୍ଚ ମୂଲ୍ୟବୋଧ ତଥା ଦୃଢ଼ ପାରିବାରିକ ବ୍ୟବସ୍ଥାସମ୍ପନ୍ନ ଚାଇନାରେ ଯଦି ଏପରି ସମସ୍ୟା ସୃଷ୍ଟି ହେଲାଣି, ତେବେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ସମ୍ପର୍କରେ କ'ଣ ବା କୁହାଯାଇପାରିବ। ଚାଇନାରେ ସରକାରୀ ସ୍ତରରେ ଏକ ସନ୍ତାନ ନୀତି ପ୍ରଣୟନ କରାଯାଇଥିବାରୁ ସେଠାରେ ବରିଷ୍ଠ ସଂଖ୍ୟା ଆପାତତଃ ବୃଦ୍ଧି ପାଇବାକୁ ଲାଗିବା ସହ ପରିବାରର କଳେବର କ୍ଷୁଦ୍ରରୁ କ୍ଷୁଦ୍ରତର ହେବାକୁ ଲାଗିଛି। ପରିବାରରେ ବରିଷ୍ଠଙ୍କ ସେବାଯତ୍ନକୁ ପୁଣ୍ୟ ଭାବେ ଗ୍ରହଣ କରୁଥିବା ଚାଇନା ପରିବାରଗୁଡ଼ିକରେ ଏକକ ସନ୍ତାନମାନେ ରୋଜଗାର ଲକ୍ଷ୍ୟରେ ପରିବାରଠାରୁ ଦୂରେଇ ଯାଉଥିବାରୁ ବରିଷ୍ଠମାନେ ନିଃସଙ୍ଗ ହୋଇଯାଉଛନ୍ତି। ଯଦି ମା–ବାପାଙ୍କ ମଧ୍ୟରୁ ଜଣେ କେହି ଆରପାରିକୁ ଚାଲିଯାଆନ୍ତି, ତେବେ ଆର ଜଣଙ୍କର ଅବସ୍ଥା ଜଟିଳ ହେବା ସ୍ୱାଭାବିକ। ପାଖରେ ଅର୍ଥର ଅଭାବ ନ ଥିଲେ ମଧ୍ୟ ଦୁଇପଦ କଥା ହେବା ପାଇଁ ବା ଅସୁସ୍ଥ ବେଳେ ହାତକୁ ପାଣି ଗ୍ଲାସ୍‌ଟିଏ ବଢାଇ ଦେବା ପାଇଁ ପାଖରେ କେହି ନାହାନ୍ତି। ଭାରତରେ ଏକକ ସନ୍ତାନ ନୀତି ପ୍ରଚଳନ ହୋଇ ନ ଥିଲେ ମଧ୍ୟ ପରିସ୍ଥିତିକୁ ପରଖି ଅନେକ ଦମ୍ପତି ଏକ ବା ଅତିବେଶିରେ ଦୁଇଟି ସନ୍ତାନଙ୍କୁ ଆପଣାଉଛନ୍ତି। ଭାରତର ଦୃଢ଼ ତଥା ଶୃଙ୍ଖଳିତ ପାରିବାରିକ ବ୍ୟବସ୍ଥା ଆଜି ଭୁଶୁଡ଼ି ଗଲାଣି। ଅତି କ୍ଷୁଦ୍ର ବା ଅଣୁ ପରିବାର ମୁଣ୍ଡ ଟେକିଲାଣି। ବିଭିନ୍ନ କାରଣ ପାଇଁ ମା–ବାପାମାନଙ୍କୁ ଏବେ ନିଜ ସନ୍ତାନମାନଙ୍କଠାରୁ ଦୂରରେ ରହିବାକୁ ପଡୁଛି। ଫଳରେ ଚାଇନା ଭଳି ଭାରତରେ ବି ବରିଷ୍ଠମାନଙ୍କ ସମସ୍ୟା ଜଟିଳ ହେବାକୁ ଲାଗିଲାଣି। ସେଥିପାଇଁ ତ ସୁପ୍ରିମ୍‌କୋର୍ଟ ବରିଷ୍ଠଙ୍କ ଦୟନୀୟ ତଥା ଅସହାୟତା ସମ୍ପର୍କରେ ଏକ ଜନସ୍ୱାର୍ଥମୂଳକ ଆବେଦନର ଶୁଣାଣି କରି ନିକଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ୍ରମଶଃ ଅଲୋଡ଼ା ହୋଇଯାଉଥିବା ବରିଷ୍ଠଙ୍କ କଲ୍ୟାଣ ପାଇଁ ୨୦୦୭ରେ ପ୍ରଣୟନ ହୋଇଥିବା ଆଇନର ଠିକ କାର୍ଯ୍ୟକାରିତା ଲାଗି ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠମାନଙ୍କୁ ସହାୟତା ତଥା ସେମାନଙ୍କ ସୁରକ୍ଷିତ ଜୀବନ ନିର୍ବାହ ପାଇଁ ପ୍ରତି ଜିଲାରେ ଗୋଟିଏ ଲେଖାଏ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱାରୋପ ପଛରେ ବରିଷ୍ଠମାନଙ୍କ ଅସହାୟତାର ବାସ୍ତବତା ଅନୁମାନ କରିହୁଏ।

ନିଃସଙ୍ଗ ତଥା ଅସହାୟ ବରିଷ୍ଠମାନଙ୍କ ସହାୟତା ପାଇଁ ବିଶ୍ୱବ୍ୟାପୀ ଅନେକ ଯୋଜନା ପ୍ରସ୍ତୁତ ହେଲାଣି। କେବଳ ବୃଦ୍ଧାଶ୍ରମ ମାଧ୍ୟମରେ ସେମାନଙ୍କ ସମସ୍ୟା ସମାଧାନ ବଦଳରେ ନୂଆ ନୂଆ ପରିକଳ୍ପନାମାନ କାର୍ଯ୍ୟକ୍ଷମ ହେଲାଣି। ଯେପରି ସୁଇଜରଲାଣ୍ଡ ଓ ଅନ୍ୟ କେତେକ ୟୁରୋପୀୟ ରାଷ୍ଟ୍ରରେ ଆରମ୍ଭ ହୋଇଥିବା ସମୟ ବ୍ୟାଙ୍କ ଯୋଜନା। ବୟସ ଥିବା ସମୟରେ ମହିଳା ଓ ପୁରୁଷମାନେ ନିଜର ଅବସର ସମୟରେ ନିଃସଙ୍ଗ ତଥା ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବା–ଯତ୍ନ କରୁଛନ୍ତି। ସେମାନଙ୍କ ଘରକୁ ଯାଇ ସେମାନଙ୍କ ସହ ଆଳାପ–ଆଲୋଚନା ମାଧ୍ୟମରେ ସମୟ ଅତିବାହିତ କରିବା, ସେମାନଙ୍କ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ସେମାନଙ୍କୁ ଖୁଆଇବା, ଦେହ ଅସୁସ୍ଥ ହେଲେ ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇବା ସହ ସେମାନଙ୍କ ସେବାଯତ୍ନ କରିବା, ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ସ୍ଥାନ ବୁଲାଇବା ଆଦି ସେବା ପ୍ରଦାନ କରୁଛନ୍ତି। ଜଣେ ବ୍ୟକ୍ତି ଯେତିକି ସମୟ ଏହିପରି ସେବା ପ୍ରଦାନ କରିବେ, ସେତିକି ସେବା ସମୟ ତାଙ୍କର ସମୟ ବ୍ୟାଙ୍କ ଖାତାରେ ସଞ୍ଚିତ ହୋଇ ରହିବ। ସେବା ପ୍ରଦାନ କରୁଥିବା ଲୋକଟି ଯେତେବେଳେ ପରିଣତ ବୟସରେ ଉପନୀତ ହେବେ, ତାଙ୍କ ଜମା ଖାତାରେ ଥିବା ସେବା ସମୟ ସେ ତାଙ୍କ ଆବଶ୍ୟକତା ସମୟରେ ପାଇପାରିବେ। ଅର୍ଥାତ୍ ଅନ୍ୟ କେହି ଜଣେ ସେବାଧାରୀ ତାଙ୍କୁ ସେବା ପ୍ରଦାନ କରିବ ଓ ତାହା ପୁଣି ବିନା ମୂଲ୍ୟରେ। ଅନେକ ବେସରକାରୀ ସଙ୍ଗଠନ ସେଠାକାର ସରକାରଙ୍କ ସହଯୋଗରେ ଏହିଭଳି ଯୁଗାନ୍ତକାରୀ ଯୋଜନାମାନ କାର୍ଯ୍ୟକାରୀ କରି ବରିଷ୍ଠମାନଙ୍କୁ ସହାୟତାର ହାତ ବଢାଇ ପାରୁଛନ୍ତି।

ବୟସ ବଢ଼ିବା ସହ ଶରୀର ଦୁର୍ବଳ ହୁଏ ଓ ଅନେକ ବାର୍ଦ୍ଧକ୍ୟଜନିତ ରୋଗ ମାଡ଼ିବସେ। ଏଭଳି ସମୟରେ ବରିଷ୍ଠଙ୍କୁ ସମୟ ଦେବା, ସେମାନଙ୍କୁ ସ୍ନେହ ଆଦର କରିବା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା କନିଷ୍ଠମାନଙ୍କର ନୈତିକ ଦାୟିତ୍ୱ। ସେମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବା ଓ ସଫଳ କାର୍ଯ୍ୟକାରୀ କରିବା ସରକାରଙ୍କ କର୍ତ୍ତବ୍ୟ। ଏ ବୟସରେ ଅର୍ଥ ଉପାର୍ଜନ ବରିଷ୍ଠଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ସରକାରଙ୍କ ପକ୍ଷରୁ କିଞ୍ଚିତ୍ ବାର୍ଦ୍ଧକ୍ୟ ଭତ୍ତା (୩୦୦/୫୦୦ଟଙ୍କା) ପ୍ରଦାନର ବ୍ୟବସ୍ଥା ବ୍ୟତୀତ ଅନ୍ୟ କିଛି ଆଖିଦୃଶିଆ ଯୋଜନା ନାହିଁ। ଉନ୍ନତ ଚିକିତ୍ସା ବିଜ୍ଞାନ ଯୋଗୁ ବରିଷ୍ଠଙ୍କ ହାରାହାରି ଆୟୁଷ ବଢ଼ିବା ସହ ସମାଜରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ତ୍ତମାନ ଦେଶରେ ତେର କୋଟିରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ରହିଥିବା ବେଳେ ୪୨୦ଟି ବୃଦ୍ଧାଶ୍ରମ କାର୍ଯ୍ୟକ୍ଷମ ହେଉଛି। ଏଥିରୁ ୩୨୫ଟି ଦେୟମୁକ୍ତ ଥିଲାବେଳେ ୯୫ଟି ଦେୟଯୁକ୍ତ। ନିଃସଙ୍ଗ ତଥା ଅସହାୟ ବରିଷ୍ଠଙ୍କ ଅବଶିଷ୍ଟ ଜୀବନକୁ ସୁରକ୍ଷିତ ତଥା ଶାନ୍ତିପ୍ରଦ କରିବା ଲକ୍ଷ୍ୟରେ ପ୍ରୋଜେକ୍ଟ ପାପା, ସମୟ ବ୍ୟାଙ୍କ, ପୋଷ୍ୟ ମାତାପିତା ଗ୍ରହଣ ଭଳି ଯୋଜନା ତଥା ପରିବାରଗୁଡିକରେ ସେମାନଙ୍କ ପ୍ରତି ସହୃଦୟତାର ସହ, ସମ୍ମାନର ସହ ଆଚରଣ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେମାନଙ୍କ ଇସ୍ତାହାରରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରସ୍ତାବମାନ ସ୍ଥାନ ପାଇବ ବୋଲି ଆଶା କରୁଛୁ।

ମୋ–୯୪୩୭୨୩୨୪୬୩, ଇମେଲ–
prakas.tripathy09@gmail.com

# ଭାରତପ୍ରେମୀ ଆମେରିକୀୟ

## ବ୍ୟକ୍ତିତ୍ୱ



ତୁଳସୀ ଗାବାର୍ଡ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆହୁରି ଦୁଇବର୍ଷ ବାକି ରହିଛି। ହେଲେ କିଏ ଏହି ପଦବୀରେ ଆସୀନ ହେବେ ସେଥିନେଇ ଏବେଠାରୁ ଆରମ୍ଭ ହେଲାଣି ଆଲୋଚନା ଓ ଅଙ୍କକଷା। ସଦ୍ୟ ଚର୍ଚ୍ଚାକୁ ଦେଖିଲେ ଆମେରିକୀୟ କଂଗ୍ରେସରେ ପ୍ରଥମ ହିନ୍ଦୁ ତଥା ୪ ଥର ଡେମୋକ୍ରାଟ ଆଇନ ପ୍ରଣୟନକାରୀ ହେବାର ଗୌରବ ଅର୍ଜନ କରିଥିବା ତୁଳସୀ ଗାବାର୍ଡ ୨୦୨୦ ରାଷ୍ଟ୍ରପତି ଦୌଡ଼ରେ ରହିଥିବା ଘୋଷଣା କରିଛନ୍ତି। ତାଙ୍କ ଉଚ୍ଚାକାଂକ୍ଷା କେତେଦୂର ସଫଳ ହେବ ତାହା ଭିନ୍ନ କଥା ହୋଇଥିଲେ ହେଁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ତୁଳସୀଙ୍କ ଘୋଷଣା ଚର୍ଚ୍ଚାକୁ ବେଶ୍ ଖୋରାକ ଯୋଗାଇଛି। ତୁଳସୀଙ୍କ ରାଜନୈତିକ ଓ ସାମାଜିକ ସମ୍ପୃକ୍ତି ଦେଖିଲେ ତାଙ୍କ କ୍ୟାରିୟର ଊର୍ଦ୍ଧ୍ୱମୁଖୀ ହେଉଥିବା ଲକ୍ଷ୍ୟ କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବିରୋଧ କରୁଥିବା ତୁଳସୀ ଆସନ୍ତା ସପ୍ତାହ ମଧ୍ୟରେ ତାଙ୍କ ପ୍ରାର୍ଥିତ୍ୱ ନେଇ ଘୋଷଣା କରିବେ ବୋଲି କହିଛନ୍ତି। ଇରାକ୍ ଯୁଦ୍ଧରେ ସାମିଲ ହୋଇଥିବା ୩୭ ବର୍ଷୀୟା ତୁଳସୀ (ମାର୍ଶାଲ ଆର୍ଟ ଇନ୍‌ଷ୍ଟ୍ରକ୍ଟର ଭାବେ ଜଣାଶୁଣା), ଭାରତୀୟ ବଂଶୋଦ୍ଭବ କାଲିଫର୍ନିଆ ସିନେଟର କମଳା ହାରିସଙ୍କ ସମେତ ୧୨ ଜଣରୁ ଊର୍ଦ୍ଧ୍ୱ ଡେମୋକ୍ରାଟିକ୍ ନେତା ରାଷ୍ଟ୍ରପତି ଦୌଡ଼ରେ ଅଛନ୍ତି। ତେବେ ରାଷ୍ଟ୍ରପତି ପ୍ରାର୍ଥୀ ହୋଇ ଦେଶ ପାଇଁ ଅନେକ କିଛି କରିବାର ଉଦ୍ଦେଶ୍ୟ ରଖିଛନ୍ତି ବୋଲି ସେ ଆଗୁଆ ସୂଚନା ଦେଇଛନ୍ତି। ଆମେରିକାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି, ଆପ୍ରବାସନ କ୍ଷେତ୍ରରେ ସଂସ୍କାର, ସମସ୍ତଙ୍କ ପାଇଁ ନିର୍ମଳ ବାୟୁ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ସୁଧାର ଏବଂ ଦୁର୍ନୀତି ହଟାଇବା ଦିଗରେ ନିରନ୍ତର କାର୍ଯ୍ୟ କରୁଥିବାରୁ ରାଷ୍ଟ୍ରପତି ହେବାକୁ ଆଶା ରଖିଛନ୍ତି ବୋଲି କହିଛନ୍ତି। ସେଥିପାଇଁ ତାଙ୍କ ଅଭିଯାନରେ ସାମିଲ ହେବା ପାଇଁ ସେ ଆମେରିକାବାସୀଙ୍କୁ ଟୁଇଟ୍ କରି ଆହ୍ୱାନ ଦେଇଛନ୍ତି। ଜାନୁୟାରୀ ୧୨ରେ ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ କୁହାଯାଇଛି, 'ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବାକୁ ଚାହୁଁଥିବା ବ୍ୟକ୍ତି ସବୁପ୍ରକାର ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ଅଛନ୍ତି'। ରାଷ୍ଟ୍ରପତି ନିର୍ବାଚନର ଯଥେଷ୍ଟ ପୂର୍ବରୁ ତୁଳସୀଙ୍କ ଏଭଳି ଅଭିଯାନ ଆମେରିକୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି।

ତୁଳସୀ ୧୯୮୧ ଏପ୍ରିଲ ୧୨ରେ ଆମେରିକାନ୍ ସାମୋଆର ଲେଲୋଆଲୋଆଠାରେ ଜନ୍ମଗ୍ରହଣ କରିଥିଲେ। ପିତା ମାଇକ୍ ଗାବାର୍ଡ ସାମୋଆ ଅଧିବାସୀ ହୋଇଥିବା ବେଳେ ତାଙ୍କ ମାତା କାରୋଲ ଇଣ୍ଡିଆନାର ଡେକାଟରଠାରେ ଜନ୍ମ ହୋଇଥିଲେ। ୫ ଜଣ ପିଲାଙ୍କ ଭିତରେ ତୁଳସୀ ହେଉଛନ୍ତି ୪ ନମ୍ବର ସନ୍ତାନ। ତାଙ୍କୁ ଦୁଇବର୍ଷ ହୋଇଥିବା ବେଳେ ପରିବାର ହାୱାଇକୁ ଚାଲିଯାଇଥିଲେ। ପିତା ୟୁରୋପୀୟ ବଂଶୋଦ୍ଭବ ଓ କ୍ୟାଥୋଲିକ୍ ବିଶ୍ୱାସୀ ହୋଇଥିଲେ ହେଁ ଧ୍ୟାନ ଓ କୀର୍ତ୍ତନରେ ମନ ଦେଇଥାଆନ୍ତି। ସେହିଭଳି ମାତା ୟୁରୋପୀୟ ବଂଶଜ ହୋଇଥିଲେ ମଧ୍ୟ ହିନ୍ଦୁ ରୀତିନୀତିକୁ ଆପଣାଇଥାଆନ୍ତି। ଫଳସ୍ୱରୂପ ଯୁବାବସ୍ଥାରେ ତୁଳସୀ ହିନ୍ଦୁଧର୍ମକୁ ଗ୍ରହଣ କରିଥିଲେ। ଉଭୟ ମାତାପିତା ହିନ୍ଦୁଧର୍ମ ଓ ବିଶ୍ୱାସକୁ ଭଲ ପାଉଥିବାରୁ ପବିତ୍ର ତୁଳସୀ ଗଛ ଅନୁଯାୟୀ ଝିଅର ନାମ ରଖିଛନ୍ତି। ସେଥିପାଇଁ ତୁଳସୀ ନିରାମିଷାଶୀ ହେବା ସହ ଗୌଡ଼ୀୟ ବୈଷ୍ଣବ ଚିନ୍ତାଧାରାରେ ଉଦ୍‌ବୁଦ୍ଧ। ସେ ଭଗବତ୍ ଗୀତାର ଗୁଣମୁଗ୍ଧା ପାଠିକା। ଏପରିକି ଆମେରିକାରେ ସାମ୍ବିଧାନିକ ପଦବୀରେ ଦାୟିତ୍ୱ ଗ୍ରହଣ ବେଳେ ଗୀତା ଛୁଇଁ ଶପଥ ନେଇଥାଆନ୍ତି। ଫିଲିପାଇନ୍ସସ୍ଥିତ ମିଶନାରୀ ଏକାଡେମୀରେ ଦୁଇବର୍ଷ ଛାଡ଼ିଦେଲେ ସେ ହାଇସ୍କୁଲ ପାଠ ଘରେ ରହି ପଢ଼ିଥିଲେ। ପରେ ହାୱାଇ ପାସିଫିକ୍ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଓ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୨ରେ ଏଡୁଆର୍ଡୋ ତାମାୟୋଙ୍କୁ ବିବାହ କରିଥିଲେ। ହେଲେ ୨୦୦୬ରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୫ରେ ଆବ୍ରାହମ୍ ୱିଲିୟମ୍‌ଙ୍କ ସହ ବେଦପାଠ ଓ ହିନ୍ଦୁ ରୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଭାରତୀୟଙ୍କୁ ସେ ଅଧିକ ଭଲ ପାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ନ୍ୟୁୟର୍କ ଯାଇଥିବା ବେଳେ ତୁଳସୀ ତାଙ୍କୁ ଭଗବତ୍ ଗୀତା ଉପହାର ଦେଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ଭୂମିକା କିଭଳି ରହିବ ତାହା ଏବେଠାରୁ କୁହାଯାଇ ନ ପାରିଲେ ମଧ୍ୟ ସେ ଜଣେ ଭାରତପ୍ରେମୀ ବୋଲି ଧରିନେବାକୁ ହେବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତରେ ପ୍ରକୃତିକୁ ପୂଜା କରିବାର ପରମ୍ପରା କେଉଁ କାଳରୁ ଚାଲିଆସୁଛି। ସେଇ ରୀତିରେ ବୃକ୍ଷକୁ ମଧ୍ୟ ପୂଜା କରାଯାଇଥାଏ। ଛତିଶଗଡର ବାଲ୍‌କୋ ବନଖଣ୍ଡ ଅଞ୍ଚଳର କୋରୱା ବ୍ଲକ୍‌ର ସତରେଙ୍ଗା ଗାଁରେ ରହିଛି ୧୪ଶହ ବର୍ଷର ଏକ ପୁରାତନ ଶାଳଗଛ। ଲୋକେ ଉକ୍ତ ଗଛକୁ ଦେବତା ଭଳି ପୂଜା କରିଥାଆନ୍ତି। ବିବାହ ତଥା ବିଭିନ୍ନ ପର୍ବପର୍ବାଣିରେ ଗଛ ନିକଟରେ ଗ୍ରାମବାସୀମାନେ ପୂଜା କରନ୍ତି। ଏହି ଗଛର ଉଚ୍ଚତା ୨୮ ମିଟର ଓ ଗୋଲେଇ ୨୮ଫୁଟ ୨ଇଞ୍ଚ। ଏହାକୁ ବନଖଣ୍ଡ କର୍ମଚାରୀମାନେ ୨୦୦୬ରେ ଚିହ୍ନଟ କରିଥିଲେ। ଏହାର ବୟସ ଜାଣିବା ପାଇଁ ଗଛର କେତେକ ନମୁନା ସଂଗ୍ରହ କରି ଡେରାଡୁନସ୍ଥିତ ବନ ଗବେଷଣା ବିଭାଗକୁ ପଠାଇଥିଲେ। ଏଥିରୁ ଜଣାପଡିଲା ଗଛଟିର ବୟସ ୧୪ଶହ ବର୍ଷରୁ ଅଧିକ ହେବ। ତେବେ ଶାଳଗଛର ଆୟୁଷ ୨ ହଜାର ବର୍ଷ ହୋଇଥାଏ ବୋଲି ଡେରାଡୁନସ୍ଥିତ ଗବେଷଣା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଗଛକୁ ଦେଖିବାକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। ଆଉ କେତେକ ଏଠାରେ ମାନସିକ ପୂଜା ମଧ୍ୟ କରିଥାଆନ୍ତି।

## ଚିରନ୍ତନୀ

ପଥହୀନ ଅନ୍ଧକାରେ ଏକା ସେହି   ଆଲୋକ ପ୍ରତ୍ୟକ୍ଷ
ସକଳ ବିଶ୍ୱର ଯେହ୍ନୁ ଏକମାତ୍ର   ଚିରନ୍ତନ ଲକ୍ଷ୍ୟ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜାନୁୟାରୀ ୧୯୯୪

- କୋଇଲା ଖଣି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତୃତ କରିବା ଉଦ୍ଦେଶ୍ୟରେ ଏକ ମିଳିତ ୱାର୍କିଂ ଗ୍ରୁପ ଗଠନ ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ନିର୍ବାଚନ ସମୟରେ ଅସ୍ତ୍ରଶସ୍ତ୍ର ଧାରଣ ଏବଂ ଦେହରକ୍ଷୀ ସହ କାର ଓ ଗାଡିର ଚଳପ୍ରଚଳକୁ ନିର୍ବାଚନ କମିଶନ ନିଷିଦ୍ଧ କରିଛନ୍ତି।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ବ୍ୟବସାୟୀକରଣ

ମହାଶୟ,

ଯେଉଁ ଇଂଲିଶ ମିଡିୟମ ସ୍କୁଲଗୁଡିକ ବିନା ଏନ୍‌ଓସିରେ ଚାଲିଛି ସେହି ସ୍କୁଲରେ ପିଲାଙ୍କୁ ନ ପଢାଇବା ପାଇଁ ଶିକ୍ଷାବର୍ଷ ମଝିରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯିବା ଖବର ହଇଚଇ ସୃଷ୍ଟି କରିଛି। ସରକାରୀ ସ୍କୁଲରେ ଭଲ ପଢାପଢି ହେଉ ନ ଥିବାରୁ ଅଭିଭାବକ ବହୁ ଅର୍ଥ ବ୍ୟୟକରି ଇଂଲିଶ ମିଡିୟମ୍ ସ୍କୁଲରେ ପିଲାଙ୍କୁ ପଢାଉଛନ୍ତି। ଏପରି ତ ଦୁଇଦଶନ୍ଧି ଧରି ଚାଲିଛି। ଏନ୍‌ଓସି ସେମାନଙ୍କର ଅଛି କି ନାହିଁ ସରକାର କେବେ ତଦାରଖ କରିନାହାନ୍ତି, ଯାହା ପଛରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କର ସମ୍ପୃକ୍ତି ଥାଇପାରେ। ତେଣୁ ବେଧଡକ ଭାବେ ଏନ୍‌ଓସି ନ ଥିବା ଶିକ୍ଷାନୁଷ୍ଠାନ ଶୋଷଣ କରିବାରେ ଲାଗିଛନ୍ତି। ଏବେ କିନ୍ତୁ ସରକାର ଏପରି ସ୍କୁଲରେ ପଢୁଥିବା ପିଲାଙ୍କ ଭବିଷ୍ୟତ ଚିନ୍ତା କରିବା ତାତ୍ପର୍ଯ୍ୟପୂର୍ଣ୍ଣ। ସରକାର ୱେବ୍‌ସାଇଟରେ ଦୁଇଶହରୁ କିଛି ଅଧିକ ଏନ୍‌ଓସି ପାଇଥିବା ସ୍କୁଲର ନାମ ପ୍ରକାଶ କରିଛନ୍ତି କିନ୍ତୁ ବାସ୍ତବରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ବେନିୟମଭାବେ ଚାଲିଛି ବୋଲି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ। ଅଭିଭାବକଙ୍କ ମତରେ ଆଜିଯାଏ ସରକାର ଏପରି ବେଆଇନ ସ୍କୁଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବେଳେ ଏବେ କାହିଁକି ଶିକ୍ଷାବର୍ଷ ମଝିରେ ତତ୍ପରତା ପ୍ରକାଶ କଲେ ? ସେମାନେ ଏବେ ପିଲାଙ୍କୁ କୁଆଡେ ନେବେ, କେଉଁଠି ପଢାଇବେ ? ଶିକ୍ଷା ବିଭାଗରେ ଏତେ ବିଶୃଙ୍ଖଳା ଚାଲିଥିଲେ ମଧ୍ୟ ସରକାର ଏତେ ବର୍ଷ ଧରି ଚୁପ୍ ରହିଥିଲେ। ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏପରି ବିଶୃଙ୍ଖଳା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରି ଉପଯୁକ୍ତ ଶାସ୍ତିବିଧାନ କରନ୍ତୁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆରୋପ ପ୍ରତ୍ୟାରୋପ

ରାଜ୍ୟ ଓ ଦେଶ ମଧ୍ୟରେ ଆଜି ପ୍ରତି କଥାରେ ଆରୋପ ଓ ପ୍ରତ୍ୟାରୋପ ଚରମ ସୀମାରେ ପହଞ୍ଚିଛି। ଶାସକ ଓ ବିରୋଧୀ କଥା କଟାକଟି ହେଉଛନ୍ତି। ବିରୋଧର ଅର୍ଥ ନୁହେଁ ସବୁ କଥାକୁ ବିରୋଧ କରିବା। ଭଲ କଥାକୁ ବିରୋଧ ଠିକ୍ ନୁହେଁ। ଜଣେ ନିଜ ଇଚ୍ଛାରେ ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ହୋଇଯାଉନାହିଁ। ସେଥିପାଇଁ ବିପୁଳ ଜନସମର୍ଥନ ହାସଲ କରିବାକୁ ପଡୁଛି। ଅହେତୁକ ଦର ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା, ଚାଷୀ ଓ ବେକାରି ଭଳି ସମସ୍ୟାର ସମାଧାନ କଥା ଚିନ୍ତା ନ କରି ଲାଞ୍ଚ ମାଧ୍ୟମରେ ଭୋଟ ହାତେଇବା ଲକ୍ଷ୍ୟରେ ଥିବା ନେତାମାନଙ୍କୁ ଠିକଣା ସମୟରେ ଜନତା ଉଚିତ ଜବାବ ଦେବେ, ଏ କଥା ଭୁଲିଯିବା ଉଚିତ ନୁହେଁ।

ରାଜୀବ ଲୋଚନ ଧନୀ, ଶୁଶୁଆ, ଅର୍ଣ୍ଣପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ବାରିପଦାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

# ରାସ୍ତାକୁ ଓହ୍ଲାଇବ ଜେଏମ୍ଏମ୍

**ବାରିପଦା ଅଫିସ,୧୨।୧**

ଉତ୍ତର ଓଡ଼ିଶାର ବାରିପଦାଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଛି। ହେଲେ ସରକାର ଏ ବାବଦରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଜେଏମଏମ ପକ୍ଷରୁ ଅଭିଯୋଗ ହେଉଛି। ମୟୂରଭଞ୍ଜ ମିଶ୍ରଣ ଚୁକ୍ତି ସମୟରେ ରାଜ୍ୟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ଉଠିଲେ ମୟୂରଭଞ୍ଜ ଜିଲାକୁ ପ୍ରାଧାନ୍ୟ ଦିଆଯିବା କଥା। ମାତ୍ର ଦୁଃଖର ବିଷୟ ମୁଖ୍ୟମନ୍ତ୍ରୀ କ୍ରମାଗତ ଭାବେ ଏହି ଜିଲାକୁ ଉପେକ୍ଷା କରିଚାଲିଛନ୍ତି। ଅତିଶୀଘ୍ର ବାରିପଦାଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଦାବି ନ କଲେ ଜେଏମଏମ ରାଜରାସ୍ତାକୁ ଓହ୍ଲାଇବ। ଆବଶ୍ୟକ ହେଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ଜେଏମଏମ ପକ୍ଷରୁ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯିବ ବୋଲି ଜିଲା ସଭାପତି ଫାଗୁ ହାସଁଦା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷା କରେ
JOLLY
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
ତୁଳସୀ 51 ଡ୍ରପ୍ସ
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
କେଶ ହାନି, ଚର୍ମରୋଗ, କାଠବ୍ରଣ, ବ୍ରଣ, ଝିମିଝିମି ଲାଗିବା, ତୁଣ୍ଡ ଘା’, କାଲୁଆ ଲାଗିବା, ଏକାଗ୍ରତା ଅଭାବ, ମୁଣ୍ଡ ବୁଲାଇବା
କୋଷ୍ଠକାଠିନ୍ୟ, ପେଟ ଗ୍ୟାସ୍, ଏସିଡିଟି, ବଦହଜମି, ଶ୍ୱାସ ରୋଗ, କାଶ, କଫ, ଦୁର୍ବଳତା, କ୍ଳାନ୍ତିରେ ପ୍ରଭାବୀ
50% EXTRA
JOLLY TULSI 51 Drops Natural Immunity Booster
CLINICALLY PROVEN
# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ,
ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588

### ■ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତା ଅବରୋଧ

**ରାଇରଙ୍ଗପୁର,୧୨।୧ (ଡି.ଏନ.ଏ.)**

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସୁନାପୋଷି ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନାପୋଷି ଗ୍ରାମର ନରେନ୍ଦ୍ର ନାଥ ସୋରେନ (୪୨) । ଶୁକ୍ରବାର ରାତିରେ ଘଟିଥିବା ଏହି ଦୁର୍ଘଟଣା ଯୋଗୁ ନରେନ୍ଦ୍ର ବାଇକ୍ ସହ ରାସ୍ତା ପାର୍ଶ୍ୱ ରାଣୀବନ୍ଧକୁ ଖସି ପଡିଥିଲେ। ଫଳରେ ପରିବାର ଲୋକେ ରାତି ସାରା ଖୋଜାଖୋଜି ପରେ ଶନିବାର ସକାଳେ ତାଙ୍କ ମୃତଦେହ ପାଇଥିଲେ। ଏହାପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଦୀର୍ଘ ୩ ଘଣ୍ଟା ୨୨୦ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ନରେନ୍ଦ୍ର ରାଇରଙ୍ଗପୁର ସହରରେ ଏକ ମେଡିସିନ ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତିରେ ସେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏଥିଯୋଗୁ ନରେନ୍ଦ୍ର ନିଜ ବାଇକ ସହ ରାଣୀବନ୍ଧରେ ଖସି ପଡିଥିଲେ। ଶନିବାର ସକାଳେ ଖବରପାଇ ନରେନ୍ଦ୍ରଙ୍କ ପରିବାର ଲୋକଙ୍କ ସମେତ ରାଇରଙ୍ଗପୁର ଟାଉନ ଥାନା ଓ ଗ୍ରାମାଞ୍ଚଳ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଲୋକେ ୨୨୦ ନଂ. ଜାତୀୟ ରାଜପଥରେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ।


ରାସ୍ତା ଉପରେ ମୃତଦେହ ରଖି ରାସ୍ତା ଅବରୋଧ।

■ରାଣୀବନ୍ଧରୁ ମିଳିଲା ମୃତଦେହ

■ବୁଝାଶୁଝା ପରେ ରାସ୍ତାରୋକୋ ପ୍ରତ୍ୟାହୃତ

ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ରୀମା ହାଁସଦା ଏବଂ କୁସୁମୀ ତହସିଲଦାର ରଘୁନାଥ ଟୁଡୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତ ନରେନ୍ଦ୍ରଙ୍କ ପତ୍ନୀଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ସହ ଜାତୀୟ ରାଜପଥ ତୁରନ୍ତ ନିର୍ମାଣ ଶେଷ ନିମନ୍ତେ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଦୁର୍ଘଟଣାଜନିତ ମାମଲା (୧/୧୯) ରୁଜୁ ହୋଇଛି।

## କାର୍ ଉପରେ ଓଲଟିଲା ଟ୍ରକ


କାର ଉପରେ ଟ୍ରକ ଓଲଟିଛି।

**ବାରିପଦା ଅଫିସ,୧୨।୧**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଘାଟିରେ ଶନିବାର ଏକ କାର ଉପରେ ଏକ ପିଆଜ ବୋଝେଇ ଟ୍ରକ ଓଲଟି ପଡିଛି। ତେବେ କାର ଭିତରେ କେହି ନ ଥିବାରୁ ମୃତାହତ ହୋଇ ନାହାନ୍ତି। ସୂଚନା ମୁତାବକ ପୂର୍ବରୁ ଏହି ଘାଟିରେ ଖରାପ ହୋଇଥିବା ଏକ ଟ୍ରକ ମରାମତି ପାଇଁ ଉକ୍ତ କାରରେ ମେକାନିକ ଦଳ ଏଠାକୁ ଆସିଥିଲେ। ତେବେ ଉକ୍ତ ସମୟରେ ଘାଟିରୁ ଓହ୍ଲାଉଥିବା ଅନ୍ୟ ଏକ ପିଆଜ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଉକ୍ତ କାର ଉପରେ ପଡିଯାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛି।

## ଜୁଆଆଡ୍ଡା ଉପରେ ଚଢାଉ, ଜଣେ ଗିରଫ

**ରାଇରଙ୍ଗପୁର, ୧୨।୧ (ଡି.ଏନ.ଏ.)**

ରାଇରଙ୍ଗପୁର ସହରାଞ୍ଚଳ ମହୁଲିଡିହା ବସ୍ତି ଅଞ୍ଚଳରେ ଶୁକ୍ରବାର ହାଟ ପରିସରରେ ଜୁଆ ଖେଳ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ସେଠାରୁ ଜଣେ ଜୁଆଡି ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଥିଲେ। ଗିରଫ ଜୁଆଡି ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ବରାଳ ବୋଲି ଜଣାଯାଇଛି। ଘଟଣାସ୍ଥଳରୁ ପୋଲିସ ନଗଦ ୮ଶହ ଟଙ୍କା ସହ ଜୁଆଖେଳ ସାମଗ୍ରୀ ଜବତ କରିଛି। ଏ ନେଇ ଏକ ମାମଲା (ନଂ. ୪/୧୮) ରୁଜୁ ହୋଇଛି।

### ■ ଭତ୍ତା ପ୍ରଦାନରେ ବିଳମ୍ବରୁ ଉତ୍ତେଜନା

# କାର୍ଯ୍ୟନିର୍ବାହୀ ଅଧିକାରୀ ୨ ଘଣ୍ଟା ଅଟକ

**କପ୍ତିପଦା, ୧୨।୧ (ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ବଡ଼ଖଲାଡ଼ି ପଞ୍ଚାୟତରେ ଶନିବାର ହିତାଧିକାରୀଙ୍କୁ ରାଶନ୍ ସାମଗ୍ରୀ ଓ ଭତ୍ତା ପ୍ରଦାନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲେ।

ଶନିବାର ଭତ୍ତା ପ୍ରଦାନ ନେଇ ପୂର୍ବରୁ ତାରିଖ ଘୋଷିତ ହୋଇଥିବାରୁ ବହୁ ଦୂରଦୂରାନ୍ତରୁ ହିତାଧିକାରୀ ଆସି ସକାଳୁ ଛିଡ଼ା ହୋଇଥିଲେ । ମାତ୍ର ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟୁତ୍ ମହାପାତ୍ର ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟରେ ନ ପହଞ୍ଚିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଉଭୟ ପକ୍ଷ ମଧ୍ୟରେ ଉଚବାଚ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଉତ୍ତ୍ୟକ୍ତ ଲୋକେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ୨ ଘଣ୍ଟା ଧରି ଅଟକ ରଖିଥିଲେ । ଖବର ପାଇ କପ୍ତିପଦା ପୋଲିସ୍ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ଏ ସମ୍ପର୍କରେ କପ୍ତିପଦା ବିଡ଼ିଓ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୋ ନିକଟରେ କୌଣସି ଅଭିଯୋଗ ନାହିଁ । ଅଭିଯୋଗ ପାଇଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ହିତାଧିକାରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ନ ଥିବା କହିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**କପ୍ତିପଦା, ୧୨।୧ (ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଶାଳଚୁଆ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର କବାଟ ସଭାପତିତ୍ୱ କରିଥିଲ। ଉଦ୍‌ଘାଟକ ଭାବେ ଜିଲା ଓଷ୍ଟା ସଂଘର ସଭାପତି ଭରତ ଚନ୍ଦ୍ର ବିରାଳ, ମୁଖ୍ୟଅତିଥି ଭାବେ କପ୍ତିପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗମୋହନ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ସମ୍ମାନିତ ଅତିଥି ଭାବେ, ସିଆରସିସି ନାରାୟଣ ପୃଷ୍ଟି ଓ ଗଙ୍ଗାଧର ମୁର୍ମୁ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

DADLS - 242



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଶିକ୍ଷାର ପ୍ରସାର ଏବଂ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଯେଉଁ କେତେଜଣ ବରପୁତ୍ରଙ୍କର ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ଖଲ୍ଲିକୋଟ ରାଜବଂଶର ଜନହିତୈଷୀ ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଅନ୍ୟତମ । ତାଙ୍କର ଆଦର୍ଶ, ସୁଶାସନ, ଉତ୍ତମ ସାଂଗଠନିକ ଦକ୍ଷତା, ସାମାଜିକ ସଂସ୍କାର ଇତ୍ୟାଦି ବହୁମୁଖୀ ପ୍ରତିଭା ଯୋଗୁଁ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ । ଓଡ଼ିଶା ତଥା ଦେଶର କଳା, ସଂସ୍କୃତି ଓ ଶିକ୍ଷାର ପ୍ରଗତି କ୍ଷେତ୍ରରେ ତାଙ୍କର ଦାନ ଅତୁଳନୀୟ ।

ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୩ ଜାନୁଆରୀ ୨୦୧୯

ପୂର୍ବାହ୍ନ ୧୧ ଘଟିକା –
ସ୍ଥାନୀୟ ଜୟଦେବ ଭବନଠାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର ।

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ
- ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର, ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ
- ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର, ମାନ୍ୟବର ସାଂସଦ
- ଶ୍ରୀଯୁକ୍ତ ଲଡୁକିଶୋର ସ୍ୱାଇଁ, ମାନ୍ୟବର ସାଂସଦ
- ଶ୍ରୀଯୁକ୍ତ ବଳଭଦ୍ର ମାଝି, ମାନ୍ୟବର ସାଂସଦ
- ଶ୍ରୀମତୀ ଭି.ସୁଜ୍ଞାନ କୁମାରୀ ଦେଓ, ମାନ୍ୟବର ବିଧାୟିକା
- ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ ଦେବରାଜ ମହାନ୍ତି, ମାନ୍ୟବର ବିଧାୟକ
- ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ
- ଶ୍ରୀମତୀ ନନ୍ଦିନୀ ଦେବୀ, ମାନ୍ୟବର ବିଧାୟିକା
- ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ ପ୍ରିୟାଂଶୁ ପ୍ରଧାନ, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ କେଙ୍ଗମ ସୂର୍ଯ୍ୟ ରାଓ, ମାନ୍ୟବର ବିଧାୟକ
- ସୁଶ୍ରୀ ବାସନ୍ତୀ ମଲ୍ଲିକ, ମାନ୍ୟବର ବିଧାୟିକା
ସ୍ୱାଗତ ଭାଷଣ - ଶ୍ରୀଯୁକ୍ତ ସଂଜୟ କୁମାର ସିଂ, କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଧନ୍ୟବାଦ ଅର୍ପଣ - ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ

ସଭା ପରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0540/1819

## ସଂକ୍ଷେପରେ

### ଜାତୀୟ ଯୁବ ଦିବସ




**କପ୍ତିପଦା, ୧୨।୧ (ଡ଼ି.ଏନ୍.ଏ):** କପ୍ତିପଦା ମହାବିଦ୍ୟାଳୟ ପରିସରରେ ଶନିବାର ଯୁବ ରେଡ୍ କ୍ରସ୍ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏଥିରେ ଯୁକ୍ତ ୨ର ଅଧକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ ଓ ଯୁକ୍ତ ୩ ଅଧକ୍ଷା ଡ଼. ଲିପିକା ବେହେରା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ କମଳାକାନ୍ତ ବୁଗୁଡ଼େଇ, ଅଧାପକ ପ୍ରଫୁଲ୍ଲ କୁମାର ସାହୁ, ଏନ.ଏସ୍.ଏସ୍. ପ୍ରୋଗ୍ରାମ୍ ଅଫିସର ସଞ୍ଜୟ କୁମାର ସେନାପତି, ସାନ୍ତନୁ ସୁନ୍ଦର ଆଚାର୍ଯ୍ୟ, ବିଭୁରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଯୁକ୍ତ ୨ ରେଡ୍‌କ୍ରସ୍ ଅଧିକାରୀ ହରମୋହନ ଜେନା ସଭା ପରିଚାଳନା କରିଥିବା ବେଳେ ଯୁକ୍ତ ୩ର ଅଧିକାରୀ ଚନ୍ଦ୍ରମୋହନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା,(ଡିଏନଏ):** କୁଣ୍ଡାବାଇସ୍ଥିତ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ୟୁନିଟ ଦ୍ୱାରା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଜାତୀୟ ଯୁବ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ବ୍ୟକ୍ତିତ୍ୱ, ସାମର୍ଥ୍ୟ, ବ୍ୟବହାର, ଆଦର୍ଶ, ମହାନୁଭବତା ଓ ପ୍ରତିଭାର ଅଧିକାରୀ ହୋଇ ଦେଶ ବିକାଶରେ ନିଜକୁ ସାମିଲ କରିବା ଉଚିତ୍ ବୋଲି କହିଥିଲେ । ଏହାପରେ ପତାକା ଦେଖାଇ ଯୁବ ଦିବସର ରାଲିକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପକ ତଥା ଏନଏସଏସ ପ୍ରୋଗ୍ରାମ ଅଫିସର ଦିଲୀପ କୁମାର ପ୍ରାମାଣିକ ପରିଚାଳନା କରିଥିଲେ ।

### ବୃନ୍ଦାବନ ହେଲେ ସରକାରୀ ଓକିଲ



**ବାରିପଦା ଅଫିସ,୧୨।୧:** ବାରିପଦା ଉପଖଣ୍ଡସ୍ତରୀୟ ଜୁଡସିୟାଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ସହକାରୀ ସରକାରୀ ଭାବେ କାର୍ଯ୍ୟ କରୁଥିବା ଓକିଲ ବୃନ୍ଦାବନ ନାୟକ ସରକାରୀ ଓକିଲ ପରିକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଓଡିଶା ପବ୍ଲିକ ସର୍ଭିସ କମିସନ(କଟକ) ଦ୍ୱାରା କରାଯାଇଥିବା ପରୀକ୍ଷାର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ସରକାରୀ ଓକିଲ(ଗ୍ରୁପ-ଏ) ପଦବୀ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ଜିଲାର ଓକିଲ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ନାୟକ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ ସମୟ ହେବ ବାରିପଦାଠାରେ ସହକାରୀ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଛନ୍ତି।

# ଶାନ୍ତିଶୃଙ୍ଖଳା ଉପରେ ନଜର

**ଦିନକ ପରେ ମକର**



ଉଦଳା ମକର ହାଟରେ ଲୋକଙ୍କ ଭିଡ।

- ଘରେ ଜମିଲାଣି ଗହଳି
- ୮ ଦିନ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ଦାମୋଦର ଯାତ୍ରା ଲାଗି ବ୍ୟାପକ ପ୍ରସ୍ତୁତି

କପ୍ତିପଦା,୧୨।୧(ଡି.ଏନ.ଏ)

ଆଉ ଦିନକ ପରେ ମୟୂରଭଞ୍ଜ ଜିଲାର ଗଣପର୍ବ ମକର । ଏଥିପାଇଁ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ହେଉଛି ଚାଷୀଙ୍କ ଚାଷ କାର୍ଯ୍ୟର ଶେଷ ଦିନ । ଏହି ଦିନ ଗଉଣି ଓ କଠାକୁ ପୂଜା କରାଯାଇଥାଏ । ବର୍ଷ ଜାକର ପରିଶ୍ରମ ପରେ ଧାନ ଅମଳ କରି ସୁରକ୍ଷିତ ରଖିବା ପରେ ଏହି ପର୍ବକୁ ସେମାନେ ଖୁବ ଧୁମଧାମରେ ପାଳନ କରିଥାନ୍ତି ।

ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିବିଡ ସମ୍ପର୍କ ଥିବାରୁ ମକର ଏକ ନିଆରା ପର୍ବ । ଏହାକୁ ଧୁମଧାମରେ ପାଳନ କରିବା ପାଇଁ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଆରମ୍ଭ ହେଲାଣି। ଆଦିବାସୀ ଅଧୁଷିତ ବିଭିନ୍ନ ସ୍ଥାନରେ ମକରଠାରୁ ୮ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ପ୍ରସ୍ତୁତି ସରିଛି । କପ୍ତିପଦା ବ୍ଲକ୍ ଅଧୀନ କପ୍ତିପଦା, ଶାଳଚୁଆ, ରାମଚନ୍ଦ୍ରପୁର, ରୁଗୁଡି, ଶରତ, ପୋହାଡିହା, ଚକ୍ରଧରପୁର, କୁଲିଅଳମ, ନାବରା ହାଟରେ ପ୍ରବଳ ଭିଡ ସତ୍ତ୍ୱେ କପ୍ତିପଦା ଉପଖଣ୍ଡର ମୁଖ୍ୟାଳୟ, ଉଦଳା ବଜାରକୁ ମଧ୍ୟ ଛୁଟି ଆସୁଛନ୍ତି ଲୋକେ। ପୁରାଣ ପ୍ରସିଦ୍ଧ ସମୀବୃକ୍ଷ, ଟାଙ୍ଗରାଶୁଣୀ ଓ ବାଇଟାଙ୍ଗରିଆ ପୀଠରେ ୮ଦିନ ଧରି ମେଳା ବସିବ ବୋଲି କମିଟି ସୂତ୍ରରୁ ଜଣାଯାଇଛି । ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ରାସ୍ତାଘାଟର ମରାମତି, ପାନୀୟ ଜଳ, ପାର୍କିଂ, ମଦ ବିକ୍ରି ନିଷେଧ, ଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଥିବା ସମୀବୃକ୍ଷ ଟ୍ରଷ୍ଟ ସଭାପତି ପ୍ରଫୁଲ୍ଲ ଖିଲାର କହିଛନ୍ତି। ମକର ଦିନ ବଡି ଭୋରୁ ସଂକୀର୍ତ୍ତନ ଦଳ ସହିତ ଲୋକମାନେ ନଦୀକୁ ଯାଇ ମକର ବୁଡ ପକାଇବା ଓ ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେବା ପରମ୍ପରା ରହି ଆସିଛି । ଏହି ନିଆଁରେ ସବୁ ଅପକର୍ମ ପୋଡିଯାଏ ବୋଲି ପ୍ରବାଦ ରହିଛି । ଏହି ସଂକୀର୍ତ୍ତନ ଦଳ ଗ୍ରାମରେ ଥିବା ସବୁ ମନ୍ଦିରକୁ ବୁଲିବୁଲି ସଂକୀର୍ତ୍ତନ କରିଥାନ୍ତି। ସେତେବେଳେ ସେମାନଙ୍କୁ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁଡ, କଦଳୀ, ତିଳଉ, କନ୍ଦମୂଳ, ଚିନିଆଳୁ, ଆଖୁ, କାକୁଡି ଓ ଦହିକୁ ନେଇ ପ୍ରସ୍ତୁତ ମକର ଭୋଗ ଦିଆଯାଇଥାଏ । ଏହି ଭୋଗ ସେଦିନ ଘରେ ଘରେ ମଧ୍ୟ ପ୍ରସ୍ତୁତ କରାଯାଏ । ଏତଦବ୍ୟତୀତ ମଣ୍ଡା, ଆରିସା, କାକରା, ଚକୁଳି ଓ ପୋଡପିଠା ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ। ଏହି ପର୍ବରେ ଝିଅମାନଙ୍କର ଟୁସୁ ପୂଜା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଦାମୋଦର ଯାତ୍ରାକୁ(ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ) ଖୁବ ଧୁମଧାମରେ ପାଳନ କରାଯାଏ । ସେଥିପାଇଁ ଅସ୍ଥି ବିସର୍ଜନ କରାଯାଉଥିବା ଘାଟରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଉପରେ ନଜର ରଖାଯାଉଥିବା ଜଣାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲେଖ ଅବଧୂତ,**
**ମାରେ ଠେଙ୍ଗା, ଭାଗେ ଭୂତ ।**

କଥାରେ ଅଛି ମାଡ଼କୁ ମହାଦେବଙ୍କ ଡର। ଦୁଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ପାଇଁ ମାଡ଼ଠାରୁ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ କିଛି ନାହିଁ। ମାଡ଼ ଭୟରେ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଠିକ୍ ବାଟକୁ ଆସିଯାଇଥାନ୍ତି। ଠେଙ୍ଗା ଓ ମୂଷଳ ଭୟରେ ସବୁ କାମ ସିଦ୍ଧ ହୁଏ ତଥା ଖଳ ପ୍ରକୃତିର ବ୍ୟକ୍ତି ନତମସ୍ତକ ହେବାକୁ ବାଧ ହୋଇଥାଏ ।

**ଅନେକ ମାଛ ଯଦି ପାଏ**
**ବିଲେଇ କଣ୍ଟାବାଛି ଖାଏ ।**

ଭୋକରେ ଆଉଟୁ ପାଉଟୁ ହେଉଥିବା ବ୍ୟକ୍ତି ଯେତେବେଳେ ଯାହାପାଏ ତାକୁ ସାଦରେ ଗ୍ରହଣ କରିନିଏ। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ। ବାସ୍ ଆକୁଳରେ ଖାଇଯାଏ। ତେବେ ଆବଶ୍ୟକତା ଠାରୁ ଯଦି ଅଧିକ ମିଳିଯାଏ ତା'ହେଲେ ସେ ନିଜ ପସନ୍ଦ, ରୁଚି ପ୍ରତି ଅଧିକ ଧ୍ୟାନ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସମ୍ଭାର-୨୦୧୯ ଆୟୋଜିତ



ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ବହଳଦା,୧୨।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ବ୍ଲକର ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବହଳଦାସ୍ଥିତ କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଝରାଡିହିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମ୍ଭାର-୨୦୧୯ ପୃଥକ ପୃଥକ ଭାବେ ସଂପୃକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଝରାଡିହି ସରକାରୀ ଉଚ୍ଚ ବିଦ୍ୟାଳୟ,କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ହୃଷୀକେଶ ବାଳିକା ଉଚ୍ଚବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଚିତ୍ତରଞ୍ଜନ ମଣ୍ଡଳ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଡ.ମୋହନ ଚନ୍ଦ୍ର ସିଂହ, ଅବସରପ୍ରାପ୍ତ ଶିକ୍ଷକ ଅମିୟ କୁମାର ଦାସ, ପରିଚାଳନା କମିଟି ସଭାପତି ବୃହସ୍ପତି ବେହେରା, କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବହଳଦା ବାଳିକା ନୋଡାଲ ବିଦ୍ୟାଳୟ ପରିସରରେ ମିଳିତ ଭାବେ ୨ଟି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବହଳଦା ତହସିଲଦାର ଜଗରଞ୍ଜନ ନାୟକ ଯୋଗଦେଇଥିବା ବେଳେ ପ୍ରଧାନ ଶିକ୍ଷକ ସୁଧାକର ପରିଡା ଅଧ୍ୟକ୍ଷତା କରିଥିଲେ ।

## 'ଉତ୍କଳ ମାଟିକୁ ଋଦ୍ଧିମନ୍ତ କରିଛି କେନ୍ଦୁଡ଼ିହା'

ବଡସାହି,୧୨।୧(ସ୍ୱ.ପ୍ର)

ବଡସାହି ବ୍ଲକ ଅଧୀନ କେନ୍ଦୁଡିହାସ୍ଥିତ କାଶୀନାଥ ବିଦ୍ୟାପୀଠର ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଶିକ୍ଷକ ମନୋରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଟି ବିଭାଗରେ ୧୨ଟି ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଜଗଦୀଶ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ ଯୋଗ ଦେଇଥିଲେ। କ୍ରୀଡ଼ା ମାଧ୍ୟମରେ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମୋହନ ମୋଦି, ସମ୍ମାନିତ ଅତିଥି ଭାବେ ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତ ଏବଂ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। କେନ୍ଦୁଡିହା ମାଟି ବହୁ ପ୍ରତିଭାଧାରୀଙ୍କୁ ସୃଷ୍ଟି କରିଛି, ଯାହା ଉତ୍କଳ ମାଟିକୁ ଋଦ୍ଧିମନ୍ତ କରିପାରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସୁଶାନ୍ତ କୁମାର ବେହେରା, ଶ୍ରୀକାନ୍ତ ପାତ୍ର, ଅକ୍ଷୟ କୁମାର ବାରିକ, ଶ୍ରୀକାନ୍ତ ଦାସ ଓ ପ୍ରତାପ ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ।



କାଶୀନାଥ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## 'ଶୃଙ୍ଖଳିତ ହେବାକୁ ସ୍କୁଲ ଦେଇଥାଏ ଶିକ୍ଷା'

ବଡସାହି,୧୨।୧(ସ୍ୱ.ପ୍ର.)

ବଡ଼ସାହି ବାଣୀପୀଠ ଦ୍ୱାରା ପରିଚାଳିତ ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର(ଆବାସିକ)ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଛି। ପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଡା. କୁମାର ବାବୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଗୁରୁଜୀ ଦେବେନ୍ଦ୍ର ମହାପାତ୍ର ଯୋଗ ଦେଇ ଶୃଙ୍ଖଳିତ ପରିମାର୍ଜିତ ରାସ୍ତାରେ ଆଗେଇବାକୁ ଶିକ୍ଷାକେନ୍ଦ୍ର ସେମାନଙ୍କୁ ଶିକ୍ଷା ପ୍ରଦାନ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗେଶ୍ୱର ସାହୁ, ଜଗତ ରଞ୍ଜନ ପଟ୍ଟନାୟକ, ହରିଶ୍ଚନ୍ଦ୍ର ହେମ୍ବ୍ରମ, ଶିବମ୍ ପ୍ରକାଶ ଜେନା, ସଞ୍ଜୟ କୁମାର ପାତ୍ର ଓ ମୋନାଲିସା ଦାଶ ଯୋଗ ଦେଇଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କୁଆମରା,୧୨।୧

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବ୍ଲକ ପରିସରରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା, ଖୁଣ୍ଟା ଥାନା ସେକେଣ୍ଡ ଅଫିସର ଅଜୟ ସୁଦର୍ଶନ ବାଜେ, ଏବିଇଓ ନାରାୟଣ ପ୍ରସାଦ ସାମଲ, ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ପଥୁରୀକଟା ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଆମରା,୧୨।୧

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପଥୁରୀକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନିଲ କୁମାର ପଶାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ରାମଚନ୍ଦ୍ର ସିଂ, ସିଆରସିସି ଦୀପକ କୁମାର ମାଇତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗଲ ମାରାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

## ପୁନରୁଦ୍ଧାର ହେବ ପାଉଁଶିଆ ବନ୍ଧ

ବଡ଼ସାହି,୧୨।୧(ସ୍ୱ.ପ୍ର)

ପାଉଁଶିଆ ବନ୍ଧର ପୁନରୁଦ୍ଧାର ହେବ ବୋଲି ଏକ ବନ୍ଧୁମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର କହିଛନ୍ତି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଏହି ବନ୍ଧର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ପୁନଃଉଦ୍ଧାର କାର୍ଯ୍ୟ କରାଯିବ । ଫଳରେ ଚାଷୀଙ୍କ ଅଧିକ ଜମି ଜଳସେଚିତ ହୋଇପାରିବ । ବଡ଼ସାହି ବ୍ଲକ ଅଧୀନରେ ଥିବା ଏହି ବନ୍ଧ ଏକ ପିକନିକ୍ ସ୍ପଟ୍ ଭାବେ ଜଣାଶୁଣା । ତା'ର ବିକାଶ ପାଇଁ 'ଆମ ଗାଁ ଆମ ବିକାଶ' ଯୋଜନାରେ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏକ କଲ୍ୟାଣମଣ୍ଡପ ସହିତ ଆମ୍ବ ବଗିଚାରେ ପିଣ୍ଡି ନିର୍ମାଣ ଓ ଆବର୍ଜନାକୁଣ୍ଡ ସ୍ଥାପନ କରାଯିବ ବୋଲି କହିଥିଲେ । ଅଞ୍ଚଳର ବିକାଶ ପାଇଁ ସେ ଏକା ନୁହେଁ ସମସ୍ତଙ୍କର ସହଯୋଗ ଲୋଡ଼ା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରା ଓ ସରପଞ୍ଚ ସଂଘର ସଭାପତି ନରେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଶୁକ୍ରବାର ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ବଡ଼ସାହି, ବେତନଟୀ, ବୈଶିଙ୍ଗା ଓ ମାଣଡ୍ରୀ ଅଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କୁ ନେଇ ପାଉଁଶିଆଠାରେ ଏହି ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରେସ କ୍ଲବ ୨୪ ଗୁଣନ ୭ର ସଭାପତି ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ଏଥିରେ ସଭାପତିତ୍ୱ କରିଥିଲେ । ଅରୁଣ କୁମାର ଓତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନିହାର ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA
Teh.- DADRI, Dist- BHIWANI

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| MORE SPACE • SAME PRICE | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ‘ସୃଷ୍ଟିର ସାମାଜିକ ଅଙ୍ଗୀକାରବଦ୍ଧ କରିବ କାଳଜୟୀ’

# କବି ଆଶୁତୋଷ, ଗାଳ୍ପିକା ପୁଷ୍ପାଞ୍ଜଳି ସମ୍ମାନିତ

**ବାଲେଶ୍ୱର ଅଫିସ,୧୨।୧**

ବାଲେଶ୍ୱର ସୁନହଟ ସ୍ଥିତ କବି ବ୍ରଜନାଥ ରଥଙ୍କ ବାସଭବନ ପରିସରରେ ‘ବିଶ୍ୱ ତାରା’ ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ଦ୍ୱାଦଶ ପ୍ରତିଷ୍ଠା ଦିବସ ଓ କବି ବ୍ରଜନାଥ ରଥଙ୍କ ୮୪ତମ ଜୟନ୍ତୀ ‘କବି ବ୍ରଜନାଥ ରଥ ଫାଉଣ୍ଡେସନ’ ଟ୍ରଷ୍ଟ ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରଫେସର ଡ. ଅଖିଳ ବିହାରୀ ହୋତା ଯୋଗଦେଇ ଶ୍ରୀ ରଥଙ୍କ ସାହିତ୍ୟରେ ଥିବା ସାମାଜିକ ଅଙ୍ଗୀକାର ବଦ୍ଧତାକୁ ଆଜିର ଲେଖିକା ଲେଖକମାନେ ହୃଦୟଙ୍ଗମ କରି ନିଜକୁ ପ୍ରସ୍ତୁତ କରିପାରିଲେ ତାହାହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ


ଅତିଥିମାନେ ‘ବ୍ରଜନାଥ ରଥ କାବ୍ୟମାନସ’ ଗ୍ରନ୍ଥ ଉନ୍ମୋଚନ କରୁଛନ୍ତି।

ଗ୍ରନ୍ଥାଗାର ଓଡ଼ିଆ ଜାତି ପାଇଁ ଅମୂଲ୍ୟ ସମ୍ପଦ, ଭବିଷ୍ୟତ ପୀଢ଼ୀ ପାଇଁ ଅନେକ ତଥ୍ୟ ପ୍ରଦାନ କରିବାରେ ସହାୟ ହେବ ବୋଲି କହିଛନ୍ତି।

ଅନୁଷ୍ଠାନର ଉପଦେଷ୍ଟା ବିଜୟ ଉପାଧ୍ୟାୟ ଉତ୍ସବରେ ପୌରୋହିତ୍ୟ କରି ସଭାକୁ ପରିଚାଳନା କରିଥିଲେ। କବି କାଳିପଦ ପଣ୍ଡା ପ୍ରାକ୍ କଥା ପ୍ରଦାନ କରିଥିବା ବେଳେ ବ୍ରହ୍ମ ରଥ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏମ୍‌ପି ଇଂ. ରବିନ୍ଦ୍ର କୁମାର ଜେନା ଯୋଗଦେଇ ବ୍ରଜନାଥ ରଥଙ୍କର ଫୋଟରେ ପୁଷ୍ପ ପ୍ରଦାନ କରିବା ସହ ବ୍ରଜନାଥ ରଥଙ୍କ ଭଳି ଜଣେ ସାରସ୍ୱତ ସାଧକ ତଥା ସାହିତ୍ୟ ପାଇଁ ସମର୍ପିତ ବ୍ୟକ୍ତିତ୍ୱ ବିରଳ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନ ଜନକ ବ୍ରଜନାଥ ରଥ ସାରସତ୍ୱ ସମ୍ମାନ–୨୦୧୯ ବିଶିଷ୍ଟ କବି ତଥା ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ା ଏବଂ ବ୍ରଜନାଥ ରଥ ସ୍ମୃତି ସମ୍ମାନ–୨୦୧୯ ବିଶିଷ୍ଟ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକଙ୍କୁ ଅର୍ପଣ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଅଧ୍ୟାପକ ଡ. ଭଗବାନ ପଟେଲଙ୍କ ଲିଖିତ ‘ବ୍ରଜନାଥ ରଥ କାବ୍ଯମାନସ’ ଗ୍ରନ୍ଥ ଉନ୍ମୋଚନ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ପୁଷ୍ପଲତା ଦେବୀ, ମନସ୍ୱିନୀ ଦେବୀ, ବିଶ୍ୱପ୍ରକାଶ ରଥ, କବି କାଳିକିଙ୍କର ଦାସ, କବୟିତ୍ରୀ ସୈରିନ୍ଧ୍ରୀ ସାହୁ, ବ୍ୟୋମନାଥ ରଥ, ଦୀପକ ମିଶ୍ର, ମଧୁସୁଦନ ଦାସ, କମଳାକାନ୍ତ ଦାଶ, ମୃତ୍ୟୁଞ୍ଜୟ ମିଶ୍ର, ପରମାନନ୍ଦ ପଣ୍ଡା ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ୫ ମଦ ବେପାରୀ ଗିରଫ

**ନୀଳଗିରି,୧୨।୧ (ଡି.ଏନ.ଏ.)**- ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଶନିବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୬୮୦ କିଲୋ ପୋଚ, ୧୯ ଲିଟର ମଦ ଓ ସରଞ୍ଜାମ ଜବତ ହୋଇଛି। ଏନେଇ ବିଭାଗରେ ମାମଲା ଯଥାକ୍ରମେ (ନଂ.୯୪/୧୯, ୯୫/୧୯, ୯୬/୧୯, ୧୩୩/୧୯ ଓ ୧୩୪/୧୯) ରୁଜୁ କରାଯାଇଛି। ଗିରଫ ମଦ ବେପାରୀମାନେ ହେଲେ ବରମହପୁର ଥାନା ଗୁଡ଼ିପଦା ଗାଁର ନଙ୍ଗା କିସ୍କୁ, ପୋନ୍ଦଲା ଗାଁର ବୁଧିଆ ସିଂ, ବାବାଜୀ ସିଂ, ଗଜେନ୍ଦ୍ର ସିଂ ଓ ରାଧାକିଶୋରପୁର ଗାଁର ସୁମିତ୍ରା ସିଂ। ସେମାନଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ନିରୀକ୍ଷକ ଉଦୟଲାଲ ନାୟକ, ସହକାରୀ ଉପନିରୀକ୍ଷକ ଚନ୍ଦ୍ରମୋହନ ସେଠୀ, ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଓ ପୋଲିସ ଫୋର୍ସ ଚଢ଼ାଉରେ ସାମିଲ ଥିଲେ।

### ଜିଲା ଜଜ୍‌ଙ୍କ ଔପଦା ଗସ୍ତ

**ଔପଦା,୧୨।୧(ଡି.ଏନ.ଏ.)**- ଦୀର୍ଘ ବର୍ଷ ପ୍ରତିକ୍ଷାର ଅନ୍ତ ପରେ ବହୁ କମ ସମୟ ମଧରେ ଔପଦାରେ ଅସ୍ଥାୟୀ କୋର୍ଟ ଚାଲିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ବାଲେଶ୍ୱର ଜିଲା ଔପଦା ବ୍ଲକ ଏକ ଉପାନ୍ତ ଅଞ୍ଚଳ ଭାବେ ପରିଗଣିତ ହେଉଥିବା ବେଳେ ଏଠାରେ କୋର୍ଟ ପ୍ରତିଷ୍ଠା ଖବର ଲୋକଙ୍କ ମଧରେ ଉତ୍ସାହର ବାତାବରଣ ସୃଷ୍ଟି କରିଛି। ଶନିବାର ଅପରାହ୍ନ ୨ ଘଟିକା ସମୟରେ ଜିଲା ଜଜ୍ ରାମଶଙ୍କର ହୋତା ଓ ଜିଲା କୋର୍ଟ ମ୍ୟାନେଜର ଶଶିକାନ୍ତ ପ୍ରଧାନ ଔପଦା ଅଞ୍ଚଳ ଗସ୍ତ କରିଥିଲେ। ଔପଦା ବ୍ଲକ ନିକଟରେ ପହଞ୍ଚିବା ପରେ ଔପଦା ବିଡିଓ ପିତାମ୍ବର ଭୋଇ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଓ ଅନ୍ୟାନ୍ୟ ପଦସ୍ତ କର୍ମଚାରୀଙ୍କ ଗହଣରେ ଔପଦାରେ ହେବାକୁ ଥିବା ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବିତ ଅସ୍ଥାୟୀ ଗୃହ ପରିଦର୍ଶନ କରିଥିଲେ। ଜିଲାଜଜ୍ ଔପଦା ଗସ୍ତ କରି ଔପଦା ବ୍ଲକ ପଞ୍ଚାୟତ ସମିତି ଘରେ ପ୍ରସ୍ତାବିତ ଜେଏମ୍ଏଫ୍‌ସି କୋର୍ଟ ଅସ୍ଥାୟୀ ରୂପେ ଚାଲୁ କରିବା ବିଷୟ ଏକ ପ୍ରକାର ଚୁଡ଼ାନ୍ତ ହୋଇଥିବା ବିଷୟ ଜଣାପଡ଼ିଛି।

### ବିଜ୍ଞାନ ପ୍ରଦର୍ଶନୀ



**ଖଇରା,୧୨।୧(ଡି.ଏନ.ଏ.)**-ସ୍ଥାନୀୟ ଖଇରା ବଜାରସ୍ଥିତ ତପୋଭୂମି ଶିକ୍ଷାନିକେତନରେ ଶନିବାର ସବଜୁନିୟର, ଜୁନିୟର ଓ ସିନିୟର ସ୍ତରରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ଦେବେନ୍ଦ୍ର ରାଉତ ଓ ହରିହର ପତ୍ରୀ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ସବଜୁନିୟରରେ ନିତେଶ କୁମାର ଲେଙ୍କା, ତେଜସ୍ୱିତ ବିଶ୍ୱାଳ, ଅରୁଦ୍ର ପାତ୍ର, ଜୁନିୟରରେ ଅଂଶୁମାନ ନାୟକ, ଶୁଭଙ୍କର ନାୟକ ଓ ଗାୟତ୍ରୀ ସିଂ ଏବଂ ସିନିୟରରେ ଭାଗ୍ୟଶ୍ରୀ ଦାସ, ବର୍ଷାଶ୍ରୀ ଦାସ ଓ ଶୁଭଙ୍କର ନାୟକ ଯଥାକ୍ରମେ ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ପର୍ଶୁରାମ ମିଶ୍ର, ଜୟନ୍ତୀ ଗିରି, ରାକେଶ, ଗଦାଧର ବରାଳ ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

**ରେମୁଣା, ୧୨।୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୯ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଅଚ୍ୟୁତାନନ୍ଦ ମଣ୍ଡଳ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ ମୁଖ୍ୟବକ୍ତା ଏବଂ ସିଆର୍‌ସିସି ପର୍ଶୁରାମ ପୃଷ୍ଟି, ଶିକ୍ଷୟିତ୍ରୀ ମିନାକ୍ଷୀ ନଳିନୀ ରାଉତ, ସରପଞ୍ଚ ପ୍ରମିଳା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କେନ୍ଦ୍ରରୁ ସ୍ୱାମୀ ବିବେକାନନ୍ଦଙ୍କ ଭଳି ଛାତ୍ରୀଛାତ୍ର ବାହାରି ପିତାମାତା ଓ ସମାଜର ଟେକ ରଖନ୍ତୁ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ହରିଣ୍ୟ କୁମାର ଦାସ, ସମ୍ପାଦକ କରୁଣାକର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବନମାଳୀ ଜେନାଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରଧାନଶିକ୍ଷକ ମଦନମୋହନ ବେହେରା ପ୍ରାରମ୍ଭିକ ଅଭିଭାଷଣ, ଶିକ୍ଷକ ରତନ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ବ୍ରହ୍ମାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପୁରାତନ ଛାତ୍ରସଂସଦ ବାର୍ଷିକ ଉତ୍ସବ, ବନ୍ଧୁମିଳନ

**ଭଦ୍ରକ ଅଫିସ, ୧୨।୧**

ଭଦ୍ରକ ବ୍ଲକ ଓକରା ହାଇସ୍କୁଲର ପୁରାତନ ଛାତ୍ରସଂସଦର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ବଳରାମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବନ୍ଧୁମିଳନ ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରେ ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ଦାସ ଯୋଗ ଦେଇଥିଲେ। ପୁରାତନ ଶିକ୍ଷକ ପ୍ରତାପ ଚନ୍ଦ୍ର ଚୌଧୁରୀ, ରମେଶ ଚନ୍ଦ୍ର ପତ୍ରୀ, ହରିନାରାୟଣ ପାଢ଼ୀ ଓ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ସାମଗ୍ରିକ ବିକାଶ ଉପରେ ମତ ରଖିଥିଲେ। ଛାତ୍ରସଂସଦ ସଭାପତି ରାଧାମୋହନ ପଣ୍ଡା ‘ମୋ ବିଦ୍ୟାଳୟ’ ଅଭିଯାନରେ ୧୦ ହଜାର ଟଙ୍କା ପ୍ରଧାନଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଶୁଭଶ୍ରୀ ବେହେରା ଓ ସରିତା ପଣ୍ଡାଙ୍କୁ ରାଧାନାଥ ସ୍ମାରକୀ, ଶୁଭଶ୍ରୀ ବେହେରାଙ୍କୁ ଡ.ସତ୍ୟବାନ ଜେନା ଆକାଡେମିକ୍ ଆୱାର୍ଡ, ଅଧ୍ୟୟନରତ ଛାତ୍ରୀ ଈପ୍ସିତା ମହାପାତ୍ରଙ୍କୁ ହରମୋହନ ଜେନା ଅଲ୍‌ରାଉଣ୍ଡର ଓ ଶୁଭଲକ୍ଷ୍ମୀ ସାହୁଙ୍କୁ ହରିଶ୍ଚନ୍ଦ୍ର ପଣ୍ଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ ଡ. ସତ୍ୟବାନ ଜେନାଙ୍କ ଦ୍ୱାରା ପ୍ରଦତ୍ତ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର ପ୍ରସାଦ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହରମୋହନ ଜେନା ସ୍ୱାଗତ ଭାଷଣ ପ୍ରଦାନ, କୃଷିକବି ଅରୁଣ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଇନ୍ଦ୍ରମଣି ମହାରଣା, ଦୁର୍ଗା ସ୍ୱାଇଁ, ଶ୍ୟାମ ପତି, ଦେବେନ୍ଦ୍ର ପୃଷ୍ଟି, ବୀରେନ୍ଦ୍ର ମାଝି, ଜଗନ୍ନାଥ କର, ଶରତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରସଂସଦ ଉପସଭାପତି ଲକ୍ଷ୍ମୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।


ଛାତ୍ରୀ ଈପ୍ସିତା ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ରକ୍ତଦାନ ଶିବିର: ୭୦ ୟୁନିଟ ସଂଗ୍ରହ

**ରୂପ୍‌ସା, ୧୨।୧ (ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶନିବାର ଖଣ୍ଡାହାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ମହେନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁ ଖ୍ୟଅତିଥି ଭାବେ ବ୍ଲଡବ୍ୟାଙ୍କ ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ଏବଂ ସମ୍ମାନନୀୟ ଅତିଥି ଭାବେ ଡ. ବ୍ରଜଗୋପାଳ ମହାନ୍ତି, ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ରକ୍ତଦାତାଙ୍କ ନାମ ପଞ୍ଜୀକରଣ କରିଥିଲେ। ବ୍ଲଡବ୍ୟାଙ୍କ ଟେକ୍ନିସିଆନଙ୍କ ତତ୍ତ୍ୱାବଧାନରେ ମହିଳା ଓ ପୁରୁଷଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚନ୍ଦନ କୁମାର ସାହୁ, ଚୈତନ ସାହୁ, ତପନ କୁମାର ସାହୁ ଓ ଅନୀଲ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗଙ୍ଗାସାଗରରେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଭୋଗରାଇ, ୧୨।୧(ଡି.ଏନ.ଏ.)**

**୧୫ରେ ପୁଣ୍ୟସ୍ନାନ**

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପରଗଣା ଜିଲା ସାଗର ଦ୍ୱୀପ ଗଙ୍ଗାସାଗର ମେଳା ୯ ତାରିଖରୁ ଶୁଭାରମ୍ଭ ହୋଇଛି। ଏହି ପ୍ରସିଦ୍ଧ ମେଳାରେ ଓଡ଼ିଶାରୁ ଆନୁମାନିକ ୨୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ମଙ୍ଗଳବାର ପୁଣ୍ୟସ୍ନାନ ଥିବାରୁ ମହେନ୍ଦ୍ରବେଳାରେ ଓଡ଼ିଶା ସମେତ ଭାରତର ଭିନ୍ନ ରାଜ୍ୟରୁ ୨୫ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ମକରବୁଡ଼ ଦେବା ଲାଗି ଆସୁଥିବାରୁ ପ୍ରଶାସନ ତତ୍ପର ହୋଇପଡ଼ିଛି। ସାଗରମେଳା ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ସମୁଦ୍ରରେ ତଟରକ୍ଷୀ ବାହିନୀକୁ ସଜାଗ ରଖାଯାଇଛି। ଏଥିସହିତ ପ୍ରସିଦ୍ଧ କପିଳମୁନି ମନ୍ଦିର, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟାଶ୍ରମ ସହ ସମ୍ବେଦନଶୀଳ ସ୍ଥାନରେ କଡ଼ା ନିରାପତ୍ତା ରଖାଯାଇଛି। ବିଭିନ୍ନ ଆଶ୍ରମର ଶତାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଅସଂଖ୍ୟ ଶ୍ରଦ୍ଧାଳୁ ଆଶ୍ରୟ ନେଇଛନ୍ତି। ଗଙ୍ଗାସାଗରକୁ ଆସୁଥିବା କୋଲକାତା ବାବୁଘାଟ, ଲଟ୍ ନଂ ୮, କାକଦ୍ୱୀପ, ନାମଖାନାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହୋଇଛନ୍ତି। ଲଟ ନଂ. ୮–କଚୁବେଡ଼ିଆ, କାକଦ୍ୱୀପ–ନାମଖାନା–ଚେମାଗଡ଼ ଭେସଲ ଓ ଲଞ୍ଚ ଫେରିଘାଟ ଦିବାରାତ୍ର ଚାଲୁ ରହିଛି। ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ନଦୀ ଓ ସମୁଦ୍ର ପ୍ରଦୂଷଣ ମୁକ୍ତ ପାଇଁ ସମୁଦ୍ର ଆଳତି କରିବାକୁ ଏଠାକୁ ଆସିଛନ୍ତି। ପ୍ରସିଦ୍ଧ କପିଳମୁନି ମନ୍ଦିରରେ ନାଗା ଉଲଗ୍ନ ସନ୍ୟାସୀ ଆସ୍ଥାନ ଜମାଇଛନ୍ତି।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ବାଲେଶ୍ୱର ଅଫିସ,୧୨।୧**– ବାଲେଶ୍ୱର ସହର ଡିଆଇଜି ଛକରେ ଶନିବାର ପୂର୍ବାହ୍ନ ୨ଟା ୪୦ ମିନିଟ୍ ସମୟରେ ଗୋଟିଏ କାର୍ ଛିଡ଼ା ହୋଇଥିବା ବେଳେ ମାଲବୋଝେଇ ଅଟୋଟି ଭାରସାମ୍ୟ ହରାଇ କାର୍‌କୁ ଧକ୍କା ଦେଇଥିଲା। ଉକ୍ତ ସମୟରେ ରାସ୍ତାରେ ଯାଉଥିବା ବାଇକ୍‌ରେ ଧକ୍କା ହେବାରୁ ବାଇକ୍ ଚାଳକ ଆହତ ହୋଇ ଜିଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ଟ୍ରାଫିକ୍ ଥାନା ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ପହଞ୍ଚି ୩ ଗାଡ଼ିକୁ ଜବତ କରିବା ସହ ଆହତ ବାଇକ୍ ଚାଳକଙ୍କୁ ଚିକିତ୍ସିତ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛନ୍ତି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## କ୍ଷମତାପନ୍ନ ପ୍ରାଧିକାରୀ, ଭୂ–ଅର୍ଜନ ଉପ–ବିଭାଗ

### ଜାତୀୟ ରାଜପଥ ସଂଖ୍ୟା– ୫୭ ପ୍ରକଳ୍ପ, ଜିଲ୍ଲା– ନୟାଗଡ଼

## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଇ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା–୫୭ର (ବଲାଙ୍ଗୀର–ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./– କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା – ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଟୁସର<br>ହରେକୃଷ୍ଣପୁର | ତା୧୯।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧରେ | ଭୂ–ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION

**New Delhi the 28th September 2018**

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଟୁସର

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ୧ | ୧୨୧୧ | ବେସରକାରୀ | ଶାରଦ – ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ – ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ – ୩ | ୦.୦୨୫ | ୦.୦୧୦ | ବିମ୍ବାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପତିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ – ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ – ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ – ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ – ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ – ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/୩୪୯୫ | ବେସରକାରୀ | ଶାରଦ – ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ – ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କସ୍ତୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ – ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ – ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ – ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ – ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ – ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ – ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଠ ସାହୁ |
| ୨୨ | ୧୧୫୭ | ବେସରକାରୀ | ପତିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପତିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିମ୍ବାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୨୦ | ୦.୦୦୮ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି – ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଠ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ – ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ – ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ – ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶ୍ଵନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/୬୨୯ | ବେସରକାରୀ | ଜଳାଶୟ – ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯ ୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡୁ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./– କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼

**ସଂକ୍ଷେପରେ**

## ବ୍ୟବସାୟୀଙ୍କ ମୃତ୍ୟୁ

ରୂପ୍‌ସା, ୧୨।୧ (ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅଧୀନ ଆଙ୍ଗୋ ପଞ୍ଚାୟତ ଆଘିରିଆ ଗ୍ରାମର ବ୍ୟବସାୟୀ କମଳ ଲୋଚନ ଜେନା(୫୫)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ବମ୍ବେର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଶନିବାର ରୂପ୍‌ସା ପାଟପୁର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ଦୋକାନ ବନ୍ଦ ରଖାଯାଇଥିଲା।

**ହମ୍ପ୍‌ସ ସାଜିଲା କାଳ**

## ବାଇକ୍‌ରୁ ପଡ଼ି ଗୁରୁତର ମହିଳାଙ୍କ ମୃତ୍ୟୁ

ରୂପ୍‌ସା,୧୨।୧ (ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡ଼ା ପୋଲଠାରେ ଥିବା ହମ୍ପ୍‌ସ୍‌ରେ ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଛାନୁଆ ଗ୍ରାମର ପାର୍ଥ କୁମାର ବାରିକଙ୍କ ସ୍ତ୍ରୀ ନିନିମଣି(୫୨)ଙ୍କ ମୃତ୍ୟୁ ଘଟିଛି। ଗତ ୯ ତାରିଖରେ ସେ ଛଚିନାର ଏକ ଘରୋଇ ଡାକ୍ତରଙ୍କଠାରୁ ଔଷଧ ଆଣି ତାଙ୍କ ଭିଣୋଇଙ୍କ ବାଇକ୍‌ରେ ଘରକୁ ଫେରୁଥିଲେ। ପଞ୍ଚୁପଡ଼ା ପୋଲଠାରେ ରାସ୍ତାରେ ଥିବା ଏକ ହମ୍ପ୍‌ସ୍ ପାରି ହେଉଥିବା ବେଳେ ସେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେଉଥିଲା। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ବାଲେଶ୍ୱର ଅଫିସ,୧୨।୧- ବାଲେଶ୍ୱର ରେଳ ଷ୍ଟେଶନ ୨ନଂ ପ୍ଲାଟଫର୍ମରେ ଶନିବାର ମଧାହ୍ନ ୧ଟା ୩୦ରେ ଦୂରନ୍ତ ଏକ୍ସପ୍ରେସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏନେଇ ରେଳବାଇ ଥାନା ଏକ ମାମଲା (ନଂ ୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଧାରଗଞ୍ଜ ଗ୍ରାମର ସୁଦାମ ଗିରିଙ୍କ ପୁତ୍ର ପ୍ରକାଶ (୩୨) କୌଣସି କାମରେ ମଧାହ୍ନରେ ବାଲେଶ୍ୱର ରେଳଷ୍ଟେଶନକୁ ଯାଇଥିଲେ। ଅନ୍ୟମନସ୍କ ବଶତଃ ୩ନଂ ପ୍ଲାଟଫର୍ମରୁ ୨ନଂ ପ୍ଲାଟଫର୍ମକୁ ଆସୁଥିବା ବେଳେ ୨ନଂ ରେଳଧାରଣାରେ ଦୂରନ୍ତ ଏକ୍ସପ୍ରେସ୍ ବାଲେଶ୍ୱରରୁ ଭଦ୍ରକ ଆଡ଼କୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା ପାଇଁ ରେଳ ଡାକ୍ତରଙ୍କୁ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଉମେଶ ଚନ୍ଦ୍ର ଗିରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ରେଳବାଇ ଥାନା ଏଏସ୍‌ଆଇ ଇନ୍ଦୁମତି ଶୁକ୍ଳା ପ୍ରକାଶ କରିଛନ୍ତି। ପ୍ରକାଶ ରେମୁଣା ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ଥିଲେ। ସେ ଜଣେ ସାମାଜିକ କର୍ମୀ, ପରୋପକାରୀ, ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ଯୁବକ ଥିବାରୁ ତାଙ୍କ ମୃତ୍ୟୁରେ ଶତାଧିକ ଯୁବକ ଶୋଭାଯାତ୍ରାରେ ଧାରଗଞ୍ଜ ଗ୍ରାମକୁ ନେଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଜୁନିୟର ରେଡକ୍ରସର ଦିନିକିଆ ଶିବିର

ଖଇରା,୧୨।୧-ଖଇରା ଶିଶୁ ମନ୍ଦିର ଜୁନିୟର ରେଡକ୍ରସ ପକ୍ଷରୁ ଦିନିକିଆ ଶିବିର ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ଗାଇଡ ଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରେଡକ୍ରସର ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସରକୁ ସଫାସୁତୁରା କରିଥିଲେ। ବିଶିଷ୍ଟ ବ୍ୟବସାୟୀ ପ୍ରଦୀପ କୁମାର ମାୱାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦିଲିପ କୁମାର ଲେଙ୍କା ଉପସ୍ଥିତ ରହି ରେଡକ୍ରସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନିମନ୍ତେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଶୁଭଶ୍ରୀ ରଥ, ଜିନିୟା ଲେଙ୍କା, ଜୀବନ ପ୍ରଦୀପ ସ ପ୍ରମୁଖ କୃତିତ୍ୱ ଅର୍ଜନ କରିବା ସହ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ରାଜସ୍ୱିନୀ ଦାସ, କ୍ରିଷ୍ଣାକୁମାରୀ ଲେଙ୍କା, ରାଜଲକ୍ଷ୍ମୀସାହୁ, ବିକାଶ ଶଙ୍ଖୁଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟର 'ହୀରକ ଜୟନ୍ତୀ ସମାରୋହ

# ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଜରୁରୀ

ସିମୁଳିଆ,୧୨।୧(ଡି.ଏନ.ଏ.)


ଅତିଥିମାନଙ୍କ ଦ୍ୱାରା ହୀରକ ଜୟନ୍ତୀ ସ୍ମରଣିକା 'ବାଲିଝର' ଉନ୍ମୋଚିତ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟର ୬୦ବର୍ଷ ପୂର୍ତ୍ତି ଅବସରରେ ପୂର୍ବତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ମିଳିତ ସହଯୋଗରେ 'ହୀରକ ଜୟନ୍ତୀ ସମାରୋହ' ପାଳିତ ହୋଇଯାଇଛି। ଏହି ଅବସରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ର ଛାତ୍ର କୃପାସିନ୍ଧୁ ମଲିକ ହୀରକ ଜୟନ୍ତୀ ପତାକା ଉତ୍ତୋଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ । ପରେ ସ୍ଥାନୀୟ ମା'ରାମଚଣ୍ଡୀଙ୍କ ପାଖରେ ପୂଜାର୍ଚ୍ଚନା ଓ ସୁବାସ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବର୍ତ୍ତମାନ ଓ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣଦୌଡ଼ ଓ ପୁରାତନ ଛାତ୍ର ଭକ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ମଶାଲ ଶୋଭଯାତ୍ରା ଓ ହୀରକ ଜୟନ୍ତୀ ସ୍ମାରକୀ ସ୍ତମ୍ଭ ଲୋକାର୍ପିତ ହୋଇଥିଲା। ଅପରାହ୍ନ ୪ଟାରେ ଉଦ୍‌ଯାପନ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ଅଧ୍ୟାପକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥି ରୂପେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସତ୍ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଜୀବନରେ ଲକ୍ଷ୍ୟ ରହିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସିମୁଳିଆର ପୂର୍ବତନ ବିଧାୟକ ଓ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଧନଞ୍ଜୟ ସ୍ୱାଇଁ ବକ୍ତବ୍ୟରେ ଭଲ ବିଦ୍ୟାଳୟ, ପ୍ରତିଭା ଶିକ୍ଷକଙ୍କ ବିନା ଗୁଣାତ୍ମକ ଶିକ୍ଷା ଆଶା କରିବା ବୃଥା ବୋଲି କହିବା ସହିତ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ଅର୍ଥ ଉପାର୍ଜନ ନୁହେଁ, ବିନମ୍ର ହେଲେ ସଫଳତା ମିଳିବ ଓ ସୁଯୋଗ ସହିତ ପ୍ରସ୍ତୁତି ହାତ ମିଳାଇଲେ ଭାଗ୍ୟର ଉଦୟ ହୁଏ ବୋଲି ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ହୀରକ ଜୟନ୍ତୀ ସ୍ମରଣିକା 'ବାଲିଝର' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ଗଗନ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କ ମଞ୍ଚ ଆହ୍ୱାନ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ରାଜେନ୍ଦ୍ର ଜେନା ଓ ସାଥୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବାଲିଖଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ପରିଡ଼ା ଅତିଥିମାନଙ୍କ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ାର ଗଡମେକର ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ବିଚିତ୍ରା, ଯାତ୍ରା ଜଗତର ହାସ୍ୟ କଳାକାର ଦୟାନିଧି, ପ୍ରଭାକର ଓ ଜିନାଙ୍କ କମେଡ଼ି ପରିବେଷଣ ଓ ପ୍ରଭୁଦତ୍ତ ମହାନ୍ତି ଓ ପ୍ରଭୁପାଦଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

■ ଅଗ୍ରଗାମୀ ଆନ୍ତଃଜିଲା କ୍ରିକେଟ୍

## ଲଛମନଖୁଣ୍ଟା, ବାମଡ଼ା ଦଳ ଫାଇନାଲରେ

ରୂପ୍‌ସା,୧୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ନିଳବାଡ଼ି ଅଗ୍ରଗାମୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ଛାନୁଆ ଦଳକୁ ୩୨ ରନ୍‌ରେ ପରାସ୍ତ କରି ଲଛମନଖୁଣ୍ଟା ଦଳ ବିଜୟୀ ହୋଇଥିଲା। ପ୍ରଥମେ ଲଛମନଖୁଣ୍ଟା ଦଳ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ୍ ବିନିମୟରେ ୧୧୭ ରନ୍ ହୋଇଥିଲା। ବ୍ୟାଟ୍ସମ୍ୟାନ୍ ବ୍ରଜ ସର୍ବାଧିକ ୪୫ ରନ୍ କରିଥିଲେ। ଜବାବରେ ଛାନୁଆ ଦଳ ୫ ଉଇକେଟ୍ ହରାଇ ୮୫ ରନ୍ କରି ପରାସ୍ତ ହୋଇଥିଲେ।

ଦ୍ୱିତୀୟ ସେମିଫାଇନାଲରେ ରୂପ୍‌ସା ଦଳକୁ ୨୩ ରନ୍‌ରେ ପରାସ୍ତ କରି ବାମଡ଼ା ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବାମଡ଼ା ଦଳ ବ୍ୟାଟିଂ କରି ୮ ଉଇକେଟ୍ ବିନିମୟରେ ୧୦୪ ରନ୍ ସଂଗ୍ରହ କକରିଥିଲେ। ଜବାବରେ ରୂପ୍‌ସା ଦଳ ୮୧ ରନ୍‌ରେ ଅଲଆଉଟ୍ ହୋଇଥିଲେ। ବାମଡ଼ା ଦଳର ବୋଲର ବାବୁଲୁ ଓ ବାବୁଲି ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଅମ୍ପାୟାର ରାଜା ମହାନ୍ତି ଓ ରାମକୃଷ୍ଣ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ନିମାଇଁ ଦାସ, ମୃତ୍ୟୁଞ୍ଜୟ ଦାସ, ରବୀନ୍ଦ୍ର ଦାସ, କାର୍ତ୍ତିକ ପ୍ରଧାନ, ରଣଜିତ ଦେ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## 'ପିଠା' କାର୍ଯ୍ୟକ୍ରମର ଶ୍ରେଷ୍ଠ ତାଲିକାରେ ଅଯୋଧ୍ୟା



ସଜନାଗଡ଼,୧୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଡିସେମ୍ବର ମାସରେ ସଫଳ ଭାବରେ 'ପିଠା' କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଶ୍ରେଷ୍ଠ ୩୧୪ ପଞ୍ଚାୟତ ମଧ୍ୟରୁ ନୀଳଗିରି ବ୍ଲକର ଅଯୋଧ୍ୟା ପଞ୍ଚାୟତ ରାଜ୍ୟସରକାରଙ୍କ 'ପିଠା' ଯୋଜନା ସ୍ୱଚ୍ଛତା ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନୀଳଗିରି ବ୍ଲକର ଅଯୋଧ୍ୟା ସଫଳ ହୋଇଛି। ରାଜ୍ୟସରକାରଙ୍କ 'ପିଠା' ଯୋଜନା ଥ୍ରୀ-ଟି ଟେକ୍ନୋଲୋଜି, ଟ୍ରାନ୍ସଫରେନ୍ସି ଓ ଟିମ୍‌ୱାର୍କ ମନ୍ତ୍ରର ଏହା ଅଂଶବିଶେଷ। ସମସ୍ତ ସରକାରୀ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରିବା ସହ ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ଉପଲବ୍ଧ ଯୋଜନା ଏବଂ ସାମାଜିକ ଯୋଜନାରେ ସ୍ୱଚ୍ଛତା ବୃଦ୍ଧି ହେଉଛି ଏହାର ମୂଳ ଲକ୍ଷ୍ୟ। ଡିସେମ୍ବର ମାସରୁ ପ୍ରତିମାସ ୧୫ରୁ ୨୦ ତାରିଖ ମଧ୍ୟରେ ସବୁ ପଞ୍ଚାୟତସ୍ତରରେ କ୍ୟାମ୍ପ ଆୟୋଜିତ ହୋଇଚାଲିଛି। ଏହି କାର୍ଯ୍ୟକ୍ରମ ନୀଳଗିରିର ୨୫ଟି ପଞ୍ଚାୟତ ମଧ୍ୟରୁ ଅଯୋଧ୍ୟା ପଞ୍ଚାୟତ ଉତ୍ତୀର୍ଣ୍ଣ ହୋଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଏବଂ ଏସ୍.ଏଚ୍.ଜି. ସଂଘ ମଧ୍ୟରେ ସଫଳତାର ୫ଲକ୍ଷର ପାଣ୍ଠି ଗ୍ରାମର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ମିଳିବା ନେଇ ଉତ୍ସାହ ଦେଖିବାକୁ ମିଳିଛି। ଅନୁରୂପ ଭାବେ ଔପଦା ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଏହି ଯୋଜନାରେ ଉତ୍ତୀର୍ଣ୍ଣ ହୋଇଛି।

## ଓଡ଼ିଶା ପ୍ରାଇଡ୍‌ର ସଦ୍‌ଭାବନା ପଦଯାତ୍ରା

ବାଲିଆପାଳ,୧୨।୧(ସ୍ୱ.ପ୍ର)


ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଜଣେ ଛାତ୍ରୀଙ୍କୁ ଏକ ପୁସ୍ତକ ପ୍ରଦାନ କରୁଛନ୍ତି।

ସ୍ୱାମୀ ବିବେକାନନ୍ଦଙ୍କ ଏକଶହ ଛପନ ତମ ଜନ୍ମବାର୍ଷିକ ଉପଲକ୍ଷେ ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମପଞ୍ଚାୟତ ଅଧୀନ କାଳିପଦା ବଜାର ଠାରୁ ଓଡ଼ିଶା ପ୍ରାଇଡ଼ ସଭାପତି ମାନସ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ସଦ୍‌ଭାବନା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିନତୀ ଜଗଦେବ, କୃଷ୍ଣଚନ୍ଦ୍ର ପିପିଲି ଉଚ୍ଚବିଦ୍ୟାଳୟ ବିଜ୍ଞାନ ବିଭାଗର ଶିକ୍ଷକ ଅସିତ୍ କୁମାର ଦାସ, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ରେଡ଼କ୍ରସ୍ ବିଭାଗର ହରପ୍ରିୟା ଦାସ ଏବଂ ଏନ୍‌ଏସ୍‌ଏସ୍ ବିଭାଗର ଶାନ୍ତିଲତା ଦାସ, କାଳିପଦା ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କବି ନଳିନୀ କାନ୍ତ ପାଢ଼ୀ, ହରେକୃଷ୍ଣ ବେହେରାଙ୍କ ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପାଞ୍ଚଶହରୁ ଅଧିକ ଯୁବତୀଯୁବକ ପଦଯାତ୍ରାରେ ସାମିଲ ହୋଇ କାଳିପଦା ବଜାର ଠାରୁ ବିଶାଳ ପଟୁଆରରେ ବାହାରି ରତାଇ ହାଟପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ ଓଡ଼ିଶା ପ୍ରାଇଡ ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନର ବ୍ରହ୍ମଚାରୀ ଅନୁରାଗଙ୍କ ସହିତ ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଧାସିନ୍ଧୁ ସାହୁ, ଯଜ୍ଞେଶ୍ୱର ପଣ୍ଡା, ଶ୍ରୀନିବାସ ପାଢ଼ୀଙ୍କ ସହିତ ବର୍ତ୍ତମାନର ପ୍ରଧାନଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସମାଜକୁ ନିଶାମୁକ୍ତ ଏବଂ ସଂସ୍କାରୀ କରିବା ସହିତ ଯୁବପିଢ଼ୀଙ୍କୁ ଧ୍ୱଂସାଭିମୁଖୀରୁ ବଞ୍ଚାଇବା ସହିତ ନିଜ ଭିତରେ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିବା ସହିତ ପ୍ରତ୍ୟେକଙ୍କ ମଧ୍ୟରେ ବୃକ୍ଷରୋପଣ କରି ନିଜ ପରିବେଶକୁ ସୁସ୍ଥ ରଖିବାର ପ୍ରଚେଷ୍ଟା କରିବାର ମୂଳ ଲକ୍ଷ୍ୟ ଥିଲା। ପଦଯାତ୍ରାରେ ଉପସ୍ଥିତ ଯୁବତୀ, ଯୁବକ ଏବଂ ମହିଳା, ପୁରୁଷମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମଜୀବନୀ ପୁସ୍ତକ ସହିତ ବିଭିନ୍ନ ଆଧାତ୍ମିକ ପୁସ୍ତକ ବଣ୍ଟନ କରାଯାଇଥିଲା।

## ମାଙ୍କଡ଼ କାମୁଡ଼ାରେ ୧୦ ଆହତ

ସୋର,୧୨।୧(ଡ଼ି.ଏନ୍.ଏ.)

ସୋର ଥାନା ଅଧୀନରେ ଭିନ୍ନ ଭିନ୍ନ ସ୍ଥାନରେ ଗତ ଦୁଇ ଦିନ ହେବ ମାଙ୍କଡ଼ କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗୋଟିଏ ପାଗଳ ମାଙ୍କଡ଼ ବାହାରି ସୋର ଥାନା ଅନ୍ତର୍ଗତ ଦହିସଡ଼ା ପଞ୍ଚାୟତ ଓ ଖଣ୍ଡାସାହି ଗ୍ରାମରେ ପ୍ରବେଶ କରି ଲୋକଙ୍କୁ ଆହତ କରିଛି। ଆହତମାନେ ହେଲେ ଦହିସଡ଼ାର ମଧୁସୁଦନ ବେହେରା, ସୁବାଷ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ମହାଳିକ, ବାବୁ ଗୋଛାୟତ, ରଣା ମହାଳିକ, ତର୍ଡୁଆ ଗ୍ରାମର ଶ୍ରୀକାନ୍ତ ଧଳ, ଜଗନ୍ନାଥପୁରର ସୁରେନ୍ଦ୍ର ଭୁୟାଁ, ଖଣ୍ଡା ସାହି ଗ୍ରାମର ସରୋଜ ତରେଇ। ସ୍ଥାନୀୟ ଲୋକେ ଘଉଡ଼ାଇଲେ ମଧ୍ୟ ଏକୁଟିଆ ଦେଖିଲେ କାମୁଡ଼ି ଦେଉଛି। ଲୋକେ ଏନେଇ କୁଳଡ଼ିହା ରେଞ୍ଜର ଓ ହାତୀଖୁଲିଆ ରେଞ୍ଜର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ମାଙ୍କଡ଼ଟିକୁ ଧରୁ ନ ଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକେ ଭୟଭୀତ ହୋଇପଡ଼ିବା ସହ ମାଙ୍କଡ଼ଟିକୁ ଧରିବା ଲାଗି ଅଭିଯୋଗ କରିଛନ୍ତି ।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

**ବସ୍ତା,୧୨।୧(ସ୍ୱ.ପ୍ର.)**–ବସ୍ତା ବ୍ଲକ ଅନ୍ତର୍ଗତ ସାହାଡ଼ା ଜଗନ୍ନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ତ୍ରିପାଠୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ସଭାପତି ଲକ୍ଷ୍ମୀନାରାୟଣ ଦଣ୍ଡପାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଦାସ ତଥା ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୃଷ୍ଟିଧର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ, ତଥା ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

## 'ସ୍ୱାମୀଜୀ ଥିଲେ ଭାରତୀୟ ଯୁବଚେତନାର ପ୍ରତୀକ'


ଛାତ୍ରୀଛାତ୍ରମାନେ ପ୍ରଭାତଫେରୀ କରି ବସ୍ତା ବଜାର ପରିକ୍ରମା କରୁଛନ୍ତି।

ଔପଦା/ବସ୍ତା, ୧୨।୧(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରସ୍ଥ ଔପଦା ହାଇସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଔପଦା ମହାବିଦ୍ୟାଳୟ, ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ମହାସମାରୋହ ପାଳିତ ହୋଇଯାଇଛି। ଔପଦା ହାଇସ୍କୁଲ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତିରେ ସାମାଜିକ କର୍ମୀ ଅଜୟ କୁମାର ପ୍ରଧାନ ଓ ମନୋଜ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନାଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ରମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଔପଦା କଲେଜରେ ଅଧ୍ୟାପକ ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ବ୍ରଜକିଶୋର ପାଲଙ୍କ ସଂଯୋଜନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ସ୍ୱାମୀଜୀଙ୍କୁ ଭାରତୀୟ ଯୁବ ଚେତନାର ପ୍ରତୀକ ବୋଲି କହିଥିଲେ।

ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦ ଜୟନ୍ତୀ ଶନିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାକେନ୍ଦ୍ରର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ପ୍ରଭାତଫେରୀ ବସ୍ତା ମୁଖ୍ୟ ବଜାର ପର୍ଯ୍ୟନ୍ତ ଯାଇଥିଲେ। ଏହା ଉପରାନ୍ତେ ପ୍ରଧାନ ଗୁରୁଜୀ ନାରାୟଣ ଦାସଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ରହି ସ୍ୱାମୀ ବିବାକାନନ୍ଦଙ୍କ ଆଦର୍ଶରେ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ।

## ଶିକ୍ଷାକେନ୍ଦ୍ରରେ ମାତୃପିତୃ ସମ୍ମିଳନୀ, ବାର୍ଷିକ ଉତ୍ସବ

ଖଇରା,୧୨।୧(ଡି.ଏନ.ଏ.)

ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତପିତୃ ସମ୍ମିଳନୀ, ବାର୍ଷିକ ଉତ୍ସବ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବକୁ ନୀଳଗିରି ଏସଡିପିଓ ସୁଦାମ ଚରଣ ସାହୁ ଉଦ୍‌ଘାଟନ କରିଥିଲେ । ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଛାତ୍ରୀଛାତ୍ରମାନେ ଖଇରା ବଜାର ପରିକ୍ରମା କରିଥିଲେ। ଏହି ଉତ୍ସବରେ ଉମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ, ଖଇରା କଲେଜର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅନାମ ନନ୍ଦ ଦାଶ ସମ୍ମାନିତ ବକ୍ତା ଭାବେ ଶତ୍ରୁଘ୍ନ ଦାସ ଉପସ୍ଥିତ ଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ବାରିକ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖପତ୍ର ଅମୃତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର କୃତୀ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢିବାର ଗୌରବ ଅର୍ଜନ କରିଥିବା ଜୀବନ ଜ୍ୟୋତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦିବସ ବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଖଇରା,୧୨।୧(ଡି.ଏନ.ଏ.)**–ଖଇରା ଅଞ୍ଚଳର ଏକ ଲେଡିଜ ମେସ ମାଲିକ ମେସରେ ରହୁଥିବା ୪ଜଣ ଅନ୍ତେବାସିନୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଶୁକ୍ରବାର ରାତିରେ ଉକ୍ତ ମାଲିକ ନାବାଳିକାଙ୍କୁ ନିଜ ରୁମ୍‌କୁ ଜଣକ ପରେ ଜଣକୁ ଡାକି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଖଇରା ଥାନା ଆଇଆଇସି ପ୍ରାଥମିକ ତଦନ୍ତ ପରେ ୨ଟି ମାମଲା ରୁଜୁ କରିଛନ୍ତି।

# ଚାନ୍ଦିପୁର ବେଳାଭୂମି ମହୋତ୍ସବର ୩ୟ ସନ୍ଧ୍ୟା

ବାଲେଶ୍ୱର ଅଫିସ,୧୨।୧



କଳାକାରଙ୍କ ଦ୍ୱାରା ଓଡ଼ିଶୀନୃତ୍ୟ ପରିବେଷଣ କରାଯାଉଛି।

କେବଳ ଶିକ୍ଷା ସଂସ୍କୃତି ଓ କଳାକୁ ନେଇ ବାଲେଶ୍ୱର ଜିଲା ସମଗ୍ର ଭାରତରେ ତାର ପରିଚୟ ସୃଷ୍ଟି କରିପାରିଛି ତା ନୁହେଁ, ଏହାର ତାଳସାରୀ, ଡଗରା ଏବଂ ଚାନ୍ଦିପୁର ଭଳି ସୁନ୍ଦର ବେଳାଭୂମି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ଶନିବାର ସନ୍ଧ୍ୟାରେ ଚାନ୍ଦିପୁର ବେଳାଭୂମି ମହୋତ୍ସବର ୩ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂରକ୍ଷିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଅଖିଳ ବିହାରୀ ଓତା ଯୋଗଦେଇ ବାଲେଶ୍ୱର ଓଡ଼ିଶାର ଗୋଟିଏ ପାର୍ଶ୍ୱରେ ପଶ୍ଚିମବଙ୍ଗ ସଂସ୍କୃତିର ବାସ୍ନା ବାରିପଡୁଥିବା ବେଳେ ଅନ୍ୟପଟରେ ବିସ୍ତୃତ ବେଳାଭୂମି, ପୁଣି ବହୁ ମହିମାମଣ୍ଡିତ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇ ଏ ମାଟି ଓଡ଼ିଶାର ସ୍ୱତନ୍ତ୍ରତା ଜାହିର କରିପାରିଛି। ବାଲେଶ୍ୱର ସଦର ବିଧାୟକ ତଥା ମହୋତ୍ସବ କମିଟିର ସଭାପତି ଜୀବନ ପ୍ରଦୀପ ଦାଶଙ୍କ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ ଏବଂ ସମ୍ପାଦକ କିଶୋର ଦାସ ମଞ୍ଚ ଆବାହନ କରିଥିଲେ। ଉପସଭାପତି ବିପ୍ଳବ କୁମାର ମହାନ୍ତି, ପ୍ରହ୍ଲାଦ ଚରଣ ମହାନ୍ତି, ସମ୍ପାଦକ ସମରେନ୍ଦ୍ର ନାଥ ଦାସ, ଗଙ୍ଗାଧର ରାଉତ, ଭାଗବତ ସାହୁ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଭାରତ ସରକାର ତଥା ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ରାଜ୍ୟ ସଂସ୍କୃତି ବିଭାଗ, ରାଜ୍ୟ କ୍ରୀଡ଼ା ବିଭାଗ, ରାଜ୍ୟ ଜାତି ଓ ଜନଜାତି କଲ୍ୟାଣ ବିଭାଗ, ହୋଟେଲ ସଂଘ ଏବଂ ବାଲେଶ୍ୱର ଜିଲା ପ୍ରଶାସନର ମିଳିତ ସହଯୋଗରେ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳାଭୂମି ମହୋତ୍ସବରେ ବିଦ୍ୟୁତ୍ ଶକ୍ତିର ସଦ୍‌ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନେସ୍କୋ ୟୁଟିଲିଟି ସହଯୋଗରେ 'ଶାଭା' ବାଲେଶ୍ୱର ଦ୍ୱାରା ଏକ ନାଟକ ମଧ ଏହି ଅବସରରେ ପରିବେଷଣ କରାଯାଇଥିଲା। ତୃତୀୟ ଦିନରେ ଜିଲାର ଆଞ୍ଚଳିକ କଳାକାର ପ୍ରତ୍ୟାଶା ପରିଜା, ନୀଳାକ୍ଷୀ ରାଉତ, ଦିବ୍ୟାଶା ରାଉତ, ଶ୍ରଦ୍ଧାଞ୍ଜଳୀ ସ୍ୱାଇଁ, ତନୁଶ୍ରୀ ପାଢ଼ୀ, ଗୋଲଡେନ୍ ବାର୍ଡ଼ ଡ୍ୟାନ୍ସ ଗ୍ରୁପ ପ୍ରମୁଖଙ୍କ ସହିତ କଳାହାଣ୍ଡିର ଘୁମୁରା ନୃତ୍ୟ, ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ଦ୍ୱରା ଓଡ଼ଶୀ ନର୍ତ୍ତକୀ ନୃତ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ମତୁଆଲା କରୁଥିବା ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟିର ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ଅପର୍ଣ୍ଣା ମହାପାତ୍ର, ସୁକୁମାର ରଣା, ଆରତୀ ଦାସ, କେକେ ମହାରାଜ, ଶେଖ ଆଲାମ, ଅମୃତାଂଶୁ ପଟ୍ଟନାୟକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କମିଟିର ଯୁଗ୍ମ ସମ୍ପାଦକ ଶ୍ରୀଚନ୍ଦନ ମହାନ୍ତି ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୪ ଗୋଡ଼ିଆ କୁକୁଡ଼ା



ଭଦ୍ରକ ଅଫିସ,୧୨।୧: ଭଦ୍ରକ ସହର ନରିପୁର ଗାଁର କୁନି ଦାସଙ୍କ ଘରେ ୪ ଗୋଡିଆ ଏକ କୁକୁଡ଼ା ଛୁଆ ଜନ୍ମ ହୋଇଛି। ଏହି କୁକୁଡ଼ା ଛୁଆକୁ ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଛି। କୁନି ପାଳିଥିବା କୁକୁଡ଼ାର ୬ଟି ଅଣ୍ଡାରୁ ଶନିବାର କୁକୁଡା ଚିଆଁ ବାହାରିଛି। ଅନ୍ୟ କୁକୁଡ଼ା ଚିଆଁଗୁଡ଼ିକ ସାଧାରଣ ଥିବାବେଳେ ଗୋଟିଏ ଚିଆଁର ୪ଟି ଗୋଡ଼ ରହିଥିବା କୁନି ଦେଖିଥିଲେ। ଏହି କୁକଡ଼ା ଚାଲି ପାରୁଥିବା ବେଳେ ସୁସ୍ଥ ମଧ ଅଛି।

### ୫ ବଖରା ଜଳିଗଲା

ବନ୍ତ, ୧୨।୧ (ସ୍ୱ.ପ୍ର.) : ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଓଡଙ୍ଗ ପଞ୍ଚାୟତ ସରମରା ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଶଟ୍‌ସର୍କିଟରୁ ଗ୍ରାମର ହରେକୃଷ୍ଣ ସାହୁ, ଅନାମ ସାହୁ ଓ ମାର୍କଣ୍ଡ ସାହୁଙ୍କ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ସେମାନଙ୍କ ୫ ବଖରା ସହ ଆସବାବପତ୍ର ଆନୁମାନିକ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଆଗରପଡାରୁ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ୬ଟି ଗୋରୁ ଆହତ ହୋଇଥିବାବେଳେ ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ ପହଞ୍ଚି ଚିକିତ୍ସା କରିଥିଲେ। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### 'ସଂସ୍କୃତିକୁ ସ୍ୱତନ୍ତ୍ର ପରିଚୟ ଦେଇଛି ତ୍ୟାଗଭୂମି ଭଦ୍ରକ'

ଭଦ୍ରକ ଅଫିସ, ୧୨।୧ - ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକ ମାଟିର ସ୍ଥାନ ସ୍ୱତନ୍ତ୍ର। ଏହି ତ୍ୟାଗଭୂମି ଭଦ୍ରକ ଆମ ସଂସ୍କୃତିକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ନେହେରୁ ଷ୍ଟାଡିୟମଠାରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ସାଧାରଣ ସମ୍ପାଦକ ରବିନାରାୟଣ ଖିଲାର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନିରାକାର ଜେନା ଯୋଗ ଦେଇଥିଲେ। କବି ପ୍ରମୋଦ ରାୟ ସ୍ୱାଗତ ଭାଷଣ ପ୍ରଦାନ ଓ ଅଶ୍ୱିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଚଳଚ୍ଚିତ୍ର ଅଭିନେତ୍ରୀ ଯାତ୍ରା କଳାକାର ଦୀପିକା ମହାପାତ୍ରଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୋ ବିଦ୍ୟାଳୟକୁ ମୁଁ ରଖିବି ସ୍ୱଚ୍ଛ

ଭଦ୍ରକ ଅଫିସ, ୧୨।୧: ଭଦ୍ରକ ଜିଲା ସ୍କୁଲଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବାପୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ, ପ୍ରାକ୍ଟିସ ଟିଚିଂ ଦେଉଥିବା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଶିକ୍ଷାନବୀଶମାନେ 'ମୋ ବିଦ୍ୟାଳୟକୁ ମୁଁ ରଖିବି ସ୍ୱଚ୍ଛ' ଶପଥପାଠ କରିଥିଲେ। ଏଥିସହ ସେମାନେ ବିଦ୍ୟାଳୟ ହତା ପରିଷ୍କାର କରିଥିଲେ। ଜ୍ୟୋତିରଞ୍ଜନ ମହାପାତ୍ର ଓ ରତ୍ନପର୍ଣ୍ଣା ମହାନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବିବେକାନନ୍ଦ ଜୟନ୍ତୀ ପାଳିତ

ଭଦ୍ରକ ଅଫିସ, ୧୨।୧: ଭଦ୍ରକ ନୂଆବଜାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ପ୍ରତିମାରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ସଭା ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପିଲାମାନେ ବିବେକାନନ୍ଦ ଓ ଭାରତମାତା ବେଶରେ ସଜ୍ଜିତ ହୋଇଥିଲେ। ବିବେକାନନ୍ଦଙ୍କ ଜୀବନୀ ବିଷୟରେ ପ୍ରଧାନ ଆଚାର୍ଯ୍ୟା ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ସ୍ୱଦେଶ ମନ୍ତ୍ର ପାଠ କରାଯାଇଥିଲା। ଅନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ପ୍ରସନ୍ନ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଲୋକକଳା ଉଜ୍ଜୀବିତ ରଖିବା ଲକ୍ଷ୍ୟ

ଭଦ୍ରକ ଅଫିସ, ୧୨।୧

**ପାଲାଗାୟକ ନାରାୟଣ**



ଓଡ଼ିଶା କଳା ସଂସ୍କୃତିର ଅନ୍ୟତମ ଆଧାର ପାଲା ଧୀରେ ଧୀରେ ଲୁପ୍ତ ହେବାକୁ ବସିଛି। ଏବେର ଯୁବ ସମାଜ ଏହାଠାରୁ ଦୂରେଇ ଯାଉଛନ୍ତି। ଓଡ଼ିଶାର ଲୋକକଳା ପ୍ରତି ଲୋକେ ବିମୁଖ ହେଉଛନ୍ତି। ଏଭଳି ସ୍ଥିତିରେ ପାଲା ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡା(୫୬)। ତାଙ୍କ ଘର ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ଦଇସିଂ ପଞ୍ଚାୟତ କୁସୁନୁନଗର ଗ୍ରାମରେ। ପିତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡା ଓ ମାତା ସ୍ୱର୍ଗତ ଶଙ୍କରୀ ଦିବ୍ୟାଙ୍କ ପ୍ରେରଣା ତାଙ୍କୁ ଛାତ୍ର ଜୀବନରୁ ପାଲା ପ୍ରତି ଆକୃଷ୍ଟ କରିଥିଲା। ଓଡ଼ିଶାର ଲୋକକଳାକୁ ଉଜ୍ଜୀବିତ କରି ରଖିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି।

ନାରାୟଣ କହନ୍ତି, ତାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ତାଙ୍କ ପିଉସା ପାଲାଗାୟକ ଫକୀର ଚରଣ ପଣ୍ଡାଙ୍କ ପ୍ରେରଣାରେ ପାଲା ସଙ୍ଗୀତରେ ଯୋଗ ଦେଇଥିଲେ। ୧୬ ବର୍ଷ ବୟସରେ ବଡ଼ବାପା ଜଗବନ୍ଧୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଲା ଶିକ୍ଷା କରିବା ସହ ତାଙ୍କୁ ନିଜର ଗୁରୁ ଭାବେ ଗ୍ରହଣ କରିଥିଲେ। ପରେ ସେ ପାଲା ଗାଇବା ଆରମ୍ଭ କରିଥିଲେ। ଏହାପରେ ସେ ଆଗକୁ ବଢ଼ି ଚାଲିଲେ। ୧୯୮୭ରୁ ଏଯାଏ ଓଡ଼ିଶା ସରକାରଙ୍କ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ(ଖାଉଟି ସୁରକ୍ଷା, ସର୍ବଶିକ୍ଷା ଅଭିଯାନ, ପରିବାର କଲ୍ୟାଣ, ଏଚ୍‌ଆଇଭି, ଟିବି, ଡେଙ୍ଗୁ, ମିଳିମିଳା, ଓରେଡାର ଗୋବରଗ୍ୟାସ)ରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଶେଷତଃ ସେ ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, କଟକ ଓ ପୁରୀ ଆଦି ଜିଲାରେ ପାଲା ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ପାଲା ପାଇଁ ଭଦ୍ରକ ଜିଲା ଇନ୍‌ଟାକ ଚାପଟର, ଭଦ୍ରକ ଜିଲା ମହୋତ୍ସବ, ଧାମନଗର ମେଗା ହେଲ୍‌ଥ କ୍ୟାମ୍ପ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ପାଲା ବ୍ୟତୀତ ନାଟକରେ ମଧ ରୁଚି ରଖିଥିବା ସେ କହିଛନ୍ତି। ଅଦ୍ୟାବଧି ସେ ରଚନା କରିଥିବା ୨୦ରୁ ଉର୍ଦ୍ଧ୍ୱ ନାଟକ ଲୋକାଦୃତ ହୋଇପାରିଛି। ସମାଜସେବାରେ ମଧ ସେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ସଂସ୍କୃତରେ ମଧମା। ପୂର୍ବରୁ ମହର୍ଷି ବୈଦିକ ବିଦ୍ୟାମନ୍ଦିରରେ ପଣ୍ଡିତ କାର୍ଯ୍ୟ କରୁଥିଲେ। ପରେ ଚାକିରି ଛାଡ଼ି ଦେଇଥିଲେ। ଲୋକଙ୍କଠାରୁ ଦାନ ସୂତ୍ରେ ଅର୍ଥ ଆଣି ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରିବା ଓ ବେଦ କର୍ମକାଣ୍ଡ ଶିକ୍ଷା ଦେବା କାର୍ଯ୍ୟ କରୁଛନ୍ତି। ଏହାବ୍ୟତୀତ ସେ ହସ୍ତରେଖା, ଜାତକ ପାଠ ଆଦି କାର୍ଯ୍ୟ କରୁଥିବାରୁ ଶନିବାର ଓ ମଙ୍ଗଳବାର ତାଙ୍କ ଘରେ ଲୋକଙ୍କ ଭିଡ଼ ଜମେ। ସେ ଦଇସିଂ ପଞ୍ଚାୟତ ବ୍ରାହ୍ମଣ ମହାସଭାର ସମ୍ପାଦକ ଦାୟିତ୍ୱ ତୁଲାନ୍ତି। ଘରେ ଏବେ ସେ ଓ ତାଙ୍କ ସ୍ତ୍ରୀ ରହୁଛନ୍ତି। ଏକମାତ୍ର ଝିଅଙ୍କୁ ବିବାହ କରାଇ ଦେଇଛନ୍ତି। ପୁଅ ବାହାରେ ରହୁଛନ୍ତି। ଲୋକକଳା ସମ୍ପର୍କରେ ପଚାରିବାରୁ ଓଡ଼ିଆ ସଂସ୍କୃତିରେ ପାଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରୀ ପ୍ରୋତ୍ସାହନ ଓ ବେସରକାରୀ ଭାବେ ଆନ୍ତରିକତା ମିଳିପାରିଲେ ଏହି ଲୋକକଳା ଉଜ୍ଜୀବିତ ହୋଇପାରିବ ବୋଲି ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

## ବାର୍ଷିକ କ୍ରୀଡ଼ାରେ ୯୫ ଛାତ୍ରୀଛାତ୍ରଙ୍କ କୃତିତ୍ୱ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଆରଡି, ୧୨।୧ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଆରଡ଼ି ସରସ୍ୱତୀ ଶିଶୁମନ୍ଦିରରେ ୯ମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୋଟ ୧୬୧ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୫ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୪୮ଟି ଇଭେଣ୍ଟରେ ଛାତ୍ରୀଛାତ୍ର ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ମୁଖ୍ୟଅତିଥି ଭାବେ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ପ୍ରସିଦ୍ଧ ନାଟ୍ୟକାର ସନ୍ତୋଷ ପାଢୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସ୍ୱାଧୀନ ଦାସ, ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ସାହାଣୀ, କମିଟି ସଦସ୍ୟ ରଘୁନାଥ ମଲିକ, ରାକେଶ ଭଞ୍ଜ, ସ୍ମୃତିରଞ୍ଜନ ବିଶ୍ୱାଳ, ସରୋଜ ଭଞ୍ଜ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ ଓ ଅନ୍ୟ ଗୁରୁମା ଗୁରୁଜୀ ସହାୟତା କରିଥିଲେ।

## ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ

## ବାଲେଶ୍ୱର ମିଶନ ଫାଇନାଲରେ

ବାସୁଦେବପୁର, ୧୨।୧ (ଡି.ଏନ.ଏ.)

ବାସୁଦେବପୁର ଶୁଙ୍ଗୁଡାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ ବାଲେଶ୍ୱର ମିଶନ କ୍ଲବ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମିଶନ କ୍ଲବ ଓ ନୀଳଗିରି ଟାଉନ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମିଶନ କ୍ଲବ ନୀଳଗିରି ଟାଉନ କ୍ଲବକୁ ୫ଟି ଗୋଲ୍ ଦେଇଥିଲା। ଶେଷ ପର୍ଯ୍ୟନ୍ତ ଟାଉନ କ୍ଲବ ଗୋଟିଏ ବି ଗୋଲ୍ ପରିଶୋଧ କରିପାରି ନ ଥିଲା। ଶେଷରେ ୫-୦ ଗୋଲ୍‌ରେ ମିଶନ କ୍ଲବ ବିଜୟୀ ହୋଇଥିଲା। ଅତିଥି ଭାବେ ଶ୍ରୀଗଣେଶ କ୍ଲବ କର୍ମକର୍ତ୍ତାମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରିଥିଲେ। ରବିବାର ବାଲେଶ୍ୱର ମିଶନ ଓ ଖୋର୍ଦ୍ଧା ଏଲିଆନା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ପତଞ୍ଜଳି ସମିତି ପକ୍ଷରୁ ଯୋଗ ପ୍ରଶିକ୍ଷଣ



ଶିବିରାର୍ଥୀମାନେ ଯୋଗ କରୁଛନ୍ତି।

ବନ୍ତ, ୧୨।୧ (ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡ଼ା ହେମପଦ୍ମା ଗାଲାକ୍ସି ପରିସରରେ ଶନିବାର ଅପରାହ୍ନରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶାଳ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗ ପ୍ରଚାରକ ଧରଣୀଧର କରଙ୍କ ସଞ୍ଚାଳନରେ ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ଅନୁଗତ ବିଦେହ ଦେବଜୀ ଶିବିରରେ ଯୋଗ ଦେଇଥିଲେ। ସେ ଗୀତା ପ୍ରବଚନ ଦେବା ସହ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଶରୀରକୁ ସୁସ୍ଥ ରଖିବା ସହିତ ଅଧ୍ୟାତ୍ମିକ ଜ୍ଞାନର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଯୋଗର ପ୍ରଚାର ପ୍ରସାର ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ଓଡ଼ିଶା ଯୋଗ ନିରୀକ୍ଷକ ଦୀପକ ପାଠକ, ଯୁବନେତା ତପନ ସିଂହ, ଯୋଗ ଶିକ୍ଷକ ବୃନ୍ଦାବନ ବେହେରା, ଗୋପୀନାଥ ପାଢୀ, ପର୍ଶୁରାମ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାମୀ ବିଦେହଜୀଙ୍କୁ ଆଗରପଡ଼ା କୁଆଁଶମଢିଆ ଛକଠାରୁ ଯୁବକମାନେ ବାଇକ୍ ଶୋଭାଯାତ୍ରାରେ ଶିବିରସ୍ଥଳ ପର୍ଯ୍ୟନ୍ତ ଆଣିଥିଲେ। ଶିବିରରେ ବିଭିନ୍ନ କେନ୍ଦ୍ରରୁ ୫ଶହରୁ ଅଧିକ ଲୋକ ଯୋଗ ଦେଇଥିଲେ। ଅଶୋକ ପରିଡା, ଅମୂଲ୍ୟ କୁମାର ନନ୍ଦ, ପ୍ରଦୀପ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

## ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ

ଭଣ୍ଡାରିପୋଖରୀ, ୧୨।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ସରକାରୀ ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଏହି ଅଭିଯାନର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିଣୀ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୁଳମଣି ପତି, ଅଭିମନ୍ୟୁ ପ୍ରଧାନ, ଧୀରେନ୍ଦ୍ର ନାଥ ଦାଶ, ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା, ପୁରୁଷୋତ୍ତମ ଧଳ, ସିଆର୍‌ସିସି ପୁଷ୍ପକ ଚନ୍ଦ୍ର ଭାରତୀ, ଭାଗବତ ରାଉତ, ଗୌରାଙ୍ଗ ନାଥ, ଅଶୋକ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଭିଯାନର ଅଗ୍ରଗତି ଉପରେ ଉପସ୍ଥିତ ପ୍ରଧାନଶିକ୍ଷକମାନେ ଗଠନମୂଳକ ମତାମତ ଉପସ୍ଥାପନ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



→ ଦେବପ୍ରସାଦ



→ ମାନସୀ



→ କାହ୍ନୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ଜେଏସ୍‌ଡବ୍ଲ୍ୟୁ ଭଦ୍ରକ ପ୍ରିମିୟର ଲିଗ୍ ଟି୨୦

## ଫାଇନାଲରେ ମହାବୀର ୱାରିୟର୍ସ, ସନ୍‌ରାଇଜର୍ସ ସୁପରଜାଏଣ୍ଟ୍ସ

ଭଦ୍ରକ ଅଫିସ, ୧୨।୧

ଭଦ୍ରକ ଚରମ୍ପା ପଥରକାଳୀ ପଡ଼ିଆରେ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ପ୍ରାୟୋଜିତ ଭଦ୍ରକ ପ୍ରିମିୟର ଲିଗ୍ ଚତୁର୍ଥ ସଂସ୍କରଣର ଶେଷ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବୀର ୱାରିୟର୍ସ ବିଜୟୀ ହୋଇଥିବା ବେଳେ ରବିବାର ଫାଇନାଲରେ ସନ୍‌ରାଇଜର୍ସ ସୁପରଜାଏଣ୍ଟ୍ସ ସହ ମୁକାବିଲା କରିବ। ଶନିବାର ମହାବୀର ୱାରିୟର୍ସ ଓ ନାଇଟ ହଣ୍ଟର୍ସ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ମହାବୀର ୱାରିୟର୍ସ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ନାଇଟ ହଣ୍ଟର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ୧୪୩ ରନ୍‌ର ପିଛା କରି ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ୱାରିୟର୍ସ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅସିତ ପଟ୍ଟନାୟକ ଏବଂ ଶରତ ସାହୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ଦେବନ ନାୟକ, ସୌରଭ ଦାସ, ନିରାକାର ସାହୁ ସ୍କୋରର ଥିଲେ। ସମ୍ପାଦକ ହୃଦାନନ୍ଦ ଦାସଙ୍କ ସଞ୍ଚାଳନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ରେଳବାଇ ଶ୍ରମିକ ସଙ୍ଗଠନ ସଭାପତି ଉମାକାନ୍ତ ବାଗ ଏବଂ ତୋଶାଳି ସୁଜୁକୀର ମୁଖ୍ୟ ଗୌରାଙ୍ଗ ଚରଣ ସାମଲ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧକ୍ଷ ବୁଲୁ ମହାନ୍ତି, ବୈଷୟିକ ମୁଖ୍ୟ କେ.ଭି.ପ୍ରସାଦ, ମିଡିଆ ପ୍ରଭାରୀ ବିମଳ ମିଶ୍ର, ପରେଶ ନାଏକ, ଶ୍ରୀଧର ମିଶ୍ର, କୋଷାଧକ୍ଷ ଶୁଭେନ୍ଦୁ ବେହେରା, ହରିହର ବେହେରା, ମୁନା ଉପାଧ୍ୟାୟ ପରିଚାଳନା କରିଥିଲେ। ଡ. ରଜନୀକାନ୍ତ ରେଡ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

■ ଜିଲା ମହୋତ୍ସବର ୭ମ ସନ୍ଧ୍ୟା

## ଭଦ୍ରକର କୃଷି ଓ କୃଷକ ସମ୍ପର୍କିତ ଆଲୋଚନା

ଭଦ୍ରକ ଅଫିସ, ୧୨।୧





ମଞ୍ଚରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୂଆବଜାର ଗାନ୍ଧିପଡ଼ିଆଠାରେ ଚାଲିଥିବା ସଞ୍ଜୀବ ଜୁଏଲ୍‌ର୍ସ ପ୍ରାୟୋଜିତ ଭଦ୍ରକ ଜିଲା ମହୋତ୍ସବର ୭ମ ସନ୍ଧ୍ୟା କମିଟି ସ୍ଥାୟୀ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାଶଙ୍କର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀଙ୍କ ସମ୍ପାଦକୀୟ ବକ୍ତବ୍ୟ ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଭାଜପାର ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଯୋଗଦେଇ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଗୁଣଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ 'ଭଦ୍ରକର କୃଷି ଓ କୃଷକ' ଶୀର୍ଷକରେ ଆଲୋଚନା କରାଯାଇଥିଲା। କୃଷି କାର୍ଯ୍ୟ ପୁରାଣ ଯୁଗରେ ମଧ ରହିଥିବାର ପ୍ରମାଣ ମିଳେ ବୋଲି ଉପସଭାପତି ସେଠୀ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ଅଜୟ ନାୟକ ଯୋଗ ଦେଇଥିଲେ। ଖବରଦାତା ସତ୍ୟ ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଶ୍ମିତା ଦାଶ, ପ୍ରଗତିକା ଦାଶ, ଗଣେଶ ତ୍ରିପାଠୀ, ଚର୍ଚ୍ଚିକା ମହାପାତ୍ର, କରୁଣାକର ବେହୁରିଆ, ଅଶୋକ ମହନ୍ତି, ରାକେଶ ଦାସ, ରୁଦ୍ରମାଧବ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସପ୍ତମାତୃକା ଫୁଟବଲ: ସେମିରେ ଡିଫା ଧର୍ମଶାଳା

ଭଣ୍ଡାରିପୋଖରୀ,୧୨।୧ (ସ୍ୱ.ପ୍ର.)



ଅତିଥିଙ୍କ ସହ ଖେଳାଳିମାନେ।

ଭଦ୍ରକ ସାତଭଉଣୀଠାରେ ଚାଲିଥିବା ସପ୍ତମାତୃକା ଫୁଟବଲ ଟୁର୍ନାମେଣ୍ଟର ୩ୟ ଦିବସରେ ପାରାଦୀପ କୁଜଙ୍ଗ ଆଥ୍‌ଲେଟିକ ଏବଂ ଯାଜପୁର ଡିଫା ଧର୍ମଶାଳା କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କୁଜଙ୍ଗ ଆଥ୍‌ଲେଟିକକୁ ୪-୩ରେ ହରାଇ ଡିଫା ଧର୍ମଶାଳା ବିଜୟଲାଭ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ମୁଖ୍ୟଅତିଥି ଭାବେ ରେଞ୍ଜ ଅଫିସର ରଞ୍ଜିତ କୁମାର ମହାନ୍ତି, ଅନ୍ୟତମ ଅତିଥି ଭାବେ ଚରମ୍ପା ଯୁନାଇଟେଡ କ୍ଲବର ପୂର୍ବତନ ଫୁଟବଲ ଖେଳାଳି ହିମାଂଶୁ ଶେଖର ନାୟକ ଯୋଗ ଦେଇଥିଲେ। ରେଫ୍ରୀ ଭାବେ ପ୍ରଶାନ୍ତ କୁମାର ପାଲ, ସହଯୋଗୀ ରେଫ୍ରୀ ରିୟାଜ କାଦ୍ରୀ, ସୁଶାନ୍ତ ବିଶ୍ୱାଳ ଏବଂ ବିନୟ ଭୂଷଣ ଦାସ ୪ର୍ଥ ରେଫ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ଆଦମ୍‌ପୁର ସ୍ପୋର୍ଟ୍ସ ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ମନୋରଞ୍ଜନ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ଯୁବ କ୍ରୀଡ଼ା ସଂଯୋଜକ ଆଶୁତୋଷ ପରିଡ଼ା ସଂଯୋଜନା କରିଥିଲେ। ଆଲୋକ ପରିଡ଼ା, ପୂର୍ବତନ ଫୁଟବଲ ଖେଳାଳି ମକରଧ୍ୱଜ ପରିଡ଼ା, ବାପୁନ୍ ନାୟକ, ସୁଜିତ ପରିଡ଼ା, ଦୀପକ ବାରିକ, ରଞ୍ଜିତ ବାରିକ, ସତ୍ୟଜିତ ବାରିକ, ଉଜ୍ଜଳ କୁମାର ରାଉତ, ରାକେଶ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପାଲାଗାୟକ ସମ୍ମିଳନୀ



**ଭଣ୍ଡାରିପୋଖରୀ, ୧୨।୧ (ଡି.ଏନ.ଏ.) :** ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ବିଶ୍ୱେଶ୍ୱର ପାଲା ମଣ୍ଡପଠାରେ ୪୩ତମ ରାଜ୍ୟସ୍ତରୀୟ ପାଲାଗାୟକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ନାରାୟଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଡିଓ ବନମାଳୀ ତରାଇ ଉଦ୍‌ଘାଟନ କରିଥିଲେ। ବିଶ୍ୱେଶ୍ୱର ପାଲା କମିଟି ସହଯୋଗରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ଆନୁକୂଲ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ଉଦୟ ନାରାୟଣ ନନ୍ଦ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ସୁଜାତା ଜେନା, ସରପଞ୍ଚ ରଞ୍ଜୁଲତା ସେଠୀ, ପାଲା ପରିଷଦ ରାଜ୍ୟ ସଭାପତି ମଦନମୋହନ ଜେନା, ପ୍ରଫୁଲ୍ଲ ଦାଶ ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପାଲା ଉତ୍କଳୀୟ ସଂସ୍କୃତିର ପରମ୍ପରା। ଆଧାତ୍ମିକ ଶିକ୍ଷା, ଚେତନା, ଦିଗ୍‌ଦର୍ଶନ ପାଲାରେ ହିଁ ମିଳିଥାଏ। ଏଥିସହ ପାଲାରେ ପାରମ୍ପରିକ କଥା ଲୋକକଥା ମିଳିଥାଏ। ଏଭଳି ପାଲାନୁଷ୍ଠାନ ବଞ୍ଚାଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚନ୍ଦ୍ରଶେଖର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗାୟକ ଭାସ୍କର ନିରଞ୍ଜନ ବାହିନୀପତି ଓ ଗାୟକରତ୍ନ ପ୍ରଭାତ ସାହୁ ପାଲା ପରିବେଷଣ କରିଥିଲେ।

# କୌଳିକ ବୃତ୍ତି ଦେଇଛି ଜିଇଁବାର ରାହା

**ପଦ୍ମପୁର, ୧୨।୧ (ଡି.ଏନ.ଏ.)**

ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଫଳରେ ପାରମ୍ପରିକ ବୃତ୍ତି କରି ଚଳୁଥିବା ଲୋକଙ୍କ ଜୀବିକା ବୁଡ଼ିଗଲାଣି। ହେଲେ ପରିବର୍ତ୍ତିତ ଧାରା ସହ ନିଜର କୌଳିକ ବୃତ୍ତିକୁ ଆପଣାଇ ରୋଜଗାରର ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି କୃପାସିନ୍ଧୁ ସେଠୀ(୫୨)। ବାସୁଦେବପୁର ବ୍ଲକ ପଦ୍ମପୁର ବଜାରରେ ଏକ ଛୋଟିଆ ଗୁମୁଟି। ସମ୍ବଳ କହିଲେ ୨ଟି ଲୁହା ଇସ୍ତ୍ରୀ, ଗୋଟିଏ ଆଞ୍ଚ ଓ ଲୁଗା ଇସ୍ତ୍ରୀ ପାଇଁ ଗୋଟିଏ ଟେବୁଲ ଓ କିଛି କୋଇଲା। ଏହାକୁ ନେଇ କୃପାସିନ୍ଧୁଙ୍କର ଜୀବନ ଓ ଜୀବିକା ନିର୍ବାହର ପନ୍ଥା। ତାଙ୍କର ଏହି କୌଳିକ ବୃତ୍ତି ତାଙ୍କୁ ଜିଇଁବାର ରାହା ଦେଇଛି ବୋଲି କୃପାସିନ୍ଧୁ କହିଛନ୍ତି।



କୃପାସିନ୍ଧୁ ସେଠୀ।

କୃପାସିନ୍ଧୁଙ୍କ ଘର ସର୍ତ୍ତରପୁର ଗ୍ରାମରେ। ସ୍ତ୍ରୀ ମଞ୍ଜୁଲତା ଓ ୩ ପୁଅଙ୍କୁ ନେଇ ତାଙ୍କର ପରିବାର। ବଡ଼ପୁଅ ଦୀପକ ଯୁକ୍ତ ୨ ପଢୁଥିବା ବେଳେ ମଝିଆଁ ପୁଅ ଜୟନ୍ତ ୧୦ମ ଓ ସାନପୁଅ ଜୀବନ ୮ମ ଶ୍ରେଣୀରେ ପଢୁଛନ୍ତି। ସେ କହନ୍ତି, ଲୁଗା ସଫା ଓ ଇସ୍ତ୍ରୀ କରି ଦିନକୁ ୧୫୦ରୁ ୨୦୦ ଟଙ୍କା ରୋଜଗାର ହେଉଛି। ଏଥିରେ ପରିବାର ଚଳାଇବା ସହ ପିଲାଙ୍କୁ ପାଠ ପଢ଼ାଇବା କଷ୍ଟକର। ତଥାପି ସେ ହାରିନାହାନ୍ତି। ପ୍ରତ୍ୟେହ ସକାଳ ୯ଟାରୁ ଦୋକାନ ଖୋଲି ଗ୍ରାହକଙ୍କଠାରୁ ଲୁଗା ସଂଗ୍ରହ କରି ତାକୁ ସଫା କରି ଶୁଖାନ୍ତି। ସନ୍ଧ୍ୟାରେ ଇସ୍ତ୍ରୀ କରି ଗ୍ରାହକଙ୍କୁ ଫେରାଇ ଦିଅନ୍ତି। ଏହି କାମରେ ସ୍ତ୍ରୀ ମଞ୍ଜୁ ତାଙ୍କୁ ସହଯୋଗ କରନ୍ତି। ୧୯୮୮ ଠାରୁ ଦୀର୍ଘ ୩୦ ବର୍ଷ ଧରି ଏହି ଦୋକାନ ତାଙ୍କୁ ଜୀବିକା ନିର୍ବାହ ପାଇଁ ରାସ୍ତା ଦେଖାଇଛି। ତାଙ୍କର ଜମିବାଡ଼ି କିଛି ନ ଥିବାବେଳେ ସରକାରଙ୍କ ତରଫରୁ ଏକ ରାଶନ କାର୍ଡ ମିଳିଛି। ବ୍ୟବସାୟର ଆଧୁନିକୀକରଣ ପାଇଁ ସରକାରଙ୍କ ତରଫରୁ ତାଙ୍କୁ କିଛି ଆର୍ଥିକ ସହାୟତା ମିଳିଲେ ସୁରୁଖୁରୁରେ ପରିବାର ପ୍ରତିପୋଷଣ କରିପାରନ୍ତେ ବୋଲି କୃପାସିନ୍ଧୁ ଆଶାବ୍ୟକ୍ତ କରିଛନ୍ତି।

## ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ

ତିହିଡ଼ି, ୧୨।୧ (ଡି.ଏନ.ଏ.)

ତିହିଡ଼ି ବ୍ଲକ ନୂଆନନ୍ଦ ପଞ୍ଚାୟତ ଦିବାକର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶତବାର୍ଷିକ ଜୟନ୍ତୀର ୨ୟ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦୁଃଶାସନ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶିକ୍ଷାର ପ୍ରସାର ପାଇଁ ସମସ୍ତଙ୍କ ଦାୟିତ୍ୱବୋଧ ରହିବା ଆବଶ୍ୟକ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ସରପଞ୍ଚ ସୁଶାନ୍ତ କୁମାର ମଲିକ, ସମିତିସଭ୍ୟା ଉର୍ମିଳା ଦାସ, ନାଏବ ସରପଞ୍ଚ ଚମ୍ପା ମାହାନା, ପୁରାତନ ଛାତ୍ର ଉପବନ୍ଧୁ ସାହୁ, ଜୟନ୍ତୀ କମିଟି ସଭାପତି ଧନେଶ୍ୱର ଜେନା, ଶିକ୍ଷକ ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ଜେନା, ଉପସଭାପତି ପଦ୍ମିନୀ ମୁଦୁଲି, ୱାର୍ଡସଭ୍ୟ ଅମୂଲ୍ୟ ଦାସ, ରେବତୀ ପାଣିଗ୍ରାହୀ, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୁରସ୍କାର ବିତରଣ, ସାଂସ୍କୃତିକ ଉତ୍ସବ

**ଧାମନଗର, ୧୨।୧ (ଡି.ଏନ.ଏ.)**

ଧାମନଗର ବ୍ଲକ ଜାହାଙ୍ଗୀର ଜନତା ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଏବଂ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ଦାସ ଅଧ୍ୟକ୍ଷତା କରିଥିଲେ। ଦଳାଙ୍ଗ ସରପଞ୍ଚ ବିରେନ୍ଦ୍ର କୁମାର ବାରିକ ମୁଖ୍ୟଅତିଥି, ବିରଜା ପ୍ରସନ୍ନ ରାଉତ, ପୂର୍ବତନ ଶିକ୍ଷକ ଗୌରାଙ୍ଗ ଚରଣ ବାରିକ, ବିଜନ ବିହାରୀ ରାଉତ, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପରେ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସହକାରୀ ଶିକ୍ଷକ ସୁଧୀର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ବିଦ୍ୟାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଜାତୀୟ ଯୁବ ଦିବସ

## 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଧାମନଗର/ଭଣ୍ଡାରିପୋଖରୀ, ୧୨।୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରେ ଯୁବ ଦିବସ ପାଳନ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବ ସମାଜକୁ ଆହ୍ୱାନ ଦିଆଯାଇଥିଲା। ଧାମନଗର ଏବିଭିପି ତରଫରୁ କୋଠାରଠାରୁ ଶୋଭାଯାତ୍ରା ବାହାରି ଅସୁରାଳି ବଜାର ପରିକ୍ରମା ପରେ ପଥପ୍ରାନ୍ତ ସଭା ହୋଇଥିଲା। ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ହେମେନ୍ଦ୍ର ସାହୁ, ବୈକୁଣ୍ଠନାଥ ସାହୁ, ଏବିଭିପିର ବିଭାଗ ସମ୍ପାଦକ ସୁବ୍ରତ ଧଳ, ଜିଲା ସଂଯୋଜକ ସୌରଭ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିଲ କୁମାର ଆରଣ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ନବଜୀବନ ଫାଉଣ୍ଡେଶନ ପକ୍ଷରୁ ସଚେତନତା ସାଇକେଲ ରାଲି ଧୂଷୁରୀସ୍ଥିତ ଧୂଷୁରାଗୁଣୀ ମନ୍ଦିର ନିକଟରୁ ବାହାରି କୋଠାର ରାମକୃଷ୍ଣ ମିଶନରେ ପହଞ୍ଚିଥିଲା। ସାମାଜିକ କର୍ମୀ ରଞ୍ଜିତ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନର ରାଜ୍ୟ ମୁଖ୍ୟ ମାନସ ରଞ୍ଜନ ସାହୁଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଆଶିଷ ମହାପାତ୍ର ଯୋଗ ଦେଇଥିଲେ। ନରେଶ ରାଉତ, ଆଶିଷ ରାଉତ, ଅତିଶ ପରିଡା, ବିଶ୍ୱକଲ୍ୟାଣ ମିଶ୍ର, ମିଥୁନ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ରାମକୃଷ୍ଣ ମିଶନ ତରଫରୁ ଯୁବ ଦିବସ ଅବସରରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସ୍ୱାମୀ ଦେବେଶାନନ୍ଦଜୀ ମହାରାଜଙ୍କ ପରିଚାଳନାରେ ଅତିଥି ଭାବେ ଅଧ୍ୟାପକ ଶ୍ରୀଧର ସାହୁ, ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ମହାବିଦ୍ୟାଳୟରେ ଯୁକ୍ତ ୩ ଜାତୀୟ ସେବା ଯୋଜନା ଏବଂ ବିବେକାନନ୍ଦ ଯୁବ ସଂସଦ ମିଳିତ ଆନୁକୂଲ୍ୟରେ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବ ଦିବସ ପାଳନ କରାଯାଇଥିଲା। ଅଧ୍ୟକ୍ଷ ମୁଖ୍ୟଅତିଥି ବିଷ୍ଣୁପ୍ରସାଦ ଜେନାଙ୍କ ସଭାପତିତ୍ୱରେ ବିବେକାନନ୍ଦ ଲୋକସଂସଦ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତା, ଚେତନା ଓ ଦର୍ଶନରେ ଅନୁଗାମୀ ହୋଇ କାର୍ଯ୍ୟ କଲେ ସଫଳ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ରଘୁନାଥ ସାହୁ ଯୋଗ ଦେଇଥିଲେ। ରାମଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ, ଛାତ୍ରୀ ମଧୁସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ, ଅଭିଲିପ୍ସା ସ୍ୱଦେଶ ମନ୍ତ୍ର ପାଠ କରିଥିଲେ। ବିବେକାନନ୍ଦ ଯୁବ ସଂସଦ ଦ୍ୱାରା ଅନୁଷ୍ଠିତ ସାଧାରଣଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଲୋପାମୁଦ୍ରା ସ୍ୱାଇଁ, ସସ୍ମିତା ବାରିକ, ଦୀପ୍ତିପ୍ରଭା ବାରିକଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No.: RDM-LAA-BLS-0014-2017/43806/R&DM** **Dated: 1 Dec. 2018**

No.: III-83: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରାଇପୁର, ଥାନା- ନୀଳଗିରି, ସଂ.୯୬, ତହସିଲ-ନୀଳଗିରି, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୫୦, ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ରାଇପୁର, ଥାନା- ନୀଳଗିରି, ସଂ.୯୬, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାଇପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦.୮୭୨ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୧୭।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ
ଅତିରିକ୍ତ ଶାସନ ସଚିବ

**LAND SCHEDULE**
**Land Acquisition for excavation of Salandi Left Main Canal of Anandapur Barrage Project of Vill- Raipur, P.S.- Nilgiri No.- 96, Tahasil - Nilgiri, Dist.- Balasore**
**L.A. Case No. - 11/2017**

| କ୍ରମିକ ନମ୍ବର | ଖାତା ନମ୍ବର | ଜମି ମାଲିକଙ୍କ ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 16 | ଉମାକାନ୍ତ ସ, ଲକ୍ଷ୍ମୀକାନ୍ତ ସ, ପି.– ଛଟି ସ, ଜା: ଭିଣା, ବା: ନିଜଗାଁ | 184 | ଶାରଦ ଅଣଜଳ ସେଚିତ ଦୁଇ | 0.297 | 0.079 |
| 2 | 45 | ଗଙ୍ଗାଧର ସ୍ୱାଇଁ, ପିତା– କୃଷ୍ଣ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 159 | ଶାରଦ ଅଣଜଳ ସେଚିତ ଦୁଇ | 0.052 | 0.052 |
| | | | 160 | ଶାରଦ ଅଣଜଳ ସେଚିତ ଦୁଇ | 0.210 | 0.210 |
| 3 | 53 | ଗଦାଧର ପାତ୍ର, ପି.– ଭଗବାନ ପାତ୍ର, ଜା: ତନ୍ତି, ବା: ଛୋଟକାହ୍ନପୁର | 72 | ଶାରଦ ଅଣଜଳ ସେଚିତ ଦୁଇ | 0.096 | 0.020 |
| | | | 149 | ଶାରଦ ଅଣଜଳ ସେଚିତ ଦୁଇ | 0.326 | 0.015 |
| 4 | 60 | ଗୋବିନ୍ଦଚନ୍ଦ୍ର ଗିରି, ପି.– ପୁରସ୍ତମ ଗିରି, ଉଷା ଗିରି, ସ୍ୱା.– ପୁରସ୍ତମ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ | 171 | ଶାରଦ ଅଣଜଳ ସେଚିତ ଦୁଇ | 0.067 | 0.067 |
| | | | 172 | ଶାରଦ ଅଣଜଳ ସେଚିତ ଦୁଇ | 0.064 | 0.064 |
| | | | 174 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 188 | ଶାରଦ ଅଣଜଳ ସେଚିତ ଦୁଇ | 0.054 | 0.054 |
| 5 | 63 | ଗୌରିଶଙ୍କର ବେହେରା, ପି.– ଚୈତନ୍ୟ ବେହେରା, ଜା: ତନ୍ତି, ବା: ବାଲିଓରା | 173 | ଶାରଦ ଅଣଜଳ ସେଚିତ ଦୁଇ | 0.390 | 0.371 |
| 6 | 74 | ଚତୁର୍ଭୁଜ ସ୍ୱାଇଁ, ନଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ବରେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ, ଭାନୁମତୀ ସ୍ୱାଇଁ, ଦେବକୀ ସ୍ୱାଇଁ, କମଳା ସ୍ୱାଇଁ, ମିନତୀ ସ୍ୱାଇଁ, ପି.– ଗୋପୀନାଥ ସ୍ୱାଇଁ, ସାବିତ୍ରୀ ସ୍ୱାଇଁ, ସ୍ୱା.– ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 163 | ଶାରଦ ଅଣଜଳ ସେଚିତ ଦୁଇ | 0.301 | 0.138 |
| | | | 187 | ଶାରଦ ଅଣଜଳ ସେଚିତ ଦୁଇ | 0.549 | 0.549 |
| 7 | 76 | ଚୈତନ୍ୟ ବିଶ୍ୱାଳ, ସନାତନ ବିଶ୍ୱାଳ, ବନମାଳୀ ବିଶ୍ୱାଳ, ପି.– ମାର୍କଣ୍ଡ | 77 | ଶାରଦ ଅଣଜଳ ସେଚିତ ଦୁଇ | 0.119 | 0.101 |
| 8 | 77 | ଛଟି ସ, ପି.– ମାଗୁଣି ସ, ଜା: ଭିଣା, ବା: ନିଜଗାଁ | 175 | ଶାରଦ ଅଣଜଳ ସେଚିତ ଦୁଇ | 0.035 | 0.035 |
| | | | 176 | ଶାରଦ ଅଣଜଳ ସେଚିତ ଦୁଇ | 0.128 | 0.040 |
| 9 | 91 | ଜ୍ୟୋସ୍ନାରାଣୀ ଦାଶ, ସ୍ୱା.– ରବୀନ୍ଦ୍ର ମୋହନ ଦାଶ, ଜା: ଖଣ୍ଡାୟତ, ବା: ନିଜଗାଁ | 116 | ଶାରଦ ଅଣଜଳ ସେଚିତ ଦୁଇ | 0.052 | 0.052 |
| | | | 117 | ଶାରଦ ଅଣଜଳ ସେଚିତ ଦୁଇ | 0.188 | 0.188 |
| | | | 118 | ଶାରଦ ଅଣଜଳ ସେଚିତ ଦୁଇ | 0.885 | 0.529 |
| 10 | 93 | ଦୀପ୍ତିକାନ୍ତ ବିଶ୍ୱାଳ, ରତିକାନ୍ତ ବିଶ୍ୱାଳ, ପି.– ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | 83 | ଶାରଦ ଅଣଜଳ ସେଚିତ ଦୁଇ | 0.069 | 0.069 |
| 11 | 103 | ନରେନ୍ଦ୍ର କୁମାର ପରିଡ଼ା, ପି.– କ୍ଷେତ୍ରମୋହନ ପରିଡ଼ା, ଜା: କୁମ୍ଭକାର, ବା: ବାଲିଓରା | 157/1158 | ଶାରଦ ଅଣଜଳ ସେଚିତ ଦୁଇ | 0.335 | 0.237 |
| | | | 129/1162 | ଶାରଦ ଅଣଜଳ ସେଚିତ ଦୁଇ | 0.383 | 0.383 |
| 12 | 105 | ନାରଣ ବାରିକ, ପି.– କ୍ଷେତ୍ର ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ | 73 | ଶାରଦ ଅଣଜଳ ସେଚିତ ଦୁଇ | 0.252 | 0.222 |
| | | | 75 | ଶାରଦ ଅଣଜଳ ସେଚିତ ଦୁଇ | 0.469 | 0.440 |
| | | | 76 | ଶାରଦ ଅଣଜଳ ସେଚିତ ଦୁଇ | 0.395 | 0.301 |
| | | | 140 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 141 | ଶାରଦ ଅଣଜଳ ସେଚିତ ଦୁଇ | 0.138 | 0.138 |
| 13 | 113 | ପ୍ରଦୀପ୍ତ କୁମାର ପ୍ରଧାନ, ରଣଜିତ କୁମାର ପ୍ରଧାନ, ପି.– ଜୟକୃଷ୍ଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | 165 | ଶାରଦ ଅଣଜଳ ସେଚିତ ଦୁଇ | 0.035 | 0.035 |
| | | | 166 | ଶାରଦ ଅଣଜଳ ସେଚିତ ଦୁଇ | 0.072 | 0.072 |
| | | | 167 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 168 | ଶାରଦ ଅଣଜଳ ସେଚିତ ଦୁଇ | 0.047 | 0.047 |
| | | | 169 | ଶାରଦ ଅଣଜଳ ସେଚିତ ଦୁଇ | 0.054 | 0.054 |
| | | | 170 | ଶାରଦ ଅଣଜଳ ସେଚିତ ଦୁଇ | 0.067 | 0.067 |
| | | | 189 | ଶାରଦ ଅଣଜଳ ସେଚିତ ଦୁଇ | 0.089 | 0.089 |
| | | | 190 | ଶାରଦ ଅଣଜଳ ସେଚିତ ଦୁଇ | 0.020 | 0.020 |
| | | | 191 | ଶାରଦ ଅଣଜଳ ସେଚିତ ଦୁଇ | 0.049 | 0.049 |
| | | | 192 | ଶାରଦ ଅଣଜଳ ସେଚିତ ଦୁଇ | 0.128 | 0.128 |
| | | | 193 | ଶାରଦ ଅଣଜଳ ସେଚିତ ଦୁଇ | 0.037 | 0.032 |
| | | | 200 | ଶାରଦ ଅଣଜଳ ସେଚିତ ଦୁଇ | 0.252 | 0.015 |
| 14 | 117 | ପାତିନ ସ୍ୱାଇଁ, ସ୍ୱା.– ଗୋପୀନାଥ ସ୍ୱାଇଁ, ଚତୁର୍ଭୁଜ ସ୍ୱାଇଁ, ଭାନୁମତୀ ସ୍ୱାଇଁ, ଦେବକୀ ସ୍ୱାଇଁ, କମଳାମଣି ସ୍ୱାଇଁ, ସୁମତୀ ସ୍ୱାଇଁ, ନାଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ, ପି.– ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | 130 | ଶାରଦ ଅଣଜଳ ସେଚିତ ଦୁଇ | 0.680 | 0.163 |
| | | | 164 | ଶାରଦ ଅଣଜଳ ସେଚିତ ଦୁଇ | 0.175 | 0.175 |
| 15 | 120 | ପ୍ରାଣବନ୍ଧୁ ସ୍ୱାଇଁ, ପି.– ପ୍ରସାଦ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 158 | ଶାରଦ ଅଣଜଳ ସେଚିତ ଦୁଇ | 0.235 | 0.235 |
| 16 | 125 | ପୂର୍ଣ୍ଣେନ୍ଦୁ ଦାସ, ନିର୍ମଳେନ୍ଦୁ ଦାସ, ଶୁଭେନ୍ଦୁ ଦାସ, ବିଭୂଦତ୍ତ ଦାସ, ପି.– ଗୌରାଙ୍ଗ ଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ବାଉଁଶ ବଣିଆ | 185 | ଶାରଦ ଅଣଜଳ ସେଚିତ ଦୁଇ | 0.455 | 0.425 |
| 17 | 149 | ବିଜୟ କୁମାର ଗିରି, ଅଜୟ କୁମାର ଗିରି, ପି.– ଗଙ୍ଗାଧର ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ | 119 | ଶାରଦ ଅଣଜଳ ସେଚିତ ଦୁଇ | 0.109 | 0.062 |
| | | | 120 | ଶାରଦ ଅଣଜଳ ସେଚିତ ଦୁଇ | 0.450 | 0.188 |
| | | | 126 | ଶାରଦ ଅଣଜଳ ସେଚିତ ଦୁଇ | 0.074 | 0.030 |
| | | | 148 | ଶାରଦ ଅଣଜଳ ସେଚିତ ଦୁଇ | 0.301 | 0.222 |
| 18 | 158 | ଭଗବାନ ସ୍ୱାଇଁ, ପି.– କୁଶ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 81 | ଘରବାରି | 0.222 | 0.104 |
| | | | 82 | ଘରବାରି | 0.044 | 0.044 |
| | | | 139 | ଶାରଦ ଅଣଜଳ ସେଚିତ ଦୁଇ | 0.091 | 0.091 |
| 19 | 166 | ଭଗବତୀ ବେହେରା, ସ୍ୱା.– ନାରାୟଣ ବେହେରା, ଜା: କୁବେର, ବା: ଦେଉଳିଆ, ଥାନା: ବଡ଼ସାଇ, ଜିଲ୍ଲା: ମୟୂରଭଞ୍ଜ | 117/1192 | ଶାରଦ ଅଣଜଳ ସେଚିତ ଦୁଇ | 0.099 | 0.049 |
| 20 | 180 | ମହେନ୍ଦ୍ର କୁମାର ପରିଡ଼ା, ପି.– କ୍ଷେତ୍ର ମୋହନ ପରିଡ଼ା, ଜା: ଖଣ୍ଡାୟତ, ବା: ବାଲିଓରା | 129 | ଶାରଦ ଅଣଜଳ ସେଚିତ ଦୁଇ | 0.395 | 0.395 |
| | | | 157 | ଶାରଦ ଅଣଜଳ ସେଚିତ ଦୁଇ | 0.366 | 0.079 |
| 21 | 202 | ରବୀନ୍ଦ୍ର ଲେଙ୍କା, ନାରାୟଣ ଲେଙ୍କା, ସନ୍ତୋଷ କୁମାର ଲେଙ୍କା, ପି.– ଜଗନ୍ନାଥ ଲେଙ୍କା, ଉର୍ମିଳା ଲେଙ୍କା, ସ୍ୱା.– ଜଗନ୍ନାଥ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ | 123 | ଶାରଦ ଅଣଜଳ ସେଚିତ ଦୁଇ | 0.012 | 0.012 |
| | | | 124 | ଶାରଦ ଅଣଜଳ ସେଚିତ ଦୁଇ | 0.047 | 0.047 |
| | | | 127 | ଶାରଦ ଅଣଜଳ ସେଚିତ ଦୁଇ | 0.015 | 0.015 |
| | | | 128 | ଶାରଦ ଅଣଜଳ ସେଚିତ ଦୁଇ | 0.371 | 0.366 |
| 22 | 214 | ରାମଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଲକ୍ଷ୍ମଣ ପାତ୍ର, ପି.– ବନମାଳୀ ପାତ୍ର, ଜା: ପାତ୍ର ତନ୍ତି, ବା: ଛୋଟକାନପୁର | 161 | ଶାରଦ ଅଣଜଳ ସେଚିତ ଦୁଇ | 0.722 | 0.722 |
| | | | 162 | ଶାରଦ ଅଣଜଳ ସେଚିତ ଦୁଇ | 0.890 | 0.806 |
| 23 | 220 | ଲକ୍ଷ୍ମୀକାନ୍ତ ବାରିକ, ପି.– ନାରାୟଣ ବାରିକ, ଜା: ନାପିତ, ବା: ନିଜଗାଁ | 74 | ଶାରଦ ଅଣଜଳ ସେଚିତ ଦୁଇ | 0.072 | 0.072 |
| 24 | 242 | ସୁଦାମ ଜେନା, ପି.– ବାଇଧର ଜେନା, ଆଦ୍ରା ଜେନା, ସ୍ୱା.– ବାଇଧର ଜେନା, ଜା: ଖଣ୍ଡାୟତ, ବା: ବଳିଓରା | 93 | ତଇଳା | 0.099 | 0.002 |
| 25 | 248 | ସ୍ମୃତିରଞ୍ଜନ ଦାସ, ପି.– ରବୀନ୍ଦ୍ର ମୋହନ ଦାସ, ଜା: ଖଣ୍ଡାୟତ, ବା: ଆଳପୁର | 121 | ଶାରଦ ଅଣଜଳ ସେଚିତ ଦୁଇ | 0.277 | 0.277 |
| | | | 122 | ଶାରଦ ଅଣଜଳ ସେଚିତ ଦୁଇ | 0.025 | 0.025 |
| | | | 125 | ଶାରଦ ଅଣଜଳ ସେଚିତ ଦୁଇ | 0.178 | 0.178 |
| | | | 142 | ଶାରଦ ଅଣଜଳ ସେଚିତ ଦୁଇ | 0.114 | 0.114 |
| | | | 143 | ଶାରଦ ଅଣଜଳ ସେଚିତ ଦୁଇ | 0.205 | 0.064 |
| 26 | 253 | ସୋମା ସ୍ୱାଇଁ, ସ୍ୱା.– ଜଗବନ୍ଧୁ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବଳିଓରା | 138 | ଶାରଦ ଅଣଜଳ ସେଚିତ ଦୁଇ | 0.316 | 0.049 |
| 27 | 255 | ହରିହର ପରିଡ଼ା, ପି.– ମାନଗୋବିନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | 115 | ଶାରଦ ଅଣଜଳ ସେଚିତ ଦୁଇ | 0.237 | 0.054 |
| | | | 118/1145 | ଶାରଦ ଅଣଜଳ ସେଚିତ ଦୁଇ | 0.183 | 0.040 |
| 28 | 259/9 | ଶୁଭେନ୍ଦୁ ସ୍ୱାଇଁ, ପି.– ଚତୁର୍ଭୁଜ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | 186 | ଶାରଦ ଅଣଜଳ ସେଚିତ ଦୁଇ | 0.284 | 0.284 |
| 29 | 259/13 | ପ୍ରଭାସିନ ରାଉତ, ସ୍ୱା.– ଜାୟରାମ ରାଉତ, ଜା: ଖଣ୍ଡାୟତ, ବା: ବାଲିଓରା | 195 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.002 |
| | | | | **Total** | **15.139** | **10.872** |

**N.B.: Ac.11.15 notified u/s - 11(1) has been reduced to Ac.10.872 as per withdrawal of proposal of E.E., Soro Canal Division, Soro vide Letter No. 691/WE Dt.10.04.18 and the following plots has been de-notified by R&DW Department vide Letter No. 20543 dt.05.06.18. Khata No.- 93, Plot No.- 84, 85, 84/1186 & Khata No.- 76, Plot No. - 86.**

**Sd./- Spl. Land Acquisition Officer**
**Anandapur Barrage Project, Soro, Balasore**

24001/14/0562/1819

# ଅଭୁଲା ମକର

ନିଆରା ଆମ ଓଡ଼ିଶାର ସଂସ୍କୃତି ଆଉ ପରମ୍ପରା । ଏଠି ବାରମାସରେ ପାଳନ ହୁଏ ତେର ପର୍ବ, ଆଉ ସବୁଥିରେ ଥାଏ ଭିନ୍ନ ଭିନ୍ନ ମଜା । ଠିକ୍ ସେମିତି ଏକ ପର୍ବ ହେଉଛି ମକର ସଂକ୍ରାନ୍ତି । ତେବେ ଏହାକୁ ନେଇ ନିଜର କିଛି ଅଭୁଲା ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...












**ସେଦିନର ମଜା ଏବେ ବି ଅଭୁଲା**

ମକର ସଂକ୍ରାନ୍ତି ମୋର ପ୍ରିୟ ପର୍ବଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହାକୁ ନେଇ ମୋ ମନରେ ଅନେକ ଅଭୁଲା ଅନୁଭୂତି ସାଇତା ହୋଇରହିଛି। ମନେ ପଡିଯାଉଛି ପିଲାବେଳେ ମକର ସଂକ୍ରାନ୍ତି ଆସିଲେ ମନରେ କେତେ ଉତ୍କଣ୍ଠା ଭରିଯାଉଥିଲା। ସକାଳୁ ସକାଳୁ ବୋଉ ହାତ ତିଆରି ମକରଚାଉଳ ଭୋଗ ଖାଇବାକୁ ଖୁସିରେ ଜଗି ବସୁଥିଲି। ତା'ପରେ ସାଙ୍ଗମାନଙ୍କ ସହ ମିଶି ମନ୍ଦିର ଯିବା ଏବଂ ପରସ୍ପର ଘରୁ ଆଦାୟ କରି ଆଣୁଥିବା ଅରୁଆ ଚାଉଳ, କ୍ଷୀର, ମହୁ, ଗୁଡ, ନଡିଆ ଭଳି ବିଭିନ୍ନ ସାମଗ୍ରୀ ମିଶାଇ ପ୍ରସ୍ତୁତ ମକରଚାଉଳର ସ୍ୱାଦ ଯେମିତି ଥିଲା ନିଆରା। ଖାଲି ଏତିକି ନୁହେଁ ପାଠ ପଢା ଛାଡି ସାରା ଦିନ ସାଙ୍ଗମାନେ ଏକାଠି ଗୁଡି ଉଡାଇବା ଏବଂ ଏଥିପାଇଁ ଘରେ ଗାଳି ଶୁଣିବାରେ ବି ଥିଲା ଭିନ୍ନ ମଜା। ସତରେ ପ୍ରତିବର୍ଷ ମକରସଂକ୍ରାନ୍ତି ତ ଆସୁଛି, ହେଲେ ସେଦିନର ମଜା ଏବେ ଆଉ ନାହିଁ।

– ସତ୍ୟକାମ ସାହୁ, ଚୁଡାଙ୍ଗସାହି, ପୁରୀ

**ମାଞ୍ଜା ପାଇଁ ମାଡ଼ ଖାଇଛି**

ପିଲାବେଳୁ ଗୁଡି ଉଡାଇବା ମୋର ଏକ ପ୍ରିୟ ଖେଳ। ବିଶେଷ କରି ମକର ସଂକ୍ରାନ୍ତିରେ ଖାଲି ଗୁଡି ଉଡାଇବା ନୁହେଁ କମ୍ପିଟିଶନ କରି ଅନ୍ୟର ଗୁଡି କାଟିବାର ମଜା ଅଲଗା। ସେତେବେଳେ ସୂତା ପ୍ୟାକେଟ ୧୦ ଟଙ୍କା ଥାଏ । ଦୁଇ ପ୍ୟାକେଟ କିଣି ଆଣିଲେ ମକର ପୂର୍ବରୁ ଆଉ ପରେ ବି ଗୁଡ଼ି ଉଡାଇବା ଯାଏଁ ସୂତା ସରେନି । ତଥାପି ଯେମିତି ଗୁଡି ଉଡାଇବା ଲାଗି ଆମକୁ ସୂତା ନିଅଣ୍ଟ ପଡେ। ହାଇସ୍କୁଲ୍‌ରେ ପଢିବା ବେଳର ଘଟଣା। ସୂତାରେ ମାଞ୍ଜା ଦେବା କଥା ସାହିର ଅନ୍ୟ କିଛି ପିଲାଙ୍କ ଠାରୁ ଶିଖିଥିଲି । ତେଣୁ ମକର ସଂକ୍ରାନ୍ତିରେ ଏଥର ଆମେ ବି ମାଞ୍ଜାଦିଆ ସୂତାରେ ଗୁଡି ଉଡାଇବା ବୋଲି ୪ ଜଣ ସାଙ୍ଗ ନିଷ୍ପତ୍ତି ନେଲୁ। ଆମେ ଟଙ୍କା ଆଦାୟ କରି ଚୌଧୁରୀ ବଜାରରୁ ଯାଇ ସୂତା କିଣିଲୁ। ହେଲେ ହାତ ତିଆରି ମାଞ୍ଜା ସୂତା ତିଆରି କରିବାକୁ ଅଠା ଆଉ କାଚଗୁଣ୍ଡ ଦରକାର। ତେଣୁ ଘରେ ଥିବା ଏକ ପୁରୁଣା ଟ୍ୟୁବ ଲାଇଟକୁ ଲୁଚାଇ ନେଇ ଘରଠାରୁ ଦୂରରେ ଏକ ଜରି ବସ୍ତା ଭିତରେ ଭାଙ୍ଗିଥିଲି । ପରେ ଜଣେ ସାଙ୍ଗ ଠାରୁ ଅଠା ମାଗି ଆଣି ଛାତ ଉପରେ ସୂତାରେ ମାଞ୍ଜା ଦେଉଥିଲି । ସତର୍କତାର ସହ ମାଞ୍ଜା ଦେଉଥିଲେ ବି କାଚ ଗୁଣ୍ଡ ଯୋଗୁ ମୋ ହାତର ଅନେକ ଯାଗାରେ ଖଣ୍ଡିଆ ହୋଇଗଲା । ଆଉ ଯେତେବେଳେ ଘରେ ଏକଥା ଜାଣିଥିଲେ ସମବେଦନା ତ ଦୂରର କଥା ଓଲଟା ନିର୍ଘୁମ ମାଡ଼ ମିଳିଥିଲା। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ସେକଥା ମନେ ପଡି ହସଲାଗେ। – ପ୍ରଶାନ୍ତ ମହାନ୍ତି, କଟକ

**ଲୋମ ଟାଙ୍କୁରିଯାଏ ମନେପଡ଼ିଲେ ସେ ଘଟଣା :** ୨୦୦୨ମସିହା ଘଟଣା । ସେଦିନ ଥାଏ ମକର ସଂକ୍ରାନ୍ତି। ନିଜ ଗାଁ କଟକ ଜିଲା କିଶୋରନଗର ବ୍ଲକ କନ୍ଦରପୁରର ବାରଦାକୁ ଯାଉଥାଏ । ସମୟ ପ୍ରାୟ ଅପରାହ୍ନ ୨ଟା ହେବ । ମୁଁ ଚାଲି ଚାଲି ଯାଉଥିବା ବେଳେ ଦେଖିଲି ରାସ୍ତା କଡରେ ଥିବା ଏକ ବଡ ନାଳବନ୍ଧ ଉପରେ ଛୋଟପିଲାଟିଏ ବସିଥାଏ। ଟିକେ ଆଗକୁ ଯାଇଛି ପାଣି ଭିତରେ ଜୋର୍ ଶବ୍ଦ ହେଲା। ବୁଲି ପଡି ଦେଖିଲା ବେଳକୁ ପିଲାଟି ନାଳ ପାଣିକୁ ଡେଇଁଛି। ବୋଧହୁଏ ଖୋଲା ପାଣିରେ ଗାଧୋଇବାର ମଜା ନେବା ଲାଗି ଏପରି କରିଥିବ ଭାବି ଆଗକୁ ବଢିଲି। ହେଲେ ୨–୩ ଖୋଜ ପାଦ ଆଗକୁ ବଢାଇଛି ମନ ସମ୍ଭାଳି ହେଲାନି। ପୁନର୍ବାର ଫେରି ପାଣି ଭିତରକୁ ଚାହେଁ ତ ପିଲାଟି ପହଁରା ନ ଜାଣି ପାଣିରେ ଉବୁଟୁବୁ ହେଉଛି । କ'ଣ କରିବି ମୁଣ୍ଡରେ କିଛି ପଶିଲା ନାହିଁ। ବାଧ୍ୟ ହୋଇ ସଙ୍ଗେ ସଙ୍ଗେ ପାଣି ଭିତରକୁ ଡେଇଁ ପିଲାଟିକୁ ଉଦ୍ଧାର କଲି। ଉପରକୁ ଆଣି ତା' ପେଟ ଚାପି ପାଣି ବାହାର କଲି। ପିଲାଟି ଖୁବ୍ ଡରିଯାଇଥିଲା। ତାକୁ ସାନ୍ତ୍ୱନା ଦେବା ସହ ସେ ସାଧାରଣ ସ୍ଥିତିକୁ ଆସିବା ପରେ ପଚାରିବାରୁ ଘର ବିରିବାଟି ବୋଲି କହିଲା, ହେଲେ ନାଁ କିମ୍ବା ପରିବାରର ଅନ୍ୟ କାହା ସମ୍ପର୍କରେ ପଚାରିବା ପୂର୍ବରୁ ସେ ତରତର ହୋଇ ସେଠାରୁ ଦୌଡି ଚାଲିଗଲା। ମୋତେ ଓଦା ସରସର ଅବସ୍ଥାରେ ଦେଖି ଘରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସମସ୍ତ ଘଟଣା ଜଣାଇଲି। ପିଲାଟିକୁ ମୃତ୍ୟୁମୁଖରୁ ବଞ୍ଚାଇପାରିଥିବାରୁ ମନଭିତରେ ଯେଉଁ ଖୁସିଥିଲା ତାହା ଅବର୍ଣ୍ଣନୀୟ। ହେଲେ ଏବେ ବି ସେ ଦୃଶ୍ୟ ମନେପଡିଲେ ଭୟରେ ଲୋମ ଟାଙ୍କୁରି ଉଠେ। – ବିଭୁପ୍ରସାଦ ଦାଶ, ଖୋର୍ଦ୍ଧା

**ଗୁଡ଼ି ପାଇଁ ଭାଇ ସହ ହେଉଥିଲା କଳି**

ଯଦିଓ ନିଜେ କେବେ ଗୁଡ଼ି ଉଡାଇନି। ହେଲେ ଦେଖିବାକୁ ବହୁତ ଭଲ ଲାଗେ । ଏମିତିକି ପିଲାବେଳେ ମକର ସଂକ୍ରାନ୍ତିରେ ଛାତ ଉପରେ ଛିଡ଼ା ହୋଇ କାହାର ଗୁଡି କଟିଗଲେ ସୂତାକୁ ଭିଡ଼ି କବ୍‌ଜା କରିବା ଲାଗି ଅପେକ୍ଷା କରି ରହୁଥିଲି। ଏଥିନେଇ ଅନେକ ଥର ଭାଇ ସହ କଳି ହୋଇଛି । ମନେପଡୁଛି ଗୋଟିଏ ବର୍ଷା ଘଟଣା। ମୁଁ ଆଉ ମୋ ସାନ ଭାଇ ସ୍କୁଲରୁ ଫେରି ଛାତ ଉପରେ ଠିଆହୋଇ ଗୁଡି ଉଡା ଦେଖୁଥାଉ। ଆଉ ଅପେକ୍ଷା କରିଥାଉ ଯଦି କେଉଁଗୁଡିରୁ ସୂତା କଟେ ତେବେ କିପରି ତା'କୁ ଧରିବୁ। କିଛି ସମୟ ପରେ ଗୋଟିଏ ଗୁଡି କଟିଲା ଏବଂ ଧୀରେଧୀରେ ଆମ ଛାତ ଆଡକୁ ଖସିଲା। ତାଳି ମାରି ଆମେ ଦୁହେଁ ତା'କୁ ଧରିବାକୁ ପୂରା ରେଡି ହୋଇଗଲୁ। ଲମ୍ବା ସୂତାକୁ ଏକାସାଙ୍ଗରେ ଦୁହେଁ ଧରିଥିବାରୁ ଗୁଡିଟି କାହାର ହେବ ବୋଲି ଆମ ଭିତରେ ଝଗଡା ଆରମ୍ଭ ହୋଇଗଲା। ଏହା ଶୁଣି ଘରଲୋକ ଉପରକୁ ଆସି ସମାଧାନ କରିବା ବେଳକୁ ଦୁହିଁଙ୍କ ଟଣାଓଟରା ଭିତରେ ଗୁଡ଼ିଟି ଚିରିଯାଇଥିଲା। ସେ ସମୟର ସେ ଅନୁଭୂତି ସବୁ ଏବେବି ମନରେ ସାଇତା ହୋଇ ରହିଛି।

– ମୋନାଲିସା ଜେନା, କଟକ

---

ୟୁଥ୍ କ୍ଲବ୍
ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍

# ଲକ୍ଷ୍ୟ ଶୃଙ୍ଖଳିତ ସମାଜ ଗଠନ

କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ବାହାର କରି ସମାଜସେବା କରିବାରେ ସେମାନଙ୍କୁ ମିଳିଥାଏ ଆନନ୍ଦ। ବିଶେଷ କରି ଛୁଟିଦିନରେ ଏକାଠି ହୋଇ ସେମାନେ ଲାଗିପଡନ୍ତି ଏହି କାର୍ଯ୍ୟରେ। ଏଭଳି ଜନହିତକର କାର୍ଯ୍ୟ କରି ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଥିବା ଏହି ଯୁବକମାନେ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ୍ ଅଧୀନ ଭିଙ୍ଗାରପୁର ଅଞ୍ଚଳରେ ଥିବା ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍‌ର ସଦସ୍ୟମାନେ। ୨୦୧୬ ମସିହାରେ ମାତ୍ର ୪ ଜଣ ଯୁବକ ମନୋରଞ୍ଜନ ପାରମାଣିକ, ପ୍ରକାଶ ବରାଳ, ଚୌଧୁରୀ ମଦନ ମୋହନ ଦାଶ ଓ ସନ୍ତୋଷ ଦାଶଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଘର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୪୦। ନିଜ ଗ୍ରାମପଞ୍ଚାୟତର ପରିବେଶ ସୁରକ୍ଷା ଲାଗି ବିଭିନ୍ନ ସମୟରେ



ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍‌ର ସଦସ୍ୟମାନେ।

ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିବର୍ଷ ଡିସେମ୍ବର ୨୫ ତାରିଖରେ ୧୮ରୁ ୩୫ ବର୍ଷ ବର୍ଗର ୨୦୦ ଜଣ ଯୁବକଙ୍କୁ ନେଇ ଏକ ମିନି ମାରାଥନ୍ ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଉଛି। ଏହା ବ୍ୟତୀତ ଗ୍ରାମର ବାର୍ଷିକ ଉତ୍ସବ ଦୟଣାଚୋରି ମେଳନରେ ଲୋକନୃତ୍ୟ ଏବଂ ଲୋକଗୀତର ପ୍ରତିଭାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି। ଏଥିସହିତ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ ସହ ସ୍ଥାନୀୟ ବିଦ୍ୟାଳୟଗୁଡିକ ସମେତ ମନ୍ଦିର ଏବଂ ଡାକ୍ତରଖାନା ସଫେଇ କରିଥାନ୍ତି। ବୃକ୍ଷରୋପଣ ମଧ୍ୟ କରୁଛନ୍ତି। ଅସହାୟଲୋକଙ୍କୁ ସାହାଯ୍ୟର ହାତ ବଢାଇଥାନ୍ତି। ଅନୁଷ୍ଠାନର ସଭାପତି ପ୍ରକାଶ ବରାଳ କୁହନ୍ତି, ସଦସ୍ୟମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ଏହି ସବୁ କାର୍ଯ୍ୟ ତୁଲାଉଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ଯୋଗାଇ ଦେଉଛନ୍ତି। ଭବିଷ୍ୟତରେ ଆମ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଏକ ଦୁର୍ନୀତି ମୁକ୍ତ ଓ ଶୃଙ୍ଖଳିତ ସମାଜ ଗଠନ ଆମ ଫୋରମ୍‌ର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ସମ୍ପାଦକ ଚୌଧୁରୀ ମଦନ ମୋହନ ଦାଶ।

– ନୀଳମାଧବ ସାହୁ

---

## ଏ ସପ୍ତାହର ପ୍ରଶ୍ନ

୧– ଅଲ୍ ଇଣ୍ଡିଆ ରେଡିଓର ନ୍ୟାଶନାଲ୍ ପୋଏଟ୍ କନ୍‌ଫରେନ୍ସ ୨୦୧୯ ......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୨– ଭାରତର ସର୍ବବୃହତ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ...... ?
୩– ମ୍ୟାନ୍ ଅଫ୍ ଥାଉଜେଣ୍ଡ ଫେସେସ୍ ..............ଙ୍କୁ କୁହାଯାଏ ?
୪– ପୂର୍ବରୁ ଇଣ୍ଡୋ ଚାଇନା ଭାବେ ଜଣାଶୁଣା ଦେଶ............. ?
୫– ୱାଟରପ୍ରୁଫ୍ ରବରର ଉଦ୍ଭାବକ................ ?

## ଗତ ସପ୍ତାହର ଉତ୍ତର

୧ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ୍ କର୍ପୋରେଶନ୍
୨ ଆଦି ସାଇ ବିଜୟକରନ୍
୩ ସୁଧୀର ଭାର୍ଗବ
୪ ଅନିନ୍ଦିତା ନିୟୋଗୀ
୫ ପଣସ

## ଉତ୍ତରଦାତା


ସ୍ମିତା ନାୟକ, ଭଞ୍ଜନଗର


ତ୍ରିଦିବେଶ ପ୍ରଧାନ, ବ୍ରହ୍ମପୁର


ଶୁଭଲକ୍ଷ୍ମୀ ରାଉତରାୟ, ଜଗତ୍‌ସିଂହପୁର


ବିନୋଦ ବିହାରୀ ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

---


XXIX-72

# ଓଡ଼ିଶା ସରକାର
## ଅନୁଗୋଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No. L.A.I. 64/2018-790 Dated : 11.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ସୁଲିଆ, ଥାନା–ଖମାର, ଥାନା ନଂ–୬୫, ତହସିଲ–ପାଲଲହଡା, ଜିଲ୍ଲା – ଅନୁଗୋଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ–୨), ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୨୬୩୫୦, ତା. ୧୦.୦୮.୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା– ୩୦୪୮୯, ତା.୧୨.୦୯.୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ସୁଲିଆ, ଥାନା–ଖମାର, ଥାନା ନଂ–୬୫, ଜିଲ୍ଲା– ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/ revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର–ବିମଳାଗଡ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଅନୁଗୋଳ — ତହସିଲ : ପାଲଲହଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁଲିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ ୧୩.୨୬୦ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଅନୁଗୋଳ — ତହସିଲ : ପାଲଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

ତଫସିଲ–କ
ଭୂମି ଅଧିଗ୍ରହଣ ଅନୁସୂଚୀ
ମୌଜା– ସୁଲିଆ, ତହସିଲ– ପାଲଲହଡା, ଥାନା– ଖମାର, ଥାନା ନଂ–୬୫, ଜିଲ୍ଲା– ଅନୁଗୋଳ
ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର– ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁଲିଆ | ଗ୍ରାମାଞ୍ଚଳ | ୩ | ୧୨୭ | ଶାରଦ ତିନି | ୨.୦୦୦ | ୦.୧୧୦ | କାଞ୍ଚନ ସେଠୀ, ସ୍ୱା. : ଚନ୍ଦ୍ରମଣି ସେଠୀ, ଜା: ଧୋବା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୧୦ | ୨୫ | ଶାରଦ ଏକ | ୦.୩୪୦ | ୦.୩୪୦ | ନଗେନ୍ଦ୍ର କୁମାର ଦ୍ୱିବେଦୀ, ସୁଷମା ମଞ୍ଜରୀ ଦ୍ୱିବେଦୀ, ପି. ଶ୍ରୀକର ଦ୍ୱିବେଦୀ, ଗୋଦାବରି ଦ୍ୱିବେଦୀ, ସ୍ୱା.: ଶ୍ରୀକର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୨୬ | ଶାରଦ ଏକ | ୦.୬୨୦ | ୦.୫୬୦ | |
| | | | ୨୯ | ଶାରଦ ଏକ | ୦.୫୮୦ | ୦.୪୧୦ | |
| | | | ୩୧ | ଶାରଦ ଏକ | ୦.୩୯୦ | ୦.୩୯୦ | |
| | | | ୩୬ | ଶାରଦ ଦୁଇ | ୦.୧୨୦ | ୦.୧୨୦ | |
| | | | ୩୭ | ଶାରଦ ଦୁଇ | ୦.୨୩୦ | ୦.୧୨୦ | |
| | | | ୫୬ | ଶାରଦ ତିନି | ୦.୨୦୦ | ୦.୨୦୦ | |
| | | | ୭୮ | ଶାରଦ ତିନି/୧୯ | ୦.୭୨୦ | ୦.୩୭୦ | |
| | | | ୭୯ | ଶାରଦ ତିନି/୧୯ | ୦.୭୨୦ | ୦.୪୪୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୩ | ୧୪୫ | ଶାରଦ ତିନି | ୧.୬୮୦ | ୦.୨୨୦ | ବନମାଳୀ ସାହୁ, ପି. ଭୁବନି ସାହୁ, ଜା: ଚଷା, ବା: ଖମାର |
| | | | ୨୩/୧୮୮ | ଶାରଦ ଏକ | ୦.୭୮୦ | ୦.୭୮୦ | |
| | | | ୧୨୭/୧୮୯ | ଶାରଦ ଏକ | ୦.୨୦୦ | ୦.୨୦୦ | |
| | | | ୧୨୮/୧୮୬ | ଶାରଦ ତିନି | ୦.୫୮୦ | ୦.୦୧୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୬ | ୨୩/୩୪୪ | ଶାରଦ ଏକ | ୦.୩୧୦ | ୦.୩୧୦ | ଅମରେନ୍ଦ୍ର ଦ୍ୱିବେଦୀ, ପି. ରବିଚନ୍ଦ୍ର ଦ୍ୱିବେଦୀ, ଗୋରୀ ଦ୍ୱିବେଦୀ, ସ୍ୱା. ରବିଚନ୍ଦ୍ର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୩୪ | ଶାରଦ ଦୁଇ | ୦.୩୬୦ | ୦.୩୬୦ | |
| | | | ୪୦ | ଶାରଦ ଦୁଇ | ୦.୧୬୦ | ୦.୧୩୦ | |
| | | | ୫୨ | ଶାରଦ ତିନି | ୦.୦୭୦ | ୦.୦୭୦ | |
| | | | ୫୪ | ଶାରଦ ତିନି | ୦.୦୫୦ | ୦.୦୫୦ | |
| | | | ୭୨ | ଶାରଦ ତିନି/୮ | ୦.୧୦୦ | ୦.୦୧୦ | |
| | | | ୭୫ | ଶାରଦ ତିନି | ୦.୩୬୦ | ୦.୩୬୦ | |
| | | | ୮୦ | ଶାରଦ ତିନି/୨୭ | ୦.୪୦୦ | ୦.୩୨୦ | |
| | | | ୭୭/୩୪୮ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | ୫୩/୩୩୮ | ଶାରଦ ତିନି | ୦.୦୩୦ | ୦.୦୩୦ | |
| | | | ୫୪/୩୩୨ | ଶାରଦ ତିନି | ୦.୦୩୦ | ୦.୦୩୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୬ | ୫୯/୩୩୯ | ତଇଳା ଦୁଇ | ୦.୦୫୦ | ୦.୦୫୦ | ଅମରେନ୍ଦ୍ର ଦ୍ୱିବେଦୀ, ପି. ରବିଚନ୍ଦ୍ର ଦ୍ୱିବେଦୀ, ଗୋରୀ ଦ୍ୱିବେଦୀ, ସ୍ୱା. ରବିଚନ୍ଦ୍ର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୭୬/୩୪୬ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | ୭୭/୩୪୭ | ଶାରଦ ତିନି | ୦.୦୯୦ | ୦.୦୯୦ | |
| | | | ୮୦/୩୨୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୯ | ୧୪୨ | ଶାରଦ ତିନି | ୦.୨୯୦ | ୦.୨୫୦ | ଶୁକଦେବ ସାହୁ, ପି. ବୈଷ୍ଣବ ସାହୁ, ଜା: ଚଷା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୨୦ | ୨୩/୩୫୧ | ଶାରଦ ଏକ | ୦.୩୩୦ | ୦.୩୩୦ | ବିନୋଦ ବିହାରି ଦ୍ୱିବେଦୀ, ରାଜ କିଶୋର ଦ୍ୱିବେଦୀ, ଯୁଗଳ କିଶୋର ଦ୍ୱିବେଦୀ, ପି. ସୁଧାକର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୨୩ | ଶାରଦ ଏକ | ୦.୬୬୦ | ୦.୩୮୦ | |
| | | | ୨୪ | ଶାରଦ ଏକ | ୦.୬୫୦ | ୦.୫୭୦ | |
| | | | ୨୭ | ଶାରଦ ଏକ | ୦.୬୦୦ | ୦.୬୦୦ | |
| | | | ୨୮ | ଶାରଦ ଏକ | ୦.୫୬୦ | ୦.୫୬୦ | |
| | | | ୩୦ | ଶାରଦ ଏକ | ୦.୩୭୦ | ୦.୧୭୦ | |
| | | | ୩୨ | ଶାରଦ ଏକ | ୦.୩୬୦ | ୦.୩୬୦ | |
| | | | ୩୫ | ଶାରଦ ଦୁଇ | ୦.୧୫୦ | ୦.୧୫୦ | |
| | | | ୪୧ | ଶାରଦ ଦୁଇ | ୦.୩୦୦ | ୦.୧୬୦ | |
| | | | ୫୩ | ଶାରଦ ତିନି | ୦.୧୩୦ | ୦.୧୩୦ | |
| | | | ୫୫ | ଶାରଦ ତିନି | ୦.୧୪୦ | ୦.୧୪୦ | |
| | | | ୫୯ | ତଇଳା ଦୁଇ | ୦.୦୧୦ | ୦.୦୧୦ | |
| | | | ୭୩ | ଶାରଦ ତିନି | ୦.୦୧୦ | ୦.୦୧୦ | |
| | | | ୭୬ | ଶାରଦ ତିନି | ୦.୩୦୦ | ୦.୩୦୦ | |
| | | | ୭୭ | ଶାରଦ ତିନି | ୦.୨୩୦ | ୦.୨୩୦ | |
| | | | ୧୪୦ | ଶାରଦ ତିନି | ୦.୨୪୦ | ୦.୧୦୦ | |
| | | | ୫୨/୩୨୨ | ଶାରଦ ତିନି | ୦.୦୪୦ | ୦.୦୪୦ | |
| | | | ୫୪/୩୨୩ | ଶାରଦ ତିନି | ୦.୧୦୦ | ୦.୧୦୦ | |
| | | | ୫୮/୩୨୫ | ଶାରଦ ତିନି | ୦.୦୪୦ | ୦.୦୩୦ | |
| | | | ୭୭/୩୫୨ | ଶାରଦ ତିନି | ୦.୧୪୦ | ୦.୧୪୦ | |
| | | | ୮୦/୩୨୭ | ଶାରଦ ତିନି | ୦.୬୬୦ | ୦.୩୦୦ | |
| | | | ୧୨୭/୧୯୦ | ଶାରଦ ଏକ | ୦.୦୫୦ | ୦.୦୫୦ | |
| ସୁଲିଆ | ଗ୍ରାମାଞ୍ଚଳ | ୨୧ | ୮୨ | ଶାରଦ ତିନି/୪ | ୦.୮୦୦ | ୦.୩୬୦ | ସୁଧାକର ଦ୍ୱିବେଦୀ, ରବିଚନ୍ଦ୍ର ଦ୍ୱିବେଦୀ, ପି. ନୀଳମଣି ଦ୍ୱିବେଦୀ, ନଗେନ୍ଦ୍ର କୁମାରୀ ଦ୍ୱିବେଦୀ, ସୁଷମା ମଞ୍ଜରୀ ଦ୍ୱିବେଦୀ, ପି. ଶ୍ରୀକର ଦ୍ୱିବେଦୀ, ଗୋଦାବରି ଦ୍ୱିବେଦୀ, ସ୍ୱା. ଶ୍ରୀକର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ସୁଲିଆ | ଗ୍ରାମାଞ୍ଚଳ | ୨୩ | ୧୪୧ | ଶାରଦ ତିନି | ୦.୧୨୦ | ୦.୦୧୦ | ହରି ସାହୁ, ପି. ବୈଷ୍ଣବ ସାହୁ, ଜା: ଚଷା, ବା: ଖମାର |
| | | | ୧୪୩ | ଶାରଦ ତିନି | ୦.୨୮୦ | ୦.୨୪୦ | |
| ସୁଲିଆ | ଗ୍ରାମାଞ୍ଚଳ | ୨୩/୭ | ୮୧ | ଶାରଦ ଦୁଇ | ୦.୬୪୦ | ୦.୬୪୦ | ଶ୍ରୀ ଅରୁଣ କୁମାର ଆଚାର୍ଯ୍ୟ, ପି. ହରିହର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ସାନ ଲୁଡୁଙ୍ଗ |
| ସୁଲିଆ | ଗ୍ରାମାଞ୍ଚଳ | ୨୩/ ୧୧୫ | ୭୪ | ଶାରଦ ତିନି | ୦.୦୯୦ | ୦.୦୯୦ | ପ୍ରତାପ କୁମାର ବେହେରା, ପି. ଲଳିତ ମୋହନ ବେହେରା, ଜା: ଶିଅଳ, ବା: ମୁଣ୍ଡରିବେଡା କଲୋନୀ |
| ସୁଲିଆ | ଗ୍ରାମାଞ୍ଚଳ | ୨୩/ ୧୩୮ | ୫୭ | ଘରବାରି | ୦.୧୮୦ | ୦.୧୮୦ | ଶୁଭେନ୍ଦୁ ପ୍ରଧାନ, ପି. ପଦ୍ମଲୋଚନ ପ୍ରଧାନ, ଜା: ଚଷା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୩୭/ ୨୫ | ୭୪/୨୯୬ | ଘରବାରି | ୦.୦୪୦ | ୦.୦୪୦ | ସବିତା ମିଶ୍ର, ସ୍ୱା. ଗଣେଶ୍ୱର ମହାପାତ୍ର, ଜା: ବ୍ରାହ୍ମଣ, ବା: ଖମାର |
| | | | ୭୮/୨୯୭ | ଘରବାରି | ୦.୦୮୦ | ୦.୦୮୦ | |
| ସୁଲିଆ | ଗ୍ରାମାଞ୍ଚଳ | ୩୭/ ୪୫ | ୭୩/୨୯୪ | ଘରବାରି | ୦.୦୮୦ | ୦.୦୮୦ | ବାଉରିବନ୍ଧୁ ସାହୁ, ପି. ଆଦିକନ୍ଦ ସାହୁ, ଜା: ଚଷା, ବା: ଶଙ୍ଖପୁର |
| ମୌଜାର ସର୍ବମୋଟ | | | ପ୍ଲଟକୁ ଅଧିକୃତ ରକବା | | | ଏ.୧୩.୨୬୦ | |

ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ମୌଜା– ସୁଲିଆ, ଥାନା– ଖମାର, ଥାନା ନଂ–୬୫, ତହସିଲ– ପାଲଲହଡା, ଜିଲ୍ଲା– ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

24012/14/0040/1819

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

# ନିର୍ବାଚନ ପାଇଁ ଘର ସଜାଡୁଛି କଂଗ୍ରେସ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ନିଜ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ନେତୃମଣ୍ଡଳୀ ବିଭିନ୍ନ ସ୍ଥାନ ବୁଲି କର୍ମୀ ସମ୍ମିଳନୀ କରିବା ସହ ସଂଗଠନ ସଜଡା ଆରମ୍ଭ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୨୫ରେ ଓଡ଼ିଶା ଆସିବେ। ତେଣୁ ତାହାକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଉଛି। ପ୍ରାଥମିକ ଭାବେ କଟକରେ ରାହୁଲଙ୍କ ସଭା ହେବ ବୋଲି ସ୍ଥିର କରାଯାଇଥିଲା। ହେଲେ ଏବେ ଉକ୍ତ ସଭା ଭୁବନେଶ୍ୱରରେ ହେବ ବୋଲି ଜଣାପଡିଛି। ରାଜଧାନୀରେ ହିଁ ରାହୁଲଙ୍କ ବୁଦ୍ଧିଜୀବୀ ସମ୍ମିଳନୀ ଏବଂ ସମାବେଶ ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷଙ୍କ ସମାବେଶ ପାଇଁ ବରମୁଣ୍ଡା କିମ୍ବା ତମାଣ୍ଡୋ ପଡିଆ ମଧ୍ୟରୁ ଗୋଟିଏ ସ୍ଥାନ ବଛାଯିବ। ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବରମୁଣ୍ଡା ପଡିଆରେ କଂଗ୍ରେସ ସମାବେଶ ଆୟୋଜନର ଯଥେଷ୍ଟ ସମ୍ଭାବନା ରହିଛି। ନିରଞ୍ଜନ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ସମସ୍ତେ ଉତ୍ସାହିତ। ରାଜ୍ୟବାସୀ ଭାଜପା-ବିଜେଡିକୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବେ। ଓଡ଼ିଶାରେ କଂଗ୍ରେସ ସରକାର କରିବ, ଏଥିପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ଆଉ ୧୩୫ ଦିନ ପରେ ରାଜ୍ୟରେ କଂଗ୍ରେସ ସରକାର ଥିବ।

ସେହିପରି କଂଗ୍ରେସ ରାଜ୍ୟରେ ଏକାକୀ ନ ଲଢି କିଛି ସହଯୋଗୀଙ୍କୁ ନେଇ ଲଢିବ ବୋଲି ଜଣାପଡିଛି। ସିପିଆଇ, ସିପିଏମ୍, ଜେଏମ୍ଏମ୍ ଭଳି ଦଳ ସହ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କଂଗ୍ରେସ ଦଳର କେତେକ ପୁରୁଣା କର୍ମୀ ଏସ୍‌ପି, ବିଏସ୍‌ପି ଏବଂ ଏନ୍‌ସିପି ଭଳି ଦଳ ସହ ଆସନ ବୁଝାମଣା କରିବା କଥା ମଧ୍ୟ ଚିନ୍ତା କରୁଛନ୍ତି। ଶନିବାର ଜାତୀୟସ୍ତରରେ ଏସ୍‌ପି-ବିଏସ୍‌ପି ମେଣ୍ଟ ହେବା ପରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ତଥା ପୂର୍ବତନ ପିସିସି ସମ୍ପାଦକ ଅକ୍ଷୟ ମଲ୍ଲିକ ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଦେଶରେ କିଏ ସରକାର କରିବ ତାହା ବଡ କଥା ନୁହେଁ, କେଉଁ ଦଳ ସରକାରରେ



- ରାହୁଲଙ୍କ ଗସ୍ତ ନେଇ ତତ୍ପରତା
- ରାଜଧାନୀରେ ହେବ ସମାବେଶ,ବୁଦ୍ଧିଜୀବୀ ସମ୍ମିଳନୀ
- ଛୋଟ ଦଳ ସହ ମେଣ୍ଟ ସମ୍ଭାବନା

ରହିବା ଉଚିତ ନୁହେଁ, ତାହା ସ୍ପଷ୍ଟ ହୋଇଛି। ତେଣୁ ଉକ୍ତ ସାମ୍ପ୍ରଦାୟିକ ଶକ୍ତିକୁ ପରାହତ କରିବା ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡିବ। ଭଉଣୀ ମାୟାବତୀ ଏବଂ ଅଖିଳେଶଙ୍କ ମେଣ୍ଟ ଏକତା ଓ ଧର୍ମନିରପେକ୍ଷତାର ପ୍ରତୀକ ବୋଲି ସେ କହିଛନ୍ତି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସିପିଏମ୍ ଏବଂ ଜେଏମ୍ଏମ୍‌କୁ କଂଗ୍ରେସ ଗୋଟିଏ ଲେଖାଏ ଲୋକ ସଭା ଆସନ ଛାଡିବ। ସିପିଆଇ ସହ ଏନେଇ ଆଲୋଚନା ଜାରି ରହିଛି, ହେଲେ ଆସନ ନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରିନାହିଁ। ସିପିଆଇ ଆସ୍କା ଲୋକ ସଭା ଆସନ ଲଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଣାପଡିଛି। ସେହିପରି ଅବିଭକ୍ତ କୋରାପୁଟ ଜିଲା ଅନୁସୂଚିତ ଜାତି(ଏସ୍‌ସି) ବହୁଳ ହୋଇଥିବାରୁ ବିଏସ୍‌ପିକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସମୀକ୍ଷକମାନେ କହିଛନ୍ତି। ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପୂର୍ବରୁ ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଏକ ସେମିନାର ଆୟୋଜନ କରାଯିବ। ଏଥିରେ ଏସ୍‌ପି, ବିଏସ୍‌ପି, ଏନ୍‌ସିପି ଏବଂ ଆମ୍ ଆଦମୀ ପାର୍ଟିର ନେତାମାନଙ୍କୁ ନିମନ୍ତ୍ରଣ କରାଯିବାର ଯୋଜନା କରାଯାଉଛି।

### ପୁରୀ ପୋଲିସର ଏନ୍‌କାଉଣ୍ଟର

# ପୋଲିସ ଗୁଳିରେ ଜିତୁ ଗୁରୁତର

ପୁରୀ ଅଫିସ,୧୨।୧

ପୁରୀ ପୋଲିସର ଏନ୍‌କାଉଣ୍ଟରରେ ବହୁ ଅପରାଧରେ ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପିପିଲି ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ ଡିସେମ୍ବର ୨୫ରେ ପାରା ଓରଫ ସଞ୍ଜୟ ବେହେରା ଗୁଳିକାଣ୍ଡ ଘଟଣାରେ ଜିତୁଙ୍କ ସମ୍ପୃକ୍ତି ଥିବା କୁମ୍ଭାରପଡା ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ପିପିଲି-ଜଟଣୀ ରୋଡ ବାଇମୂଳ ଛକରେ ଶନିବାର ଭୋର ସାଢେ ୪ଟା ସମୟରେ ଏନ୍‌କାଉଣ୍ଟର ହୋଇଛି। ପୋଲିସ ୨ ରାଉଣ୍ଡ ଗୁଳି, ଗୋଟିଏ ବନ୍ଧୁକ ଓ ବାଇକ୍ ଜବତ କରିଛି। ଏନେଇ



ଆହତ ଜିତେନ୍ଦ୍ର ସାହୁ।

- ବନ୍ଧୁକ, ୨ଗୁଳି, ବାଇକ୍ ଜବତ

ପିପିଲି ଥାନାରେ ଦଫା ୩୦୭, ୩୫୩, ୨୫/୨୭ ଆର୍ମ୍ସ ଆକ୍ଟରେ କେସ ନଂ. ୧୭/୧୯ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଭୋର ସମୟରେ ଜିତୁ ବାଇକ ଯୋଗେ ଖୋର୍ଦ୍ଧାରୁ ପିପିଲି ଆସୁଥିଲେ। ଖବରପାଇ କୁମ୍ଭାରପଡ଼ା ପୋଲିସ ପିପିଲି ପୋଲିସ ସହାୟତାରେ ବାଇମୂଳ ଛକରେ ଛକି ରହିଥିଲା। ପୋଲିସକୁ ଦେଖି ଜିତୁ ଖସିଯିବାକୁ ଉଦ୍ୟମ କରିବା ବେଳେ ଉଭୟପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଜିତୁ ପୋଲିସ ଉପରକୁ ଲକ୍ଷ୍ୟ କରି ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା। ପ୍ରଥମ ଗୁଳି ଲକ୍ଷ୍ୟଚ୍ୟୁତ ହୋଇଥିବା ବେଳେ ଦ୍ୱିତୀୟ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଫଳରେ ପୋଲିସ ତାଙ୍କୁ କାବୁ କରିଥିଲା।

# ୨୨ରୁ କଟକରେ ଜାତୀୟ ଲ ଟ୍ରିବ୍ୟୁନାଲର କାର୍ଯ୍ୟାରମ୍ଭ

- ଓକିଲ, ମହକିଲ କଲିକତା ଦୌଡ଼ିବେନି

କଟକ ଅଫିସ,୧୨।୧

ଆସନ୍ତା ୨୨ ତାରିଖରୁ କଟକରେ ଜାତୀୟ ଲ ଟ୍ରିବ୍ୟୁନାଲ କାର୍ଯ୍ୟ ଆରମ୍ଭ କରିବ। ଫଳରେ ଓକିଲ ଓ ମହକିଲମାନଙ୍କୁ ଆଉ ଏଣିକି ଏ ସମ୍ପର୍କିତ ମାମଲାକୁ ନେଇ କଲିକତା ଦୌଡ଼ିବାକୁ ପଡିବ ନାହିଁ ବୋଲି ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ସୁଧାଂଶୁଜ୍ୟୋତି ମୁଖୋପାଧ୍ୟାୟ କହିଛନ୍ତି। ଶନିବାର ସ୍ଥାନୀୟ ଜୁଡିସିଆଲ ଏକାଡେମୀ ପରିସରରେ ଲୟର୍ସ ଏକାଡେମୀ ଓ ଦିଲ୍ଲୀର ଡାଏଲଗ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଋଣ ପରିଶୋଧରେ ଅସାମର୍ଥ୍ୟ ଓ ଦେବାଳିଆ ଆଇନ ଏବଂ ଆଇନଜୀବୀଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜଷ୍ଟିସ ମୁଖୋପାଧ୍ୟାୟ ଏହି କଥା କହିବା ସହିତ ତ୍ରୁଟିଯୁକ୍ତ ବା ମନ୍ଦ ଋଣ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କ୍ଷେତ୍ରରେ ଋଣ ପରିଶୋଧ ଓ ଦେବାଳିଆ ଆଇନ୍‌ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଘରୋଇ କମ୍ପାନୀ, ଅର୍ଥ ଲଗାଣକାରୀ ସଂସ୍ଥା, ଅଂଶୀଦାର ବ୍ୟବସାୟିକ ସଂସ୍ଥା ତଥା ବ୍ୟବସାୟୀ ଏହି ଆଇନ ଦ୍ୱାରା ଲାଭବାନ ହେବେ ବୋଲି ଜଷ୍ଟିସ ମୁଖୋପାଧ୍ୟାୟ କହିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍ ଝାବେରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଲୟର୍ସ ଏକାଡେମୀର ପରିଚାଳନା ଟ୍ରଷ୍ଟି ବିଶ୍ୱମୋହନ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଲୟର୍ସ ଏକାଡେମୀର ନିର୍ଦ୍ଦେଶକ କୈଳାସ ଚନ୍ଦ୍ର କର ସ୍ୱାଗତ ଭାଷଣ ଦେଇଥିବାବେଳେ ଟ୍ରଷ୍ଟି ନିବେଦିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକାରୀ ନିର୍ଦ୍ଦେଶକ ଜଗବନ୍ଧୁ ସାହୁ ଲୟର୍ସ ଏକାଡେମୀର ଆଭିମୁଖ୍ୟ ଓ ଆଧାର ସମ୍ପର୍କରେ ଆଲୋଚନା କରିଥିଲେ। ଡାଏଲଗ ଫୋରମର ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ଆଇନଜୀବୀ ସୁବାସ ଚନ୍ଦ୍ର ଦାସ ଆଲୋଚନାଚକ୍ରର ମୂଳ ପ୍ରସଙ୍ଗ ଉପରେ କହିଥିଲେ। ଏହି ଅବସରରେ ଶ୍ରୋତାଙ୍କ ସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଲୟର୍ସ ଏକାଡେମୀର ପରିଚାଳନା ଟ୍ରଷ୍ଟି ଶୁଭ ବିକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ର ପରିଚାଳନାରେ ଆଡଭୋକେଟ ଗୋକୁଳାନନ୍ଦ ପଟ୍ଟନାୟକ, ଗୌରାଙ୍ଗ ଚରଣ ମହାପାତ୍ର, ପ୍ରଦୀପ୍ତ କିଶୋର ବଳ ପ୍ରମୁଖ ସହାୟତା କରିଥିଲେ।

# ରୋଗୀ ପରିଚୟ ଦେଇ ଡାକ୍ତରଙ୍କ ଘରୁ ଲୁଟ

ତେନ୍ତୁଳିଖୁଣ୍ଟି,୧୨।୧(ଡି.ଏନ.ଏ)

ରୋଗୀ ପରିଚୟ ଦେଇ ଜଣେ ଡାକ୍ତରଙ୍କ ଘରୁ ଦୁର୍ବୃତ୍ତମାନେ ୧୦ ଭରି ସୁନା ଅଳଙ୍କାର, ୪ଟି ମୋବାଇଲ ଓ ନଗଦ ୩୯ ହଜାର ଟଙ୍କା ଲୁଟି ନେଇଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ପ୍ରକଳ୍ପ କଲୋନୀରେ ଏହିପରି ଘଟଣା ଘଟିଛି। ଖାତିଗୁଡା ପ୍ରକଳ୍ପ କଲୋନୀ ଥିବା ଡାକ୍ତର ପ୍ରଦୀପ୍ତ କୁମାର ପ୍ରହରାଜଙ୍କ କ୍ୱାର୍ଟସକୁ ଶୁକ୍ରବାର ରାତି ୧୧ଟାରେ ରୋଗୀଙ୍କୁ ଚିକିତ୍ସା ପାଇଁ ଆଣିଛୁ ବୋଲି କହି ୪ ଜଣ କବାଟ ବାଡେଇଥିଲେ। ପ୍ରଦୀପ୍ତ କବାଟ ଖୋଲିବା ପରେ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ବେକରେ ଛୁରୀ ଲଗାଇ ଘର ଭିତରେ ପଶିଥିଲେ। ପରେ ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଆଣିବାକୁ କହିଥିଲେ ।

ତେନ୍ତୁଳିଖୁଣ୍ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ସୁପରଭାଇଜର ଭାବେ କାମ କରୁଥିବା ଡାକ୍ତରଙ୍କ ସ୍ତ୍ରୀ ପ୍ରେମାଞ୍ଜଳି ପତି ସମସ୍ତ ଗହଣା ଆଣି ଦେଇଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ୪ଟି ମୋବାଇଲ, ୧୦ ଭରି ସୁନା ଅଳଙ୍କାର , ୩୯ ହଜାର ଟଙ୍କା ଲୁଟି ନେଇଥିଲେ। ପ୍ରେମାଞ୍ଜଳିଙ୍କ କହିବା ଅନୁଯାୟୀ ୪ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ମୁହଁରେ ମୁଖା ପିନ୍ଧି ନ ଥିବା ବେଳେ ଅନ୍ୟ ୩ ଜଣ ମୁଖା ପିନ୍ଧି ଥିଲେ ।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**No. 236 / 2019 (F.W), Rayagada, dated, the 10.01.2019**

**TENDER CALL NOTICE**

**No.764-E:-** Sealed tenders are invited from the eligible Printers/Suppliers/Firms/Govt Supplier for supply of IEC/ BCC MATERIALS & FIXATION OF HOARDINGS with reference to the Advt. No. 1/IEC/BCC Rayagada/2018-19.

The tender papers with all terms and conditions in respect of printing of IEC/BCC materials may be collected from CDM&PHO Rayagada, (ADPHO F.W Wing) with submitting demand draft of Rs. 1000/- in favour of CDM&PHO Rayagada as tender paper cost which is not refundable. Or the tender paper download the tender document from the district website www.rayagada.nic. in. The tender paper should reach to the undersigned by **Registered/Speed Post** only. The last date of receiving the tender papers is on or before 29.01.2019 up to 5.00 PM and will be opened on 30.01.2019 at 11.00 AM in the Office Chamber of CDM&PHO, Rayagada. The parties or authorized representative may present at the time of opening of tender. The tender paper received after due date and incomplete paper will not be entertained. The undersigned reserves the right to modify or cancel the tender call notice without assigning any reason thereof.

**Sd./- Chief District Medical & Public Health Officer, Rayagada**

**10035/11/0029/1819**

## GOVERNMENT OF ODISHA

**e-Procurement Notice, ANGUL (R&B) DIVISION**

**No.1119-B:- Bid Identification No.-44 of 2018-19**

**e-mail ID: angulrbdivision@yahoo.co.in**

| | | | |
|---|---|---|---|
| 1. | Number of Works | : | 1 (One) number of road work |
| 2. | Approximate estimated cost | : | Rs. 96.62 lakh |
| 3. | Period of completion | : | 03 (Three) calendar month |
| 4. | Date & Time of availability of bid document in the portal | : | Dt. 16.01.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 31.01.2019 up to 5.00 PM |
| 6. | Date of opening of Bid | : | Dt. 01.02.2019 at 11.00 AM |
| 7. | Name and address of the Officer Inviting Bid | : | Executive Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal https:/tendersodisha.gov.in.

**Sd./- Executive Engineer**
**Angul (R&B) Division**

**34074/11/0030/1819**

See Career Appointment on every Wednesday & Saturday

## BERHAMPUR MUNICIPAL CORPORATION, BERHAMPUR

**Quotation Call Notice**

**Letter No. 450/ F1-IV-15/18** **Dt. 11.01.19**

**No.409-C:-** Berhampur Municipal Corporation, Berhampur inviting sealed quotation from Agency/ firm having prior experience for printing of banners/ flex including flexication of frame, flex pasting and transportation cost at various locations under BeMC area.

1. Interested agency may send their financial quotations in the hard copy to Commissioner, Berhampur Municipal Corporation, Berhampur through speed post or by hand, on or before Dt. 21.01.2019.
2. The financial quotations should be enclosed in a sealed envelope, along with registration certificate and proof of prior wok with government.
3. The quotation should be submitted in the prescribed format. The details are available on the website www.berhampur.gov.in. For any clarification you can contact Commissioner Office during office hours.
4. Details of the subject to be printed on the Banner/Flex will provided by the BeMC.
5. The corporation has right to reject any or all quotation without assign thereof.
6. Bid should be accompanied with 2% of total quoted value as EMD.

**Sd./- Commissioner**
**Berhampur Municipal Corporation**

**13035/11/0185/1819**

## ଓଡ଼ିଶା ସରକାର
## ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

**File No.-L.A.I.-9/2018 17/WE** **Dated: 02.01.19**

**No.VII-41:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥର ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ଗଡ଼ରୁଆ, ଥାନା: ବଣେଇ, ନଂ-୨୨୩, ତହସିଲ-ଲହୁଣିପଡ଼ା, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୨.୫୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏହି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854 Dt. 28.10.17 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ -

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
| ସୁନ୍ଦରଗଡ଼ | ଲହୁଣିପଡ଼ା | ଗଡ଼ରୁଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି। | ଏଥି ସହିତ ସଂଲଗ୍ନ ଅଛି। | ଏ. ୬.୫୭୦ | ଏ. ୨.୫୧୦ | ଏଥି ସହିତ ସଂଲଗ୍ନ ଅଛି। |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ**
**ମୌଜା-ଗଡ଼ରୁଆଁ, ତହସିଲ-ଲହୁଣିପଡ଼ା, ଥାନା-ବଣେଇ, ଥାନା ନଂ-୨୨୩, ଜିଲ୍ଲା-ସୁନ୍ଦରଗଡ଼**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂଅର୍ଜନ ରକବା | ହାଲ କିସମ | ରୟତଙ୍କ ନାମ, ବାସସ୍ଥାନ, ଜାତି, ପିତାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩୨ (ସ୍ଥ) | ୨.୧୧୦ | ୦.୦୧୦ | ମାଳ ପାଣି ଦୁଇ | ଅର୍ଜୁନ ମୋହନ କୁଅଁର, ପି: ଲୋଚନ କୁଅଁର, ବା: ବିଛଣା ପଟି, -ଜବରଦଖଲ-ଅତୁଲ ମାଝି, ପି: ଚନ୍ଦନ ମାଝି, ଜା: ଗଣ୍ଡ, ବା: ନିଜଗାଁ |
| ୨ | ୩ | ୨୭ (ସ୍ଥ) | ୦.୮୫୦ | ୦.୩୮୦ | ମାଳ ପାଣି ଦୁଇ | ଅତଲ ମାଝି, ବୈମତୀ ମାଝି, ପି: ଚନ୍ଦନ ମାଝି, ରାଏସିଂ ମାଝି, ପି: ଚେମରୁ ମାଝି, ଜା: ଗଣ୍ଡ, ବା: ନିଜଗାଁ |
| | | ୨୭/ ୧୧୭୯ (ସ୍ଥ) | ୦.୩୨୦ | ୦.୨୭୦ | ମାଳ ପାଣି ଦୁଇ | |
| | | ୩୦ | ୦.୧୧୦ | ୦.୧୧୦ | ବେର୍ଣ୍ଣା ପାଣି ଦୁଇ | |
| | | ୩୧ (ସ୍ଥ) | ୦.୪୬୦ | ୦.୦୪୦ | ବେର୍ଣ୍ଣା ପାଣି ଦୁଇ | |
| | | ୨୮ (ସ୍ଥ) | ୦.୧୭୦ | ୦.୧୦୦ | ଗୋଡ଼ା ଦୁଇ | |
| ୩ | ୧୦ | ୩୭ (ସ୍ଥ) | ୧.୫୧୦ | ୦.୫୮୦ | ମାଳ ପାଣି ଦୁଇ | କଟ ମୁଣ୍ଡାରି, ପି: ତୁରାମ ମୁଣ୍ଡାରି, ଜା: ମୁଣ୍ଡାରି, ବା: ନିଜଗାଁ |
| ୪ | ୪୧ | ୩୮ (ସ୍ଥ) | ୧.୧୨୦ | ୦.୩୦୦ | ମାଳ ପାଣି ଦୁଇ | ତୁରି ମୁଣ୍ଡାରି, ପି: ଲେବା ମୁଣ୍ଡାରି, ଜା: ମୁଣ୍ଡାରି, ବା: ନିଜଗାଁ |
| ୫ | ୬୫ | ୪ (ସ୍ଥ) | ୦.୨୬୦ | ୦.୧୭୦ | ବେର୍ଣ୍ଣା ପାଣି ଦୁଇ | ବାସୁଦେବ କିଷାନ, ପି: କାଲୁ କିଷାନ, ଜା: କିଷାନ, ବା: ନିଜଗାଁ |
| | | ୩ (ସ୍ଥ) | ୦.୯୨୦ | ୦.୧୮୦ | ଗୋଡ଼ା ଏକ | |
| ୬ | ୬୬ | ୨୫ (ସ୍ଥ) | ୦.୮୫୦ | ୦.୩୭୦ | ମାଳ ପାଣି ଦୁଇ | ବାସୁଦେବ କିଷାନ, ପି: କାନ୍ଧୁର କିଷାନ, ଜା: କିଷାନ, ବା: ନିଜଗାଁ |
| **ମୋଟ** | **୬** | **୧୧** | **୬.୫୭୦** | **୨.୫୧୦** | | |

**ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥର ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

**24160/14/0040/1819**

## ODISHA BRIDGE & CONSTRUCTION CORPORATION LTD.

**(A Government of Odisha Undertaking)**
**SETU BHAVAN, NAYAPALLI, BHUBANESWAR-12**
**PH.NO. 0674 -2390043, FAX NO. 0674-2396326, E Mail: mdobcc@gmail.com**

No.CAD-1254

### BID INVITATION NOTICE

**BID IDENTIFICATION NO.GM/O.B.&C.C.LTD/ 1 & 2 /(Category-1 & 2)/2018-19**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites 'online' tender in double cover system for the toll gates under the Category-1 & in single cover system for the toll gates under Category-2, as detailed in the table below from the intending bidders for collection of toll for a period of one year.

| Sl. No. | Name of the (R&B) toll gate. | Upset Price (In Rs.) | E.M.D. (In Rs.) (online submission) | Cost of Bid document (In Rs.) (online submission) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **CATEGORY-1 (Double Cover System)** | | | | | |
| 1. | Ong bridge toll gate over river Ong on Binika-Rampur road. | 1,13,15,365/- | 11,31,537/- | 10,000/- | 01.04.19 to 31.03.20 |
| 2. | Mohanadi Bridge toll gate near Sonepur on Sambalpur-Sonepur road. | 2,29,52,224/- | 22,95,222/- | 10,000/- | 01.05.19 to 30.04.20 |
| 3. | Mohanadi Bridge toll gate at Mundali on Naraj-Athgarh Mundali road. | 1,04,00,000/- | 10,40,000/- | 10,000/- | One year from the effective date of Agmt |
| **CATEGORY-2 (Single Cover System)** | | | | | |
| 4. | Ranja Bridge toll gate on Sohela-Barpali-Binika road. | 31,03,501/- | 3,10,350/- | 6,000/- | 01.04.19 to 31.03.20 |
| 5. | Surubalijore Bridge toll gate on Subalaya-Dharmasala road. | 14,32,000/- | 1,43,200/- | 6,000/- | 01.04.19 to 31.03.20 |
| 6. | Toll gate on Bridge over river Bansadhara on Gunupur-Bisamkatak road. | 38,00,000/- | 3,80,000/- | 6,000/- | 01.04.19 to 31.03.20 |
| 7. | Badagenguti Bridge toll gate on Baruan-Balichandrapur road. | 14,24,786/- | 1,42,480/- | 6,000/- | 06.04.19 to 05.04.20 |
| 8. | Sundar Bridge toll gate on Khariar-Sinapali road. (R.D.Dept. toll gate) | 12,21,000/- | 1,22,100/- | 6,000/- | 14.04.19 to 13.04.20 |
| 9. | Veden Bridge toll gate on Saida-Kalpada road. (R.D. Dept. toll gate) | 5,83,583/- | 58,358/- | 4,000/- | 15.04.19 to 14.04.20 |
| 10. | Toll gate on H.L.Bridge over river Pithaguda on Similiguda-Handiput road. | 19,92,244/- | 1,99,224/- | 6,000/- | 01.05.19 to 30.04.20 |
| 11. | Budhambo-Buguda road toll gate at 0.500 K.M. of the road near Budhambo. | 25,56,663/- | 2,55,666/- | 6,000/- | 01.05.19 to 30.04.20 |
| 12. | Balasore- Mitrapur- Baincha road toll gate, Balasore | 44,75,237/- | 4,47,524/- | 6,000/- | One year from the effective date of Agmt. |
| **CATEGORY-3** | | | | | |
| 13. | Bahuda Bridge toll gate at Paralakhemundi-Berhampur road. | 4,41,751/- | 44,175/- | 2,000/- | 01.04.19 to 31.03.20 |
| **R.D. Deptt. Toll gate** | | | | | |
| 14. | Toll gate on Bridge over Sono on Udala- Dihirakul Road. | 3,41,500/- | 34,150/- | 2,000/- | 07.05.19 to 06.05.20 |
| 15. | Toll gate over river Budhabalanga Bridge on Bangiriposi-Shyamsundarpur Road, Mayurbhanj | 3,08,500/- | 30,850/- | 2,000/- | 10.05.19 to 09.05.20 |

2. Date and time **for online bidding for toll gates under Category-1 & 2 (Sl. 1 to 12) starts From 2.00 P.M. of dt. 18.01.2019 to 5.00 P.M. of dtd. 30.01.2019**.
3. EMD and Cost of bid document as specified against each toll gate in the above table Column-4 & 5 under category-1 & 2 (Sl. 1 to 12) will be transferred through online only as per the procedure mentioned in the DTCN. Further details can be seen from the website h**ttps://tendersodisha.gov.in**.
4. **The sale of bid document for toll gates under Category-3(Sl. from 13 to 15) starts from dt.18.01.2019 to dt. 31.01.2019 up to 2.00 P.M.** and dropping of the bid document, in the sealed tender box from d**t. 18.01.2019 to dt. 31.01.2019 up to 4.00 P.M.** during working days within office hours at Head Office and Sr. Project Manager's offices and will be opened on **dt. 01.02.2019 at 12.00 Noon** at Head Office. The details can be seen from the bid documents. The bid documents can also be down loaded from Odisha Govt. website **www.odisha.gov. in**.
5. Any changes/corrigendum for the toll gates under category-1 & 2 will be displayed in the website only.

34106/11/0022/1819 **Sd./- GENERAL MANAGER (CIVIL)**




## BRIDE WANTED

Oriya Kshyatriya boy 33/5'8" established businessman, seeks matching bride contact: 9038906159 for early marriage. D-10526

Odia Brahmin Bengaluru based working bride for 1988, 5'-6", B.Tech, MBA groom whatsapp, photo, Bio-data. 9437762732. D-59845

Widower groom JE 40, CA 38, Business 41 (caste- no- bar)- 7873374269. D-65442

## GROOM WANTED

Brahmin girl M.F.Sc., 1989, 5'2", Agriculture Officer, Parents: service holder, Sangaam: 9338224867, 9439291250. D-64682

Now Matrimonial ads. only on Wednesday & Sunday Book 1 Get 1 FREE




## SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330

2010 Volkswagen Jetta Automatic diesel car mint condition. Call: 9437016540. D-63900




## SALE

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

2000 sqft. plot (12 Nos.) at Sankarpur, Vipulgarden backside, Ghatikia, Bhubaneswar (electricity, supply water, 30' Road) 7381564227. D-65438

ଭୁବନେଶ୍ୱର Patia Big Bazarରୁ 3.5km. ବାସୋପଯୋଗୀ plot 1200 sqft. 4,80,000/-ରେ ମିଳୁଛି। Immediate registration & possession. 9937032327, 9583328312. D-65326

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

Ready to move 3/2 BHK flat's for sale backside of V2-showroom at-Patrapada, Bhubaneswar. 9861037729, 9040337729. D-63929

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10517

For sale strategic plot 40'X57' approximately near Gokul Residency GGP, Pandara road at rate around three thousand per sqft. Contact: 9437396718, 9938095118 during 10 am to 2pm immediately. D-64565

3600 sqft. (1200x3floor) commercial building for sale in Indradhanu Market, Bhubaneswar. Expected cost- 1.5 crores. Contact: 7894416003, 7008994500. D-65502

Booking 1 lakh simplex 2BHK 1000 sqft. land 18,30,000/- BDA area Tankapani Road Sai Temple, installment available. 7735738102. D-10498

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10518

3BHK luxurious flats available for booking at BJB Nagar extension (1km. from Kalpana Square, facing 60ft. Canal Road) price 66 lakh to 73.50 lakh. Contact: 9439543532, 9861157958. D-10505

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

3BHK new individual duplex house for immediate sale at Sriram Nagar, Samantrapur, Bhubaneswar. Contact Deepak: 9937329999. D-64562

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-10493

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପାଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

ନଖରା ତ୍ରିନାଥ ବଜାରଠାରେ sc plot ଘରବାରି ପାଚେରିସହ 1200 sqft., 3,40,000/- ରେ ବିକ୍ରିହେବ। (outright) 9776934361, 9938177361. D-65325

2800 sqft. semi-commercial land for immediate sale at Hanspal, NH-5, Bhubaneswar. Contact Deepak: 9937329999. D-64563

Bhubaneswar AIIMS Hospital, NMIET, DOON School, ନିକଟରେ 30' roadଥାଇ gharabari plot. 9777553622. D-64769

4BHK duplex at Balianta (land- 1400 construction- 2100) @ 50 lakh, 3BHK apartment at Patia @ 90 lakh, 3BHK apartment at Baramunda @ 55 lakh. Contact- Mplanets: 9861022055, 9938219397. D-10457

ମୋର ଘାଟିକିଆ ମୌକାରେଥିବା ୨୦୦ ଫୁଟ୍ ରାସ୍ତାକୁ ଲାଗି ପ୍ଲଟ୍ ବିକ୍ରିହେବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। ଫୋନ୍ ନଂ: 9937273159. D-10524

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

6600 sqft. homestead land (semi-commercial) for immediate sale at Samantrapur Square, Bhubaneswar. Contact Deepak: 9937329999. D-64564

ନଖରା ପଞ୍ଚବଟି main road ପାଖରେ immediate ଘର କରିବା ପାଇଁ ଘରବାରି boundary ପଟ୍ଟାଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64687




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10519

M.H.C.P.L construction 7years experience any requirement work available types of CIVIL works construction of building per/sqft. 1600/-. 8327739972, 9438841156. D-64685

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

Beauty Spa sale includes equipments to location, running parlour. 9861061565. D-52886

Labrador Pups for sale. 104 Surya Nagar, Bhubaneswar. Contact: 9778129944. D-64934




3BHK marble flat Unit-8, Souvagya Nagar main road. Contact: 9000004523. D-64933

First and second floor each 1430 sqft. near Uttara Square, Bhubaneswar on National Highway for restaurant, office. Contact: 7978097047. D-52884

800 sqft. commercial space available at Gautam Nagar, Bomikhal, Kharvel Nagar. Contact: 9437033691. D-63897

Godown/ warehouse available 2000 sqft. near Patia Square, Bhubaneswar. 8763802787. D-63898

1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

1400 sqft. commercial space at BMC Bhabani mall sqft. 50/-. 9337119834. D-65331

Sahidnagar, commercial rent. For 2000 sqft. @ 35/- for office, showroom available near Maharana Hardware. Mobile: 9861256033. D-63899

Tolet ground, firstfloor (1500 sqft. each) commercial space, Bayababa Matha Lane, Bhubaneswar (preferably banks/ training institutes. 9938788911. D-47994

Independent house at N2-118, IRC Village for rent (residential, office, company guesthouse purpose). Contact: 8984390662. D-10456

1000 to 5000 sqft. hall type (3rd floor) office space in a new building near KIIT, Patia. Contact: 7008994500, 7894410000. D-65501

Granite floor single room attached kitchen toilet for rent at Nayapali for single male bachelor 5000/-. 9437231108. D-47995

2BHK semi furnished flat at Venus Royal Hyde Apartment at Rasulgarh, Bhubaneswar. Mob: 7008080637, 9861252730. D-64566




Shivam logistic packers movers. Household/ car relocation countrywide. 9777044177, 9338461133. D-10223




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Herbal full body massage by smart/ expert therapist. Contact: 8338067247. D-65294

Experienced full body massage with us by experts. Enquiry: 06742597822, 7377048581. D-65298

Newly opening ayurvedic massage smart therapist, Shree herbal. 7750020754. D-65295

Improving your health, skin care through expert therapist, excellent offer. 9668374480. D-65296

Pamper yourself this Mansoon professional massage. Contact Purple Orchid. 9776598888. D-65297

Herbal full body massage with refreshment by well trained therapist. 7381239385. D-65299

Ayurvedic full body massage ladies/ gents experts therapist. 8338097451. D-64683

Tareni Healthcare full body massage ladies/ gents therapy. 7327896094. D-64771

Physiotherapy, full body massage by trained ladies/ gents therapist: 7008773793. D-65441

Roshin ayurvedic massage fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart expert therapist. 9114697517. D-64686

Herbal body massage, relax, back joint pain treatment. Contact: 9437453813. D-64567




ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

## AFFIDAVIT

By virtue of affidavit before Notary Public , G. Udayagiri I do declare that Bhaskar Dei and Laxmipriya Patra w/o Jagannath Patra is one and same person for all purpose . D-10537

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ମାଗୁଡି)

**ସ୍ୱୟଂପ୍ରକାଶ**

EB-771, Badagada, Brit Colony, Bhubaneswar

ତୃତୀୟ ଜନ୍ମବାର୍ଷିକୀ ଅବସରରେ ବାପା, ମା ଓ ପରିବାରବର୍ଗଙ୍କ ତରଫରୁ ଅନେକ ଅନେକ ଶୁଭାଶୀର୍ବାଦ।

ଧ-୧୦୫୧୬

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ଅଂଶୁ)

**ଅଂଶୁମାନ୍**

**ପଳାଶୁଣୀ, ଭୁବନେଶ୍ୱର-୨୫**

ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୁହାରି କରୁଛୁ, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ମାମା-ଅନୁ, ବାପା-ବୁଲୁ, ଜେଜେ-ଅଶୋକ ସାହୁ, ଜେଜେମା-ସରିତା ସାହୁ, ବନ୍ଧୁ ଓ ପରିବାରବର୍ଗ।

ଧ-୩୮୫୪୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph-2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

### CUTTACK

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସଞ୍ଜୟ କୁମାର ବସ୍ତିଆ**

ପିତା-ସଚ୍ଚିଦାନନ୍ଦ ବସ୍ତିଆ
ମାତା-ରେଣୁବାଳା ବସ୍ତିଆ
**ପୋଖରୀଗାଁ, ପୋ-ବଗଲସାହି, ନିଆଳି**
ଜନ୍ମ: ୦୪।୦୨।୧୯୮୯ (ମାଘମାସ ଶନିବାର)
ତିରୋଧାନ: ୧୩।୦୧।୨୦୧୮ (ମାଘମାସ ଶନିବାର)

ଚାହୁଁ ଚାହୁଁ ବର୍ଷେ ବିତିଗଲା କାହିଁକିରେ ଧନ ତୁ ସେ ଅଫେରା ପଥର ପଥିକ ହେଲୁ। ତୋର ସ୍ନେହଶ୍ରଦ୍ଧା, ତ୍ୟାଗ, ଆବେଗ ଆତ୍ମୀୟତାର ଅନୁପସ୍ଥିତି ପ୍ରତିମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୋର ସ୍ଥାନ ଅପୂରଣୀୟ। ତୋର ସରଳ ଅମାୟିକ ପବିତ୍ର ଅମର ଆତ୍ମାର ସଦ୍‌ଗତି ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୦୫୦୬

### ସ୍ମୃତି ତର୍ପଣ



**୰ ଦୈତ୍ୟାରୀ ବେହେରା**

ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର

ଆବିର୍ଭାବ : ୩୧.୦୧.୧୯୨୦
ତିରୋଧାନ : ୧୩.୦୧.୧୯୯୫

**ଆଜି ଆପଣଙ୍କ ପବିତ୍ର ୨୪ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।**

**ବନ୍ଧୁ ଓ ପରିବାରବର୍ଗ**

ଧ-୧୦୫୨୭

### ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରାଇମଣୀ ନାଥଶର୍ମା**

ଗ୍ରା-ଅଲିପୁର, ଜି-ଯାଜପୁର (ବରୀ)

ଶୋକାତୁର ବୃନ୍ଦ-ପୁଅ-ନିରଂଜନ, ସୀତାକାନ୍ତ, ଜଗବଂଧୁ, ଶ୍ରୀକାନ୍ତ ସୁଧାକର, ଝିଅ-ସୁକାନ୍ତି, ଜ୍ୱାଇଁ-କିଶୋର, ଭଣଜା-ପ୍ରକାଶ, ନାତୁଣୀ-ରାଜେଶ୍ୱରୀ, ସିଦ୍ଧେଶ୍ୱରୀ, ମାହେଶ୍ୱରୀ, ନାତୁଣୀଜ୍ୱାଇଁ-କୀର୍ତ୍ତନ, ସୁଧାଂଶୁ ଓ ବନ୍ଧୁ ପରିବାରବର୍ଗ।

ଧ-୧୦୫୩୩

| Dollar | Sensex | Nifty | Gold | Silver |
|---|---|---|---|---|
| 8 ↑ 70.49 | ↓ 96.66 36,009.84 | ↓ 26.65 10,794.95 | ↓ ₹155 32,875.00 | ↓ ₹600 39,850.00 |

ଘରୋଇ ବଜାରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଜିଲା ସ୍ତରକୁ ସରକାର ଧ୍ୟାନରେ ରଖିଛନ୍ତି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



ଦୀର୍ଘକାଳୀନ ସାଙ୍ଗଠନିକ ପରିବର୍ତ୍ତନ ଦ୍ୱାରା ଦେଶରେ କୃଷି କ୍ଷେତ୍ରକୁ ଦୃଢ଼ୀକରଣ କରାଯାଇ ପାରିବ।
– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଏୟାର ଇଣ୍ଡିଆର ଆୟ ୨୦% ବୃଦ୍ଧି

**ନୂଆଦିଲ୍ଲୀ,୧୨-୧:** ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଯାତ୍ରୀସଂଖ୍ୟା ମାତ୍ର ୪ ପ୍ରତିଶତ ବୃଦ୍ଧି ପାଇଥିଲେ ହେଁ ଏହାର ଆୟ ୨୦% ବଢ଼ିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ବିମାନର ସଦୁପଯୋଗ ଯୋଗୁ ୨୦୧୮ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ୫୫୩୮ କୋଟି ଟଙ୍କା ଆୟ ହୋଇଛି। ୨୦୧୭-୧୮ର ଏହି ସମୟରେ ଏହା ୪୬୧୫ କୋଟି ଟଙ୍କା ଥିଲା। ସେ କହିଛନ୍ତି ଯେ, ଯାତ୍ରୀଙ୍କ ସଂଖ୍ୟା ଏହି ଅବଧିରେ ୪ ପ୍ରତିଶତ ବଢ଼ି ୫୫.୨୭ ଲକ୍ଷ ରହିଛି, ଯାହା ସମାନ ଅବଧିରେ ଗତ ଆର୍ଥିକ ବର୍ଷରେ ୫୩.୨୮ ଲକ୍ଷ ଥିଲା। ସେ କହିଛନ୍ତି ଯେ, ଯାତ୍ରୀ ସଂଖ୍ୟା ମାତ୍ର ୪ ପ୍ରତିଶତ ବଢ଼ିଥିଲେ ହେଁ ପ୍ରତି କିଲୋମିଟର ସିଟ୍ ଉପଲବ୍ଧତା ଦ୍ରୁତ ଗତିରେ ବଢ଼ିଛି।

### ବଢ଼ିଛି ଦେଶର ଇନ୍ଧନ ଚାହିଦା

**ନୂଆଦିଲ୍ଲୀ,୧୨-୧:** ବିମୁଦ୍ରୀକରଣର ପ୍ରଭାବ ହ୍ରାସ ପାଇବା ସହ ଜିଏସ୍‌ଟି ଲାଗୁ ହେବା ପରେ ଦେଶର ଇନ୍ଧନ ଚାହିଦା ବଢ଼ିଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନ ପ୍ଲାନିଂ ଓ ଆନାଲିସିସ୍ ସେଲ୍ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ୨୦୧୬ରେ ପେଟ୍ରୋଲିୟମ ପଦାର୍ଥର ଚାହିଦା ୨.୭% ହାରରେ ବଢ଼ିଥିବା ବେଳେ ଗତବର୍ଷ ଏହା ୪.୧% ହାରରେ ବୃଦ୍ଧି ପାଇ ୨୧୦ ମିଲିୟନ ଟନରେ ପହଞ୍ଚିଛି। ତେବେ ଘରୋଇ ବଜାରରେ ତୈଳ ଦର ବଢ଼ିବା, ଏନ୍‌ବିଏଫ୍‌ସିଙ୍କ ଆର୍ଥିକ ସଙ୍କଟ, ଗାଡ଼ି ବିକ୍ରି ହ୍ରାସ ପାଇବା ଏବଂ ଔଦ୍ୟୋଗିକ ଉତ୍ପାଦନ କମିବା କାରଣରୁ ଗତବର୍ଷର ଦ୍ୱିତୀୟାର୍ଦ୍ଧରେ ପେଟ୍ରୋଲିୟମ ପଦାର୍ଥର ଚାହିଦା କମିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଗତବର୍ଷ ଏଲ୍‌ପିଜି ଚାହିଦା ୫.୫% ହାରରେ ବଢ଼ିଛି, ଯାହାକି ୨୦୧୩ ପରେ ସବୁଠୁ ଧୀମା ରହିଛି। ଚଢ଼ା ଦର ଏହାର କାରଣ ବୋଲି କୁହାଯାଉଛି। ଦେଶର ଇନ୍ଧନ ବ୍ୟୟର ୪୦% ଡିଜେଲ ଯୋଗୁ ହେଉଥିବାବେଳେ ଗତବର୍ଷ ଏହା ୪.୩% ବୃଦ୍ଧି ପାଇ ୮୨.୭ ମିଲିୟନ ଟନ ହୋଇଛି। ଡିସେମ୍ବରରେ ଦେଶର ମୋଟ୍ ତୈଳ ସାମଗ୍ରୀ ବ୍ୟବହାର ୩.୨%ହାରରେ ବଢ଼ି ୧୮.୫ ମିଲିୟନ ଟନରେ ପହଞ୍ଚିଛି। କେବଳ ଡିଜେଲ ୩.୫% ହାରରେ ୭.୪ ମିଲିୟନ ଟନ ବ୍ୟବହାର ହୋଇଛି।




# ସେବିକୁ କବ୍‌ଜା ଲାଗି କେନ୍ଦ୍ରର ଉଦ୍ୟମ

**ନୂଆଦିଲ୍ଲୀ,୧୨-୧**

- ପ୍ରତି କମିଟିରେ ନିଜର ପ୍ରତିନିଧି ରଖିବାକୁ ଯୋଜନା
- କମିଟି ତାଲିକା ଓ ପ୍ରତିନିଧିଙ୍କ ନାମ ମାଗିଲା ଅର୍ଥମନ୍ତ୍ରଣାଳୟ
- କେତେକ ହାତଗଣତି କମିଟିରେ ସରକାରଙ୍କ ପ୍ରତିନିଧି ରହିଛନ୍ତି



ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ସ୍ୱାଧୀନ ସଂସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିଜର ପ୍ରତିନିଧିଙ୍କ ସଂଖ୍ୟା ବଢ଼ାଇ ନିଜ ଇଚ୍ଛା ମୁତାବକ ଦାବି ହାସଲ କରୁଥିବା ବେଳେ କେନ୍ଦ୍ର ସରକାର ଏବେ ଅନ୍ୟ ଏକ ସ୍ୱାଧୀନ ସଂସ୍ଥା ସିକ୍ୟୁରିଟିଜ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ରେ ନିଜର ପ୍ରତିନିଧି ସଂଖ୍ୟା ବଢ଼ାଇବାର ଯୋଜନା କରୁଛି। ଅର୍ଥ ମନ୍ତ୍ରଣାଳୟ ସେବିର ପ୍ରତ୍ୟେକ କମିଟିରେ ନିଜର ପ୍ରତିନିଧିଙ୍କୁ ଅବସ୍ଥାପିତ କରିବାକୁ ଉଦ୍ୟମ କରୁଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସେବି ଗଠନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଗଠିତ ସମସ୍ତ କମିଟିର ତାଲିକା ଦେବାକୁ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ବିଭାଗ(ଡିଇଏ) ନିର୍ଦ୍ଦେଶ ଦେଇଛି। ଏହାବ୍ୟତୀତ ଏହିସବୁ କମିଟିରେ ଥିବା ସେବିର ସମସ୍ତ ପ୍ରତିନିଧିଙ୍କ ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି। ସେବିର ୱେବସାଇଟ୍ ଅନୁଯାୟୀ, ଏହା ଅଧୀନରେ ମୋଟ୍ ୩୩ଟି କମିଟି ରହିଛି, ଯେଉଁଥିରେ ୨୧ଟି କମିଟି ବିଶେଷଜ୍ଞସ୍ତରୀୟ। ଏହି ତାଲିକାରେ ଷ୍ଟକ୍ ବଜାର ଆଚରଣ, ପ୍ରାଥମିକ ଏବଂ ଦ୍ୱିତୀୟ ବଜାର ସମ୍ପର୍କିତ ପରାମର୍ଶ କମିଟି, ମ୍ୟୁଚୁଆଲ ଫଣ୍ଡ, ସାଇବର ସୁରକ୍ଷା, କର୍ପୋରେଟ ବ୍ୟାପାର ଏବଂ ଅଧିଗ୍ରହଣ ଭଳି ମାମଲାର ସମାଧାନ ଲାଗି ଗଠିତ କମିଟି ସାମିଲ ରହିଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ ସେବିର ପ୍ରତ୍ୟେକ କମିଟିରେ ନିଜର ପ୍ରତିନିଧିମାନଙ୍କୁ ରଖି ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ନିଜର ମତାମତ ଜାହିର କରିବାକୁ ଅର୍ଥ ମନ୍ତ୍ରଣାଳୟ ଚାହୁଁଛି। ଉଲ୍ଲେଖଥାଉ କି, ସେବି କମିଟିର ପ୍ରତ୍ୟେକଟି ନିଷ୍ପତ୍ତି ଷ୍ଟକ୍ ବଜାର ସମେତ ସମ୍ପୂର୍ଣ୍ଣ ବିତ୍ତୀୟ ବଜାର ପରିସ୍ଥିତି ସମେତ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ। ନିକଟ ଅତୀତରେ ସେବିର କିଛି ନିଷ୍ପତ୍ତିରେ ଅର୍ଥ ମନ୍ତ୍ରଣାଳୟ ଅସନ୍ତୋଷ ବ୍ୟକ୍ତ କରିସାରିଛି। ଏହାକୁ ଭିତ୍ତି କରି ଅର୍ଥ ମନ୍ତ୍ରଣାଳୟ ଉକ୍ତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଏଭଳି ଦେଖାଯାଇଛି ଯେ, ଷ୍ଟକ୍ ବଜାର ନିୟନ୍ତ୍ରକ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ନ କରି ଅନ୍ୟ ହିତାଧିକାରୀଙ୍କ ରାୟକୁ ଅଣଦେଖା କରି ପଦକ୍ଷେପ ଘୋଷଣା କରି ଦେଉଛି, ଯାହାର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡୁଛି। ଅଧିକାରୀଙ୍କ କହିବାନୁଯାୟୀ ଅର୍ଥ ମନ୍ତ୍ରଣାଳୟର ପ୍ରତିନିଧି ପ୍ରତ୍ୟେକ କମିଟିରେ ରହିବା କାରଣରୁ ସେବି ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ବଢ଼ିବ ଓ ଯଥାଯଥ ନୀତି କାର୍ଯ୍ୟକାରୀ ହୋଇପାରିବ। କମିଟିରେ ସମସ୍ତ ହିତାଧିକାରୀ ରହିବା କାରଣରୁ ନିୟାମକ ସମ୍ପର୍କିତ ନିଷ୍ପତ୍ତି ନେବା ବେଳେ ସମସ୍ତ ପକ୍ଷଙ୍କ ହିତକୁ ଦେଖିବା ସହଜ ତଥା ପ୍ରଭାବଶାଳୀ ହେବ। ଉକ୍ତ ସୂଚନାନୁଯାୟୀ ମନ୍ତ୍ରଣାଳୟର ନିର୍ଦ୍ଦେଶ ପାଳନ କରିବା ଲାଗି ସେବି କାର୍ଯ୍ୟରେ ଲାଗି ପଡ଼ିଛି ଓ ତାଲିକା ପ୍ରସ୍ତୁତ ଆରମ୍ଭ ହୋଇଯାଇଛି। ଖୁବଶୀଘ୍ର ସରକାରଙ୍କୁ ତାଲିକା ଓ ଏସମ୍ପର୍କିତ ତଥ୍ୟ ପ୍ରଦାନ କରାଯିବ। ଉଲ୍ଲେଖଥାଉ କି, ସେବିର କେତେକ ହାତଗଣତି କମିଟିରେ ଅର୍ଥ ମନ୍ତ୍ରଣାଳୟର ପ୍ରତିନିଧି ରହିଛନ୍ତି। ବିଶେଷଜ୍ଞଙ୍କ କହିବାନୁଯାୟୀ ଏଭଳି ହସ୍ତକ୍ଷେପ ସେବିର ସ୍ୱାୟତ୍ତତା ପ୍ରତି ବିପଦ ହେବାକୁ ଯାଉଛି। ଏକ କମିଟି ବିଶେଷଜ୍ଞ କହିଛନ୍ତି ଯେ, ସେବି କମିଟିରେ ସରକାରଙ୍କ ପ୍ରତିନିଧି ରହିଥିବାରୁ ଅଧିକ ପ୍ରତିନିଧି ରଖିବାର କୌଣସି ଯଥାର୍ଥତା ନାହିଁ। ଏହାଦ୍ୱାରା ଏହି କମିଟିଗୁଡ଼ିକର ନିଷ୍ପତ୍ତି ପ୍ରଭାବିତ ହେବ।

# ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ଦୌଡ଼ରେ ଇଭାଙ୍କା ଟ୍ରମ୍ପ

**ନୂଆଦିଲ୍ଲୀ,୧୨-୧**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କନ୍ୟା ଇଭାଙ୍କା ଟ୍ରମ୍ପ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଦୌଡରେ ରହିଛନ୍ତି। ତାଙ୍କ ନାମ ଆଗଧାଡିରେ ରହିଛି। ସେ ଏବେ ହ୍ୱାଇଟ ହାଉସରେ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

ପ୍ରାପ୍ତ ରିପୋର୍ଟ ମୁତାବକ, ଅଧ୍ୟକ୍ଷ ପଦ ଦୌଡରେ ଇଭାଙ୍କାଙ୍କ ବ୍ୟତୀତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ରହିଛନ୍ତି ନିକ୍କି ହାଲି, ଯିଏକି ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ଥିଲେ। ଉଲ୍ଲେଖଥାଉ କି, ଆସନ୍ତା ମାସ ଆରମ୍ଭରୁ ନୂଆ ଅଧ୍ୟକ୍ଷଙ୍କ ଲାଗି ମନୋନୟନ ପତ୍ର ଗ୍ରହଣ କରାଯିବ ଏବଂ ଏପ୍ରିଲ ମଧ୍ୟଭାଗରେ ଚୂଡ଼ାନ୍ତ ନାମ ଘୋଷଣା କରାଯିବ ବୋଲି ବିଶ୍ୱ ବ୍ୟାଙ୍କ ବୋର୍ଡ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ବର୍ତ୍ତମାନର ଅଧ୍ୟକ୍ଷ ଜିମ୍ ୟଙ୍ଗ କିମ୍ ପୂର୍ବରୁ ଆମେରିକାର ମନୋନୀତ ପ୍ରାର୍ଥୀ ଥିଲେ, ଯିଏକି ୨୦୧୨ରେ ବିଶ୍ୱ ବ୍ୟାଙ୍କର ପ୍ରେସିଡେଣ୍ଟ ପଦ ଲାଗି ନିର୍ବାଚନ ଲଢ଼ିଥିଲେ। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଖୋଲା, ମେରିଟ୍ ଆଧାରିତ ଏବଂ ସ୍ୱଚ୍ଛ ହେବ। ଅଣ-ଆମେରିକା ପ୍ରାର୍ଥୀଙ୍କୁ ଅଣଦେଖା କରାଯିବ ନାହିଁ, ଏଥିପ୍ରତି ଧ୍ୟାନ ଦିଆଯିବ। ଉଲ୍ଲେଖଥାଉ କି, ଟ୍ରମ୍ପ ପ୍ରଶାସନ ସହ ବିଶ୍ୱ ବ୍ୟାଙ୍କର ମତବିରୋଧ ବହୁ ଦିନ ହେବ ଚାଲିଛି। ଏହି କାରଣରୁ ପ୍ରେସିଡେଣ୍ଟ କିମ୍ ପଦ ଛାଡ଼ିବାକୁ ଘୋଷଣା କରିଛନ୍ତି। ତାଙ୍କର କାର୍ଯ୍ୟକାଳ ପୂରିବାକୁ ଆହୁରି ୩ ବର୍ଷ ଥିଲା। ତାଙ୍କର ଅଚାନକ ଇସ୍ତଫା ଟ୍ରମ୍ପ ପ୍ରଶାସନ ସହ ବିଶ୍ୱର ଅନ୍ୟ ଦେଶଗୁଡ଼ିକର ମତଭେଦ ଚରମସୀମାରେ ପହଞ୍ଚିବ ବୋଲି ମନେକରାଯାଉଛି। ଜଳବାୟୁ ପରିବର୍ତ୍ତନକୁ ନେଇ ଟ୍ରମ୍ପ ପ୍ରଶାସନର ନୀତିକୁ ସେ ବିରୋଧ କରୁଛନ୍ତି।

# ଇରାନ ବିରୋଧରେ କଟକଣା ଛାଡ଼ ସମୟ ବଢ଼ାଇବନି ଆମେରିକା

**ନୂଆଦିଲ୍ଲୀ,୧୨-୧**




ଭାରତ ସମେତ ୮ଟି ଦେଶକୁ ଇରାନର ଅଶୋଧିତ ତେଲ କିଣିବାର ସୁଯୋଗ ଦେଇଛି ଆମେରିକା। ଏଥିପାଇଁ ଏହା କଟକଣା କୋହଳ କରିଛି। ଏହାକୁ ଆଉ ବଢ଼ାଯିବ ନାହିଁ ବୋଲି ଆମେରିକାର ଇରାନ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଶନିବାର ପ୍ରକାଶ କରିଛନ୍ତି। ଫଳରେ ଭାରତ ପାଇଁ ଅଡୁଆ ବଢ଼ିବାକୁ ଯାଉଛି। ୟୁନାଇଟେଡ ଆରବ ଏମିରେଟ୍ସର ଆବୁଧାବିରେ ଆୟୋଜିତ ଏକ ବ୍ୟବସାୟିକ ସମ୍ମିଳନୀରେ ଯୋଗ ଦେଇ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ବ୍ରାଏନ୍ ହୁକ୍ କହିଛନ୍ତି ଯେ, ଇରାନରୁ ତେଲ କିଣିବା ନେଇ ତାଙ୍କ ଦେଶ ଆଉ କଟକଣା କୋହଳ କରିବ ନାହିଁ କି ଛାଡ଼ କରିବ ନାହିଁ। ଚଳିତବର୍ଷ ମେ'ରେ ଛାଡ଼ ସମୟସୀମା ଶେଷ ହେବା ପରେ ଆମେରିକାର ଟ୍ରମ୍ପ ପ୍ରଶାସନର ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ହେବ ବୋଲି ପ୍ରଶ୍ନ ହେବାରୁ ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ସେ କହିଛନ୍ତି ଯେ, ଆମେରିକାର କଟକଣାର ପ୍ରଭାବ ଏବେ ଇରାନ ମର୍ମେ ମର୍ମେ ଅନୁଭବ କରୁଛି। ଅଶୋଧିତ ତେଲ ବିକ୍ରି କରି ଇରାନ ତା'ର ରାଜସ୍ୱ ପାଉଥିବା ବେଳେ ଆମେରିକା ଏହାକୁ ରୋକିବାକୁ ଚାହୁଁଛି। ଏହି ଦେଶ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି। ଏହି କାରଣରୁ ଇରାନର ଚଳିତ ସରକାରଙ୍କୁ ଶାସ୍ତି ଦିଆଯାଉଛି। ଉଲ୍ଲେଖଥାଉ କି, ଆମେରିକା ଏକତରଫା ଭାବେ ପରମାଣୁ ଚୁକ୍ତିରୁ ଓହରି ଯାଉଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଇରାନ ବିରୋଧରେ କଟକଣା ଲାଗୁ କରାଯାଇଥିଲା। ସେ କହିଛନ୍ତି ଯେ, ଏହି ଇସ୍‌ଲାମିକ ରାଷ୍ଟ୍ରକୁ ଚାପ ନ ପକାଇଲେ ଏହା ଆଲୋଚନା ଟେବୁଲକୁ ଆସିବ ନାହିଁ। ଇରାନ ତେଲ କିଣିବା ଚାଇନା କମାଇଥିବାରୁ ଆମେରିକା ଖୁସି ବୋଲି ହୁକ୍ କହିଛନ୍ତି।

# ବ୍ରହ୍ମ ଦତ୍ତ ୟେସ୍ ବ୍ୟାଙ୍କର ନନ୍ ଏକଜିକ୍ୟୁଟିଭ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୨-୧**

ୟେସ୍‌ବ୍ୟାଙ୍କ ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ବୋର୍ଡ ଅଫ୍ ଡାଇରେକ୍ଟର୍ସର ସଦସ୍ୟ ବ୍ରହ୍ମ ଦତ୍ତଙ୍କୁ ପାର୍ଟଟାଇମ୍ ନନ୍ ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି। ଘରୋଇ କ୍ଷେତ୍ରରେ ଅଗ୍ରଣୀ ବ୍ୟାଙ୍କଗୁଡ଼ିକ ମଧ୍ୟରେ ୪ର୍ଥ ସ୍ଥାନରେ ଥିବା ୟେସ୍ ବ୍ୟାଙ୍କ ଶନିବାର ଏକ ବିବୃତି ଜାରି କରି ଏ ସମ୍ପର୍କରେ ସୂଚନା ଦେଇଛି। ଷ୍ଟକ୍ ମାର୍କେଟକୁ ଦେଇଥିବା ସୂଚନାରେ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ବ୍ୟାପକ ଅଭିଜ୍ଞତା ଭିତ୍ତିରେ ଦତ୍ତଙ୍କୁ ଉକ୍ତ ପଦରେ ନିଯୁକ୍ତି ଦିଆଯାଇଛି। ସେ ୨୦୨୦ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ଏହି ପଦରେ ରହିବେ। ୨୦୧୩ ଜୁଲାଇରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ସେ ୟେସ୍ ବ୍ୟାଙ୍କରେ ଯୋଗ ଦେଇଥିଲେ। ଗତ ସାଢ଼େ ୫ ବର୍ଷ ଭିତରେ ବ୍ୟାଙ୍କର ପ୍ରାୟ ସମସ୍ତ କମିଟିରେ ସେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ନିଯୁକ୍ତି ଓ ବେତନଭତ୍ତା କମିଟିର ଅଧ୍ୟକ୍ଷ ରହିଛନ୍ତି। ନିଜର ୩୭ ବର୍ଷର ଚାକିରି କାଳ ଭିତରେ ସେ ଉଭୟ କେନ୍ଦ୍ର ଓ କର୍ଣ୍ଣାଟକ ସରକାରରେ ସଚିବ ଭାବେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ସଚିବ ଭାବେ ସେ ଅବସର ନେଇଥିଲେ।

# ନିଯୁକ୍ତି ସୃଷ୍ଟିରେ ପ୍ରମୁଖ ଭୂମିକା ନେବେ ଏମ୍ଏସ୍ଏମ୍ଇ




**ଭୁବନେଶ୍ୱର,୧୨-୧**

ବର୍ତ୍ତମାନର ବିଶ୍ୱ ଚତୁର୍ଥ ଶିଳ୍ପ ବିପ୍ଳବ ମଧ୍ୟ ଦେଇ ଗତି କରୁଛି। ଏହି ସମୟରେ ରୋବଟିକ୍ସ, ଅଗମେଣ୍ଟେଡ୍ ରିୟଲିଟି, ଇଣ୍ଟରନେଟ ଅଫ୍ ଥିଙ୍ଗସର ନୂଆ ଦିଗ ଭାବେ ଉଭା ହୋଇଛନ୍ତି। ଏଭଳି ବୈଷୟିକ ବିକାଶ ଦ୍ୱାରା କିଛି ନିଯୁକ୍ତି ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏପରିସ୍ଥିତି ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ନିଯୁକ୍ତି ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କହିଛନ୍ତି। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ଠାରେ ଅନୁଷ୍ଠିତ 'ଅଭ୍ୟୁଦୟଶୀଳ ଅର୍ଥନୀତିରେ ବ୍ୟବସାୟ ପାଇଁ ସମସ୍ୟା ଓ ଆହ୍ୱାନ' ଶୀର୍ଷକ କର୍ମଶାଳାରେ ଚାନ୍ଦ କହିଛନ୍ତି ଯେ, ପରିବର୍ତ୍ତନଶୀଳ ବ୍ୟବସାୟିକ ପରିବେଶରେ ଭାରତ ଭଳି ଅର୍ଥନୀତିରେ ନିଯୁକ୍ତି ସୃଷ୍ଟି, ନବୀନତ୍ୱ ଏବଂ ସାମଗ୍ରିକ ବିକାଶ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି।

ସେହିଭଳି ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଅଭିମୁଖେ ଯାତ୍ରା କରୁଛି। ଭାରତ ୨୦୨୩ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଲକ୍ଷ୍ୟ ରଖିଥିବା ଚାନ୍ଦ କହିଛନ୍ତି। ଅପର ପକ୍ଷରେ ଜନସଂଖ୍ୟାକୁ ଧ୍ୟାନରେ ରଖି ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ ରହିଛି। ଏଥି ଲାଗି ଉତ୍ପାଦକତା ତଥା ଦକ୍ଷତା ବୃଦ୍ଧିକୁ ପ୍ରାଥମିକତା ଦେବାକୁ ହେବ ବୋଲି ଚାନ୍ଦ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ବିଜିୟୁ କୁଳପତି ପ୍ରଫେସର ସୁଧାକର ପଣ୍ଡା, ୟୁନିଭର୍ସିଟି ଅଫ୍ ଲୁବଲାନାର ପୂର୍ବତନ ଡିନ ରାଡୋ ବୋହିନିକ, ମାଲେସିଆ ମଲ୍ଟିମିଡିଆ ୟୁନିଭର୍ସିଟି ଫାକଲଟ ଜେରାଲ୍ଡ ଗୋ ଗୁଆଁ ଗାନ, ଏନ୍‌ଏଲସିର ପୂର୍ବତନ ଅଧ୍ୟକ୍ଷ ଏସ.କେ.ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
CENTRAL WORKSHOP, RASULGARH, BHUBANESWAR - 751010
DESIGNED TO EXCEL

**TENDER CALL NOTICE**

No.OCC/CWS/PROC/DEP-01/71/18-19 Dated. 12.01.2019

Sealed tenders in conformity with the terms, conditions, drawing and technical specifications in tender documents are invited from reputed manufacturers / traders for **"Supply of casting items for DEO Irrigation Project".**

For details, please visit our website : **www.odishaconstruction.com** or Govt. of Odisha website : **www.odishagov.nic.in.** The last date & time of sale of tender document and receipt of tender is **24.01.2019 at 1.00 P.M & 3.00 P.M.** respectively and **TECHNICAL BID** to be opened on same date at **3.30 P.M.** and **PRICE SCHEDULE BID** on **24.01.2019 at 4.00 PM. (Bidders are requested to visit above website regularly for any changes, since it will not be published in news paper again).**

Sd/- SENIOR MANAGER (MECH.)-I

**INSTITUTE OF MANAGEMENT & INFORMATION TECHNOLOGY**
(A constituent College of BPUT, Odisha)
BOSE CAMPUS, CUTTACK - 753007
No.36, Dtd.11.01.2019

**EXTENSION OF DATE FOR SUPPLY OF COMPUTER**

In response to the Tender Notice issued by college bearing no.1754 dt.10.12.2018 for supply of Computers to IMIT, Cuttack, the last date of receipt of tender papers is extended from 11.01.2019 to 21.01.2019. The technical bids will be opened on 24.01.19 at 11 AM and the financial bids will be opened on 25.1.19 at 11 AM. The Annexure G of the tender document has been changed, you are requested check the corrigendum for the annexure G in the website **imit.ac.in.**

PRINCIPAL

**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **48/CDB/2018-19.** କାର୍ଯ୍ୟର ନାମ : ପୁରୀଠାରେ ସ୍ଥିତ ପୁରୀ ନିରିକ୍ଷଣ କ୍ୱାଟରର ସ୍ୱତନ୍ତ୍ର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ : ଟ.୧୧,୯୫,୩୮୭.୦୦, ଅମାନତ ଜମା ରାଶି : ଟ.୨୩,୯୦୮/-, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୧.୦୧.୨୦୧୯ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

**BHUBANESWAR MUNICIPAL CORPORATION**

**No.1736 COMPETITIVE BIDDING THROUGH e-Procurement Dt.11/01/19**

**NOTICE INVITING TENDER**
**Bid Reference No. BMC-EE-DD-10/2018-19**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EE-DD-10/2018-2019)** should be written clearly over (super scribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **22 Nos.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs.2,41,965/- to Rs.49,46,429/-** Registered Contractors of **Class- 'D' to Class 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M on Dt. 15.01.2019 to 5 P.M on Dt. 29.01.2019** for online bidding.
6. Bids received online will be opened at **11.00 A.M on Dt. 02.02.2019.**
7. The bidder must possess valid and Compatible **Digital Signature Certificate (DSC).**
8. The successful bidder bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.

**On behalf of Commissioner, BMC, Bhubaneswar**

**Executive Engineer,**
**Drainage Division, BMC**

**Progress Through Partnership for a Better Bhubaneswar**

**COURT OF THE RECOVERY OFFICER**
**DEBTS RECOVERY TRIBUNAL**
C-71, Sector-7, CDA, CUTTACK-14, ORISSA

**PROPERTY AUCTION NOTICE**

**R. P. No. 87/2016/CTC**
(Arising out of OA No. 381 of 2011)

HOUSING & URBAN DEVELOPMENT CORPORATION LTD., 3rd Floor, Deendayal Bhawan, Ashok Nagar, Janpath, PS- Capital, Bhubaneswar-751009, Dist: Khurda ......Certificate Holder Bank

Vs.

M/s- Anmol International (P) Ltd & Ors ......Certificate Debtors

The Auction sale of under mentioned properties on **"AS IS WHERE BASIS IS"** scheduled for auction on 7th January, 2019 is postponed to the Date, Time and venue as mentioned below. Other terms and conditions of the Auction Sale will remain unchanged.

**DESCRIPTION OF PROPERTIES**

| Specification of property | Reserve Price | Earnest Money Deposit | Date & Time of submission of Initial Bid along with Earnest Money Deposit | 1) Date & time of online Bidding 2) Bid Increment Price |
|---|---|---|---|---|
| **Schedule of Properties:** Dist.: Sundergarh, SRO/Tahsil: Panposh, Rourkela, P. S: Plant Site. Mouza: Rourkela Town, Unit No. 43. Udit Nagar, Khata No. 365/388, Plot No. 554/1886, Area- Ac. 0.255 Dec, **Bounded by**: North: Road, South: Plot No. 1068, East: Plot No. 554/1860, West: Plot No. 554. | Rs. 5,77,82,000.00 (Rupees Five Crore Seventy seven Lakhs Eighty Two Thousand only) | Rs. 28,89,100 (Rupees Twenty Eight lakhs Eighty Nine Thousand one Hundred only) | Upto 5.00 PM on **01.02.2019** | 1) Between 12.00 Noon to 1.00 PM on **04.02.2019** with extension clause of 5 (Five) minutes duration, if required. 2) Rs. 50,000/- (Rupees Fifty thousand only) |

The said immovable properties will be sold by the Recovery Officer/Designated Officer on the terms and conditions of sale, a copy whereof is available in **drt.auctiontiger.net** & **https://tenders.gov.in** & **http://sbi.abcprocure.com** or from the **Branch Manager, HOUSING & URBAN DEVELOPMENT CORPORATION LTD., 3rd Floor, Deendayal Bhawan, Ashok Nagar, Janpath, PS- Capital, Bhubaneswar-751009, Dist: Khurda, Mr. Rakesh, Mob: No. 8270955254** on any day during working hours upto **01.02.2019**. Intending bidders are required to deposit Earnest Money alongwith the offer by way of pay order/ demand draft payable at CUTTACK and favouring THE RECOVERY OFFICER Debts Recovery Tribunal, Cuttack or through RTGS/NEFT Transfer in favour of "The Recovery Officer, DRT, Cuttack - RP No. **87/2016/CTC"** to the credit of A/c No. **10861705473**, State Bank of India, Cuttack Main Branch, Branch Code: 00059, IFSC Code: SBIN0000059. The properties are open for inspection by the intending purchasers on their own expense on any working day between 10.00 A M to 5.00 PM upto **01.02.2019**.

*Bids should be submitted online in the email Id: ro1drtctak-dfs@nic.in or by hand on or before 17.00 hrs on 01.02.2019 consisting of following documents:* (a) Declaration duly filled in (b) Online E-Auction Bid Form duly filled in (c) Proof of deposit of Caution Amount (d) One Photograph (e) Address Proof (f) Residential Proof & (g) Copy of Pan Card.

**THE OFFER BELOW THE RESERVE PRICE AND WITHOUT EARNEST MONEY DEPOSIT WILL SUMMARILY BE REJECTED. BIDDERS ARE ALSO REQUESTED TO UPLOAD PHOTO IDENTITY, ADDRESS PROOF AND ONE PHOTOGRAPH.**

Given under my hand & seal at Cuttack on this 7th day of January, 2019.

*Sd./- (S.R. Parida), Recovery Officer*

“ ୨୦୧୮ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପରାଜୟ ଏକ କଷ୍ଟକର ମୁହୂର୍ତ୍ତ ଥିଲା। ମାତ୍ର ଚାପରେ ଥିବାବେଳେ ଏହାକୁ ହାତେଇବା ଶିକ୍ଷା ମୁଁ ଏଥିରୁ ପାଇଛି ।

–ସିମନୋ ହାଲେପ, ନମ୍ବର ୱାନ ଟେନିସ ଖେଳାଳି



“ ମୁଁ ଲଜ୍ଜାଶୀଳା ପ୍ରକୃତିର । ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଅଧିକ ପରିପକ୍ୱ ହେବା ଲାଗି ଅଫ୍‌-ସିଜନରେ କଠିନ ପରିଶ୍ରମ କରିଛି ।

–ନାଓମି ଓସାକା, ଜାପାନ ଟେନିସ୍ ଖେଳାଳି



## ସଂକ୍ଷେପରେ

### ଖେଲୋ ଇଣ୍ଡିଆ ଯୁଥ୍ ହକି: ନିଶାନ ଟେକ୍ନିକାଲ ଅଫିସର



**ଭୁବନେଶ୍ୱର, ୧୨।୧(ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେର ଏନ୍‌ଡିଏ ହକି କମ୍ପ୍ଲେକ୍ସଠାରେ ଶନିବାରଠାରୁ ୨ୟ ଖେଲୋ ଇଣ୍ଡିଆ ଯୁଥ୍ ହକି ଗେମ୍ସର ୧୭ ଓ ୨୧ ବର୍ଷରୁ କମ୍ ମହିଳା ହକି ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତିଙ୍କୁ ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ କରିଛି। ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେ ମୁଖ୍ୟାଳୟରେ କାର୍ଯ୍ୟରତ ନିଶାନ ମୁମ୍ବାଇରେ ୭ରୁ ୧୫ ଜାନୁୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ହକି ୧୭ ଓ ୨୧ ବର୍ଷରୁ କମ୍ ବାଳକ ବିଭାଗ ପ୍ରତିଯୋଗିତା ପାଇଁ ପୂର୍ବରୁ ମ୍ୟାଚ୍ ଅଫିସିଆଲ ନିଯୁକ୍ତ ହୋଇଥିଲେ। ଏଥିରେ ତାଙ୍କ ପ୍ରଦର୍ଶନରେ ଖୁସି ପ୍ରକାଶ କରି ହକି ଇଣ୍ଡିଆ ନିଶାନଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛି। ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସୂଚାରୁରୂପେ ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ପ୍ରଥମଥର ଲାଗି ଏହିଭଳି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ ହୋଇଥିବାରୁ ନିଶାନ୍ତ ଖୁସି ଜାହିର କରିବା ସହିତ ହକି ଇଣ୍ଡିଆକୁ ଧନ୍ୟବାଦ୍ ଜଣାଇଛନ୍ତି। ହକି ଓଡ଼ିଶାର ସମ୍ପାଦକ ପ୍ରତାପ ଶତପଥୀ ନିଶାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଗ୍ରାହାଟ କ୍ଲବ ଚାମ୍ପିୟନ

**ଚୌଦ୍ୱାର, ୧୨।୧ (ଡି.ଏନ୍.ଏ.):** ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ଚାଲିଥିବା ଆଗ୍ରାହାଟ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଆୟୋଜକ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଅଡ଼ଶପୁରର ଆଲମଗିରି ବଏଜ ଟିମ୍ ଓ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ୫-୪ ସ୍କୋରରେ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ୍ କପ୍ ସହ ଅର୍ଥରାଶି ପ୍ରଦାନ କରିବା ସହିତ ରନର୍ସଅପ୍ ଆଲମଗିରିକୁ ରନର୍ସ କପ୍ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଦିଲୀପ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସିନେ କଳାକାର ଝାନ୍ସୀ ଦାସ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ,ପୂର୍ବତର୍ନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, ସୁବ୍ରତ ସାମଲ କ୍ଲବ୍ ସଭାପତି ରବି ନାରାୟଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରେଫରି ଅରୁଣ ନାୟକ,ପ୍ରଭାକର ବେହେରା ଓ ନାରାୟଣ ସାହୁ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଦୀପ୍ତ ବେହେରା, ଶିବ ପ୍ରସାଦ ପରିଡ଼ା, ଅକ୍ଷୟ ବରାଳ, ହିମାଂଶୁ ସ୍ୱାଇଁ, ଅଶୋକ ବରାଳ, ପ୍ରଶାନ୍ତ ରାଉତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ଦିନିକିଆରେ ହାରିଲା ଭାରତ

## ରୋହିତଙ୍କ ଶତକ ବେକାର

ସିଡନୀ,୧୨।୧(ପି.ଟି.)

ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଇତିହାସ ସୃଷ୍ଟି କରିଥିବା ଭ୍ରମଣକାରୀ ଭାରତ କିନ୍ତୁ ପରାଜୟରୁ ଦିନିକିଆ ସିରିଜ ଆରମ୍ଭ କରିଛି। ତାରକା ଓପନର ରୋହିତ ଶର୍ମାଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ଭାରତ ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆଠାରୁ ୩୪ ରନରେ ପରାସ୍ତ ହୋଇଛି। ରୋହିତ ୧୨୯ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୩୩ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ତେବେ ରୋହିତ୍‌ଙ୍କ ଏହି ୨୨ତମ ଦିନିକିଆ ଶତକ କିନ୍ତୁ ଶେଷରେ ବେକାର ସାବ୍ୟସ୍ତ ହୋଇଥିଲା।

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୨୮୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ପାରି ୯ ଉଇକେଟ ହରାଇ ୨୫୪ ରନରେ ସୀମିତ ରହି ପରାଜୟ ବରଣ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୧୦ ଓଭର ବୋଲିଂ କରି ୨ଟି ମେଡେନ ନେବା ସହ ୨୬ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିବା ଅଷ୍ଟ୍ରେଲିଆ ୨୨ ବର୍ଷୀୟ ଦ୍ରୁତ ବୋଲର ଜାୟ ରିଚାର୍ଡସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୫ ତାରିଖ ମଙ୍ଗଳବାର ଆଡିଲେଡରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

୨୮୯ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଆରମ୍ଭରୁ ଝଟ୍‌କା ଖାଇଥିଲା। ମାତ୍ର ୪ ରନରେ ମୂଲ୍ୟବାନ ୩ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଦୁଇଜଣ ଖାତା ଖୋଲିପାରି ନ ଥିଲେ ଓ ଜଣେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫଳରେ ଭାରତ ପାଇଁ ବିଜୟ ହାସଲ ଆରମ୍ଭରୁ ବେଶ୍ କଷ୍ଟସାଧ୍ୟ ମନେ ହେଉଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ଖାତା ଖୋଲିବା ପୂର୍ବରୁ ପଦାର୍ପଣ କରିଥିବା ଦ୍ରୁତ ବୋଲର ଜାସନ ବେହେରେନଡୋର୍ଫଙ୍କ ଫୁଲ ଲେନ୍ଥ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ମାତ୍ର ୩ ରନ କରିଥିବା ବେଳେ ରିଚାର୍ଡସନଙ୍କ ଲେଗ୍ ଷ୍ଟମ୍ପ ଉପର ବଲକୁ ଖେଳିବାକୁଯାଇ ସ୍କୋୟାର ଲେଗ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ ସିଧାସଳଖ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା ଅମ୍ବାତି ରାୟୁଡୁ ମଧ୍ୟ ଫେଲ ମାରିଥିଲେ। ସେ ରିଚାର୍ଡସନଙ୍କ ଏକ ଫୁଲ ଓ ଫାଷ୍ଟ ବଲକୁ ଖେଳିପାରି ନ ଥିଲେ ବଲ ଯାଇ ପ୍ୟାଡରେ ବାଜିଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ ଅମ୍ପାୟର ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ ଘୋଷିତ କରିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ରୋହିତ ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନି ୧୩୭ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ ମଧ୍ୟ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲେ। ଧୋନୀ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ବେହେରେନଡୋର୍ଫଙ୍କ ଫୁଲ ଲେନ୍ଥ ବଲକୁ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ପ୍ରୟାସ କରିଥିଲେ। ବଲ ସିଧା ଯାଇ ପ୍ୟାଡ୍‌ରେ ବାଜିବା ଫଳରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ୯୬ଟି ବଲ ଖେଳି ୩ ଚୌକା ଓ ୧ ଛକା ମାରି ଧୋନୀ ବେଶ୍ ମନ୍ଥର ବ୍ୟାଟିଂ କରିଥିଲେ। ଏହା ପରେ ଦୀନେଶ କାର୍ତ୍ତିକ ମାତ୍ର ୧୨ ରନ କରି ବେହେରେନଡୋର୍ଫଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ବେଶି ସମୟ ତିଷ୍ଠି ପାରି ନ ଥିଲେ। ସେ ମାତ୍ର ୮ ରନ କରିଥିବା ବେଳେ ଡିପ୍ ବ୍ୟାକୱାର୍ଡ ପଏଣ୍ଟରେ ଶନ୍ ମାର୍ଶଙ୍କୁ କ୍ୟାଚ୍ ଦେଇ ରିଚାର୍ଡସନଙ୍କ ଚତୁର୍ଥ ଶିକାର ହୋଇଥିଲେ। ଏହାପରେ ରୋହିତଙ୍କ ପାଳି ପଡିଥିଲା। ଲଢୁଆ ପ୍ରଦର୍ଶନ କରି ଦଳର ସ୍କୋରକୁ ଆଗେଇ ନେଉଥିଲେ ମଧ୍ୟ ସେ ୧୩୩ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ଦୁଇ ଟେଲଏଣ୍ଡର କୁଲଦୀପ ଯାଦବ ଓ ମହମ୍ମଦ ସାମି ୩ ଓ ୧ ରନ କରି ଯଥାକ୍ରମେ ପିଟର ସିଡଲ ଓ ଷ୍ଟୋଇନିସଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଭୁବନେଶ୍ୱର କୁମାର ୨୩ ବଲରୁ ୪ ଚୌକା ସହ ୨୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ରିଚାର୍ଡସନ ସର୍ବାଧିକ ୪, ବେହେରେନଡୋର୍ଫ ଓ ଷ୍ଟୋଇନିସ୍ ଦୁଇଟି ଲେଖାଏ, ସିଡଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ୩ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଥିଲେ। ଉସ୍‌ମାନ ଖ୍ୱାଜା ୫୯, ଶନ ମାର୍ଶ ୫୪, ପିଟର ହ୍ୟାଣ୍ଡ୍ସକମ୍ବ ୭୩ ରନ କରି ଆଉଟ ହୋଇଥିବା ବେଳେ ଷ୍ଟୋଇନିସ୍ ୪୭ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୧ ରନ କରି ଅପରାଜିତ ରହିଥିଲେ। ତେବେ ପ୍ରଥମେ ଅଧିନାୟକ ଆରୋନ ଫିଞ୍ଚ୍ ୬ ଓ ଓପନର ଆଲେକ୍ସ କେରେ ୨୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ଓ ଚାଇନାମ୍ୟାନ କୁଲଦୀପ ଯାଦବ ଦୁଇଟିଲେଖାଏ, ଜାଡେଜା ଗୋଟିଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୫୦ ଓଭରରେ ୨୮୮/୫, (ହ୍ୟାଣ୍ଡକମ୍ବ- ୭୩, ଶନ ମାର୍ଶ- ୫୪, ଖ୍ୱାଜା- ୫୯, ଷ୍ଟୋଇନିସ୍- ୪୭*, ଭୁବନେଶ୍ୱର- ୨/୬୬, କୁଲଦୀପ- ୨/୫୪, ଜାଡେଜା- ୧/୪୮)।

ଭାରତ ୫୦ ଓଭରରେ ୨୫୪/୯ (ରୋହିତ- ୧୩୩, ଧୋନୀ-୫୧, ଭୁବନେଶ୍ୱର- ୨୯, ରିଚାର୍ଡଶନ- ୪/୨୬, ବେହେରେନଡୋର୍ଫ- ୨/୩୯, ଷ୍ଟୋଇନିସ- ୨/୬୬, ସିଡ୍‌ଲ- ୧/୪୮)।




ଶତକ ହାସଲକାରୀ ରୋହିତ୍ ଶର୍ମା

## ଧୋନୀଙ୍କ ମାଇଲଷ୍ଟୋନ୍



ପଞ୍ଚମ ଭାରତୀୟ କ୍ରିକେଟର ଭାବେ ମହେନ୍ଦ୍ର ସିଂ ଧୋନୀ ଏକଦିବସୀୟ କ୍ରିକେଟରେ ଭାରତ ପକ୍ଷରୁ ୧୦ ହଜାର ରନ୍ ସଂଗ୍ରହ କରିଛନ୍ତି। ଶନିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚ୍ ଅବସରରେ ଧୋନୀ ଏହି ମାଇଲଷ୍ଟୋନ୍ ଛୁଇଁଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଧୋନୀ ଭାରତ ପାଇଁ ୯,୯୯୯ ରନ କରିଥିଲେ। ଦଶ ହଜାର କ୍ଲବରେ ସାମିଲ ହେବା ପାଇଁ ଆଉ ଏକ ରନ୍ ଆବଶ୍ୟକ ହେଉଥିବାବେଳେ ୭ଟି ବଲ୍ ସାମ୍ନା କରି ସେ ଏହି ସଫଳତା ହାସଲ କରିନେଇଥିଲେ। ଏହି ମ୍ୟାଚ୍‌ରେ ଧୋନୀ ୯୬ ବଲରୁ ୫୧ ରନର ଧୀମା ଇନିଂସ ଖେଳି ଆଉଟ୍ ହୋଇଥିଲେ। ୩୭ ବର୍ଷୀୟ ଧୋନୀ ପୂର୍ବରୁ ୧୦ ହଜାର ରନ୍ ସଂଗ୍ରହ କରିସାରିଥିଲେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଏହି ସଫଳତା ପାଇବାରେ ୫ମ ଭାରତୀୟ ହୋଇଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାଭିଡ୍ ଓ ବିରାଟ କୋହଲି ଭାରତୀୟ ଜର୍ସିରେ ୧୦ ହଜାର ଏକଦିବସୀୟ ରନ୍ ସଂଗ୍ରହ କରିସାରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଏହି ମ୍ୟାଚ୍‌କୁ ମିଶାଇ ଧୋନୀ ବର୍ତ୍ତମାନ ସୁଦ୍ଧା ୩୩୩ ଦିନିକିଆରୁ ୧୦,୨୨୪ ରନ ସଂଗ୍ରହ କରିଛନ୍ତି। ତେବେ ଏହା ମଧ୍ୟରେ ୨୦୦୭ରେ ସେ ଏସିଆ ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ କରି ଆଫ୍ରିକା ଏକାଦଶ ବିପକ୍ଷରେ ୩ ମ୍ୟାଚ୍‌ରୁ ୧୭୪ ରନ କରିଛନ୍ତି। ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବା ଏହି ଝାଡ଼ଖଣ୍ଡ ଷ୍ଟାର୍ ଖେଳାଳି ୯୦ ମ୍ୟାଚ୍‌ରୁ ୪,୮୭୬ ରନ ସଂଗ୍ରହ କରିଛନ୍ତି। ସେହିଭଳି ୯୩ ଟି୨୦ରୁ ୩୭.୧୭ ଆଭରେଜରେ ୧୪୮୭ ରନ କରିଛନ୍ତି।



ଉଇକେଟ ହାସଲ ପରେ ଉଲ୍ଲସିତ ଅଷ୍ଟ୍ରେଲୀୟ ଖେଳାଳି।

## ଅଷ୍ଟ୍ରେଲିଆର ୧ ହଜାର ଅନ୍ତର୍ଜାତୀୟ ବିଜୟ

**ସିଡ୍‌ନୀ, ୧୨।୧:** ଭ୍ରମଣକାରୀ ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩୪ ରନରେ ଜିତିନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୯ ରନର ଟାର୍ଗେଟ୍‌କୁ ପିଛା କରି ଭାରତ ରୋହିତ୍ ଶର୍ମାଙ୍କ ୧୩୩ ରନ ସତ୍ତ୍ୱେ ୯ ଉଇକେଟ୍‌ରେ ୨୫୪ ରନ କରିଥିଲା। ବିଜୟ ସହ ଦିନିକିଆ ସିରିଜ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍ ଆଉ ଏକ ଦୃଷ୍ଟିକୋଣରୁ ବେଶ୍ ସ୍ମରଣୀୟ ହୋଇରହିବ। ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆର ଏହା ୧୦୦୦ତମ ମ୍ୟାଚ୍ ବିଜୟ ଥିଲା। ୧୮୭୭ ମାର୍ଚ୍ଚ ୧୫ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସହ ଅଷ୍ଟ୍ରେଲିଆ ଏହାର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା। ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ୮୧୩ ଟେଷ୍ଟରୁ ୩୮୪ ମ୍ୟାଚ୍‌ରେ ବିଜୟ ଲାଭ କରିଛି। ସେହିଭଳି ଅଷ୍ଟ୍ରେଲିଆ ୧୯୭୧ ଜାନୁୟାରୀ ୫ରେ ଏହାର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ଇତିମଧ୍ୟରେ ଦଳ ୯୦୯ଟି ଦିନିକିଆରୁ ୫୫୮ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଛି। ସେହିଭଳି ୨୦୦୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ରୁ ଅଷ୍ଟ୍ରେଲିଆ ବର୍ତ୍ତମାନ ସୁଦ୍ଧା ୧୦୬ ମ୍ୟାଚ୍ ଖେଳିସାରିଲାଣି। ସେଥିରୁ ୫୮ ମ୍ୟାଚ୍‌ରେ ଦଳ ବିଜୟ ଲାଭ କରିଛି। ଏଥିସହ ବିଶ୍ୱ କ୍ରିକେଟର ସର୍ବପୁରାତନ ଦଳ ଅଷ୍ଟ୍ରେଲିଆ ୧୦୦୦ତମ ବିଜୟ ମାଇଲଷ୍ଟୋନ ଛୁଇଁଛି।

## ପୁଣି ରାୟ-ଇଡୁଲଜୀ ମତଭେଦ

**ନୂଆଦିଲ୍ଲୀ, ୧୨।୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶାସକ କମିଟି (ସିଓଏ)ର ମୁଖ୍ୟ ବିନୋଦ ରାୟ ଏବଂ ଏହାର ଏକମାତ୍ର ସଦସ୍ୟା ଡାଏନା ଇଡୁଲଜୀଙ୍କ ମଧ୍ୟରେ ପୁଣି ମତଭେଦ ଦେଖା ଦେଇଛି। ବିବାଦୀୟ ମନ୍ତବ୍ୟ ପାଇଁ ସସ୍‌ପେଣ୍ଡ ହୋଇଥିବା ଦୁଇ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ. ରାହୁଲଙ୍କ ବିରୋଧରେ ହେବାକୁଥିବା ତଦନ୍ତ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଲାଗି ରାୟ ଚାହୁଁଛନ୍ତି। କିନ୍ତୁ ଏହା ଦ୍ୱାରା ଘଟଣାକୁ ଘଣ୍ଟ ଘୋଡାଇ ଦିଆଯାଇ ପାରେ ବୋଲି ଇଡୁଲଜୀ ଆଶଙ୍କା ପ୍ରକାଶ କରିଛନ୍ତି। ‘କଫି ୱିଥ୍ କରନ’ ଶୀର୍ଷକ ଟିଭି ଶୋ’ରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ପାଇଁ ଉଭୟ ପାଣ୍ଡ୍ୟା ଓ ରାହୁଲ ବିଭିନ୍ନ ମହଲରେ ସମାଲୋଚନାର ପାତ୍ର ହୋଇଛନ୍ତି। ଏହି ପ୍ରସଙ୍ଗ ଉପରେ ରାୟ ଏବଂ ଇଡୁଲ୍‌ଜୀଙ୍କ ମଧ୍ୟରେ ଇ-ମେଲ ବିନିମୟ ହୋଇଥିବା ସୂଚନା ମିଳିଛି। ଇଡୁଲ୍‌ଜୀ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କୁ ନେଇ ତାଙ୍କ ମତକୁ ସଂରକ୍ଷିତ ରଖିଛନ୍ତି। ଜୋହରି ନିଜେ ଯୌନ ନିର୍ଯାତନା ମାମଲାରେ ଫସିଥିବା ବେଳେ ତାଙ୍କ ଦ୍ୱାରା ଏହି ଘଟଣାର ପ୍ରାଥମିକ ତଦନ୍ତ କରାଯାଇଛି। ଏଭଳି ଚରିତ୍ରର ବ୍ୟକ୍ତି ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିପାରନ୍ତି ବୋଲି ଇଡୁଲ୍‌ଜୀ ଆଶଙ୍କା ପ୍ରକାଶ କରିଛନ୍ତି। ରାୟ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ତଦନ୍ତ କାର୍ଯ୍ୟ ଶେଷ ହେଉ ବୋଲି ଚାହୁଛନ୍ତି। ତାଙ୍କର ଯୁକ୍ତି ହେଲା ତଦନ୍ତ କାର୍ଯ୍ୟରେ ବିଳମ୍ବ ଘଟିଲେ ଦଳର ଶକ୍ତି ଉପରେ ଏହା ପ୍ରଭାବ ପକାଇବ। କାରଣ ଏହାଦ୍ୱାରା ଦଳର ଖେଳାଳି ସଂଖ୍ୟା ୧୫ରୁ ୧୩କୁ ହ୍ରାସ ପାଇବ। କିନ୍ତୁ ଇଡୁଲଜୀଙ୍କ ଯୁକ୍ତି ହେଲା ତରବରିଆ ଭାବେ ତଦନ୍ତ କରାଗଲେ ଘଟଣାକୁ ଘଣ୍ଟଘୋଡା ଯିବା ଭଳି ମନେ ହେବ। ଲିଗାଲ ଟିମ୍ କିନ୍ତୁ ଘଟଣାର ତଦନ୍ତ ପାଇଁ ଆଡହକ୍ ଅମ୍ବୁଡସ୍‌ମ୍ୟାନଙ୍କୁ ନିଯୁକ୍ତି ଦେବା ଲାଗି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ତଦନ୍ତ କାର୍ଯ୍ୟରେ ପ୍ରଶାସକ କମିଟି ଓ କାର୍ଯ୍ୟାଳୟ ପଦାଧିକାରୀଙ୍କୁ ସାମିଲ କରାଯିବା ଉଚିତ୍ ବୋଲି ଇଡୁଲ୍‌ଜୀ କହିଛନ୍ତି।

## ବିବାଦୀୟ ମନ୍ତବ୍ୟ: ପାଣ୍ଡ୍ୟାଙ୍କ ସମସ୍ୟା ବଢ଼ିଲା

**ନୂଆଦିଲ୍ଲୀ,୧୨।୧:** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମସ୍ୟା ବଢିବାରେ ଲାଗିଛି। ଜଣାଶୁଣା ଟିଭି ଶୋ ‘କଫି ୱିଥ୍ କରନ’ରେ ନିଜ ସେକ୍ସ ଲାଇଫ୍ ଓ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବାସନ୍ଦ ହେବା ପରେ ପାଣ୍ଡ୍ୟା ଏବେ ପ୍ରାୟୋଜକଙ୍କୁ ହରାଇଛନ୍ତି। ପାଣ୍ଡ୍ୟାଙ୍କ ସମେତ ଶୋ’ରେ ଉପସ୍ଥିତ ଥିବା ଭାରତୀୟ ଓପନର ଲୋକେଶ ରାହୁଲଙ୍କୁ ମଧ୍ୟ ବାସନ୍ଦ କରାଯିବା ସହ ଅଷ୍ଟ୍ରେଲିଆରୁ ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଦୁଇ ଖେଳାଳିଙ୍କ ବିରୋଧରେ ତଦନ୍ତ ନ ସରିବା ଯାଏ ବାସନ୍ଦ ବଳବତ୍ତର ରହିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। କିନ୍ତୁ ପାଣ୍ଡ୍ୟାଙ୍କ ସମସ୍ୟା ଏତିକିରେ ସରିନାହିଁ। ଜଣାଶୁଣା ପୁରୁଷ ଗ୍ରୁମିଙ୍ଗ୍ ପ୍ରଡକ୍ଟ ବ୍ରାଣ୍ଡ ‘ଜିଲେଟ୍’ ପାଣ୍ଡ୍ୟାଙ୍କ ପ୍ରାୟୋଜକ ରହିଥିଲା। ତେବେ ଜିଲେଟ ଏହି ପ୍ରାୟୋଜନରୁ ଓହରିଯାଇଛି। ପାଣ୍ଡ୍ୟାଙ୍କ ମନ୍ତବ୍ୟ ‘ଜିଲେଟ’ର ମୂଲ୍ୟବୋଧକୁ ସୂଚାଉ ନାହିଁ। ତେଣୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ନ କରିବା ପର୍ଯ୍ୟନ୍ତ ତାଙ୍କ ସହ ଆମେ ସବୁ ସମ୍ପର୍କ ଛିନ୍ନ କରୁଛୁ ବୋଲି ‘ଜିଲେଟ’ କମ୍ପାନୀର ମୁଖପାତ୍ର କହିଛନ୍ତି। ଉଲ୍ଲେଖଥାଉ କି, ଶୁକ୍ରବାର ତଦନ୍ତର ରାୟ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଏହି ଦୁଇ ଖେଳାଳି କୌଣସି କ୍ରିକେଟ ଇଭେଣ୍ଟ ତଥା ସର୍ବସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ବିସିସିଆଇ ତରଫରୁ କୁହାଯାଇଥିଲା।

ଇତିମଧ୍ୟରେ ଏହି ଘଟଣା ପରେ ପାଣ୍ଡ୍ୟାଙ୍କ ତଥାକଥିତ ଗର୍ଲ ଫ୍ରେଣ୍ଡ ଇଶା ଗୁପ୍ତା ମଧ୍ୟ ସମ୍ପର୍କ ଛିନ୍ନ କରିଛନ୍ତି। ପାଣ୍ଡ୍ୟା ମୋର ବନ୍ଧୁ ନୁହନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ପାଣ୍ଡ୍ୟା କିଏ ବୋଲି ସେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଏହା କହିଛନ୍ତି। ପୂର୍ବରୁ ଇଶାଙ୍କୁ ବାଦ୍ ଦେଲେ ଦୁଇ ବଲିଉଡ ଅଭିନେତ୍ରୀ ଏଲିଅବରାମ ଓ ଉର୍ବଶୀ ରାଉତେଲାଙ୍କ ସହ ପାଣ୍ଡ୍ୟାଙ୍କ ନାମ ଯୋଡା ଯାଇଥିଲା।



କରନ୍ ଜୋହରଙ୍କ ଶୋ’ରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

www.roopmantra.com

NO.1 BRAND · INDIA'S MOST TRUSTED BRAND · WORLD'S GREATEST BRANDS 2015-16 IUA · WORLD BRAND SUMMIT Most Trusted Brand of Asia 2016

ନିଜ ତ୍ୱଚା ଉପରେ ପ୍ରୟୋଗ
କରିବା ବନ୍ଦ କରନ୍ତୁ,
ଆପଣାନ୍ତୁ ଭରସାଯୋଗ୍ୟ

Roop Mantra



ଆପଣଙ୍କ ପସନ୍ଦ କ'ଣ ? ପ୍ରୟୋଗ ତନ୍ତ୍ର କିମ୍ବା ଆୟୁର୍ବେଦିକ ରୂପ ମନ୍ତ୍ରା

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**ରେ ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧିଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ। ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧି ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍**ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ। କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କେଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ। ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ।



New Dr. Juneja's Roop Mantra®

Ayurvedic Cream, Capsules, Soap & Face Wash

24x7 Helpline : 0171-3055111

ପ୍ରତ୍ୟେକ ମେଡିକାଲ୍ ଏବଂ ଜେନେରାଲ୍ ଷ୍ଟୋର୍‌ରେ ଉପଲବ୍ଧ, ସମ୍ପୂର୍ଣ୍ଣ ପରିବାର ପାଇଁ ସମାନ ରୂପେ ଉପଯୋଗୀ।

# ୩ କେଜି ରୁପା, ୩ ମୋବାଇଲ ଜବତ

- ଗିରଫ ହେଲେ ୨ ଅଭିଯୁକ୍ତ
- ବିଭିନ୍ନ ଡକାୟତିରେ ସମ୍ପୃକ୍ତ

**ବଡସାହି, ୧୨।୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ଗହଣା ଓ ମୋବାଇଲ ଲୁଟ ହୋଇଥିବା ଅଭିଯୋଗରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ଟି ମୋବାଇଲ ଓ ୩କେଜି ପାଖାପାଖି ରୁପା ଅଳଙ୍କାର ଜବତ ହୋଇଛି । ଜବତ ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୫ହଜାର ଟଙ୍କା ହେବ ବୋଲି ଜଣାଯାଇଛି । ଅଭିଯୁକ୍ତମାନେ ହେଲେ ପ୍ରତାପପୁର ଗ୍ରାମର ସୁକୁମାର ମହାପାତ୍ର ଓ ଦଲକି ଗ୍ରାମର ଗୌରାଙ୍ଗ ମହାକୁଡ ।

ବିଗତ ୨ମାସ ମଧ୍ୟରେ କପ୍ତିପଦା ଥାନା ଅଧୀନରେ ବହୁ ଗହଣା ସମେତ ମୋବାଇଲ ଚୋରି ଅଭିଯୋଗ ହୋଇଥିଲା । ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଦଳଗହିରା ଗ୍ରାମର ବିଜୟ ବେହେରାଙ୍କୁ ବେତନଟୀ ପୋଲିସ ଧରିବା ପରେ ସେ ସୁକୁମାରଙ୍କୁ ଚୋରା ଗହଣା ବିକ୍ରି କରୁଥିବା ପୋଲିସକୁ କହିଥିଲେ। ଏହାପରେ ବଡସାହି ପୋଲିସ ସୁକୁମାରଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଗିରଫ କରିଛି। ତାଙ୍କ ନିକଟରୁ ତରଳା ଯାଇଥିବା ଚୋରା ରୁପା ଗହଣା ୩ କେଜି ଓ ୨ ମୋବାଇଲ ଜବତ କରିଛି। ସେ ନିଜ ଗ୍ରାମ ବଡ଼ସାହି ଥାନା ପ୍ରତାପପୁରରେ ଦୀର୍ଘ ଦିନ ଧରି ପ୍ରତାପୁରରେ ଏକ ଗହଣା ଦୋକାନ ଖୋଲିଥିଲେ। ସେଠାରେ ସେ ଚୋରି ସାମଗ୍ରୀ କିଣି ସେଗୁଡିକୁ ତରଳାଇ ନୂତନ ଜିନିଷ ତିଆରି କରି ବିକ୍ରି କରୁଥିଲେ । ସେହିପରି ଦଲକି ଗ୍ରାମର ଗୌରାଙ୍ଗ ଏକ ଚୋରା ମୋବାଇଲ କିଣି ବ୍ୟବହାର କରୁଥିଲେ । ଚୋରି ମୋବାଇଲର ଆଇଏମ୍‌ଇଆଇ ନମ୍ବର ଟ୍ରାକ୍ କରିବା ପରେ ବଡସାହି ପୋଲିସ ଚଢଉ କରି ତାଙ୍କୁ ଧରିବା ସହ ଉକ୍ତ ମୋବାଇଲ ଜବତ କରିଛି। ଉଭୟ ବହୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅପରାଧିଙ୍କୁ ପୋଲିସ ଖୁବ ଶୀଘ୍ର ଗିରଫ କରିବ ବୋଲି ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ କହିଛନ୍ତି।




ଜବତ ହୋଇଥିବା ଚୋରି ସାମଗ୍ରୀ, ଗିରଫ ଦୁଇ ଅପରାଧୀ।

## ଫେରାର ବିଚାରାଧୀନ କଏଦୀ ଧରାପଡ଼ିଲେ

**ବାରିପଦା ଅଫିସ, ୧୨।୧**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆରଏମ ମେଡିକାଲରୁ ଗତ ଡିସେମ୍ବର ୮ ତାରିଖରେ ଫେରାର ହୋଇଥିବା ବିଚାରଧୀନ କଏଦୀ ଶନିବାର ଧରାପଡିଛନ୍ତି। ସେ ହେଲେ ବଡସାହି ବ୍ଲକ ବନ୍ତଳପଦା ଗ୍ରାମର କାହ୍ନୁଚରଣ ମାରାଣ୍ଡି। ବାରିପଦା ଟାଉନ ଥାନା ପୋଲିସ ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରୁ ଶନିବାର ଗିରଫ କରିଛି। ଏନେଇ ବାରିପଦା ଟାଉନଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।



ଗିରଫ କାହ୍ନୁଚରଣ ମାରାଣ୍ଡି ।

କାହ୍ନୁ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଗତ ୨୫ ଅଗଷ୍ଟରୁ ବାରିପଦା ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହିଆସୁଥିଲେ। ଗତ ଡିସେମ୍ବର ୬ ତାରିଖରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ପିଆରଏମରେ ଭର୍ତ୍ତି କରାଯାଇଥିଲା। ହେଲେ ୨ ଦିନ ପରେ ସେ ଶୌଚାଳୟ ଯିବା ବାହାନାରେ ସେଠାରୁ କୌଶଳ କ୍ରମେ ଖସି ପଳାଇଥିଲେ। ସେ ବଡସାହି ଥାନା ଅଧିନ ପଲସାରେ ନିଜ ପିଉସୀଙ୍କ ଘରେ ରହୁଥିବା ସୂଚନା ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଦର୍ଶାଇ ଦୁଇ ଜଣ କାରାରକ୍ଷୀ ସତ୍ୟବ୍ରତ ବେହେରା ଓ ମାନସ ରଞ୍ଜନ ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।

### ■ ଜଙ୍ଗଲ ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ଭାଇ

**ସଜନାଗଡ଼, ୧୨।୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ତିନିକୋଶିଆ ଜଙ୍ଗଲ ମଧ୍ୟରେ ଯାଇଥିବା ସଜନାଗଡ଼-ଅଯୋଧ୍ୟା ରାସ୍ତାର ତାରିଣୀଛକ ସ୍ଥିତ ବଣଭୁଇଁ ସେବାଶ୍ରମ ନିକଟରୁ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଅଯୋଧ୍ୟା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲା।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଶନିବାର ଅପରାହ୍ନରେ ଏକ ଧାନ ବୋଝେଇ ଟାଟାଏସି ରାସ୍ତାରେ ଯାଉଥିବା ବେଳେ ବଣଭୁଇଁ ସେବାଶ୍ରମ ନିକଟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ କେନାଲକୁ ଖସି ପଡ଼ିଥିଲା। ଗାଡ଼ି ଉପରେ ବସିଥିବା ଯୁବକ ଜଣଙ୍କ ତଳେ ପଡ଼ିଯିବା ସହ ତାଙ୍କ ଉପରେ କିଛି ଧାନବସ୍ତା ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଅନ୍ୟ ସହଯୋଗୀ ସହ ଗାଡ଼ି ଓ ଧାନବସ୍ତା ଉଠାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତ ଯୁବକ ଜଣଙ୍କ ଜଡ଼ିଦା ପଞ୍ଚାୟତ ଜାମୁଡ଼ି ଗ୍ରାମର ଦୟାନିଧି ମଢ଼େଇ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଧାନ ବ୍ୟବସାୟ ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୟାନିଧିଙ୍କ ସାଥୀ ଓ ସହଯୋଗୀ ବ୍ୟବସାୟୀ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଦୟାନିଧିଙ୍କ ବଡ଼ଭାଇ ମାୟାଧର ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଅଯୋଧ୍ୟା ଫାଣ୍ଡି ଅଧିକାରୀ ଓ ନୀଳଗିରି ପୋଲିସ ତଦନ୍ତ ଚଳାଇଛନ୍ତି।

## ଅଚାନକ ଚଢ଼ାଉ: ୪ ଡମ୍ଫର ଜବତ

**ବାଲେଶ୍ୱର ଅଫିସ, ୧୨।୧**

ବାଲେଶ୍ୱର ଜିଲାର ରାଜଘାଟରୁ ଆରମ୍ଭ କରି ନୀଳଗିରି, ରେମୁଣା ଅଞ୍ଚଳରେ ବେଆଇନ ବାଲି ଚାଲାଣ ନେଇ ଅଭିଯୋଗ ହୋଇଆସୁଛି। ଶନିବାର ଅପରାହ୍ନରେ ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଗଳାପୋଲ, ଅରଡ଼ବଜାର ଅଞ୍ଚଳରେ ସଦର ଭାରପ୍ରାପ୍ତ ତହସିଲଦାର ଶତ୍ରୁଘ୍ନ ସେଠୀ ଅଚାନକ ଚଢ଼ାଉ କରି ୪ ଡମ୍ଫର ଜବତ କରିଛନ୍ତି।

MARUTI SUZUKI ARENA

# LAST CHANCE TO BUY AT OLD PRICE.

*Beat the price hike by buying your favourite Maruti Suzuki car at its old price before 20th January.*




*Offers valid till stocks last.*

**ALTO 800** SAVE UP TO ₹60,000* | **WAGONR** SAVE UP TO ₹80,000* | **CELERIO** SAVE UP TO ₹60,000*

ALTO 800 WAGONR CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

**ODYSSEY MOTORS**
• ANGUL: 7752076136,9776901481
• PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032
NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240
• NAYAGARH: 7381028515 • BALASORE: 7064499108

**SKY AUTOMOBILES**
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

**NARAYANI MOTORS**
• BHUBANESWAR: 7381094890/ 0674-2588474, 0674-2588475, 0674-2588473
• PURI: 9583022035
• PARADEEP: 9583022034/ 06722-228044

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer, exchange bonus and old price benefits. All offers and the savings given above are applicable before 20th Jan'19 only. Offers as shown above may change without any prior notice, Old price will be offered by the dealer by giving a discount on the current price on stock of 2018 on selected models.

## ସଂକ୍ଷେପରେ

### ଆହତ କୁଟୁରା ଉଦ୍ଧାର

**ଚମ୍ପୁଆ, ୧୨।୧(ଡି.ଏନ.ଏ.):** ଚମ୍ପୁଆ ବନ ବିଭାଗ କର୍ମଚାରୀ ଶନିବାର ଏକ ଆହତ କୁଟୁରାକୁ ଉଦ୍ଧାର କରିଛନ୍ତି। ସ୍ଥାନୀୟ ସରକାରୀ ଚାଉଳ ଗୋଦାମ ପାଖରୁ କୁଟୁରାକୁ ଉଦ୍ଧାର କରାଯାଇଛି। ବନ କର୍ମଚାରୀ ନରେଶ ମାହାନ୍ତ, ପବିତ୍ର ନାୟକ, ଲାଲଚାନ୍ଦ ମାହାନ୍ତ, ରାଜିବ ମହାନ୍ତ ପ୍ରମୁଖ କୁଟୁରାକୁ ଆହତ ଅବସ୍ଥାରେ ଉଦ୍ଧାର କରି ଚମ୍ପୁଆ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିଥିଲେ। ଝାଡ଼ଖଣ୍ଡ ଅଞ୍ଚଳ ଆଡୁ ଏହି ଆହତ କୁଟୁରା ଦୌଡି ଆସି ସରକାରୀ ଚାଉଳ ଗୋଦାମ ଭିତରକୁ ପଶିଯାଇଥିଲା। ସେଠାକାର କର୍ମଚାରୀ ବନବିଭାଗକୁ ଖବର ଦେଇଥିଲେ। ଚିକିତ୍ସା ପରେ କୁଟୁରାକୁ ଚମକପୁର ଜଙ୍ଗଲରେ ଛଡା ଯାଇଥିବା ଜଣାଯାଇଛି।

### ବାଇକ୍-ଡମ୍ପର ଧକ୍କା, ଜଣେ ଗୁରୁତର

**ଝୁମ୍ପୁରା, ୧୨।୧(ଡି.ଏନ.ଏ.):** ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର କଟଲପଶି ପୋଲ ନିକଟରେ ଶନିବାର ମଧାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ନଂ ଓଡି୦୯ ଜେ-୬୭୦୫ ସହ ଡମ୍ପର ନଂ ଓଡି ୦୯ଇ ୧୮୯୦ ମଧରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ତେଲକୋଇ ବ୍ଲକ ଜଗମହୋନପୁର ଅଞ୍ଚଳର ମନମହୋନ ପ୍ରଧାନ। ସେ କୌଣସି କାମରେ କଟଲପଶି ଗ୍ରାମକୁ ଆସୁଥିଲେ। ମନମହୋନଙ୍କୁ ପ୍ରଥମେ ଝୁମ୍ପୁରା ପରେ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା।

### ମହୁଲି ମଦ ଜବତ, ୨ ଗିରଫ

**ଚମ୍ପୁଆ, ୧୨।୧(ଡି.ଏନ.ଏ.):** ଚମ୍ପୁଆ ପୋଲିସ ସରେଇ ଗ୍ରାମରେ ଶୁକ୍ରବାର ରାତିରେ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଦ୍ୟାଧର ନାଏକଙ୍କ ପୁଅ ଗଣେଶ ଓ ବିଦୁ ନଏକଙ୍କ ପୁଅ ବାବୁଲ। ଚୋରାମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢାଉ କରି ୩୦ ଲିଟର ମହୁଲି ମଦ ଜବତ କରିଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜଳବଙ୍ଗରେ ବିଶିରି ଓଷା

**ରାଇସୁଆଁ, ୧୨।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତ ଜଳବଙ୍ଗ ଗ୍ରାମରେ ଶନିବାର ବିଶିରି ଓଷା ଉଦ୍‌ଯାପିତ ହୋଇଯାଇଛି। ଏହି ଓଷା ୧ ମାସ ଧରି ପାଳନ ହୋଉଥିଲା। ମାସର ପ୍ରତି ଗୁରୁବାର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା ପାଇଁ ଭିଡ ଜମାଇ ଥାନ୍ତି। ଉଦଯାପନୀରେ ମା'ଙ୍କୁ ନାଚଗୀତ, ବାଦ୍ୟରେ ଗ୍ରାମ ପରିକ୍ରମା କରି ଭସାଣି କରିଥିଲେ।

### ବାୟାବାବା ମଠରୁ ଚୋରି

**ଘସିପୁରା, ୧୨।୧:** ଆନନ୍ଦପୁର ବିଭିନ୍ନ ମଠ ମନ୍ଦିରରୁ ବାରମ୍ବାର ଚୋରି ହେଉଛି। ଗୁରୁବାର ରାତିରେ ୩ ନଂ ୱାର୍ଡ଼ସ୍ଥିତ ବାୟାବାବା ମଠରୁ ଠାକୁରଙ୍କ ପୂଜା ସାମଗ୍ରୀ ଚୋରି ହୋଇଛି। କେତେ ଦିନ ତଳେ ବ୍ରାହ୍ମଣୀଦେବୀ ଶାଳରୁ ଠାକୁରାଣୀଙ୍କ ସୁନା ଓ ରୂପାଚିତା, ହୁଣ୍ଡି ବାକ୍ସ ଓ ପୂଜା ସାମଗ୍ରୀ ଚୋରି ହୋଇଥିଲା। ଗାୟତ୍ରୀ ମନ୍ଦିର ଓ ବଟେଶ୍ୱର ମନ୍ଦିରରୁ ଠାକୁରଙ୍କର ସମସ୍ତ ପିତ୍ତଳ ହାଣ୍ଡି, ଘଣ୍ଟ ଓ ଆସବାବପତ୍ର ମଧ ଚୋରି ହୋଇଛି। ବାୟାବାବା ମଠରୁ ଖୋଳ କରତାଳ, ଘଣ୍ଟ, ବାଲ୍ଟି, ବାସନ ଓ ଠାକୁରଙ୍କ ପୂଜା ସାମଗ୍ରୀ ଚୋରି ହୋଇଥିବାର ମନ୍ଦିର କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ରାତିରେ ପେଟ୍ରୋଲିଂ କାର୍ଯ୍ୟ ଠିକ୍ ଭାବରେ କରାଯାଉ ନ ଥିବାରୁ ଚୋରଙ୍କର ପ୍ରାଦୁର୍ଭାବ ବଢୁଥିବାର ସାଧାରଣରେ ଆଲୋଚନା ହେଉଛି।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଚମ୍ପୁଆ, ୧୨।୧(ଡି.ଏନ.ଏ.):** ଚମ୍ପୁଆ ବ୍ଲକ ନୟାକୃଷ୍ଣପୁର ସରସ୍ୱତୀ ଶିଶୁମନ୍ଦିରର ୧୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ରମାକାନ୍ତ ପ୍ରଧାନ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ାର ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପରିଚାଳନା ସଭାପତି ଡମ୍ବରୁଧର ମାହାନ୍ତଙ୍କ ସଭାପତିତ୍ୱରେ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଯୁଗ୍ମ ସମ୍ପାଦକ ଶ୍ରୀନିବାସ ବେହେରା, ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ନାଏକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମକର ପର୍ବରେ ଜମିବ ଭିଡ଼

**କେନ୍ଦୁଝର/ ପାଟଣା, ୧୨।୧(ସ୍ୱ.ପ୍ର.)**



ପିଠା ପାଇଁ ଢିଙ୍କିରେ ଚାଉଳ କୁଟା ଯାଉଛି।

- ଦେବଦେବୀ ପୀଠ ଚଳଚଞ୍ଚଳ
- ଗାଁଗଣ୍ଡାରେ ପିଠାପଣାର ଆସର
- ଭୀମକୁଣ୍ଡରେ ବ୍ୟାପକ ପ୍ରସ୍ତୁତି

କେନ୍ଦୁଝର ଓ ମୟୂରଭଞ୍ଜରେ ମକର ପର୍ବ ଅନ୍ୟତମ ଗଣପର୍ବ ଭାବରେ ପରିଗଣିତ। ସୋମବାର ମକର ପର୍ବ ପାଳନ ନେଇ ଗାଁଗଣ୍ଡାରେ ପିଠାପଣା ପ୍ରସ୍ତୁତି ହେଉଛି। ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ଲୋକେ ଘର ଦ୍ୱାରା ଲିପାପୋଛା କରି ଦେଇଛନ୍ତି। ନୂଆ ଲୁଗା, ସାଜସଜା ସାମଗ୍ରୀ କିଣିବା ପାଇଁ ହାଟବଜାରରେ ଭିଡ଼ ହେଉଛି। ବିଭିନ୍ନ ଦେବାଦେବୀ ପୀଠ, ପର୍ଯ୍ୟଟନ କେନ୍ଦ୍ରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ କମିଟି ଓ ପ୍ରଶାସନ ପକ୍ଷରୁ ମକର ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଘଟଗାଁ ବ୍ଲକ ବାରହାଟିପୁରାରେ ୧୫ ଦିନ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହୋଇଥାଏ।

ବୈତରଣୀର ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ନିକଟ କେଶରୀକୁଣ୍ଡ ଓ ପାଟଣା ବ୍ଲକ ଭୀମକୁଣ୍ଡଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ନେଇ ଆଶା କରାଯାଉଛି। ଉଭୟ ଜିଲା ପ୍ରଶାସନ ତଥା ସ୍ଥାନୀୟ କମିଟି ତରଫରୁ ବ୍ୟାପକ ପ୍ରସ୍ତୁତ ହୋଇଛି। ବାଂଶପାଳ ବ୍ଲକ ଗୋନାସିକା ଦେବକୁଣ୍ଡରେ ଭକ୍ତ ମକର ବୁଡ ପକାଇବା ସହ ଦେବାଦେବୀ ଦର୍ଶନ, ଘଟଗାଁ ମା' ତାରଣୀ ପୀଠରେ ମା'ଙ୍କ ଦର୍ଶନ, ଘଟଗାଁ ବ୍ଲକର ବାରାଟିପୁରା ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କଠାରେ ଦୁଇ ସପ୍ତାହ ବ୍ୟାପି ମକର ମେଳା ଆୟୋଜନ ପାଇଁ ଦେବତୋର ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ହରିଚନ୍ଦନପୁର ବ୍ଲକର ଧାନବେଣୀଠାରେ ପ୍ରାୟ ୨୦୦ ଫୁଟ ଉଚ୍ଚରେ ଅର୍ଦ୍ଧ ଗୋଲାକାର ପଥର ଉପରେ ଶିବ ମନ୍ଦିର, ଭାଲୁଘର, ମଥୁରାମଣ୍ଡଳୀ, ଚିଲିଦା, ଟାଙ୍ଗରବନ୍ତଳା, ରାମତୀର୍ଥ, ଚକ୍ରତୀର୍ଥ ଆଦି ସ୍ଥାନରେ ମକର ମେଳା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। କୁଡୁମି ସମ୍ପ୍ରଦାୟର ପାରମ୍ପାରିକ ଟୁସୁ ପର୍ବ ମକର ସଂକ୍ରାନ୍ତି ଉତ୍ସବକୁ ଅଧିକ ଉତ୍ସବମୁଖର କରିବ ବୋଲି କୁହାଯାଉଛି। ଭୀମକୁଣ୍ଡରେ ମକର ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଭୀମକୁଣ୍ଡ ଉନ୍ନୟନ ପରିଷଦ ଗଠନ କରାଯାଇଛି। ପାଟଣା ବିଡ଼ିଓ କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ଶିବପ୍ରସାଦ ମୁର୍ମୁ, ଥାନାଧିକାରୀ ପ୍ରମୋଦୀନି ସାହୁ, ଡା, ଶୁଭେନ୍ଦୁ ସାଗର ନାଏକ, ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟ ରାଘବ ଦଳେଇ, ଜିଲାପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ଚିନ୍ତାମଣି ମହାନ୍ତ, କାଳିଆ ମହାନ୍ତ, ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ



ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**କେନ୍ଦୁଝର, ୧୨।୧(ସ୍ୱ.ପ୍ର.)**

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ଏସ୍.ଇ ଇଂ. ଶଶିଭୂଷଣ ମିଶ୍ର, ଜିଲା ଶାରୀରିକ ନିରୀକ୍ଷକ ସର୍ଦ୍ଦାର ବାରିକ, ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ଦ୍ୱିବେଦୀ, ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଇଂ. ହରମୋହନ ପଟ୍ଟନାୟକ, ସମ୍ପାଦକ ରବୀନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦଙ୍କ ମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଯୋଗଦେଇ ହେ ମାନବ ସମାଜ ଉଠ, ଜାଗ୍ରତ ହୁଅ, ନିଜକୁ ଦୁର୍ବଳ ଭାବନାହିଁ, ଅନ୍ତର ଦେବତାଙ୍କୁ ଅସ୍ୱୀକାର ନ କରି ତାଙ୍କ ଅସ୍ତିତ୍ୱରେ ଆସ୍ଥାବାନ ହୁଅ । ଆଳସ୍ୟ ଓ ଦୁର୍ବଳତା ତ୍ୟାଗ କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ କହିଥିଲେ। ଶିଶୁଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**କୋଲିମାଟି, ୧୨।୧**

ଆନନ୍ଦପୁର ବ୍ଲକ ଧକୋଠା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମିର ସଭ୍ୟ ଡ. ରାମଚନ୍ଦ୍ର ନାୟକ, ଅତିଥି ଭାବେ ବିଜ୍ଞାନ ମଞ୍ଚର ସଭାପତି ପ୍ରଫେସର ଜଗନ୍ନାଥ ସା, ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଭିନ୍ନ ଚନ୍ଦ୍ର ସାହୁ, ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ, ଶିକ୍ଷାବିତ ବ୍ରଜ କିଶୋର ସାହୁ, ଦନାର୍ଦ୍ଦନ ଆଚାର୍ଯ୍ୟ, ୟୁ ଟିଆ ରାଜ୍ୟ ସହ ସମ୍ପାଦକ ହରିପ୍ରସାଦ ମିଶ୍ର, ଓସ୍ଟା ଜିଲା ସଭାପତି ଶାନ୍ତନୁ ମିଶ୍ର, ବ୍ଲକ ସମ୍ପାଦକ ପ୍ରଦୀପ ହଜାରୀ, ପ୍ରାକ୍ତନ ଜିଲା ସମ୍ପାଦକ ଚିନ୍ତାମଣୀ ଜେନା, ଶିକ୍ଷାବିତ ଆକାଶ ରଥ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଙ୍ଗାଧର ଜେନା, ଲକ୍ଷ୍ମୀଧର ପୃଷ୍ଟୀ, ହୃଦାନନ୍ଦ ଦାସ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ହାଇସ୍କୁଲର ଛାତ୍ରଛାତ୍ରୀ, ସ୍ଥାନୀୟ ଭଦ୍ରବକ୍ତି, ଧକୋଠା ଯୁବକ ସଂଘର ସଭାପତି ପଦ୍ମଲୋଚନ ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସହସମ୍ପାଦକ ଭରତ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ସୁଶାନ୍ତ ସାହୁ, ବିଜୟ ନାୟକ, ମିନାକ୍ଷୀ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ କମିଟି ପକ୍ଷରୁ ସାହୁଙ୍କୁ ସମ୍ମାନ ପତ୍ର ଦିଆଯାଇଥିଲା। ଶିକ୍ଷକ ପ୍ରତାପ ରାଉତଙ୍କ ଦ୍ୱାରା ଛାତ୍ରୀ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ ଅତିଥି ପରିଚୟ ଦେଇଥିଲେ। ସୌମେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କେନ୍ଦୁଝର, ୧୨।୧(ସ୍ୱ.ପ୍ର.)**

ସ୍ଥାନୀୟ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଏସ.ଇ ଇଂ. ଶଶିଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ନିରୀକ୍ଷକ ସର୍ଦ୍ଦାର ବାରିକ ଏବଂ ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଓ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ମଦନ ମୋହନ ଦ୍ୱିବେଦୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଇଂ. ହରମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ାରେ ୧୭୭୧ ଜଣ ଶିଶୁ ଯୋଗ ଦେଇଥିଲେ। ଏହି କ୍ରୀଡାରେ ଶିଶୁବର୍ଗର ରିଙ୍କୁ ମହାନ୍ତ ଓ ଶୁଭମ ବିଶ୍ୱାଳ, ବାଲବର୍ଗର ଶୁଭଶ୍ରୀ ସୋରେନ ଓ କିଶୋର ବର୍ଗର ସୌମ୍ୟରଞ୍ଜନ ମହାନ୍ତ, ସ୍ଥିତିପ୍ରଜ୍ଞା ଗିରି ସର୍ବଶ୍ରେଷ୍ଠ କୃତୀ ପ୍ରତିଯୋଗୀ ଭାବେ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ।

■ ସର୍ବଭାରତସ୍ତରୀୟ ମା' ବାସୁଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ୟୁ ଆଣ୍ଡ ମି

**ହାଟଡିହୀ, ୧୨।୧(ଡି.ଏନ.ଏ.)**




ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଅତିଥି।

ଆଞ୍ଚଳିକ ଯୁବ ପରିଷଦ ହାଟଡିହୀ ତରଫରୁ ସ୍ଥାନୀୟ ମଠ କପୁଣ୍ଡି ଷ୍ଟାଡିୟମଠାରେ ଅନୁଷ୍ଠିତ ସର୍ବଭାରତସ୍ତରୀୟ ମା' ବାସୁଳୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ଷଷ୍ଠ ଦିନରେ ୟୁ ଆଣ୍ଡ ମି ବାଲେଶ୍ୱର ଏବଂ ଫୋର୍ ସି ସମ୍ବଲପୁର ମଧରେ ଖେଳ ହୋଇଥିଲା। ପ୍ରଥମେ ଫୋର୍ ସି ସମ୍ବଲପୁର ବ୍ୟାଟିଂ କରି ୨୫ ଓଭରରେ ୭ ଉଇକେଟ୍ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁ ଆଣ୍ଡ ମି ବାଲେଶ୍ୱର ୨୨ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟାର୍ ଭାବେ ସଞ୍ଜୀବ ବେହେରା ଓ ପଦ୍ମନାଭ ସାମଲ, ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ମଣ୍ଟୁ ଜେନା ଓ କାହ୍ନୁ ଚରଣ ଜେନା, ଭାଷ୍ୟକାର ଭାବେ ସୁକାନ୍ତ ବେହେରା, ଗଣେଶ କୁଅଁର ଓ ସଞ୍ଜୟ ମଜୁମଦାର ଦାୟିତ୍ୱ ପରିଚାଳନା କରିଥିଲେ।

ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ଯେନା, ଆନନ୍ଦପୁର ମଡେଲ ସ୍କୁଲ ପ୍ରଧାନ ଶିକ୍ଷକ ସୁଦାମ ଚରଣ ସାହୁ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ଚିନ୍ମୟ ନାୟକ, ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, ଦେବାଶିଷ ବାରିକ, ଧବଳ ପଟ୍ଟନାୟକ, ରଞ୍ଜନ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ କାହ୍ନୁ ଚରଣ ଜେନା, ସୁକାନ୍ତ ବେହେରା, କଳ୍ପତରୁ ସେଠୀ, ବିଜୟ ମଲ୍ଲିକ, ଅମିୟ ରଞ୍ଜନ ନାୟକ, ରୂପକ ଜେନା, ବିପିନ ଜେନା, ପ୍ରଦୀପ ଜେନା, ଗୁଲୁ ପାଢ଼ୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ, ସତୀଶ୍ ଯାଦବ, ଧବଳେଶ୍ୱର ପଟ୍ଟନାୟକ, ରାକେଶ କୁଅଁର, ସଞ୍ଜୀବ ଜେନା, ରଙ୍ଗନାଥ ବାରିକ, ଲଲାଟେନ୍ଦୁ ଜେନା, ଓମପ୍ରକାଶ ନାୟକ, ଜିତନ ଧଳ, କାଳନ୍ଦୀ ନାୟକ, ଅଜୟ ବାରିକ, ମହିମା ବାରିକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ପାଟଣା, ୧୨।୧(ସ୍ୱ.ପ୍ର.)**

ପାଟଣା ବ୍ଲକ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଜଗନ୍ଥ ନାଏକଙ୍କ ଅଧ୍ୟକ୍ଷତାରେ ତହସିଲଦାର ଶିବପ୍ରସାଦ ମୁର୍ମୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଏବିଡିଓ ପ୍ରଫୁଲ ନାଏକ, ବିତ୍ତ ଅଧିକାରୀ ଧନେଶ୍ୱର ନାଏକ, ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ସୁପ୍ରକାଶ ଶତପଥୀ, ଡା. ଶୁଭେନ୍ଦୁ ସାଗର ନାଏକ, ପାଟଣା ଉପବନାଞ୍ଚଳ ଅଧିକାରୀ ସ୍ୱାରାଜ ପାତ୍ର, ବଡ଼ପାଟଣା ସରପଞ୍ଚ ଚନ୍ଦ୍ରଶେଖର ନାଏକ, ସିଆରସି ପ୍ରମୋଦ ମହାନ୍ତ, ଶିକ୍ଷକ ନେତା କମଳାକାନ୍ତ ପତି, ଶିକ୍ଷକ ଧର୍ମେନ୍ଦ୍ର ସାହୁ, ପାର୍ଥସରଥୀ ବେଜ, ବଡ଼ପାଟଣା ସରପଞ୍ଚ ଚନ୍ଦ୍ର ଶେଖର ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାପାତ୍ର ଓ ପାଟଣା ଅଗ୍ନିଶମ ବିଭାଗର ଚାନ୍ଦରାଇ ସୋରେନ ପ୍ରମୁଖ ଉପସ୍ଥିତ ରହିଥିଲେ। ସାଧାରଣତନ୍ତ୍ର ଦିବସ କିଭଳି ସରସ ସୁନ୍ଦର ଭାବେ ପାଳନ ହୋଇପାରିବ ତାହାରି ଉପରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସ ସଂଯୋଜନ କରିଥିଲେ। ଚେମେଣା ପଞ୍ଚାୟତ ଧନୁର୍ଜୟପୁର ଯୋଡ଼ା ପୋଖରୀ ସାହିର ଭିନ୍ନକ୍ଷମ ସଫଳ ଚାଷୀ ରଇବୁ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ଜଗନ୍ଥ ନାଏକ ଯୋଗ ଦେଇ ଅଭିବାଦନ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବ୍ଲକର ସମସ୍ତ ପଦାଧିକାରୀଙ୍କ ସହ ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧି ଉପସ୍ଥିତ ରହିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କେନ୍ଦୁଝର, ୧୨।୧(ସ୍ୱ.ପ୍ର.)**

ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୱିଙ୍ଗ କମାଣ୍ଡର କିରଣ ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ତ୍ରିଲୋଚନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ଜନାର୍ଦ୍ଦନ ଦାସ, ବିଦ୍ୟାଳୟ କମିଟିର ସମ୍ପାଦକ ପ୍ରଦୀପ୍ତ କର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ କମିଟିର କାର୍ଯ୍ୟକର୍ତ୍ତା ଖେଳ ପରିଚାଳନା କରିଥିଲେ।

## ୨୦୦୩ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନରେ ପୁରାତନ ଛାତ୍ରବନ୍ଧୁ।

**ଆନନ୍ଦପୁର, ୧୨।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅଳତୀ ଦରିଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୨୦୦୩ ବ୍ୟାଚର ବନ୍ଧୁମିଳନ ପର୍ବ ରେମାଳ ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରବନ୍ଧୁ ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ ଉକ୍ତ ବ୍ୟାଚର ଛାତ୍ରଙ୍କ ଦ୍ୱାରା ବନ୍ଧୁମିଳନ ହୋଇଥିଲା। କମିଟିର ସଭାପତି ଶରତ ନାୟକ, ସମ୍ପାଦକ ଅଭିନାଶ ପାତ୍ର, କୋଷାଧ୍ୟକ୍ଷ ଆଦିତ୍ୟ ନାୟକଙ୍କ ସଂଯୋଜନାରେ ଅସହାୟଙ୍କୁ ଦାନ ଓ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିଶ୍ୱଜିତ୍ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅମରେଶ ଜେନା, ହିମାଦ୍ରି ସାହୁ, ପିଙ୍କୁଲ ଚକ୍ର, ସୌମ୍ୟରଞ୍ଜନ ଜେନା, ତାପସ ସାମଲ, ସମୀର ମଲ୍ଲିକ, ପ୍ରଦୀପ ରଣା, ବିଶ୍ୱରଞ୍ଜନ ମହାନ୍ତି, ଅଭିଜିତ୍ ରାଉତ, ମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

**ଆନନ୍ଦପୁର, ୧୨।୧(ସ୍ୱ.ପ୍ର.)**



କୃତୀ ଛାତ୍ରୀ ଅନିମା ପ୍ରିୟଦର୍ଶନୀ ପଣ୍ଡା।

ତୃତୀୟ ଶ୍ରେଣୀ ମେଧାବୃତିରେ ଆନନ୍ଦପୁର ପୌରପରିଷଦ ଫକୀରପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅନିମା ପ୍ରିୟଦର୍ଶନୀ ପଣ୍ଡା ଆନନ୍ଦପୁର ବ୍ଲକ ଓ ପୌରପରିଷଦରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି। ସେ ଶତକଡା ୮୮ ପ୍ରତିଶତ ମାର୍କ ରଖି ବ୍ଲକ ତଥା ପୌରପରିଷଦ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଫକୀରପୁର ଗ୍ରାମର ନିରଞ୍ଜନ ପଣ୍ଡା ଓ ଅନୁପମା ମହାପାତ୍ରଙ୍କ ଝିଅ ହୋଇଥିବା ବେଳେ ଏହି କୃତିତ୍ୱ ପାଇଁ ତାଙ୍କୁ ପରିବାରବର୍ଗ ତଥା ସାହି ପଡୋଶୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ ଛାତ୍ରୀଙ୍କ କୃତିତ୍ୱକୁ ନେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ବି.ଏନ. ହାଇସ୍କୁଲରେ କର୍ମଚାରୀ ନିଯୁକ୍ତି କରାଯାଉ

**ଘସିପୁରା, ୧୨।୧**

ଆନନ୍ଦପୁର ଉପଖଣ୍ଡ ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ କିରାଣୀ ସହ ଅନ୍ୟ କର୍ମଚାରୀ ନିଯୁକ୍ତି ପାଇଁ ଲୋକେ ଦାବି କରିଛନ୍ତି। ବିଦ୍ୟାଳୟରେ କିରାଣୀ ଓ ପିଅନ ନ ଥିବା କାରଣରୁ କାର୍ଯ୍ୟରେ ଘୋର ବିଶୃଙ୍ଖଳା ସୃଷ୍ଟି ହେଉଛି। ଜଣେ ମାତ୍ର ପିଅନ ଥିବା ବେଳେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ କରିବା ସମ୍ଭବ ପର ହୋଇପାରୁ ନାହିଁ। ଅଫିସ କାର୍ଯ୍ୟ ପାଇଁ କିରାଣୀ ନ ଥିବାରୁ କାମକାର୍ଯ୍ୟରେ ବାଧା ଦେଖାଦେଇଛି। ଡିଇଓ ଏଥିପ୍ରତି ଦୃଷ୍ଟି ଦେବାକୁ ପୁରାତନ ଛାତ୍ର ତଥା ବିଦ୍ୟାଳୟ କମିଟିର ସଭାପତି ନିରାକାର ଦଳେଇ, ଦୁଲାଲ ଦାସ, କୃପାସିନ୍ଧୁ ଶଙ୍ଖୁଆଳ, ଦୁର୍ଗାଚରଣ ଦଳେଇ, ମହେଶ୍ୱର ସାହୁ, ସୁଶିଲ ହୋତା, ଦେବରଞ୍ଜନ ସାହୁ, ଗଗନ ସାହୁ, ରାମଚନ୍ଦ୍ର ସାହୁ, ନିର୍ମଳ ରାଉଳ ପ୍ରମୁଖ ଦାବି କରିଛନ୍ତି।

## ମକର ପାଇଁ ବ୍ୟାପକ ପ୍ରସ୍ତୁତି

**ଚମ୍ପୁଆ, ୧୨।୧(ଡି.ଏନ.ଏ.)**

ସ୍ଥାନୀୟ ଅଞ୍ଚଳରେ ମକରକୁ ଏକ ଗଣପର୍ବ ଭାବେ ପାଳନ କରାଯାଉଛି। ରାମତ୍ରୀର୍ଥ, କେଶିରକୁଣ୍ଡ ଓ ମିରିଗିଶିଙ୍ଗା ଅଞ୍ଚଳରେ ମକର ବୁଡ ଦେବା ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ମକର ମେଳା ପାଇଁ ଚମ୍ପୁଆ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଆଇଆଇସି ସୁମିତ ସୋରେନ କହିଛନ୍ତି। କେଶିରକୁଣ୍ଡଠାରେ ଏକ ପ୍ଲାଟୁନ ଫୋର୍ସ ଓ ପୋଲିସ ଟିମ, ରାମତ୍ରୀର୍ଥଠାରେ ଜଣେ ଅଧିକାରୀ ଓ ଫୋର୍ସ ଏବଂ ମିରିଗିଶିଙ୍ଗାଠାରେ ଜଣେ ଅଧିକାରୀ ଓ ଫୋର୍ସ ମୁତୟନ କରାଯିବ ବୋଲି ଜଣାଯାଇଛି। ମେଳାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ଓ ପାର୍କିଂର ସୁବ୍ୟବସ୍ଥା ନିମନ୍ତେ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ଜଣାଯାଇଛି।